ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜାନୁଆରୀ ୨୦୨୩



ଓଡିଆ ସାହିତ୍ୟର ନବ ଦିଗନ୍ତ

ଫଟୋ : ଅଜୟ ମହାଲା

Vol-1 • Issue-11 • January 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୧ • ସଂଖ୍ୟା-୧୧ • ଜାନୁଆରୀ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଅଜୟ ମହାଲା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**


## ।। ସୂଚୀ ।।

ପାଠକଙ୍କ ମତାମତ : ୦୨
ସାହିତ୍ୟରେ ପୁନର୍ଲିଖନ (ସଂପାଦକୀୟ) ୦୩
ଓଡ଼ିଆ ସାହିତ୍ୟରେ ପାଠକ ସମସ୍ୟା (ପ୍ରବନ୍ଧ): ଅନ୍ତର୍ଯ୍ୟାମୀ ମିଶ୍ର ୦୫
ଏକ ମନ୍ତବ୍ୟର ଅପେକ୍ଷାରେ (ଗଳ୍ପ) : ସୁଶୀଳ କୁମାର ନନ୍ଦ ୧୦
ସେଇ ଗୀତଟି ଗାଅ ଅନାମିକା (କବିତା) : କୁଳମଣି ଓଝା ୧୨
ପୋଥି ସମ୍ପାଦନାର କଳା କୌଶଳ (ପ୍ରବନ୍ଧ) : ଉଦୟନାଥ ସାହୁ ୧୩
ଚିଟଫଣ୍ଡିଆ ସାହିତ୍ୟ (ରମ୍ୟରଚନା) : ଅଭୟ ଦାଶ ୧୮
ଯଥାସ୍ଥିତି (ଅନୁବାଦ) : କନକ ମଞ୍ଜରୀ ପଟ୍ଟନାୟକ ୨୦
ଶିଳାଲେଖର ଭାଷା କଥା (ପ୍ରବନ୍ଧ) : ଦେବାଶିଷ ମହାପାତ୍ର ୨୩
ବର୍ଷୀୟାନ ଅନୁବାଦକ ଶଙ୍କରଲାଲ ପୁରୋହିତ (ସାକ୍ଷାତକାର) ୨୮
ସ୍ୱର୍ଗ-ନର୍କ (ଗଳ୍ପ) : ଜୟନ୍ତୀ ସାହୁ ୩୧
ଭଗବାନ ତମେ ଇସ୍ତଫା ଦିଅ (ବ୍ୟଙ୍ଗ) : ଡ. ଧର୍ମଛଡା ୩୫
ଓଡ଼ିଆ ସାହିତ୍ୟରେ ଅନୁବାଦ ପରମ୍ପରା (ପ୍ରବନ୍ଧ) : ରମାକାନ୍ତ ନାୟକ ୩୮
ଜଙ୍ଗଲ ଭିତରେ ବ୍ରହ୍ମରାକ୍ଷସ (ଅନୁଭୂତି) : ସନ୍ତୋଷ କୁମାର ପଟ୍ଟନାୟକ ୪୪
ସେଇ ଭୁଲ ପାଇଁ (ଗଳ୍ପ) : ଶିବାଶିଷ ପାଢ଼ୀ ୪୯
ସାହିତ୍ୟ : ସ୍ୱପ୍ନ ଓ ସମ୍ଭାବନା (ପ୍ରବନ୍ଧ) : ଅଧ୍ୟାପକ ବିଶ୍ୱରଂଜନ ୫୨
ଟୋପେ ଲୁହ (କବିତା) : କେଶବ ଚନ୍ଦ୍ର ନାୟକ ୫୭
ଗଣ୍ଡାଏ ଅଣୁଗଳ୍ପ (ଗଳ୍ପ) : ଲିପ୍‌ସା ପଟେଲ ୫୮
ମଧ୍ୟଯୁଗୀୟ ବ୍ୟତିକ୍ରମ କବି ରାମଚନ୍ଦ୍ର ପଟ୍ଟନାୟକ (ପ୍ରବନ୍ଧ) : ଅଶୋକ ପଣ୍ଡା ୬୦
ନିଜ ଘର ସବୁଠୁ ଭଲ (ଶିଶୁ ଗଳ୍ପ): ସଂଗ୍ରାମ କେଶରୀ ପୃଷ୍ଟି ୬୪
କନ୍ଧ ଲୋକକାହାଣୀ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ବୈତାଳବ୍ରତିକ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

‘ସାହିତ୍ୟ ଚର୍ଚ୍ଚା’ର ଡିସେମ୍ବର ସଂଖ୍ୟା ପଢ଼ି ଅତ୍ୟନ୍ତ ଖୁସି ହେଲି। ଆହୁରି ମଧ୍ୟ ଆଶ୍ଚର୍ଯ୍ୟ ହେଲି ଯେ, ଏହି ପତ୍ରିକାରେ ଅଳ୍ପ ପୃଷ୍ଠା ମଧ୍ୟରେ କିପରି ଏତେ ସାରଗର୍ଭକ ପ୍ରବନ୍ଧମାନ ପ୍ରକାଶିତ ହୋଇପାରୁଛି। ଡିସେମ୍ବର ସଂଖ୍ୟାରେ ଥିବା ପଦ୍ମନାଭ ମିଶ୍ରଙ୍କ ‘ଗାଣିତିକ ଜଗନ୍ନାଥ’ କବିତା ଓ ଅନ୍ୟାନ୍ୟ ଲେଖା ପଢ଼ି ଖୁସି ହେଲି। ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କ ‘ପ୍ରୟାସର ଅନ୍ୟନାମ ପ୍ରବନ୍ଧ’ ପ୍ରବନ୍ଧଟିକୁ ପଢିଲି, ସେ ସେଥିରେ ପ୍ରବନ୍ଧ ପ୍ରତି ଅବହେଳା, ପ୍ରବନ୍ଧ ଠାରୁ ଦୂରେଇ ରହି ଶସ୍ତା କବିତା ଲେଖା, ଶସ୍ତା ଲେଖା ଲେଖି ଟଙ୍କା ଦେଇ ବହି ଛାପିବା ଏବଂ ସର୍ବୋପରି ବିଶ୍ୱବିଦ୍ୟାଳୟରେ ପ୍ରବନ୍ଧର ଶସ୍ତା ଗବେଷଣା ପ୍ରସଙ୍ଗରେ ଯେଉଁ ଅପ୍ରିୟ ସତକଥା କହିଛନ୍ତି, ତାହା ଧନ୍ୟବାଦର ବିଷୟ। ‘ସାହିତ୍ୟ ଚର୍ଚ୍ଚା’ର ଏହି ପ୍ରୟାସ ପାଇଁ ଅଭିନନ୍ଦନ।

**ଲିକୁ ବେହେରା**
beheraliku051@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଡିସେମ୍ବର ସଂଖ୍ୟାଟି ମୋ ହାତରେ ପଡ଼ିବା ମାତ୍ରେ ମୋର ନଜର ଗଳ୍ପ ଉପରକୁ ଚାଲିଗଲା। କନକମଞ୍ଜରି ସାହୁଙ୍କ ଅନୁବାଦ ଗଳ୍ପ ‘ସହଯାତ୍ରୀ’ ରେ ବର୍ତ୍ତମାନ ସମାଜରେ ଯୌଥ ପରିବାରରୁ ଦୂରେଇ ଯାଇ ଲୋକମାନେ ଛୋଟ ପରିବାରରେ ରହିବାକୁ ପସନ୍ଦ କରିଛନ୍ତି। କର୍ମଜୀବୀ ଦମ୍ପତିଙ୍କ ସନ୍ତାନମାନେ କିଭଳି ଅବହେଳା, ମାନସିକ ଅବସାଦ ଓ ନିଃସଙ୍ଗତାର ଶିକାର ହୁଅନ୍ତି ଏବଂ ଏହା ଶିଶୁର ଦୈନନ୍ଦିନ ଜୀବନରେ କିଭଳି ପ୍ରଭାବ ପକାଏ, ତାହା ଏହି ଗଳ୍ପରେ ଜୀବନ୍ତ ହୋଇଉଠିଛି। ଗାଳ୍ପିକ ରବୀନ୍ଦ୍ରନାଥ ମାଝୀ, ଶିଶୁ ଗଳ୍ପ ‘ଠୁସି ଚଢ଼େଇ ଓ ସ୍ଥଳପଦ୍ମ’ ଗଳ୍ପରେ କୋମଳମତି ଶିଶୁ ମାନେ ସବୁବେଳେ ଜିଜ୍ଞାସୁ ମନୋଭାବ ପୋଷଣ କରିବା କଥା ଉଲ୍ଲେଖ କରିଛନ୍ତି। ଏହା ସହ ଛୋଟ ଛୁଆ ମାନେ ପ୍ରଶ୍ନର ପାହାଡ ଉପରେ ଛିଡ଼ା ହେଇଥାନ୍ତି। ଗଳ୍ପରେ ଗୋଟେ ଛୋଟ ପିଲାଟିର ମନସ୍ତତ୍ତ୍ୱକୁ କୁନି ଚଢ଼େଇ ଚରିତ୍ରରେ ପ୍ରକାଶ କରିଛନ୍ତି ଗାଳ୍ପିକ। ‘ଉତ୍ତରଆଧୁନିକ ସଂସ୍କୃତ କବିତାରେ ଓଡ଼ିଶା’ ଶୀର୍ଷକ ପ୍ରବନ୍ଧ ମଧ୍ୟ ମନକୁ ଛୁଇଁଲା।

**ମାଧବୀ ମଧୁସ୍ମିତା ପ୍ରଧାନ**
madhabi.pradhan2001@gmail.com

ଆପଣଙ୍କ ପତ୍ରିକାର ଡିସେମ୍ବର ସଂଖ୍ୟାଟି ପଢ଼ି ଆନନ୍ଦିତ ହେଲି। ପତ୍ରିକାର କଳେବର ବୃଦ୍ଧି ହେଲେ ସେଥିରେ କବି ସାହିତ୍ୟିକ ମାନଙ୍କ ପ୍ରତ୍ୟକ୍ଷ ଆଲୋଚନା ସହ ମୂଲ୍ୟବାନ ମତାମତ ପ୍ରକାଶ ପାଇ ପାରନ୍ତା। ବିଭିନ୍ନ ବିଭାଗ ସୃଷ୍ଟି ହୋଇ କାବ୍ୟ କବିତା ତଥା ହାସ୍ୟ ରସାତ୍ମକ ପ୍ରେରଣାଦାୟୀ ଜନ ସଚେତନତା ସୃଷ୍ଟି ହୋଇପାରନ୍ତା ଓ ଲୋକ ଅନ୍ତରାଳେ ଥିବା ସାହିତ୍ୟ ଜଗତର ଅନେକ ଉହ୍ୟ ସତ୍ୟ ଘଟଣା ଲୋକଲୋଚନକୁ ଆସି ପାରନ୍ତା।

**ଆର୍ତ୍ତବନ୍ଧୁ ଦାସ**
artabandhudas56@gmail.com

‘ସାହିତ୍ୟ ଚର୍ଚ୍ଚା’ ପତ୍ରିକାର ଡିସେମ୍ବର ସଂଖ୍ୟା ପଢିଲି। ‘ସାହିତ୍ୟ ପୁରସ୍କାରରେ ମାଫିଆଗିରୀ’ ଲେଖାଟି ବହୁ ତଥ୍ୟ ବହନ କରି ପ୍ରକାଶିତ। ମାତ୍ର ଆଉ ଗୋଟିଏ ସଂଖ୍ୟାରେ ବିଶ୍ୱସ୍ତରରେ ସାହିତ୍ୟ ପୁରସ୍କାର ନିୟମମାନଙ୍କର ହେରାଫେରି ସମ୍ବନ୍ଧରେ ଲେଖିବାକୁ ଅନୁରୋଧ। କେନ୍ଦ୍ର ପୁରସ୍କାର ଓ ରାଜ୍ୟ ସ୍ତରରେ ପୁରସ୍କାରର ଧାରାକୁ ଭିନ୍ନ ଭିନ୍ନ କରି ଉପସ୍ଥାପନ କରା ଯାଇଥିଲେ ଅବଶ୍ୟ ଭଲ ହୋଇଥାନ୍ତା। ଏପରି ଏକ ବିଷୟକୁ ସ୍ଥାନିତ କରିଥିବାରୁ ସମ୍ପାଦକଙ୍କୁ ସାଧୁବାଦ।

**ପ୍ରବୀର ମହାନ୍ତି**
sewabbsr@gmail.com

ସଂପାଦକୀୟ

# ସାହିତ୍ୟରେ ପୁନର୍ଲିଖନ

ଏହି ପୁନର୍ଲିଖନ ପ୍ରଥାଟି ଯେ ଏବେ ଆମ ସାହିତ୍ୟକୁ ପ୍ରବଳ ଘାରିଛି, ଏଥିପ୍ରତି ଆମେ ବିଶେଷ ନିଘା କରିନଥିଲୁ । ଗୋଟିଏ କବିତା ଆମକୁ ଏ ବିଷୟରେ ଚେତାଇଦେଲା । ତା'ଥିଲା ଆମ ସମୟର ଅନ୍ୟତମ ବର୍ଷୀୟାନ ସାହିତ୍ୟିକ ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଗୋଟିଏ କବିତାର କେଇ ଧାଡି:

'ପୁନର୍ଲିଖନ ବାରଂବାର
ହେବାରୁ ଓଡ଼ିଆ ଭାଷାର
ଘଟୁନି ଇଚ୍ଛିତ ବିକାଶ
ଶକ୍ତି, ସମୟ ହୁଏ ନାଶ ।'

ସେ ଏଠାରେ ଓଡିଆ ଭାଷାର ବିକାଶର କଥା ଯାହା କହିଛନ୍ତି, ତାହାକୁ ଆମେ ଆମ ସାହିତ୍ୟର ବିକାଶ ପ୍ରତି ମଧ୍ୟ ଲାଗୁ କରିପାରିବା । ଆମ ସାହିତ୍ୟରେ ଏବେ ଯେଉଁ ରାଶି ରାଶି ସୃଷ୍ଟିମାନ ଦୃଷ୍ଟିଗୋଚର ହେବାରେ ଲାଗିଛି ସେଥିରୁ ଅଧିକାଂଶ ଯେ ନବୀନତା-ବର୍ଜିତ ଅର୍ଥାତ ପୁନର୍ଲିଖନ ମାତ୍ର, ଏଥିରେ ସନ୍ଦେହ ନାହିଁ । କେବଳ ଗୋଟିଏ ବିଷୟ ବା ଚିନ୍ତାଧାରା ଉପରେ ବିପୁଳ ପରିମାଣର ରଚନାରାଜି ପାଠକମାନଙ୍କ ସାମନାରେ ଠୁଳ କରି ବଜାରରେ ଉପଲବ୍ଧ ବହିମାନଙ୍କର ଥାକକୁ ଅଯଥା ମେଦ-ବହୁଳ କରିବା ବ୍ୟତୀତ ଏହା ଉତ୍କଳ ଭାରତୀର କି ବା ହିତ ସାଧନ କରୁଛି, ତାହା ବିଚାର କରିବାର କଥା ।

ଏହି ପ୍ରଶ୍ନଟି ଆମକୁ ଆଲୋଡିତ କରିବାର ଅନ୍ୟତମ ହେତୁ ହେଲା, ନିକଟରେ ଭୁବନେଶ୍ୱରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପୁସ୍ତକ ମେଳାରେ ଆମ ଦୃଷ୍ଟିକୁ ଆସିଥିବା କେତୋଟି ଦିଗ । ସେଠାରେ ଟନ୍ ଟନ୍ ଓଜନର ମୁଦ୍ରିତ ସାହିତ୍ୟ ଦେଖିବାକୁ ପାଇଲୁ । ମନେହେଲା, ଅନେକାଂଶ ଷ୍ଟଲ୍ ରେ ବହି ମାନେ ଯେମିତି ସେଠାରେ ପଦାର୍ପଣ କରିଥିବା ହାତଗଣତି ଗ୍ରାହକ ବା ପାଠକମାନଙ୍କୁ ହାତଯୋଡି କାକୁତି କରୁଥିଲେ, 'ଟିକିଏ ଆମ ଆଡେ ଅନାଅ ବନ୍ଧୁ, ଆମକୁ କୋଳେଇ ନିଅ ।' କିନ୍ତୁ ପାଠକ ବାପୁଡା କରିବ ବା କ'ଣ ? ତା' ଆଗରେ ତ ପ୍ରତ୍ୟେକ ବିଷୟ ବା ପର୍ଯ୍ୟାୟର ବହିପାଇଁ ଅପର୍ଯ୍ୟାପ୍ତ ବିକଳ୍ପ ! ଅମୁକ ପ୍ରକାଶକଙ୍କ ସମୁକ ବହିରେ ଯେଉଁ କଥାଟି ଆଲୋଚିତ ହୋଇଛି, ପଡିଶାରେ ଥିବା ଅନ୍ୟ ଏକ ଷ୍ଟଲ୍ ରେ ଠିକ୍ ସେଇ ତତ୍ତ୍ୱ ଉପରେ ମଧ୍ୟ ଅଛି ଗଣ୍ଡାଏ ପ୍ରାୟ ବହି, କେବଳ ଭାଷାବିନ୍ୟାସ ଓ ଶିରୋନାମାରେ ହିଁ ଟିକିଏ ଏପଟ ସେପଟ ହୋଇଛି ଯାହା । ଅର୍ଥାତ୍ କେଉଁଠି ଖଡା-ବଡି-ଥୋଡ, ତ ଆଉ କେଉଁଠି ଥୋଡ-ବଡି-ଖଡା । ଅନୁଭବ କଲୁ ଯେ ଏଥର ପୁସ୍ତକମେଳାରେ ସାହିତ୍ୟ-ପୁସ୍ତକମାନଙ୍କର ବହୁଳ ଉପଲବ୍ଧତା ସତ୍ତ୍ୱେ ସେମାନେ ପାଠକଙ୍କୁ ଆକୃଷ୍ଟ ନକରିପାରିଥିବାର ଏହା ଏକ ମହତ୍ତ୍ୱପୂର୍ଣ୍ଣ ହେତୁ ।




ଆମର ସମାଲୋଚନା ସାହିତ୍ୟର କଥା ହିଁ ଦେଖାଯାଉ । ବିଶେଷତଃ କଲେଜ ଓ ବିଶ୍ୱବିଦ୍ୟାଳୟର ଗବେଷକ ତଥା ଅଧ୍ୟାପକମାନେ ସେଇ ନିର୍ଦ୍ଦିଷ୍ଟ କେତୋଟି ବିଷୟକୁ ଚର୍ବିତ ଚର୍ବଣ କରି ପରିବେଷଣ କରିବାରେ ବ୍ୟସ୍ତ । ରାଧାନାଥ ରାୟଙ୍କ କାବ୍ୟରେ ଋତୁ ବର୍ଣ୍ଣନା ହେଉ ଅବା ପ୍ରକୃତିର ଚିତ୍ର, ସେହି ଏକା ବିଚାର, ବିବେଚନା ଓ ବିଶ୍ଲେଷଣ ଆଦି ଆମେ ବାରମ୍ବାର ଅନେକ ପ୍ରାବନ୍ଧିକ ବା ସମାଲୋଚକଙ୍କ କଲମରୁ ପଢିପଢି ନୟାନ୍ତ ହୋଇସାରିଲୁଣି । ଆମ ସାହିତ୍ୟରେ ଏଭଳି ଘଷା-ରଗଡା ପରିଚର୍ଚ୍ଚାମାନଙ୍କର ମୋଟରୁ ଅନ୍ତ ନାହିଁ । କେବଳ ପ୍ରବନ୍ଧ ବା ସମାଲୋଚନା ନୁହେଁ, ଗଳ୍ପ, ଉପନ୍ୟାସ ଓ କବିତା କ୍ଷେତ୍ରରେ ବି ସେହି ସମଦଶା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

କଥା ହେଲା, ଆମର ସଂଖ୍ୟାଧିକ ଲେଖକ ଧାନବେଙ୍ଗଳାରେ ମେରୁଖୁଣ୍ଟ ଚାରିପଟେ ବୁଲୁଥିବା ବଳଦ ପଲ ଭଳି ଗୋଟିଏ ପରିଧିରେ କେବଳ ଗୋଲ ଗୋଲ ହୋଇ ବୁଲିବାରେ ବ୍ୟସ୍ତ । କିନ୍ତୁ ସେଇ ଧରାବନ୍ଧା ପରିଧିର ବାହାରକୁ ଯାଇ ସାହିତ୍ୟକୁ ଟିକିଏ ତାଜା ପବନ ଯୋଗାଇବାରେ ସେମାନେ କ'ଣ ପ୍ରକୃତରେ ଅସମର୍ଥ ?

*- ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪,ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬


ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ପାଠକ ସମସ୍ୟା



ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର

ଓଡ଼ିଆ ଭାଷା ପୂର୍ବାଞ୍ଚଳ ଭାଷା ଗୋଷ୍ଠୀଭୁକ୍ତ ଏକ ପ୍ରାଚୀନ ଆର୍ଯ୍ୟ ଭାଷା। ଭୌମକର ରାଜତ୍ୱର ଏହି ଭାଷା ପ୍ରକାର ଐଶ୍ୱର୍ଯ୍ୟମୟ ଆଭାସରେ ଉଦ୍‌ଭାସିତ ହୋଇ ଚର୍ଯ୍ୟାପଦ ସଦୃଶ ଉନ୍ନତ ଗୀତିକବିତା ସୃଷ୍ଟିର ସାମର୍ଥ୍ୟ ଲାଭ କରିଥିଲା। ଗଙ୍ଗବଂଶ ରାଜତ୍ୱରେ ସୃଷ୍ଟ ସୃଜନଶୀଳ ଓଡ଼ିଆ ସାହିତ୍ୟ ପ୍ରାକ୍-ସାରଳାଯୁଗୀୟ ଓଡ଼ିଆ ସାହିତ୍ୟ ରୂପେ ପରିଚିହ୍ନିତ। ସୂର୍ଯ୍ୟବଂଶୀ ଗଜପତି ଜ୍ଞାନମୟ ପୁଷ୍ପମାଲ୍ୟରେ ସୁଶୋଭନ କରିଥିଲେ। ପରବର୍ତ୍ତୀ ପଞ୍ଚସଖା ଯୁଗରେ ସାହିତ୍ୟାନୁରାଗୀଗଣ ଏକାଧାରରେ ଭକ୍ତି, ଜ୍ଞାନ, ଯୋଗ ଓ ସିଦ୍ଧ ସାହିତ୍ୟ ରଚନାପୂର୍ବକ ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିଲେ। ଏହି ସମୟରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନାପୂର୍ବକ ବିନା ବିଦ୍ୟାଳୟରେ ଲକ୍ଷ ଲକ୍ଷ ଓଡ଼ିଆଙ୍କୁ ଶିକ୍ଷା, ସଂସ୍କୃତି ଓ ଆଧ୍ୟାତ୍ମିକତାରେ ଉଦ୍‌ବୁଦ୍ଧ କରାଇ ଏ ଜାତିର ଏକାନ୍ତ ଆତ୍ମୀୟ ହୋଇପାରିଥିଲେ, କାବ୍ୟ ଯୁଗରେ ଦୀନକୃଷ୍ଣ ଓ ଉପେନ୍ଦ୍ର ଭଞ୍ଜ ପ୍ରମୁଖ ରସ ଓ ଅଳଙ୍କାରଯୁକ୍ତ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଅପରୂପ ଲାବଣ୍ୟ ମଣ୍ଡିତ କରିପାରିଥିଲେ। ସେହି ସମୟରେ ମୁଦ୍ରଣଯନ୍ତ୍ର ନ ଥିଲେ ହେଁ ହଜାର ହଜାର ସଂଖ୍ୟାର ପୋଥି ପ୍ରତିଲିପି ପ୍ରସ୍ତୁତ ହୋଇ ଲକ୍ଷ ଲକ୍ଷ ପାଠକଙ୍କ ନିକଟରେ ଓଡ଼ିଆ ସାହିତ୍ୟ ପହଞ୍ଚି ପାରୁଥିଲା। ବର୍ତ୍ତମାନ ଲେଖକ ଓ ପୁସ୍ତକ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଥିଲେ ହେଁ ପାଠକଙ୍କ ସଂଖ୍ୟା କମିବାରେ ଲାଗିଛି। ପାଠକଙ୍କ ସଂଖ୍ୟା ଦ୍ରୁତଗତିରେ କମିବାର କାରଣ ହିଁ ସାହିତ୍ୟ କ୍ଷେତ୍ରରେ ଉଦ୍‌ବେଗ ସୃଷ୍ଟି କରିଛି।



## ସଚେତନତାର ଅଭାବ

ଓଡ଼ିଆ ସାହିତ୍ୟରେ ପାଠକ ସଂଖ୍ୟା ଦ୍ରୁତଗତିରେ କମିଥିଲେ ହେଁ କେହି ଏଥିପ୍ରତି ସଚେତନ ନୁହନ୍ତି। ସାହିତ୍ୟ ସହିତ ତିନି ଜଣ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଜଣେ ହେଉଛନ୍ତି ସାହିତ୍ୟର ସ୍ରଷ୍ଟା ବା ଲେଖକ, ଦ୍ୱିତୀୟ ଜଣ ହେଉଛନ୍ତି ସାହିତ୍ୟର ପୋଷଣକର୍ତ୍ତା ଅର୍ଥାତ୍ ପ୍ରକାଶକ ବା ସଂପାଦକ ଏବଂ ତୃତୀୟ ଜଣକ ହେଉଛନ୍ତି ସାହିତ୍ୟର ଉପଭୋକ୍ତା ବା ପାଠକ। ପ୍ରଥମେ ଲେଖକ ବା ସ୍ରଷ୍ଟାଙ୍କ କଥା ବିଚାରକୁ ନିଆଯାଉ। ସେ ହେଉଛନ୍ତି ସାହିତ୍ୟର ସ୍ରଷ୍ଟା। ମନନଶୀଳ ଜୀବନଧର୍ମୀ ଚେତନଶୀଳ ସାହିତ୍ୟ ସୃଷ୍ଟି କରିବା ତାଙ୍କର କର୍ତ୍ତବ୍ୟ। ବିବେକକୁ ଜାଗ୍ରତରଖି କର୍ମନିଷ୍ଠ ହେବାର ପ୍ରେରଣା ତାଙ୍କ ସୃଷ୍ଟିର ଚରିତ୍ର ହେବା ବାଞ୍ଛନୀୟ। ଜାତି ଓ ସଂସ୍କୃତିର ପୁନଃ ନିର୍ମାଣ ତାଙ୍କର ଲକ୍ଷ୍ୟ ହେବା ବିଧେୟ, ଏଥିରେ ବ୍ୟତିକ୍ରମ ଘଟିଲେ ପାଠକମାନେ ତାଙ୍କ ଲେଖାକୁ ଗ୍ରହଣ କରିବେ ନାହିଁ। ସମ୍ପ୍ରତି ଲେଖକମାନେ ଏହି ସବୁ ବିଷୟପ୍ରତି ଧ୍ୟାନ ନ ଦେଇ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିବାରୁ ସେମାନଙ୍କ ଦ୍ୱାରା ସୃଷ୍ଟ ସାହିତ୍ୟ ପାଠକୀୟ ଆଦୃତିରୁ ବଞ୍ଚିତ।

ସାହିତ୍ୟରେ ଆଧୁନିକତା ନାମରେ ଯେଉଁ ବିଲକ୍ଷଣତା ପ୍ରକାଶ ପାଉଛି ତାହାକୁ ପାଠକ ଗ୍ରହଣ କରିପାରୁନାହାନ୍ତି। ଲେଖକଙ୍କର ମନେରଖିବା ଉଚିତ ଯେ ଆଧୁନିକତା ଏକ ଅନୁକରଣ ସର୍ବସ୍ୱ କଳା ନୁହେଁ। ଏହା ପରିସ୍ଥିତି ଓ ପରିବେଶର ସରହଦରେ ପ୍ରକଟିତ ହେଲେ ପାଠକଙ୍କ ହୃଦୟକୁ ସ୍ପର୍ଶ କରିବ। ଅନ୍ୟଥା ଏହା ପରମ୍ପରାର ପରିଧି ବାହାରକୁ ଚାଲିଯାଇ ଦୁର୍ଘଟଣା ଘଟାଇବାର ସମ୍ଭାବନା ଅଧିକ। ଅନେକ ଲେଖକ ଆତ୍ମପ୍ରଚାର ଓ ପୁରସ୍କାର ଆଶାରେ ଲେଖନୀ ଚାଳନା କରୁଛନ୍ତି ଏବଂ ସେମାନଙ୍କ ଲେଖାରେ ପାଠକୀୟ ରୁଚି ନାହିଁ। ଫଳରେ ସେମାନଙ୍କ ସାହିତ୍ୟ ପାଠକାଦୃତି ଲାଭ କରିପାରୁନାହିଁ। ସେହି ଲେଖକମାନେ କେବଳ ସାହିତ୍ୟ ରଚନା ଓ ପ୍ରକାଶ କରି

ଆତ୍ମତୃପ୍ତି ଲାଭ କରୁଛନ୍ତି, ପାଠକଙ୍କୁ ତୃପ୍ତି ଦେଇପାରୁନାହାନ୍ତି। ସେହି ଲେଖକମାନେ ସ୍ମରଣ ରଖିବା ଉଚିତ ଯେ ପାଠକୀୟ ଶ୍ରଦ୍ଧା ହିଁ ସର୍ବଶ୍ରେଷ୍ଠ ପୁରସ୍କାର। ପାଠକୀୟ ସ୍ୱୀକୃତି ସାହିତ୍ୟିକ ମୂଲ୍ୟ ଦୃଷ୍ଟିରୁ ପୁରସ୍କାର ଅପେକ୍ଷା ଅଧିକ ସମ୍ମାନଜନକ।

**ପ୍ରକାଶକ ଓ ସଂପାଦକ**

ଦ୍ୱିତୀୟରେ ପ୍ରକାଶକ ବା ସଂପାଦକ, ଯିଏକି ସାହିତ୍ୟର ପୃଷ୍ଠପୋଷକ ତଥା ଲେଖକ ଓ ପାଠକ ମଧ୍ୟରେ ମୁଖ୍ୟ ସଂଯୋଗକାରୀ। ଲେଖକର ମନୋରମ ସୃଷ୍ଟି ପ୍ରକାଶକ ବା ସଂପାଦକଙ୍କ ଆନୁକୂଲ୍ୟରେ ହିଁ ପାଠକ ସମାଜରେ ଭିନ୍ନ ଭିନ୍ନ ରୁଚିର ସମ୍ଭାରକୁ ନେଇ ଆତ୍ମପ୍ରକାଶ କରିଥାଏ ତଥା ପାଠକୀୟ ସ୍ୱୀକୃତି ଲାଭ କରିଥାଏ। ପାଠକର ଅନ୍ତର୍ଦ୍ଦୃଷ୍ଟିକୁ ସଂପ୍ରସାରିତ କରିବା ଦାୟିତ୍ୱ ହେଉଛି ପ୍ରକାଶକ ବା ସଂପାଦକଙ୍କର। କୌଣସି ଦୁର୍ବୋଧ ସାହିତ୍ୟକୁ ସୁବୋଧ କରାଇବାର ଗୁରୁ ଦାୟିତ୍ୱ ହେଉଛି ପ୍ରକାଶକ ବା ସଂପାଦକଙ୍କର। ଲେଖକ ସୃଷ୍ଟି କରିଥିବା ସାହିତ୍ୟକୁ ପ୍ରକାଶକ ବା ସଂପାଦକ ଆକର୍ଷଣୀୟ ଶୈଳୀରେ ପାଠକଙ୍କ ନିକଟରେ ପରିବେଷଣ କରିଥାନ୍ତି। ପ୍ରକାଶକ ବା ସଂପାଦକଙ୍କର ଚେତନା ରହିବା ଉଚିତ ଯେ ସାହିତ୍ୟ ପ୍ରକାଶନରେ ପ୍ରିୟାପ୍ରୀତିତୋଷଣ ଆଦୌ ସ୍ପୃହଣୀୟ ନୁହେଁ। ଅଗଣିତ ପାଠକଙ୍କ ରୁଚିକୁ ଆଖି ଆଗରେ ରଖି ନିର୍ବାଚନ କରିବା ଜଣେ ପ୍ରକାଶକ ବା ସଂପାଦକଙ୍କ ନିମିତ୍ତ ମହତ୍ତ୍ୱପୂର୍ଣ୍ଣ କଳାକୌଶଳ। ଲେଖକର କ୍ଷମତା, ପଦବୀ ବା ନାମକୁ ଗୁରୁତ୍ୱ ଦେଲେ ପ୍ରକାଶକ ବା ସଂପାଦକ ପାଠକବର୍ଗଙ୍କ ନିଷ୍କ୍ରିୟତା ହିଁ ଅନୁଭବ କରନ୍ତି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହେଲେ ପ୍ରକାଶକଙ୍କୁ ଅନେକ ପ୍ରଶ୍ନ ନିମିତ୍ତ ଉତ୍ତରଦାୟୀ କରାଯାଏ। ପାଠକଙ୍କୁ ଆତ୍ମସନ୍ତୋଷ ନ ମିଳିଲେ ସେମାନେ ପ୍ରଥମ ଅଭିଯୋଗ ପ୍ରକାଶକ ବା ସଂପାଦକଙ୍କ ବିରୁଦ୍ଧରେ ହିଁ କରିଥାନ୍ତି। ସଂପ୍ରତି ପ୍ରକାଶକ ବା ସଂପାଦକମାନେ ଉପରୋକ୍ତ ବିଷୟଗୁଡିକ ପ୍ରତି ନିଘା ନ ରଖିବା ଫଳରେ ସାହିତ୍ୟ ପାଠକଙ୍କ ଆଦରର ବସ୍ତୁ ହୋଇ ରହୁନାହିଁ। କେତେକ ପ୍ରକାଶକ ସାହିତ୍ୟ ପ୍ରକାଶନକୁ ସମାଜର ବୌଦ୍ଧିକ ସେବା ବୋଲି ନ ଭାବି ବ୍ୟବସାୟଗତ ଧନ୍ଦା ବୋଲି ଭାବିଲେଣି। ଅନେକ ନିମ୍ନଧରଣର ଲେଖକ ଖର୍ଚ୍ଚ ବହନ କରି ସେମାନଙ୍କ ସ୍ତୃଷ୍ଟ ନିକୃଷ୍ଟ ସାହିତ୍ୟ ପ୍ରକାଶନ କରିବାକୁ ପ୍ରକାଶକଙ୍କୁ ଅନୁରୋଧ କରୁଛନ୍ତି। ଏହା ସତ୍ୟ ଯେ, ସେହି ସବୁ ସାହିତ୍ୟର ଆଦୌ ପାଠକାଦୃତି ନାହିଁ।

ତୃତୀୟରେ ପାଠକପାଠିକା, ଯେଉଁମାନେ ସାହିତ୍ୟର ଉପଭୋକ୍ତା। ଜଣେ ସଶ୍ରଦ୍ଧ ପାଠକ ହିଁ ସାହିତ୍ୟ ସମୃଦ୍ଧିର ଉତ୍ତର ସହାୟକ। ଦୁଃଖର ବିଷୟ, ବର୍ତ୍ତମାନ ପାଠକଙ୍କ ଅନ୍ତରରେ ସାହିତ୍ୟ ପ୍ରୀତି ଆଉ ନାହିଁ। ପ୍ରତ୍ୟେକ ପାଠକ ମନେ ରଖିବା ଉଚିତ ଯେ, ସାହିତ୍ୟ ଅଧ୍ୟୟନରେ ଯେଉଁ ଆନନ୍ଦ ମିଳେ ତାହା ଅନ୍ୟ କୌଣସିଠାରୁ ମିଳେ ନାହିଁ। ନୂଆ ହେଉ କି ପୁରୁଣା ହେଉ ପ୍ରତ୍ୟେକ ସାହିତ୍ୟରେ ଅମୃତ ଭରି ରହିଛି। ସେହି ଅମୃତ ହିଁ ପାଠକ ହୃଦୟରେ ଶାଶ୍ୱତ ଆନନ୍ଦ ସୃଷ୍ଟି କରିଥାଏ। ସଂପ୍ରତି ପାଠକଙ୍କର ସାହିତ୍ୟ ପ୍ରତି ଅନୁରାଗ ନାହିଁ। ଆନନ୍ଦ କେଉଁଠୁ ପାଇବେ? କେତେକ ପାଠକ ସାହିତ୍ୟ ପଢ଼ନ୍ତି, ଅଥଚ ଅରୁଚିକର ଓ ଅଶ୍ଳୀଳ ସାହିତ୍ୟ ଉପରେ କୌଣସି ମନ୍ତବ୍ୟ ଓ ଅଭିଯୋଗ ନ କରି ନୀରବ ରହିଯାଆନ୍ତି। ଏହା ଏକ ମାରାତ୍ମକ ଭୁଲ। ସାହିତ୍ୟ ସାମାଜିକ ଚେତନାର ଉତ୍ତରଣ ଘଟାଇଥାଏ। ଲେଖକ ସମାଜ ଉପରେ ଏକ ବିପରୀତ ଚିନ୍ତାଧାରା ଜବରଦସ୍ତ ଲଦି ଦେଉଥିବା ସମୟରେ ପାଠକ ନୀରବ ରହିବା ଶୋଭନୀୟ ନୁହେଁ। ଓଡ଼ିଆ ସାହିତ୍ୟରେ ପାଠକାଦୃତି ଦିନକୁ ଦିନ କମିଯାଉଥିଲେ ହେଁ ପାଠକ ସଚେତନତା ସୃଷ୍ଟି ହୋଇପାରୁନାହିଁ। ପାଠକମାନେ ଦୃଢ଼ ମତ ସୃଷ୍ଟିପୂର୍ବକ ଲେଖକର ଦୃଷ୍ଟିଭାବନାରେ ପରିବର୍ତ୍ତନ ଆଣି ପାରିଲେ ତାହା ସାହିତ୍ୟ କ୍ଷେତ୍ରରେ ମଙ୍ଗଳପ୍ରଦ ହେବ।

**ନୂଆ ହେଉ କି ପୁରୁଣା ହେଉ ପ୍ରତ୍ୟେକ ସାହିତ୍ୟରେ ଅମୃତ ଭରି ରହିଛି। ସେହି ଅମୃତ ହିଁ ପାଠକ ହୃଦୟରେ ଶାଶ୍ୱତ ଆନନ୍ଦ ସୃଷ୍ଟି କରିଥାଏ।**

ଗଣତାନ୍ତ୍ରିକ ଦୃଷ୍ଟିକୋଣରୁ ଲେଖକ, ପ୍ରକାଶକ ବା ସଂପାଦକ ଓ ପାଠକ ଓଡ଼ିଆ ସାହିତ୍ୟର ପାଠକାଦୃତି କମିବା ନିମିତ୍ତ ମିଳିତ ଭାବରେ ଦାୟୀ। ଆମେ ଅନ୍ନ, ବସ୍ତ୍ର, ବାସଗୃହ, ଲୋକସଂପର୍କ ପ୍ରଭୃତି ମୌଳିକ ଆବଶ୍ୟକତା ସହିତ ପୁସ୍ତକକୁ ବିଚାରକୁ ନେଇ ନାହେଁ। ସଂପ୍ରତି ସାହିତ୍ୟ ପ୍ରତି ଆମ ସମାଜରେ ଅନାଦର ବୃଦ୍ଧି ପାଇବାରେ ଲାଗିଛି। ଆମ ଭିତରୁ ଅନେକ ସାହିତ୍ୟ ସାଧନା ଓ ସାହିତ୍ୟାନୁରାଗ ଉଭୟ କାର୍ଯ୍ୟକୁ ଅଳସୁଆଙ୍କ କାର୍ଯ୍ୟ ରୂପେ ବିବେଚନା କରୁଛନ୍ତି। ଏହା ସୁସ୍ଥମତ ନୁହେଁ। ଆମ

ଭିତରେ ଓଡ଼ିଆ ଚେତନାର ଅଭାବ ଆମକୁ ଆମ ଭାଷା ଓ ସାହିତ୍ୟରୁ ଦୂରକୁ ନେଇଯାଉଛି। ଆମେ ସାହିତ୍ୟ ସୃଷ୍ଟି ନିମିତ୍ତ ବ୍ୟାକୁଳ ହେଲେ ହେଁ ପାଠକ ସଚେତନତା ସୃଷ୍ଟି ନିମିତ୍ତ ତତ୍ପର ନୋହୁଁ। ଆମ ଭିତରୁ ଅନେକ ନିଜର ଆତ୍ମପ୍ରଚାର ବା ପୁରସ୍କାର ପ୍ରାପ୍ତି କାମନାରେ ସାହିତ୍ୟ ସୃଷ୍ଟି କରନ୍ତି ତଥା ନିଜେ ପ୍ରକାଶନ ଖର୍ଚ୍ଚ ବହନ କରି ବହି ବାଣ୍ଟନ୍ତି। ଅଥଚ ସେହି ସାହିତ୍ୟରେ ସମାଜ ପାଇଁ ବାର୍ତ୍ତା ଅଛି କି ନାହିଁ ସେ ବିଷୟରେ ଚିନ୍ତା କରନ୍ତି ନାହିଁ। ଆମ ସାହିତ୍ୟର ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ବହି ପ୍ରତିବର୍ଷ ପ୍ରକାଶ ପାଏ। ସେହି ବହି ଭିତରୁ କେତେ ବହି ପାଠକାଦୃତି ଲାଭ କରେ ତା'ର ହିସାବ କେହି କେବେ କରି ନାହାନ୍ତି। ପ୍ରତିବର୍ଷ ପୂଜାସଂଖ୍ୟା ପତ୍ରିକା ଛତୁ ଫୁଟିଲା ଭଳି ପ୍ରକାଶିତ ହୁଏ, କିନ୍ତୁ ବିକ୍ରି ହୁଏ ନାହିଁ। ତଥାପି ଅନେକେ ପୂଜାସଂଖ୍ୟା ପ୍ରକାଶ କରିବାକୁ ତତ୍ପର ହୋଇଥାନ୍ତି। ଆମ ସାହିତ୍ୟ କାର୍ଯ୍ୟକ୍ରମ ଅର୍ଥାତ୍ କବିତା ପାଠୋତ୍ସବ, ପ୍ରବନ୍ଧ ପାଠୋତ୍ସବ, ଗଳ୍ପ ପାଠୋତ୍ସବ, ସାହିତ୍ୟ ଆଲୋଚନା ପ୍ରଭୃତିରେ କବି, ଲେଖକଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଯୋଗ ଦିଅନ୍ତି ନାହିଁ। ଏଥିରୁ ପ୍ରତୀୟମାନ ହୁଏ ଯେ ସାହିତ୍ୟ ସହିତ ସମାଜର ସମ୍ପର୍କ ନାହିଁ। ଆମକୁ ମନେ ରଖିବାକୁ ହେବ ଯେ, ଭାଷା ଓ ସାହିତ୍ୟ ଏକ ସାମାଜିକ ବସ୍ତୁ। ସାମାଜିକ ସ୍ୱୀକୃତି ହିଁ ଏହାକୁ ଶକ୍ତିପ୍ରଦାନ କରିଥାଏ। ଅନ୍ୟ ଗୋଟିଏ ଗୁରୁତର କଥା ହେଉଛି, ସାହିତ୍ୟ କ୍ଷେତ୍ରରେ ଅସାହିତ୍ୟିକଙ୍କର ଅନୁପ୍ରବେଶ। ଏପରିକି ସ୍ଥଳ ବିଶେଷରେ ଅସାହିତ୍ୟିକମାନେ ସାହିତ୍ୟର କର୍ଣ୍ଣଧାର ବୋଲାଉଛନ୍ତି। ତେଣୁ ସାହିତ୍ୟ ସମାଜରୁ ଦୂରେଇଯାଇ ପାଠକାଦୃତି ଲାଭ କରିପାରୁନାହିଁ। ଆମ ସମାଜର ରୁଚି ବଦଳି ଗଲାଣି। ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଜରେ ଜ୍ଞାନଭିତ୍ତିକ ସାହିତ୍ୟର ଆଦୃତି ରହିଛି, ଅଥଚ ଆମେ କଳ୍ପନାଭିତ୍ତିକ ସାହିତ୍ୟ ସୃଷ୍ଟି ନିମିତ୍ତ ବ୍ୟସ୍ତ ଓ ବିବ୍ରତ।




**ପଠନାଭ୍ୟାସର ଅଭାବ**

ଆମ ଭିତରୁ ଅନେକ ପୁସ୍ତକପ୍ରେମୀଙ୍କ ମଧ୍ୟରେ ପଠନାଭ୍ୟାସ ନ ଥାଏ। ଭଲ ଲେଖକଙ୍କ ମୂଲ୍ୟବାନ ତଥା ସୁଦୃଶ୍ୟ ପୁସ୍ତକରେ ଘର ସଜାଇ ଦେଲେ କାହାର ଜ୍ଞାନର ଅଭିବୃଦ୍ଧି ଘଟେ ନାହିଁ। ପୁସ୍ତକସ୍ଥିତ ଜ୍ଞାନ ଓ ଅଭିଜ୍ଞତାକୁ ନିଜର କରିବାକୁ ହେଲେ ପୁସ୍ତକ ସହ ସାହିତ୍ୟର ଏକାତ୍ମତା ସ୍ଥାପନ କରିବାକୁ ହେବ। ଅନ୍ନ ଓ ବସ୍ତ୍ର ସଦୃଶ ପୁସ୍ତକ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ନୁହେଁ। ଅନ୍ୟାନ୍ୟ କୌଣସି ଆମୋଦପ୍ରମୋଦ ସଦୃଶ ଏହା ପାଠକଙ୍କୁ ତତ୍‌କ୍ଷଣାତ୍ ଆନନ୍ଦ ଦେଇପାରେ ନାହିଁ। ଜଣେ ପାଠକ ପୁସ୍ତକପ୍ରେମୀ ହୋଇପାରିଲେ ଆନନ୍ଦ ଧୀରେ ଧୀରେ ତା'ର ଚେତନା ରାଜ୍ୟରେ ସଂପ୍ରସାରିତ ହୋଇଥାଏ। ପୁସ୍ତକ ପଠନରୁ କେବଳ ଯେ ଆନନ୍ଦ ଲାଭ କରାଯାଏ, ତାହା ନୁହେଁ, ସେଥିରୁ ଜ୍ଞାନ ମଧ୍ୟ ଲାଭ ହୋଇଥାଏ। ତେଣୁ ଜୀବନ ସହିତ ପୁସ୍ତକାନୁରାଗ ଏକାନ୍ତ ଜରୁରୀ। ଆମ ଭିତରୁ ଅନେକ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚିନ୍ତା ମଧ୍ୟ କରି ନ ଥାନ୍ତି। ଆମ ଭିତରେ ଅନେକ ପାଠକ ଅଛନ୍ତି ଯେଉଁମାନେ କେବଳ ଖ୍ୟାତନାମା ଲେଖକଙ୍କର ବହି ପଢ଼ିବାକୁ ଭଲ ପାଆନ୍ତି, ଯଦି କୌଣସି ପୁସ୍ତକ ନିମିତ୍ତ ତାହାର ଲେଖକ ପୁରସ୍କାର ପାଆନ୍ତି ତେବେ ସେହି ନିର୍ଦ୍ଦିଷ୍ଟ ପୁସ୍ତକର ପାଠକ ସଂଖ୍ୟା ହଠାତ୍ ବୃଦ୍ଧି ପାଇଯାଏ। ଏ କ୍ଷେତ୍ରରେ ଅନ୍ୟ ଲେଖକଙ୍କର ଚେତନଶୀଳ ପୁସ୍ତକ ପାଠକୀୟ ଶ୍ରଦ୍ଧାରୁ ବଞ୍ଚିତ ହୋଇଥାଏ। କେତେକ କ୍ଷେତ୍ରରେ ସ୍ରଷ୍ଟାଙ୍କର ଭାବ, ଭାଷା, ପରିବେଷଣ ଶୈଳୀ ଯୁଗୋପଯୋଗୀ ହୋଇ ନ ଥିବାରୁ ତାଙ୍କ ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିପାରେ ନାହିଁ। ତେଣୁ ପ୍ରତ୍ୟେକ ଲେଖକ ସ୍ମରଣ ରଖିବା ଉଚିତ ଯେ ସୃଷ୍ଟିର ଅନ୍ତର୍ନିହିତ ସତ୍ୟ, ଲୁକ୍କାୟିତ ବର୍ଣ୍ଣବୈଭବ ଓ ପ୍ରଚ୍ଛନ୍ନ ରସ ମାଧୁର୍ଯ୍ୟ ହିଁ ପାଠକଙ୍କୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ଲେଖକ ଓ ପାଠକ ମଧ୍ୟରେ ଘନିଷ୍ଠ ସମ୍ପର୍କର ସୂତ୍ରପାତ ହୋଇଥାଏ ଓ ପୁସ୍ତକଟି ଲୋକପ୍ରିୟ ପୁସ୍ତକରେ ପରିଣତ ହୁଏ। ଲେଖକ ସର୍ବଦା ମନେ ରଖିବା ଉଚିତ ଯେ ତାଙ୍କ ଲେଖାର ସତେଜ ଅନୁଭୂତି, ମୌଳିକ ଅଭିବ୍ୟକ୍ତି ଓ ହୃଦୟସ୍ପର୍ଶୀ ଭାଷା ପାଠକଙ୍କୁ ବାନ୍ଧି ରଖେ। ସମ୍ପ୍ରତି ଓଡ଼ିଆ ଭାଷାର ଅନେକ ପୁସ୍ତକରେ ଏହାର ଅଭାବ ପରିଲକ୍ଷିତ ହେଉଛି। ଫଳରେ ପୁସ୍ତକଗୁଡିକ ପାଠକାଦୃତି ଲାଭ କରି ପାରୁନାହିଁ। ଯେଉଁ ସାହିତ୍ୟର ପାଠକ ସଂଖ୍ୟା ଯେତେ ଅଧିକ ସେହି ସାହିତ୍ୟ ସେତିକି ଉନ୍ନତ। ନୂତନ ଶତାବ୍ଦୀ ଯେ ଅଣୁବିଜ୍ଞାନର ଯୁଗ

ରୂପେ ଖ୍ୟାତ ହେବ ତଥା ଏହି କାଳରେ ସ୍ରଷ୍ଟା ଓ ପାଠକ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇବ ତାର ସମ୍ଭାବନା ଅଧିକ। ଏହି ଗୁରୁତର ସମସ୍ୟା ନିମିତ୍ତ ସଜାଗ ରହିବା ଆମ ସାହିତ୍ୟ ନିମିତ୍ତ ମଙ୍ଗଳପ୍ରଦ ହେବ।

**ପୁସ୍ତକର ମୂଲ୍ୟବୃଦ୍ଧି**

ଓଡ଼ିଆ ଭାଷାରେ ଅସଂଖ୍ୟ ଗୁଣାତ୍ମକମାନ ସମ୍ବଳିତ ପୁସ୍ତକ ପ୍ରକାଶିତ ହେଉଥିଲେ ହେଁ ଅର୍ଥାଭାବରୁ ଅନେକ ପାଠକ ପୁସ୍ତକ କ୍ରୟ କରିପାରୁନାହାନ୍ତି। ପୁସ୍ତକର ମୂଲ୍ୟ ବୃଦ୍ଧି ଏହାର ଯଥାର୍ଥ କାରଣ ନୁହେଁ। ସାମ୍ପ୍ରତିକ ସ୍ଥିତିରେ ପ୍ରତ୍ୟେକ ପଦାର୍ଥର ମୂଲ୍ୟବୃଦ୍ଧି ଘଟିଛି, ଅଥଚ ବଜାରରେ ଜିନିଷର ଅଭାବ। ପୁସ୍ତକ କ୍ଷେତ୍ରରେ ଏହି ଉକ୍ତିଟି ପ୍ରଯୁଜ୍ୟ ହୋଇପାରୁନି। ଅସଲ କଥାଟି ହେଉଛି, ଆମେ ଅନ୍ୟାନ୍ୟ ପଦାର୍ଥକୁ ଯେତିକି ଆବଶ୍ୟକ ମନେ କରୁଛେ ପୁସ୍ତକକୁ ସେତିକି ଦରକାରୀ ବୋଲି ଚିନ୍ତା କରୁନାହେଁ। ଅବଶ୍ୟ କାଗଜ, ମୁଦ୍ରଣ ପରିପାଟୀ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁ ପୁସ୍ତକର ମୂଲ୍ୟ ପୂର୍ବାପେକ୍ଷା ବୃଦ୍ଧି ପାଇଛି, ଅଥଚ ଅନ୍ୟାନ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ତୁଳନାରେ ତାହା କମ୍। ଆମେ ବିଳାସବ୍ୟସନରେ ଯେତିକି ଅର୍ଥ ବିନିଯୋଗ କରୁ, ପୁସ୍ତକ କ୍ରୟରେ ତା'ଠାରୁ କମ୍ ମଧ୍ୟ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ନୋହୁଁ। ସାଧାରଣ ପାଠକଙ୍କ କଥା ଛାଡନ୍ତୁ, ବିଜ୍ଞ ତଥା ବୁଦ୍ଧିଜୀବୀମାନେ ମଧ୍ୟ ବହି କିଣି ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଅନେକ ଓଡ଼ିଆ ବହି ଅପେକ୍ଷା ଇଂରାଜୀ ଓ ହିନ୍ଦୀ ବହି କିଣିବାକୁ ପସନ୍ଦ କରନ୍ତି। ଅନେକଙ୍କର ପିଲାମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ସେମାନେ ଓଡ଼ିଆ ବହି କିଣିବା ଅପେକ୍ଷା ଇଂରାଜୀ ବହି କିଣିବାକୁ ଆଗ୍ରହ ପ୍ରକାଶ କରନ୍ତି। ଅନେକ ବ୍ୟକ୍ତି ଇଂରାଜୀ ବହି ଓ ପତ୍ରପତ୍ରିକା କ୍ରୟ କରିବାକୁ ଏକ ଆଭିଜାତ୍ୟ ଭାବରେ ଗ୍ରହଣ କଲେଣି। ଓଡ଼ିଆ ପୁସ୍ତକର ବିକ୍ରୟଜନିତ ପ୍ରସାରଣର ଅଭାବହେତୁ ପାଠକ ସଂଖ୍ୟା କମିଯାଉଛି। ଏହା ଆମ ସାହିତ୍ୟର ଅଭିବୃଦ୍ଧିରେ ପ୍ରଧାନ ଅନ୍ତରାୟ।

ପୁସ୍ତକ ପଠନ ନିମିତ୍ତ ସମୟ ଏକ ଗୁରୁତର ସମସ୍ୟା, ସମ୍ପ୍ରତି ପ୍ରତ୍ୟହ କିଛି ସମୟ ପୁସ୍ତକ ପାଠରେ ବିନିଯୋଗ କରିବା ନିମିତ୍ତ ଅନେକ ପ୍ରସ୍ତୁତ ନୁହନ୍ତି। ବର୍ତ୍ତମାନ ଲୋକଙ୍କର ଜଞ୍ଜାଳଗ୍ରସ୍ତ ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ ଓ ସାମାଜିକ ଜୀବନରେ ବହି ପଢ଼ିବା ନିମିତ୍ତ ସମୟ ନାହିଁ। ଅନ୍ୟ ଭାଷାରେ କହିଲେ ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପୁସ୍ତକ ପଠନ କୌଣସି ସ୍ଥାନ ଅଧିକାର କରିପାରି ନାହିଁ। ଅର୍ଥାତ୍ ଜୀବନଗଠନରେ ସାହିତ୍ୟର ଭୂମିକାଟି ଆମର ବିସ୍ମରଣ ହୋଇଯାଇଛି। ଅନେକ କହନ୍ତି, ସେମାନେ ବ୍ୟସ୍ତତା ଭିତରେ ରହି ବହି ଖଣ୍ଡିଏ ପଢ଼ିପାରୁ ନାହାନ୍ତି। କିନ୍ତୁ ସେମାନଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା ଅନୁଧ୍ୟାନ କଲେ ଜଣାଯାଏ, ସେମାନେ ଯେତିକି ସମୟ ବାଜେ ଗପ ଓ ଆମୋଦ ପ୍ରମୋଦରେ ବିତାଉଛନ୍ତି ସେହି ସମୟରେ ଦୁଇଖଣ୍ଡ ବହି ପଢ଼ିପାରନ୍ତେ। ସମ୍ପ୍ରତି ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ଭୀମଗତି ପାଠକୀୟ ରୁଚିକୁ ବ୍ୟାହତ କରୁଛି। ସାଂପ୍ରତିକ ଜଞ୍ଜାଳଗ୍ରସ୍ତ ମନୁଷ୍ୟ ଟିକିଏ ଅବସର ପାଇଲେ ବୈଦ୍ୟୁତିକ ଗଣମାଧ୍ୟମରୁ କ୍ଷଣିକ ଆନନ୍ଦ ଲାଭ କରିବା ନିମିତ୍ତ ଲାଳାୟିତ। ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ କେବଳ ତଥ୍ୟ ଯୋଗାଇ ପାରୁଥିଲେ ହେଁ ଜ୍ଞାନାନୁଭୂତି ଯୋଗାଇବାକୁ ଅସମର୍ଥ। ଏହା ଦ୍ୱାରା ବୌଦ୍ଧିକ ବିକାଶ ବ୍ୟାହତ ହେଉଛି। ଯାହାକି ଆଗାମୀ ଦିନରେ ମନୁଷ୍ୟ ଆପଣାର ଜ୍ଞାନବୋଧ ହରାଇବାର ଆଶା ଆଶଙ୍କା ମଧ୍ୟ ଉପୁଜିଲାଣି। ଲୋକମାନେ ଭୁଲିଗଲେଣି ଯେ, ପଠନପାଠନ ପ୍ରକ୍ରିୟା ହିଁ ଚିରସ୍ଥାୟୀ ଜ୍ଞାନବୋଧର ଉତ୍ସ। ପଠନ ଅଭ୍ୟାସ ଏକ ଉତ୍ତମ ଅଭ୍ୟାସ। ବାଲ୍ୟକାଳରୁ ଏହି ଅଭ୍ୟାସ ରହିଲେ ଜ୍ଞାନ ଓ ଆନନ୍ଦ ଲାଭର କ୍ରମୋନ୍ନତି ଓ କ୍ରମବିକାଶ ଉପଲବ୍ଧ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭ୍ୟାସ ଜୀବନର ଶେଷ ଅବସ୍ଥା ପର୍ଯ୍ୟନ୍ତ ରହିଲେ ବୃଦ୍ଧାବସ୍ଥାରେ ମନୁଷ୍ୟ ନିଃସଙ୍ଗତା ଅନୁଭବ କରେ ନାହିଁ। ଅବସର, ବୃଦ୍ଧ ଓ ନିଃସଙ୍ଗ ଅବସ୍ଥାରେ ଜଣେ ବ୍ୟକ୍ତି ଯେତେବେଳେ ପରିବାର ଓ ସମାଜ ନିମିତ୍ତ ଅଦରକାରୀ ହୋଇଯାଏ ବହିଟି ତାକୁ ନିଃସଙ୍ଗତାରୁ ମୁକ୍ତି ଦେଇଥାଏ। କେବଳ ସେତିକି ନୁହେଁ, ପୁସ୍ତକ ପଠନରୁ ସେ ଆନନ୍ଦ ସହିତ ଜୀବନମୁକ୍ତି ମଧ୍ୟ ପାଇଥାଏ। ଏହି ଦିବ୍ୟଦୃଷ୍ଟିରେ ପୁସ୍ତକ ହେଉଛି ମନୁଷ୍ୟର ପରମ ବନ୍ଧୁ।

**ସାଧାରଣ ପାଠକଙ୍କ କଥା ଛାଡନ୍ତୁ, ବିଜ୍ଞ ତଥା ବୁଦ୍ଧିଜୀବୀମାନେ ମଧ୍ୟ ବହି କିଣି ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ।**

## ପାଠାଗାରର ଆବଶ୍ୟକତା

ଆମର ଅଶୀ ଶତାଂଶ ବ୍ୟକ୍ତି ଗ୍ରାମାଞ୍ଚଳରେ ବାସକରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ପୁସ୍ତକ ପଠନରେ ଆଗ୍ରହୀ ଥିଲେ ମଧ୍ୟ ପଢ଼ିବାକୁ ବହି ଖଣ୍ଡିଏ ପାଆନ୍ତି ନାହିଁ। ସେମାନଙ୍କ ନିମିତ୍ତ ବହି କିଣିବାର ସୁବିଧା ନାହିଁ ବା ପାଠାଗାରର ସୁବିଧା ନାହିଁ। ସରକାରଙ୍କର ଗ୍ରାମାଞ୍ଚଳରେ ପାଠାଗାର ସ୍ଥାପନ ଓ ରାଜା ରାମମୋହନ ରାୟ ଟ୍ରଷ୍ଟ ଆନୁକୂଲ୍ୟରେ ପୁସ୍ତକ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି, ଯାହା ଏକ ସ୍ୱତନ୍ତ୍ର ଆଲୋଚନା, ପ୍ରତୀକ୍ଷା କରିଥାଏ। ପାଠକ ସଚେତନତା ସୃଷ୍ଟି ଦିଗରେ ପୁସ୍ତକମେଳା ଏକ ଅଭିନନ୍ଦନୀୟ ପଦକ୍ଷେପ ହେଲେ ହେଁ ଏହା ଗ୍ରାମାଞ୍ଚଳକୁ ବ୍ୟାପ୍ତ ହୋଇନାହିଁ। ସାହିତ୍ୟକୁ ପାଠକଙ୍କ ନିକଟରେ ପହଞ୍ଚାଇବାର ବଳିଷ୍ଠ ମାଧ୍ୟମ ହେଉଛି ପତ୍ରପତ୍ରିକା, ଯାହା ଗ୍ରାମାଞ୍ଚଳରେ ଉପଲବ୍ଧ ନୁହେଁ। ଗ୍ରାମାଞ୍ଚଳରେ ପତ୍ରପତ୍ରିକାର ପ୍ରସାର ନ ଥିଲେ ହେଁ ସହରାଞ୍ଚଳରେ ପ୍ରସାରିତ ଅନେକ ପତ୍ରପତ୍ରିକା ସୀମିତ ଭାବରେ ପ୍ରକାଶିତ ଅଥବା ଦୁଃସ୍ଥ। ପାଠକୀୟ ଶ୍ରଦ୍ଧାରୁ ବଞ୍ଚିତ ହୋଇ ଅନେକ ପତ୍ରପତ୍ରିକା କିଛି ଦିନ ପ୍ରକାଶନ ପରେ ବନ୍ଦ ହୋଇଯାଏ। ଏହି ପରିପ୍ରେକ୍ଷୀରେ ପତ୍ରପତ୍ରିକା ମାଧ୍ୟମରେ ପାଠକ ଅଭିବୃଦ୍ଧି ଏକ ଦୂରାଶାରେ ପରିଣତ ହୋଇଛି। ପୁସ୍ତକ ହେଉଛି ଜ୍ଞାନର ଗନ୍ତାଘର ଓ ପୁସ୍ତକମେଳା ହେଉଛି ଜ୍ଞାନର ପାରାବାର। ପୁସ୍ତକମେଳାକୁ ଜୀବନ ପ୍ରବାହର ସମ୍ପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଉପରେ ପର୍ଯ୍ୟବସିତ ଏକ ସୃଜନଶୀଳ ସାମୟିକ ଗଣଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁସ୍ତକମେଳା ହେଉଛି ଲେଖକ, ପ୍ରକାଶକ ଓ ପାଠକଙ୍କ ମିଳନସ୍ଥଳ। ଲେଖକ ପୁସ୍ତକମେଳାରୁ ଅନୁଭୂତି ଅର୍ଜନ କରିଥାଏ ଯେ କେଉଁ ଧରଣର ପୁସ୍ତକ ରଚନା କଲେ ତାହା ପାଠକଙ୍କୁ ଜ୍ଞାନ ଆନନ୍ଦ ଓ ଅମୃତର ସନ୍ଧାନ ଦେଇପାରିବ ଏବଂ ପ୍ରକାଶକ ମଧ୍ୟ ହୃଦୟଙ୍ଗମ କରନ୍ତି ଯେ ପାଠକ କେଉଁ ପୁସ୍ତକ ପ୍ରତି ଆଗ୍ରହୀ। ପାଠକପାଠିକାଙ୍କ ଅନ୍ତର୍ଦୃଷ୍ଟି ପୁସ୍ତକମେଳାରୁ ହିଁ ସଂପ୍ରସାରିତ ହୋଇଥାଏ। କିନ୍ତୁ ଓଡ଼ିଶାରେ ବର୍ତ୍ତମାନ ଯେଉଁ ରୀତି, ନୀତି ଓ ଢଙ୍ଗରେ ପୁସ୍ତକମେଳା ହେଉଛି ତହିଁରୁ ଏସବୁକୁ ଉପଲବ୍ଧି କରିବାର ଆଶା ଦୁଃସ୍ୱପ୍ନରେ ପରିଣତ ହୋଇଛି। ତେଣୁ ଓଡ଼ିଶାରେ ପୁସ୍ତକ ମେଳା ମାଧ୍ୟମରେ ପାଠକୀୟ ସଚେତନତା ସୃଷ୍ଟି ହୋଇପାରୁନାହିଁ।




ମନୁଷ୍ୟ ଦୁଇ ଚକ୍ଷୁରେ ସମଗ୍ର ବିଶ୍ୱକୁ ଦେଖିପାରୁଥିଲେ ହେଁ ଦର୍ପଣରେ ନିଜକୁ ଦେଖିଥାଏ। ସାହିତ୍ୟ ହେଉଛି ଦର୍ପଣ ଯାହା ଦ୍ୱାରା ପାଠକ ନିଜକୁ, ନିଜ ପରିବାରକୁ, ନିଜ ସମାଜକୁ ଓ ସମଗ୍ର ବିଶ୍ୱକୁ ଦେଖିପାରିଥାଏ। ସାହିତ୍ୟ ହିଁ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ପ୍ରତ୍ୟେକଙ୍କର ମାପକାଠି। ଆମେ ଯେ ପର୍ଯ୍ୟନ୍ତ ଏହି ଦୃଷ୍ଟିରେ ସାହିତ୍ୟକୁ ଆକଳନ କରିନାହେଁ ସେ ପର୍ଯ୍ୟନ୍ତ ଆମ ପାଇଁ ସାହିତ୍ୟ ମୂଲ୍ୟହୀନ। ସାହିତ୍ୟରୁ ପାଠକ ବିଦ୍ୟା, ବୁଦ୍ଧି, ବିବେକ ଓ ବିଭବର ପ୍ରୟୋଗାତ୍ମକ ପ୍ରଣାଳୀର ସୂକ୍ଷ୍ମସୂତ୍ର ଲାଭ କରିଥାଏ। ସାହିତ୍ୟ ଜ୍ଞାନର ପ୍ରଚାର କରିବା ସହିତ ଶୃଙ୍ଖଳାବୋଧ, ନୈତିକତା, ଆଧ୍ୟାତ୍ମିକତା ଓ ମାନବିକତାର ପ୍ରସାର ଘଟାଇଥାଏ। ସଂକ୍ଷେପରେ ଉଲ୍ଲେଖ କଲେ ସାହିତ୍ୟ ହିଁ ସମାଜର ଦିଗ୍‌ଦର୍ଶକ। କିନ୍ତୁ ସାହିତ୍ୟର ପାଠକ ସଂଖ୍ୟା ବୃଦ୍ଧି କରିବାକୁ ଅଥବା ପାଠକ ସଚେତନତା ସୃଷ୍ଟି କରିବାକୁ ଆମର ପ୍ରଚେଷ୍ଟା ଏଯାବତ୍ ଜାଗ୍ରତ ହୋଇନାହିଁ। ଆମେ କେବଳ ସାହିତ୍ୟ ସୃଷ୍ଟି ଓ ପ୍ରକାଶନରେ ବ୍ୟଗ୍ର, ଅଥଚ ପାଠକ ସଚେତନତା ସୃଷ୍ଟି ନିମିତ୍ତ ତତ୍ପର ନୋହୁଁ। ଦିନକୁ ଦିନ ସ୍ରଷ୍ଟା ଓ ପାଠକ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇବାରେ ଲାଗିଛି। ଏହି ଗୁରୁତର ସମସ୍ୟାକୁ ତନ୍ନ ତନ୍ନ ଅଧ୍ୟୟନ ପୂର୍ବକ ଏକ ଯୋଜନାୟିତ ସୁଚିନ୍ତିତ ପଦକ୍ଷେପ ନେବା ହିଁ ଆମ ଭାଷା ଓ ସାହିତ୍ୟ ପକ୍ଷରେ ମଙ୍ଗଳପ୍ରଦ ହେବ।

□□

ଲେଖକଙ୍କ ଇ-ମେଲ ଠିକଣା:
antaryamimisra@gmail.com



ଗଳ୍ପ

# ଏକ ମନ୍ତବ୍ୟର ଅପେକ୍ଷାରେ

ସୁଶୀଳ କୁମାର ନନ୍ଦ

କବିତାଟିଏ ଲେଖି ଫେସ୍‌ବୁକ୍‌ରେ ପୋଷ୍ଟ କରିଦେଇ ସାରିବା ପରେ ଗୋଟିଏ ନିର୍ଦ୍ଦିଷ୍ଟ ମନ୍ତବ୍ୟକୁ ଏବେ ଚାହିଁ ରହୁଛି ମନସ୍ୱିନୀ। ଏମିତି, ସେ ଜଣେ ପ୍ରଖ୍ୟାତନାମିନୀ ଫେସ୍‌ବୁକ୍ କବୟିତ୍ରୀ ହିସାବରେ ସ୍ୱୀକୃତି ପାଇ ସାରିଲାଣି। ହାରାହାରି ତା'ର ପ୍ରତ୍ୟେକ କବିତା ଟାଣି ଆଣେ ପାଞ୍ଚଶହରୁ ଅଧିକ ଲାଇକ୍ ଆଉ କମେଣ୍ଟ। ତାହା ତାକୁ ଗଭୀର ଭାବେ ଆନନ୍ଦ ଦିଏ ସତ, କିନ୍ତୁ ତାହା ଶୀର୍ଷତ୍ୱ ସ୍ପର୍ଶ କରେନି ଯେପର୍ଯ୍ୟନ୍ତ ସେହି ନିର୍ଦ୍ଦିଷ୍ଟ କମେଣ୍ଟଟି ଆସି ନ ଥାଏ। ସେ କମେଣ୍ଟଟି ସେମିତି କୌଣସି ଶାବ୍ଦିକ ଚମତ୍କାରିତା ବହନ କରି ନ ଥାଏ। କେବଳ 'ମା' ବୋଲି ଗୋଟିଏ ସମ୍ବୋଧନ, ଦୁଇ ତିନୋଟି ଶବ୍ଦରେ ଟିକିଏ ପ୍ରଶଂସା, ଶେଷରେ ଗୋଟିଏ ଆଶୀର୍ବାଦ ବାକ୍ୟ। ବେଳେ ବେଳେ ସାମାନ୍ୟ କିଛି ଉପଦେଶ। ଠିକ୍ ତା' ବାପାଙ୍କ ଉପଦେଶ ଭଳି।

କିଛିଟା ବିଳମ୍ବରେ ଆସେ ସେ କମେଣ୍ଟଟି। କିନ୍ତୁ ନିଶ୍ଚିତ ଆସେ। ଏବେ ସେ ବିଳମ୍ବ ଟିକକ ମନସ୍ୱିନୀ ପାଇଁ ଅସହ୍ୟ ହୋଇ ପଡୁଛି। ଉଦ୍‌ବିଗ୍ନ ହୋଇ ପଡୁଛି ସେ। ଯେମିତି ଗୋଟେ ଆସକ୍ତ ହୋଇଗଲାଣି ସେ ସେହି କମେଣ୍ଟଟି ପ୍ରତି। ଜାଣେନା ସେ, କିଏ ସେ ବ୍ୟକ୍ତି, ଯାହାଙ୍କ ପାଖରୁ ସେ କମେଣ୍ଟଟି ଆସେ। ପ୍ରୋଫାଇଲ୍ ଖୋଜିବସେ ତାଙ୍କର। ବିଶେଷ କୌଣସି ତଥ୍ୟ ମିଳେନା, କେବଳ ନାମଟି ଛଡ଼ା। ପ୍ରୋଫାଇଲ୍ ଫଟୋ ଜାଗାରେ ଜଗନ୍ନାଥଙ୍କ ଚିତ୍ର। କେବଳ ଭାଷାରୁ ଜଣାପଡେ, ସେ ନିଶ୍ଚୟ ଜଣେ ବୟସ୍କ, ଭଦ୍ର, ସାହିତ୍ୟପ୍ରେମୀ ବ୍ୟକ୍ତି ହୋଇଥିବେ।

ବହୁତ ଭାବପ୍ରବଣ ବୋଧେ ମନସ୍ୱିନୀ। ନ ହେଲେ ସେ କମେଣ୍ଟଟି ଦେଖୁ ଦେଖୁ ସେ ତା'ର ପ୍ରଚ୍ଛଦପଟରେ ଗୋଟିଏ ଦରଦୀ ମୁହଁ ଆବିଷ୍କାର କରେ କାହିଁକି ? କେତେ ପ୍ରକାର ପରିବର୍ତ୍ତିତ ହେଉଥାଏ ସେ ମୁହଁ। କିନ୍ତୁ ପରିବର୍ତ୍ତିତ ହେଉ ନ ଥାଏ ସେ ଦରଦ ଟିକକ। ଏମିତି ପରିବର୍ତ୍ତିତ ହେଉ ହେଉ ବେଳେ ବେଳେ ତାହା ଯେମିତି ପାଲଟି ଯାଉଥାଏ ତା' ବାପାଙ୍କ ମୁହଁ। ହଁ ଠିକ୍ ସେହିଭଳି ତ ବୋଧହୁଏ ତାକୁ। ଭିତରୁ ବି ତାର ଏକ କୋହ ଉକୁଟି ଆସେ ସେହି ସମୟରେ।



ବାପା ! ତା'ର ଅତି ପ୍ରିୟ ବାପା। ତାକୁ ଅପର୍ଯ୍ୟାପ୍ତ ସ୍ନେହ ଆଉ ଗେହ୍ଲାରେ ବଢେଇଥିବା ବାପା। ତାକୁ କାଖେଇ କୋଳେଇ ବଡ କରି ବହୁମୂଲ୍ୟ ଉପଦେଶ, ପ୍ରେରଣା ଦେଇ ସାହିତ୍ୟ ଜଗତ, ବିଶେଷ କରି କବିତା ଜଗତରେ ପହଞ୍ଚାଇ ଦେଇଥିବା ତା'ର ବାପା। ତା'ର ପ୍ରତିଟି କବିତାକୁ ପ୍ରଥମେ ପାଠ କରି ମୁଗ୍ଧ ନୟନରେ ତା' ଆଡକୁ ଚାହିଁ ରହୁଥିବା ତା'ର ପ୍ରିୟ ବାପା। ଏଇ ଗତ ବର୍ଷ ସେ ମୁଠାଏ ପାଉଁଶ ହୋଇ ତା' ଜୀବନ ଇତିହାସର ବିଗତ ପୃଷ୍ଠାଟିଏ ହୋଇଗଲେ। ତାଙ୍କ ସୁନ୍ଦର ମୁହଁଟି ସ୍ୱର୍ଗଦ୍ୱାରର ମଶାଣି ଭିତରେ ଦେଖୁ ଦେଖୁ ସର୍ବଭୁକ୍ ଅଗ୍ନିଙ୍କ ଗର୍ଭକୁ ଚାଲିଗଲା। ଏ ଦୁଇ ଚର୍ମ ଚକ୍ଷୁରେ ସେ ଆଉ ଦେଖାଦେବେନି। ସେ ମୁହଁଟି ତା' ଆଗରେ ପ୍ରତିଭାତ ନ ହେଲେ ସେ କବିତାର ଗୋଟିଏ ଧାଡ଼ି ବି ଲେଖିପାରେନା।

ମାତ୍ର ଷୋହଳ ବର୍ଷର ମନସ୍ୱିନୀ। ଉତ୍କଟ ଭାବପ୍ରବଣତାର ବୟସ। ଧୀରେ ଧୀରେ, ଗଭୀରରୁ ଗଭୀରତର ଭାବରେ ସେ ସମ୍ବନ୍ଧିତ ହୋଇଯାଏ ସେ ଭଦ୍ରବ୍ୟକ୍ତିଙ୍କ ସହିତ। ଆତ୍ମିକ ସମ୍ବନ୍ଧ। ମନ ହୁଏ ତା'ର, ଥରେ ସେ ତାଙ୍କର ଦର୍ଶନ କରନ୍ତା। ହୁଏତ ତାଙ୍କର ଶରୀରରେ, ମନରେ, ଭାବନାରେ, ତା' ବାପାଙ୍କର ଆତ୍ମା ପ୍ରବେଶ କରିଥାଇପାରେ। ନ ହେଲେ ସେ ଭଦ୍ରବ୍ୟକ୍ତି କାହିଁକି ତା' ବାପା ବାପା ଭଳି ମନେ ହେଉଛନ୍ତି ତାକୁ!

ମନସ୍ୱିନୀ ହାତରେ ସେଦିନ ଚିଠିଟିଏ ଧରାଇଦେଲେ ଡାକବାଲା ଭାଇନା। ଚିଠି ? ତା' ପାଖକୁ ଚିଠି ? ପ୍ରଥମ କରି।

ମନସ୍ୱିନୀର ହୃଦୟରେ କ୍ଷୀଣ ଆଲୋଡନ । ଚିଠିଟି କୌଣସି ଆତ୍ମୀୟଙ୍କ ପାଖରୁ ନୁହେଁ, ଆସିଛି ଏକ ସାହିତ୍ୟ ଅନୁଷ୍ଠାନରୁ । ଢେଙ୍କାନାଳର ଏକ ସାହିତ୍ୟ ଅନୁଷ୍ଠାନ । ତାକୁ ସେମାନେ ସମ୍ବର୍ଦ୍ଧିତ କରିବେ 'କବିକିରଣ' ଉପାଧିରେ । ଆଉ ସାତ ଦିନ ପରେ ତାଙ୍କର ଉତ୍ସବ ।

ଢେଙ୍କାନାଳ, ଅନେକ ଦୂର । କାହିଁ ତା' ସହର ଭବାନୀପାଟଣା, କାହିଁ ଢେଙ୍କାନାଳ । ମାଆଙ୍କୁ ଦେଖାଇଲା ସେ ଚିଠିଟିକୁ । ଭାଗ୍ୟକୁ ମାଆ ନିଜସ୍ୱ ଆଗ୍ରହ ଦେଖାଇ କହିଲେ, ଯିବୁ, ନିଶ୍ଚୟ ଯିବୁ । ମୁଁ ତୋ' ସାଙ୍ଗରେ ଯିବି ।

ଆଜି କାଲି ହେଇ ପହଞ୍ଚିଗଲା ସେଇ ଦିନଟି । ମାଆଙ୍କ ଗହଣରେ ସଭାରେ ଉପସ୍ଥିତ ହେଲା ମନସ୍ୱିନୀ । ପ୍ରାୟ ସଭା ଶେଷକୁ ଆରମ୍ଭ ହେଲା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ । ମନସ୍ୱିନୀ ନିମନ୍ତ୍ରିତ ହେଲା ମଞ୍ଚକୁ । ତା' ପାଇଁ ପାଠ କରାହେଲା ପ୍ରଶଂସାପତ୍ର । ମନସ୍ୱିନୀର ହାତରେ ମାନପତ୍ର ଆଉ ଫୁଲତୋଡ଼ା । କାନ୍ଧରେ ସ୍ୱର୍ଣ୍ଣାଭ ଉତ୍ତରୀୟ । ଦର୍ଶକମାନଙ୍କ ପକ୍ଷରୁ ଘନଘନ କରତାଳି । ମନସ୍ୱିନୀ ପାଇଁ ଏକ ବିଶେଷ ସ୍ମରଣୀୟ ମୁହୂର୍ତ୍ତ । ଅଭୁଲା ମୁହୂର୍ତ୍ତ ।

**ତା'ର ପ୍ରବଳ ଇଚ୍ଛା ହେଉଥିଲା ବୃଦ୍ଧଙ୍କ ଛାତିରେ ନିଜକୁ ଜଡାଇଦେଇ ପିତୃତ୍ୱର ସ୍ୱର୍ଗୀୟ ସ୍ପର୍ଶକୁ ଆଉ ଥରେ ଅନୁଭବ କରିବା ପାଇଁ ।**

ସଭା ଶେଷ ହେଲା । ବାହୁଡି ଯାଉଛି ମନସ୍ୱିନୀ ମାଆଙ୍କ ସହିତ ସଭାରୁ । ପଛରୁ କିଏ ଜଣେ ଡାକିଲେ, ମାଆ ! ଡାକଟା କେମିତି ବହୁତ ଆତ୍ମୀୟତା ଭରା ମନେ ହେଲା ମନସ୍ୱିନୀକୁ । ପଛକୁ ବୁଲି ଚାହିଁଲା ସେ । ଜଣେ ପଞ୍ଚଷଠି ସେପାରି ବୃଦ୍ଧ ତା' ଆଡକୁ ଆସୁଛନ୍ତି । ଟିକେ ପଛରେ ପଡ଼ିଯାଇଛନ୍ତି ସେ । ଅଟକିଗଲା ମନସ୍ୱିନୀ ।

ବୃଦ୍ଧ ନିକଟେଇ ଆସିଲେ । ଶେଷରେ ଅତି ନିକଟକୁ ଆସିଗଲେ । କିଏ ଏ ବୃଦ୍ଧ ? ଆଦୌ ଚିହ୍ନା ମନେ ହେଉନାହାନ୍ତି ତ ! କାହିଁକି ଆସିଛନ୍ତି ? କ'ଣ ବ୍ୟକ୍ତିଗତ ଅଭିନନ୍ଦନ ଜଣାଇ ଟିକେ ଆପଣାର ହେବାକୁ ? ନା ସେ ତାକୁ କିମ୍ବା ତା ମାଆଙ୍କୁ ଜାଣିଛନ୍ତି ? ବୃଦ୍ଧ ହାତ ଟେକି କହି ଉଠିଲେ, 'କଲ୍ୟାଣ ହେଉ ମାଆ ! ତୁମେ ଏତେ ବଡ଼ ଗୋଟାଏ ସାହିତ୍ୟ ସଭାରେ ସମ୍ବର୍ଦ୍ଧିତ ହେବ ବୋଲି ଫେସ୍‌ବୁକ୍‌ରୁ ପଢିବାକୁ ପାଇଲି । ତୁମର ପ୍ରତିଟି ଫେସ୍‌ବୁକ୍ କବିତା ମୁଁ ପଢେ । ଏତେ କମ୍ ବୟସରେ ବି ତୁମେ ଖୁବ୍ ସୁନ୍ଦର କବିତା ଲେଖିପାରୁଛ ମାଆ । ତୁମକୁ ଟିକେ ସ୍ୱଚକ୍ଷୁରେ ଦେଖିବି ବୋଲି ମୁଁ ପାଲଲହଡାରୁ ଆସିଥିଲି । କେବଳ ତୁମକୁ ଟିକେ ଦେଖିବି ବୋଲି । ସଭାରେ ଦେଖିଲି, ହେଲେ ମନ ବୁଝିଲାନି । ସେଥିପାଇଁ... ।' ମନସ୍ୱିନୀର ଯୋଡହସ୍ତ ସେତେବେଳକୁ ଆପେ ଆପେ ଉପରକୁ ଉଠିଯାଇଥିଲା ବୃଦ୍ଧଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ । ବୃଦ୍ଧ ଆଉ ଥରେ କଲ୍ୟାଣ କରି କହିଲେ, 'ବହୁତ ବଡ଼ କବୟିତ୍ରୀଟିଏ ହୁଅ ମାଆ ! ବହୁତ ସମ୍ମାନ ପାଅ । ବହୁତ ଆଗକୁ ବଢ ।' ମନସ୍ୱିନୀ ମନରେ କେଜାଣି କାହିଁକି ବିଶ୍ୱାସଟାଏ ସୃଷ୍ଟି ହେଲା, ଏ ସମ୍ଭବତଃ ସେଇ ବ୍ୟକ୍ତି, ଯାହାଙ୍କର କମେଣ୍ଟଟିକୁ ସେ ଅପେକ୍ଷା କରିଥାଏ । ଯାହାଙ୍କ ଦର୍ଶନ ପାଇଁ ସେ ଅପେକ୍ଷା କରିଥିଲା । ଦ୍ୱିଧାମିଶ୍ରିତ ସ୍ୱରରେ ସେ ପ୍ରଶ୍ନ କଲା, 'ଆପଣ କ'ଣ... ।' ତା ମୁହଁରୁ କଥା ଛଡ଼େଇ ବୃଦ୍ଧ କହି ଉଠିଲେ, 'ମୁଁ ପ୍ରଫୁଲ୍ଲ ପ୍ରଧାନ, ମାଆ ! ତୁମ ଫେସ୍‌ବୁକ୍ ଫ୍ରେଣ୍ଡଲିଷ୍ଟରେ ଏହି ବୁଢ଼ା ଫ୍ରେଣ୍ଡଟା ବି ଅଛି ।' ଚକ୍‌ମକ୍ କରିଉଠିଲା ମନସ୍ୱିନୀର ମୁହଁ । କିନ୍ତୁ ତା'ର କ୍ଷଣକ ପରେ ତା' ମୁହଁ କାନ୍ଦ କାନ୍ଦ ହୋଇଗଲା । ହତଚକିତ ବୃଦ୍ଧଙ୍କ ଆଖିରେ ବି ବିନ୍ଦୁ ବିନ୍ଦୁ ଲୁହ ।

ବୃଦ୍ଧଙ୍କ ମୁହଁ ମନସ୍ୱିନୀକୁ ନିଜ ପିତାଙ୍କ ମୁହଁ ଭଳି ଦେଖାଯାଉଥିଲା । ତା'ର ପ୍ରବଳ ଇଚ୍ଛା ହେଉଥିଲା ବୃଦ୍ଧଙ୍କ ଛାତିରେ ନିଜକୁ ଜଡାଇଦେଇ ପିତୃତ୍ୱର ସ୍ୱର୍ଗୀୟ ସ୍ପର୍ଶକୁ ଆଉ ଥରେ ଅନୁଭବ କରିବା ପାଇଁ । ଆଉ ମନସ୍ୱିନୀ ପାଖରେ ବୃଦ୍ଧ ଆବିଷ୍କାର କରିଥିଲେ ହରାଇ ଦେଇଥିବା ନିଜ ଝିଅକୁ, ଯିଏ ମଧ୍ୟ ବହୁତ ସୁନ୍ଦର କବିତା ଲେଖୁଥିଲା । ଏକ ବର୍ଷ ତଳେ ଯିଏ ଏକ୍ୟୁଟ୍ ଆପ୍ଲାଷ୍ଟିକ୍ ଆନେମିଆ ରୋଗରେ ମୃତ୍ୟୁବରଣ କରିଥିଲା ।

ବୃଦ୍ଧଙ୍କର ଅମାନିଆ ଦୁଇ ହାତ ବଢିଯାଉଥିଲା ମନସ୍ୱିନୀ ଆଡ଼କୁ, ତାକୁ କୋଳେଇ ନେଇ ନିଜ ମୃତ କନ୍ୟାକୁ ଥରେ ଅନୁଭବିବା ପାଇଁ । କିନ୍ତୁ ତାହା ଯେ ଅଭଦ୍ରାମୀ ହୋଇପାରେ । ଜୋର୍ କରି ସେ ନିଜକୁ ଅଟକାଇ ନେଲେ । କିନ୍ତୁ ମନସ୍ୱିନୀ ଯେତେବେଳେ ତାଙ୍କର ଖୁବ୍ ନିକଟକୁ ଆସି ତାଙ୍କର ପଦ ସ୍ପର୍ଶ କଲା, ସେ ଆଉ ସମ୍ଭାଳି ପାରିଲେ ନାହିଁ । ତାକୁ ବୁକୁରେ ଜଡାଇ ଧରି ପିଲାଙ୍କ ଭଳି କାନ୍ଦି ଉଠିଲେ ।

□□


ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com



କବିତା

# ସେଇ ଗୀତଟି ଗାଅ ଅନାମିକା

ଡ. କୁଳମଣି ଓଝା



ସକାଳର ସୂର୍ଯ୍ୟସ୍ନାତ ଶ୍ଳୋକ ପରି ଶୁଭୁଥିବା
ସେଇ ଗୀତଟି ଆଉ ଥରେ ଗାଅ ଅନାମିକା !
ତାନପୁରାରେ ସ୍ୱର ତୋଳ ରାଗ-ପଲ୍ଲବୀରେ
କୋମଳ ଗାଂଧାର ଆଉ ତୀବ୍ର ମଧ୍ୟମାରେ
ଶ୍ରୁତି ସୁଖଦାୟୀ ସେଇ ଶାସ୍ତ୍ରୀୟ ଆଳାପ
ତୋଳ ଥରେ କଅଁଳ ସୂର୍ଯ୍ୟଂକ ଜଗମୋହନରେ ।

ଏବେ ତ ରାତିଧୁଆ ଭୋର୍ ଆକାଶରେ
ପଦ୍ମବନ ମୁକୁଳିତ ଚିତ୍ରିତ ଚାଂଦୁଆ...
ଦୂର କେଉଁ ପାହାଡ଼ର ସ୍ନିଗ୍ଧ ସବୁଜିମା ଛୁଇଁ
ଅଳପ ଆଲୁଏ ରେଖା କାଟି ଉଡ଼ିଗଲେ ପକ୍ଷୀ ।
ସେ କେଉଁ ମନସ୍ୱୀ ସକାଳୁ ସକାଳୁ ନଈର ନାଭିରେ
ଟେକିଦିଏ ସୂର୍ଯ୍ୟାଂଜଳି ଭାବାତୀତ ତନ୍ମୟ ତୀର୍ଥରେ
ସଲ୍ଲଜ ମଂତ୍ରରେ ଘର ଅଗଣାରେ ନବବଧୂଟିଏ
ନିଉଛାଳି ତୁଳସୀ ମୂଳରେ ଢାଳିଦିଏ ଜଳ
ଏଇ ତ ମାହେଂଦ୍ର ମୁହୂର୍ତ୍ତ ପଲ୍ଲବୀ ରାଗର
ଏଥରକ ଗାଇଦିଅ ସେଇ ରାଗବଦ୍ଧ ଗୀତ !
ଆରୋହ ସୁରରେ ଚଉପାଶେ ନବ ପଲ୍ଲବନ
ଅବରୋହ ସୁରେ ସୁରେ ତୁହିନିତ ପୁଷ୍ପିତ କାନନ



ସେଇ ଗୀତଟି ଆଉ ଥରେ ଗାଇଦିଅ ଅନାମିକା !!
ପ୍ରସବିବ ଫୁଲ-ଫଳ-ଶସ୍ୟ, ପୀୟୂଷ ପବନ ।

କାହିଁ କେତେ କାଳୁ ଝଂକାଳିଆ ବଉଳ ଶାଖାରେ,
କୋରକିତ କଦମ୍ବ ଡାଳରେ ଝୁଲୁଥିବା ସ୍ୱରମାନେ
ଏ ରାଗରେ ଶୁଦ୍ଧ-ଆୟୁଷ୍ମାନ୍, ଘୁମଂତ ବର୍ଷାର
ଅମୃତ ଛୁଆଁରେ ଉର୍ଜସ୍ୱଳ ପୁଷ୍ପିତ ପଲ୍ଲବୀ
ସେଇ ଗୀତ ଆଉ ଥରେ ଗାଅ ଅନାମିକା !
ଏବେ ଖାଲି ମହମହ ଅତୀନ୍ଦ୍ରିୟ ଚଂଦନ ସୁବାସ
ଗାଇଦିଅ ସେଇ ଗୀତ, ଖୋଲିଯାଉ ଅବରୁଦ୍ଧ ପଥ !!

ଏ ଗୀତରେ ଫୁଲବନେ ଭଅଁର ମେଳଣ
ଅଦିନରେ ତୋଟାମାଳ ମୁଖରିତ ମୁଗ୍ଧ କୁହୁତାନ
ଆକାଶରେ ଇଂଦ୍ରଧନୁ ମାଟିରେ ମହ୍ଲାର...
କେଦାରେ କେଦାରେ ଶ୍ୟାମ ସ୍ନିଗ୍ଧ ସବୁଜ ଶୀତ୍କାର
ଏ ଗୀତରେ ନୀଳଚକ୍ରେ ଉନ୍ମୀଳିତ ନେତ ଫରଫର
ହୃଦୟବୃତ୍ତରେ ସ୍ୱରାୟିତ ପରିଶୁଦ୍ଧ ଓଁକାର ନିନାଦ
ଏଥରକ ପଲ୍ଲବୀ ରାଗରେ ଗାଇଦିଅ ଗୀତ
ଚରାଚର ଏ ମାଟିରେ ସଂଭବିବ ସବୁଜ ସଂପଦ ।

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

ପ୍ରବନ୍ଧ



# ପୋଥି ସମ୍ପାଦନାର କଳା କୌଶଳ

ପ୍ରଫେସର ଉଦୟନାଥ ସାହୁ

ଓଡ଼ିଆ ଲିପିର ବିକାଶଠାରୁ ଆରମ୍ଭ କରି ଖ୍ରୀଷ୍ଟୀୟ ଊନବିଂଶ ପର୍ଯ୍ୟନ୍ତ ଓଡ଼ିଶାରେ ଲେଖିବାର ଉପାଦାନ ଥିଲା ତାଳପତ୍ର ପୋଥି। ଉତ୍ତର ଭାରତରେ ଭୂର୍ଜବଲ୍‌କରେ ସୁଲଭତା ଦୃଷ୍ଟିରୁ ସେଠାକାର ପ୍ରାଚୀନ ଲେଖାମାନ ଭୁର୍ଜପତ୍ର ଉପରେ ଲେଖା ହୋଇଛି, ତିବ୍ବତ, ନେପାଳ ତଥା ପୂର୍ବ ଭାରତରେ କେତେକ ପାର୍ବତ୍ୟାଞ୍ଚଳରେ 'ପାମୀର' ନାମକ ଗୋଟିଏ ବୃକ୍ଷ ପତ୍ରରେ ଲେଖାଯାଉଥିଲା। କିନ୍ତୁ ଏହାର ଆକାର ତାଳପତ୍ର ସଦୃଶ ହେଲେ ହେଁ ଏଗୁଡିକ କୋମଳ ହେତୁ ଅକ୍ଷର ଖୋଦନ ସହଜ ନ ଥିଲା। ଭୁର୍ଜ ଓ ପାମୀର ଉପରେ ସାଧାରଣତଃ ପ୍ରାଚୀନ କାଳରେ ବିଭିନ୍ନ ପ୍ରକାର ସ୍ୟାହିରେ ଲିଖିତ ହେଉଥିଲା। ଓଡ଼ିଶାରେ ତାଳପତ୍ରର ସୁଲଭତା ଯୋଗୁ ଖ୍ରୀଷ୍ଟୀୟ ୬ଷ୍ଠ ଓ ୭ମ ଶତାବ୍ଦୀରୁ ତାଳପତ୍ର ଉପରେ ଲେଖନକାର୍ଯ୍ୟ ପ୍ରଚଳିତ ଥିବାର ଅନୁମାନ କରାଯାଏ। ପ୍ରାଚୀନ ତାଳପତ୍ର ପୋଥି ତାମିଲନାଡୁ ଓ କେରଳରେ ଖ୍ରୀଷ୍ଟୀୟ ୮ମ ଓ ୧୦ମ ଶତାବ୍ଦୀର ମିଳିଥିବାର ଜଣାଯାଏ। କିନ୍ତୁ ଓଡ଼ିଶାରେ ପ୍ରାଚୀନତମ ପୋଥିର ସମୟ ହେଉଛି ଖ୍ରୀ: ୧୪୯୩ ବୋଲି ପଣ୍ଡିତ ନୀଳମଣି ମିଶ୍ର ମତବ୍ୟକ୍ତ କରିଅଛନ୍ତି। (ପୋଥିଘର-ପୃ ୧)



**ସାରସ୍ୱତ ସମ୍ପଦ**

ପ୍ରାଚୀନ ପୋଥି ଆମର ସାରସ୍ୱତ ସମ୍ପଦ। ଆମ ରାଜ୍ୟ ସଂଗ୍ରହାଳୟରେ ୩୭,୦୦୦ରୁ ଅଧିକ ତାଳପତ୍ର ପୋଥି ସଂରକ୍ଷିତ ରହିଛି। ତା' ମଧ୍ୟରେ ଅଛି ପୁରାଣ, ବ୍ୟାକରଣ, ଅଭିଧାନ, ସଂଗୀତ, ଜ୍ୟୋତିଷ, ଦର୍ଶନ, କାବ୍ୟ ପ୍ରଭୃତି ଅନେକ ପୋଥି। ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାରେ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରଚଳନ ପ୍ରଭୂତ ଭାବରେ ହେଉଥିଲା। ତେଣୁ ପୋଥି ଲେଖନକାରୀମାନେ ସଂସ୍କୃତର ବିଭିନ୍ନ ବିଭାବ ଯଥା- ବେଦ, ବେଦାନ୍ତ, ଜ୍ୟୋତିଷ, ଧର୍ମଶାସ୍ତ୍ର, ଆୟୁର୍ବେଦ, ଗଣିତ, ବ୍ୟାକରଣ, ଅଳଙ୍କାର, କାବ୍ୟ, ମହାକାବ୍ୟ, ଚମ୍ପୂ, ନାଟକ, ନାଟିକା ଆଦି ତାଳପତ୍ରରେ ଲେଖାଯାଇଥିବାର ଜଣାଯାଏ। କିନ୍ତୁ ବହୁ ଗ୍ରନ୍ଥ କାଳର କରାଳ କବଳରେ ଲୀନ ହୋଇଯାଇଛି। ତଥାପି କେତେକ ପୋଥି ରାଜ୍ୟ ସଂଗ୍ରହାଳୟ, ରଘୁନନ୍ଦନ ପାଠାଗାର, ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଠାଗାର ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନରେ ସଂରକ୍ଷିତ ରହିଛି। ଏପରିକି ଅନେକ ଦେଶ, ଯଥା- ଚୀନ, ଜାପାନ, ଜାଭା ପ୍ରଭୃତି ଦେଶରେ ଓଡ଼ିଆରେ ଲିଖିତ ପୋଥି ଯଥା- ସାରଳା ମହାଭାରତ, ଭାଗବତ, ରାମାୟଣ ପ୍ରଭୃତି ପୋଥି ସଂରକ୍ଷିତ ରହିଛି।

ପଞ୍ଚଦଶ ଶତାବ୍ଦୀରେ ସାରଳା ସାହିତ୍ୟର ଅଭ୍ୟୁଦୟ ପରେ ଜନମାନସରେ ସଂସ୍କୃତ ସାହିତ୍ୟ ଉପରୁ ମୋହ କ୍ରମଶଃ ହ୍ରାସ ପାଇବାକୁ ଲାଗିଲା। ଲୋକମୁଖ ଭାଷାରେ ସାରଳାଦାସଙ୍କ ମହାଭାରତ ସହିତ ଅନ୍ୟାନ୍ୟ ଗ୍ରନ୍ଥ ଯଥା- ଜଗମୋହନ

ରାମାୟଣ, ଚଣ୍ଡୀ ପୁରାଣ, ବିଚିତ୍ର ରାମାୟଣ, ବିଲଙ୍କା ରାମାୟଣ ପ୍ରଭୃତି ଗ୍ରନ୍ଥ ବିପୁଳ ଜନ ସମର୍ଥନ ଲାଭ କଲା। ଏହି ସୁଯୋଗରେ ଓଡ଼ିଶା ସାହିତ୍ୟର ଏହି ବିକାଶୋନ୍ମୁଖୀ ଯୁଗରେ ଅର୍ଥାତ୍ ପଞ୍ଚସଖାଙ୍କ ଦ୍ୱାରା ରଚିତ ବହୁଗ୍ରନ୍ଥ ସାହିତ୍ୟକୁ ନୂତନ ଆଭିମୁଖ୍ୟ ଦେଇଥିଲା। ପଞ୍ଚସଖାଙ୍କ ଦ୍ୱାରା ରଚିତ ଗୀତା, ସଂହିତା, ମାଳିକା ଅପେକ୍ଷା ପୁରାଣ, ଭଜନ, ଜଣାଣ ଜନମାସରେ ବିଶେଷ ଆଦୃତ ହେଲା। ଏମାନଙ୍କ ଦ୍ୱାରା ରଚିତ ଅର୍ଥାତ୍ ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ, ବିଶେଷ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲା। ଜନ ସମାଜ ଏସବୁ ଗ୍ରନ୍ଥର ପାଠ ପ୍ରତି ଦିନକୁ ଦିନ ଆଗ୍ରହ ପ୍ରକାଶ କଲେ। ପୁଣ୍ୟ ଅର୍ଜନ ନିମିତ୍ତ ପ୍ରତି ଘରେ ଘରେ ଏସବୁ ପାଠ କରାଗଲା ଏବଂ ପ୍ରତି ଗ୍ରାମର କେନ୍ଦ୍ରସ୍ଥଳରେ ଗ୍ରାମବାସୀମାନେ ଗୋଟିଏ ଗୋଟିଏ 'ଭାଗବତ ଟୁଙ୍ଗି' ପ୍ରତିଷ୍ଠା କରିଲେ। ସେଠାରେ ଭାଗବତ ପାଠ ସହିତ ଅନ୍ୟାନ୍ୟ ପୁରାଣ ମଧ୍ୟ ପାଠ କରାଗଲା। 'ଭାଗବତ ଟୁଙ୍ଗି' ଧୀରେ ଧୀରେ ଗ୍ରାମର ସାଂସ୍କୃତିକ କେନ୍ଦ୍ରରେ ପରିଣତ ହେଲା।

**ଭାଗବତ କେବଳ ଏକ ଧର୍ମ ଗ୍ରନ୍ଥ ନୁହେଁ, ତାହା ଥିଲା ପ୍ରାଥମିକ ଶିକ୍ଷା ଗ୍ରନ୍ଥ, ଅଥଚ ପରମଶାସ୍ତ୍ର ଭାଗବତ।**

'ଭାଗବତ' ସୃଷ୍ଟିର ପରମୁହୂର୍ତ୍ତରୁ ହିଁ ଲୋକପ୍ରିୟ ହୋଇଆସିଛି ଏବଂ ଆଜି ପର୍ଯ୍ୟନ୍ତ ତା'ର ସେହି ଲୋକପ୍ରିୟତାରେ ସାମାନ୍ୟ ଭଟ୍ଟା ସୁଦ୍ଧା ପଡି ନାହିଁ। ଏ ସମ୍ପର୍କରେ ଅଚ୍ୟୁତାନନ୍ଦ 'ହରିବଂଶ' ପୁରାଣରେ ଲେଖିଛନ୍ତି-

'ଧନବନ୍ତ ଲୋକଙ୍କୁ କି ଯାଚି ଦେଇ ଅନ୍ନ
ଭାଗବତ ଛାଡ଼ି ଶୁଣେ କେ ଆନ ପୁରାଣ।"

ଓଡ଼ିଆ ଜାତି ସହିତ ଭାଗବତ ଏକାଧାରାରେ ବହୁଭୂମିକାରେ ସଂପୃକ୍ତ। ଶିକ୍ଷା, ସାହିତ୍ୟ, ଧର୍ମ, ଦର୍ଶନ, ସଙ୍ଗୀତ, ନୈତିକତା- ବିଭିନ୍ନ ଦିଗରୁ ଭାଗବତ ଓଡ଼ିଆ ଜାତିର ଆଦର୍ଶ। ଜଗନ୍ନାଥ ଦାସଙ୍କ ଭାଗବତ ଓ ଭାଗବତ ଟୁଙ୍ଗୀ ସହିତ ଓଡ଼ିଆ ପ୍ରାଣର ରହିଛି ଶାଶ୍ୱତ ସଂଯୋଗ। ୧୯୦୦ ଖ୍ରୀଷ୍ଟାବ୍ଦର ଜନସୁମାରି ରିପୋର୍ଟରେ ଦେଖାଯାଇଥିଲା ଯେ, ଓଡ଼ିଶାର ସାକ୍ଷର ଲୋକସଂଖ୍ୟା ଭାରତରେ ପ୍ରତ୍ୟେକ ପ୍ରଦେଶର ସାକ୍ଷର ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଥିଲା। ଏହାର ପ୍ରେରଣା ହେଉଛି ଭାଗବତ ଗ୍ରନ୍ଥ। ଭାଗବତ କେବଳ ଏକ ଧର୍ମ ଗ୍ରନ୍ଥ ନୁହେଁ, ତାହା ଥିଲା ପ୍ରାଥମିକ ଶିକ୍ଷା ଗ୍ରନ୍ଥ, ଅଥଚ ପରମଶାସ୍ତ୍ର ଭାଗବତ।

**ଭାଗବତ ଟୁଙ୍ଗି**

ତେଣୁ ୧୬ଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଭାଗବତ ଟୁଙ୍ଗିରେ କେବଳ ପୁରାଣ ପୋଥି ସଂଗୃହୀତ ହେଲା ନାହିଁ, ବିଭିନ୍ନ କବିମାନଙ୍କ ଦ୍ୱାରା ରଚିତ କାବ୍ୟ, ନାଟକ, ଚଉତିଶା ବୋଲି, କୋଇଲି, ପୋଇ, ଚଉପଦୀ, ଭଜନ ଓ ଜଣାଣ, ପ୍ରଭୃତି ସମ୍ବଳିତ ପୋଥିମାନ ସ୍ଥାନ ପାଇଲା। ଲୋକମାନେ ଭିନ୍ନ ଭିନ୍ନ ସ୍ଥାନରୁ ନୂତନ ବିଷୟବସ୍ତୁ ଉପରେ ଲିଖିତ ପୋଥିମାନ ଅଣାଇ ତାହାକୁ ନକଲ କରି ଏଠାରେ ରଖିଲେ, ପୁଣି କେହି କେହି ଦାନ କଲେ। ତେଣୁ ଓଡ଼ିଶାର ଲିପିକାରମାନେ ନିଜର ହସ୍ତ କୌଶଳ ଦ୍ୱାରା ବିଭିନ୍ନ ପୌରାଣିକ ଆଖ୍ୟାୟିକାଗୁଡିକୁ ତଳପତ୍ରରେ ଅଙ୍କନ କରି ଓଡ଼ିଶୀ କଳାର ବୈଶିଷ୍ଟ୍ୟ ପ୍ରଦର୍ଶନ କରିଅଛନ୍ତି। ତେଣୁ ଏହି ଧରଣର ପୋଥିଗୁଡିକ ମଧ୍ୟରେ ଗୀତଗୋବିନ୍ଦ, ରାମାୟଣ, ସାରଳା ମହାଭାରତ ଓ ଭାଗବତ ରଚିତ ପୋଥି ଅଧିକ। ଅନେକ ସମୟରେ ମଧ୍ୟ ଚିତ୍ରପୋଥି ମଧ ଖୋଦିତ ହୋଇଛି। ଏହି ତାଳପତ୍ର ପୋଥି ମଧ ରୁଦ୍ରାକ୍ଷମାଳ ଆକାର, ଖଡ୍‌ଗାକାର, କଙ୍କଣା ଆକାର ଦେଖିବାକୁ ମିଳିଛି। ଲିପିକାରମାନେ ମଧ୍ୟ ବାଉଁଶପତ୍ର ଓ ହାତୀଦାନ୍ତ ପଟା ଉପରେ ଅକ୍ଷର ଖୋଦନ କରି ନିଜର କଳାପାଟବତାର ପରିଚୟ ପ୍ରଦାନ କରିଛନ୍ତି।

ଓଡ଼ିଆ ପୋଥି ଲେଖନୀରେ ବ୍ରାହ୍ମଣ ଓ କରଣମାନେ ଏକ ବ୍ୟବସାୟିକ ଧନ୍ଦା ରୂପେ କାର୍ଯ୍ୟ କରୁଥିଲେ ହେଁ ସମୁଜାତିର ସୌଖୀନ ଲେଖକମାନେ ବହୁ ପୋଥି ରଚନା କରିଅଛନ୍ତି। ଏତଦ୍ ବ୍ୟତୀତ ଅଭିଜାତ ଘରର ଝିଅ ବୋହୂମାନେ ପୋଥି ନକଲ କରିବାର ଦୃଷ୍ଟାନ୍ତ ରହିଛି। ଏପରିକି ପୁରୀ ଜିଲ୍ଲା ଅନ୍ତର୍ଗତ ପଙ୍ଗାର ସିଂହ ଗ୍ରାମ-ଥାନା-ଖୁରୁଧାର ଜଣେ ମୁସଲମାନ ନକଲକାର ନାମ-ନସୀବ ଖାଁ, ପିତା- ଧନିଖାଁଙ୍କ ଦ୍ୱାରା ଲିଖିତ ପୋଥି ରାଜ୍ୟ ସଂଗ୍ରହାଳୟରେ (ପୋଥି ଓଏଲ୍/୧୮୬୭) ଗଚ୍ଛିତ ଅଛି।

ତେବେ ପୁଷ୍ପିକାଗୁଡିକରୁ ଜଣାଯାଏ ଯେ, ଏହି ଗ୍ରନ୍ଥ

ରଚନା କେବଳ ଏକ ଜାତି ବିଶେଷର ଲିଖନକଳା ନ ହୋଇ ତାହା ବ୍ରାହ୍ମଣ, କରଣ, ଖଣ୍ଡାୟତ, ଓଝା, ଜ୍ୟୋତିଷ, ଯୋଶୀ, କେଉଟ, ତେଲୀ, ଗୁଡିଆ କଂସାରି ଜାତିର ଲୋକେ ମଧ୍ଯ ପୋଥି ଲେଖୁଥିଲେ। ଏପରିକି କନ୍ଧ ଜାତିର ଲୋକେ ମଧ୍ୟ ପୋଥି ଲେଖନରେ ପ୍ରବୃତ୍ତ ଥିଲେ। ତେବେ ଏସବୁ ପୋଥି ସମୂହ ଆମର ବହୁମୂଲ୍ୟ ଜାତୀୟ ସଂପଦ। ସେଗୁଡିକର ପାଠୋଦ୍ଧାର, ସଂପାଦନା ଏବଂ ମୁଦ୍ରଣ ଆମର ଜାତୀୟ କର୍ତ୍ତବ୍ୟ। ଏହାଦ୍ଵାରା ଆମ ଭାଷା, ସଂସ୍କୃତିର ବିକାଶ ହୋଇପାରିବ। ପ୍ରାଚୀନ, ମଧ୍ୟଯୁଗୀୟ କାବ୍ୟ, ପୁରାଣ ଗ୍ରନ୍ଥଗୁଡିକର ସଂରକ୍ଷଣ, ଗବେଷଣା ଓ ପୁନଃ ପ୍ରକାଶ ନିମନ୍ତେ ପଦକ୍ଷେପ ନେବାକୁ ହେବ। କିନ୍ତୁ ସେସବୁର ପ୍ରକୃତ ଅଧ୍ୟୟନ ହେବା ଦରକାର।

ଓଡ଼ିଶାର ପୁରପଲ୍ଲୀରେ ପୋଥି ସଂରକ୍ଷଣର ବ୍ୟବସ୍ଥା ବହୁ ପ୍ରାଚୀନ। ଜଗନ୍ନାଥ ଦାସଙ୍କ ଭାଗବତ ହିଁ ଏହାର ପ୍ରେରଣା। ମାଧବ ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ବୈଷ୍ଣବ ଲୀଳାମୃତ' (ଖ୍ରୀ. ୧୫୩୫ରେ ରଚିତ)ରୁ ପ୍ରମାଣ ମିଳେ ଯେ,



"ସ୍ୱାମୀର ଭାଗବତ ପୋଥି। ଦେବତା ଭିଆଣେ ପୂଜନ୍ତି॥
ଶ୍ରୀଭାଗବତ ପୋଥି ଯେତେ। ଲେଖାଇ ନିଅଇ ଅନେକ॥
ଭାଗବତ ଗ୍ରାମେ ପଡଇ। ପୂଜନ୍ତି ଆସନେ ବସାଇ॥
(୮ମ ଅଧ୍ୟାୟ- ପୃ.୬୭)

**ସଂପାଦନାର ଆବଶ୍ୟକତା**

(୧)ସଂପାଦନାର ଅଭାବରେ କବିଙ୍କର ମୌଳିକ କବିତ୍ୱ ଅଜ୍ଞାତ ରହି ମ୍ଳାନ ହୋଇଥାଏ।

(୨) ନକଲକାରମାନଙ୍କ ଦ୍ୱାରା ନୂତନ ପାଠ ସଂଯୋଗ ଓ ପୁରାତନ ପାଠ ବିଯୋଗ ଘଟେ।

(୩) ପୁରାତନ କାଳରେ ମୁଦ୍ରଣର ସୁବିଧା ନ ଥିବାରୁ କବିମାନଙ୍କର କୃତିକୁ ବିଭିନ୍ନ ଅଞ୍ଚଳରେ ବାରମ୍ବାର ନକଲ କରିବା ଦ୍ୱାରା ପ୍ରମାଦ ବୃଦ୍ଧି ଘଟେ।

(୪) ପ୍ରାଚୀନ ଭାଷା, କାବ୍ୟ ଗଠନ ରୀତି ଓ କେତେକ ନିର୍ଦ୍ଦିଷ୍ଟ ଶବ୍ଦ ତଥା ସାମାଜିକ ଚାଲିଚଳଣି କ୍ରମ ବିବର୍ତ୍ତିତ ହେବା ଫଳରେ ସେଗୁଡିକୁ କେତେକ ପରବର୍ତ୍ତୀ କାଳର ନକଲକାରଙ୍କ ଦ୍ୱାରା ଅପ୍ରାସଙ୍ଗିକ ମନେ ହୁଏ।

ସେହି କାରଣ ଗୁଡିକ ହେଲା -

(କ) ସାଧାରଣ ଅକ୍ଷର ସମ୍ବନ୍ଧୀୟ ବିଭ୍ରାନ୍ତି

(ଖ) ଦୃଷ୍ଟି ଦୋଷଜନିତ ତ୍ରୁଟି

(ଗ) ଅପରିଚିତ ଶବ୍ଦ ସ୍ଥାନରେ ପରିଚିତ ଶବ୍ଦର ପ୍ରୟୋଗ

(ଘ) ପୁନରାବୃତ୍ତି

(ଙ) ଅକ୍ଷର, ଶବ୍ଦ ଓ ବାକ୍ୟର କ୍ରମ ପରିବର୍ତ୍ତନ

(ଚ) ପ୍ରାକୃତ ଶବ୍ଦ ସ୍ଥାନରେ ସଂସ୍କୃତ ଶବ୍ଦର ପ୍ରୟୋଗ

(ଛ) ନୂତନ ଅକ୍ଷର ବା ଶବ୍ଦର ସଂଯୋଗ ଘଟି ପାଠକୁ ବିକୃତ ଘଟିଥାଏ

(ଜ) ଦୁଇ ପଙ୍କ୍ତି ମଧ୍ୟରେ ଅନ୍ୟ ଏକ ପଙ୍କ୍ତିର ଆଗମ

(ଝ) ଶବ୍ଦ ବିପର୍ଯ୍ୟୟ - ନକଲକାରର ଅଜ୍ଞାନବଶତଃ।

(ଞ) ମାତ୍ରା ଲୋପ ହେତୁ ଶବ୍ଦ ବିଭ୍ରାନ୍ତି-

ଘୂର୍ଣ୍ଣୟାମାନ ନୟନଯୁଗଳ - ଘୂର୍ଣ୍ଣାୟମନ ନୟନ ଯୁଗଳ

(ଟ) ଦ୍ରୁତ ଲିଖନ ଜନିତ ତ୍ରୁଟି-

କ୍ରମେ ଆସି ଋଷି ସିଂହ - କ୍ରମେସି ଋଷି ସିଂହ
(ଷୋଳପୋଇ)

ମୁଣ୍ଡକାଟି ତଳେ ଖରତର ସେ - ମୁଣ୍ଡ କାଟି ଖରତର ସେ
(ଷୋଳପୋଇ)

(ଠ) ପୂର୍ଣ୍ଣଚ୍ଛେଦର ମନମୁଖି ପ୍ରୟୋଗ

(ଡ) ଏକ ପ୍ରକାର ପୋଥି ଭିନ୍ନ ଭିନ୍ନ ଅଞ୍ଚଳର ନକଲ ହେବା ଦ୍ୱାରା ମୂଳ ପୋଥିର ଭାଷା ଅଞ୍ଚଳ ଭେଦରେ ପରିବର୍ତ୍ତିତ ହୋଇଯାଏ।

(ଢ) 'ଶବ୍ଦ ବ୍ରହ୍ମ' ସ୍ୱୀକୃତ ହୋଇଥିବାରୁ ତାହାକୁ ନ କାଟି ସେହି ଅକ୍ଷର ତଳେ କିମ୍ବା ମଧ୍ୟରେ ବିନ୍ଦୁ ଦେଇ ତାହାକୁ ଅଦରକାରୀ ଭାବେ ସାଂକେତିକ କରାଯାଇଥାଏ।

(ଣ) ତାଳପତ୍ରରେ ଲୌହ ଲେଖନୀ ଚଳାଇ ଲେଖିବା କଷ୍ଟକର କାର୍ଯ୍ୟ ହୋଇଥିବାରୁ ଲେଖନୀର ଶ,ଷ,ସ ମଧ୍ୟରେ କୌଣସି ବ୍ୟବହାରଗତ ପାର୍ଥକ୍ୟ ରକ୍ଷା କରି ନ ଥାଏ। ଏହିପରି ଅନେକ କାରଣ ଦର୍ଶାଯାଇ ପାରେ।

ପାଣ୍ଡୁଲିପି ସଂପାଦନା ଏକ କଠିନ କାର୍ଯ୍ୟ। ଯେ କୌଣସି ବ୍ୟକ୍ତି ଏ କାର୍ଯ୍ୟ କରିବା ନିମନ୍ତେ ଆଗ୍ରହୀ ହେଲେ ମଧ୍ୟ ଶୁଦ୍ଧ ପାଠ ବା ପ୍ରାମାଣିକ ପାଠ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ। ସଂପାଦକର ଯୋଗ୍ୟତା ସଂପର୍କରେ କୁହାଯାଇପାରେ ଯେ, ଅଗାଧ ଶବ୍ଦ ପାଣ୍ଡିତ୍ୟ ଓ ବୈଜ୍ଞାନିକ ଦୃଷ୍ଟିକୋଣ-ଲିପିଜ୍ଞାନ, ଭାଷାଜ୍ଞାନ, ଚିତ୍ରକଳା ଜ୍ଞାନ, ହସ୍ତଲିପି ପରୀକ୍ଷଣ କ୍ଷମତା, ମାନସିକ ସୁସ୍ଥତା, ସଂପାଦନା ବିଧି ସଂପର୍କିତ ଜ୍ଞାନ ଥିବା ଅପରିହାର୍ଯ୍ୟ।

### ଶୁଦ୍ଧ ପାଠ ନିର୍ଣ୍ଣୟର ବିଭିନ୍ନ ସ୍ତର

(୧) ପାଠ ତୁଳନା (୨) ପାଠ ନିର୍ମାଣ ବା ପାଠ ଚୟନ (୩) ପାଠାନ୍ତର ନିର୍ଦ୍ଦେଶ ସହ ପାଠ ପ୍ରସ୍ତୁତି (ପାଠ ଗ୍ରହଣ, ବର୍ଜନ ଓ ସଂଶୋଧନ) (୪) ବଂଶବୃକ୍ଷ ନିର୍ଦ୍ଧାରଣ (୫) ଆଦର୍ଶ ପୋଥି ଚୟନ (୫) ଶୁଦ୍ଧ ପାଠ ନିର୍ଣ୍ଣୟ।

ପ୍ରତିଲିପିର ବିସ୍ତୃତ ବିବରଣୀ ନିମ୍ନମତେ ପ୍ରସ୍ତୁତ ହେବା ବିଧେୟ। ଯଥା -

(୧) ପ୍ରାପ୍ତି ସ୍ଥାନ (୨) ସଂଗୃହୀତ ସ୍ଥାନର ନାମ (୩) ପୋଥିର କ୍ରମ ସଂଖ୍ୟା (୪) ପ୍ରତିଲିପିର ପୃଷ୍ଠା ସଂଖ୍ୟା (୫) ପୃଷ୍ଠାରେ ଥିବା ପଙ୍କ୍ତି ସଂଖ୍ୟା (୬) ପଙ୍କ୍ତିରେ ଥିବା ଶବ୍ଦ ସଂଖ୍ୟା (୭) ଉପାଦାନ (ତାଳପତ୍ର, ଭୁର୍ଜପତ୍ର କାଗ, ଚମଡା ପ୍ରଭୃତି) (୮) ଶୈଳୀର ବିଶେଷତ୍ୱ (୯) ଗ୍ରନ୍ଥର ଅବସ୍ଥା (୧୦) ଗ୍ରନ୍ଥର ଆରମ୍ଭ କିମ୍ବା ଶେଷରେ ଉଲ୍ଲେଖ ଥିବା ଜ୍ଞାତବ୍ୟ ତଥ୍ୟର ସୂଚନା (୧୧) ଗ୍ରନ୍ଥ ମଝିରେ ଯଦି ପୁଷ୍ପିକା ଥାଏ, ତା'ର ତଥ୍ୟ (୧୨) ପ୍ରତିଲିପି ପ୍ରସ୍ତୁତକାରୀଙ୍କ ପରିଚୟ, ସ୍ଥାନ ଓ ସମୟ (୧୩) ପ୍ରତିଲିପିରେ ହସ୍ତାକ୍ଷରରେ ଭିନ୍ନତା (୧୪) ପ୍ରତିଲିପିଗୁଡିକ ମଧ୍ୟରେ ସାମ୍ୟ ଓ ବୈଷମ୍ୟ।

ଏହି ସଂପାଦନା ପାଇଁ ଏସ୍.ଏନ୍.କାଟ୍‌ରେଙ୍କ ଟେକ୍ସଚୁଆଲ କ୍ରିଟିସିଜିମ୍ ଓ ଡକ୍ଟର ଭି.ଏସ୍. ସୁକ୍‌ଣ୍ଠନକରଙ୍କ ସଂସ୍କୃତ ମହାଭାରତ ସଂପାଦନାର ମୁଖବନ୍ଧକୁ ଗ୍ରହଣ କରାଯାଇଥାଏ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସଂସ୍କୃତ ମହାଭାରତର ପ୍ରାମାଣିକ ପାଠ ନିର୍ଣ୍ଣୟ ଓ ସଂପାଦନା କାର୍ଯ୍ୟ ପୁନାର ଭଣ୍ଡାରକର ଓରିଏଣ୍ଟାଲ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ୧୯୧୯ ମସିହାରୁ ଆରମ୍ଭ ହୋଇ ୧୯୬୭ ମସିହାରେ ଶେଷ ହୋଇଥିଲା। ଏସବୁ ଗ୍ରନ୍ଥ ସଂସ୍କୃତ ଭାଷାର ସମ୍ପାଦନା ପାଇଁ ଉଦ୍ଦିଷ୍ଟ। କାରଣ ସଂସ୍କୃତ ଏକ ଶୃଙ୍ଖଳିତ ଭାଷା। ଏହା ବ୍ୟାକରଣ ଓ ଛନ୍ଦ ଦ୍ୱାରା ନିୟନ୍ତ୍ରିତ। ଯୋଗ, ବିଯୋଗ, ପ୍ରସଙ୍ଗକ୍ରମ ଏବଂ ଅପପାଠକୁ ବାଛିନେବା ପରେ ବ୍ୟାକରଣ ଓ ଛନ୍ଦକୁ ଆଧାର କରି ସଂପାଦନା କାର୍ଯ୍ୟ ସଂପନ୍ନ ହୋଇଥାଏ। ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ସାରଳା ମହାଭାରତର ସମ୍ପାଦନା ନିମିତ୍ତ ଚଉଦଟି ପାଣ୍ଡୁଲିପି ବ୍ୟବହାର କରିଥିଲେ। ତେବେ ପରିବର୍ତ୍ତନ, ସଂଶୋଧନ, ପରିତ୍ୟାଗ ଓ ସଂଯୋଜନ ପରେ ପାଠ ନିର୍ଣ୍ଣିତ ହୋଇଥାଏ।

**ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ସାରଳା ମହାଭାରତର ସମ୍ପାଦନା ନିମିତ୍ତ ଚଉଦଟି ପାଣ୍ଡୁଲିପି ବ୍ୟବହାର କରିଥିଲେ।**

### ପାଠାଲୋଚନା

କିନ୍ତୁ ପାଠାଲୋଚନା ମଧ୍ୟ ଅତୀବ କଷ୍ଟକର। ଏହାର ସମାଧାନ ଅତି ସତର୍କତାର ସହ ତୁଲାଇବାକୁ ହୋଇଥାଏ। ଏହି ଆଲୋଚନାର ନାମ ଟେକ୍ସଚୁଆଲ କ୍ରିଟିସିଜିମ୍ ବା ପାଠାଲୋଚନା କୁହାଯାଇଥାଏ। ଉଦାହରଣ ସ୍ୱରୂପ 'ରୁଦ୍ରସୁଧାନିଧି' ଗ୍ରନ୍ଥକୁ ନିଆଯାଇପାରେ। 'ରୁଦ୍ର ସୁଧାନିଧି' ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ଅଦ୍ୱିତୀୟ ଗ୍ରନ୍ଥ। ଏପରି ଏକ କଥା ଗ୍ରନ୍ଥ ଅନ୍ୟ ପ୍ରାଦେଶିକ ଭାଷାରେ ପୂର୍ବରୁ ରଚିତ ହୋଇନାହିଁ। ଏହାକୁ ଡକ୍ଟର କରୁଣାକର କର ସର୍ବପ୍ରଥମେ କୋଣାର୍କ ଯିବା ବାଟରେ ଗୋଟିଏ ସଂସ୍କୃତ ଟୋଲରୁ ପାଇଥିଲେ। ଏହାକୁ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ପୁସ୍ତକରେ ୧୯୩୨ ମସିହାରେ ସଂଯୋଜିତ କରିଥିଲେ। ୧୯୬୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରଥମେ ଡକ୍ଟର କରଙ୍କ ଦ୍ୱାରା ସଂପାଦିତ ପୁସ୍ତକ ପ୍ରକାଶ କଲେ। ଏହାର ରଚନାକାଳ ସମ୍ପର୍କରେ ସପ୍ତଦଶ ଶତାବ୍ଦୀ ପୂର୍ବରୁ ସାରଳା ଦାସ ଓ ବଳରାମ ଦାସଙ୍କ ମଧ୍ୟବର୍ତ୍ତୀ, ସାରଳା ଦାସଙ୍କ ପୂର୍ବର ରଚନା, ଗଙ୍ଗବଂଶ

ରାଜତ୍ୱ କାଳର ରଚନା ସାରଳାଙ୍କ ପୂର୍ବବର୍ତ୍ତୀ ରଚନା ବୋଲି ସମାଲୋଚକମାନେ ଯଥାକ୍ରମେ ଆର୍ତ୍ତବଲ୍ଲଭ ମହାନ୍ତି, କରୁଣାକର କର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ଜାନକୀବଲ୍ଲଭ ମହାନ୍ତି ଓ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଅଛନ୍ତି। କିନ୍ତୁ ପରେ କେଦାନାଥ ମହାପାତ୍ର କେତେକ ଐତିହାସିକ ତଥ୍ୟ ଯଥା- ବ୍ୟକ୍ତିବିଶେଷ ଉଦୟନ ଆଚାର୍ଯ୍ୟ, ଗୋରଖନାଥ, ଗ୍ରନ୍ଥ ଯଥା- ଝୁମର, ଭାବ ବିଭାବରି, କୌତୁକ ଚିନ୍ତାମଣି, ପ୍ରାକୃତ ପିଙ୍ଗଳ ଏବଂ ମୁଗଲ ଶବ୍ଦର ବ୍ୟବହାରକୁ ନେଇ ୧୫୦୯-୧୬୨୬ ମଧ୍ୟରେ 'ରୁଦ୍ରସୁଧାନିଧି' ଗ୍ରନ୍ଥର ରଚନାକାଳ ସ୍ଥିର କରିଛନ୍ତି। (ନବରବି-୧୯୭୩ ମସିହା ଏପ୍ରିଲ ସଂଖ୍ୟା)। ଡକ୍ଟର କୃଷ୍ଣଚରଣ ସାହୁ 'କୀର୍ତ୍ତନ' ଶବ୍ଦ ଆଧାରରେ ଏହାର ରଚନାକାଳ ଖ୍ରୀ. ୧୫୧୬ ପରେ ଏବଂ ଖ୍ରୀ.୧୫୨୬ ପୂର୍ବରୁ ବୋଲି ଉଲ୍ଲେଖ କରିଅଛନ୍ତି। ଏହି ଗ୍ରନ୍ଥର ପାଠାଲୋଚନା ନିମିତ୍ତ ରଚନାକାଳ, ପୃଷ୍ଠଭୂମି, ଧର୍ମ ପରମ୍ପରା, ରଚନାଶୈଳୀ, ପ୍ରଭୃତି ବିଚାର କରାଯାଇଥାଏ। ଏଥି ନିମିତ୍ତ ଗଭୀର ଅଧ୍ୟୟନ, ଶୁଦ୍ଧ ପାଠ ନିର୍ଣ୍ଣୟ ଏବଂ ଭାଷାର ଦକ୍ଷତା ଅପରିହାର୍ଯ୍ୟ। ଲେଖକଙ୍କ ଦୃଷ୍ଟିକୋଣକୁ ମଧ୍ୟ ବିଚାର କରାଯାଇପାରେ। କେବଳ ବିଷୟବସ୍ତୁର ସଂଯୋଜନା ନୁହେଁ, ଚରିତ୍ର ଚିତ୍ରଣ କଲାବେଳେ ଲେଖକ ଧର୍ମକୁ ମୂଳସୂତ୍ର ରୂପେ ଗ୍ରହଣ କରିଥାନ୍ତି। ସେଥିପ୍ରତି ଦୃଷ୍ଟି ଦେବାକୁ ହୁଏ। ଏସବୁ ପୋଥି ସମ୍ପାଦନା ଏବଂ ପାଠାଲୋଚନା ସମ୍ପର୍କରେ ସାମାନ୍ୟ ସୂଚନା ମାତ୍ର।

**ସମ୍ପାଦନା ନିମିତ୍ତ ଗଭୀର ଅଧ୍ୟୟନ, ଶୁଦ୍ଧ ପାଠ ନିର୍ଣ୍ଣୟ ଏବଂ ଭାଷାର ଦକ୍ଷତା ଅପରିହାର୍ଯ୍ୟ।**

□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

---

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।



ରମ୍ୟରଚନା

# ଚିଟଫଣ୍ଡିଆ ସାହିତ୍ୟ

ଡା. ଅଭୟ ଦାଶ

ଅଭୟ ଦାଶ ଆଜି ସାହିତ୍ୟକୁ ଯେଉଁ ଗଳିରେ ଠିଆ ହୋଇଥିବା ଦେଖୁଛି, କାହିଁକି ଏ ବିଷୟରେ ଟିକିଏ ଅଧିକ କାମ କରିବାକୁ ମନ ଦେଇଛି। ଏ କଥା କେମିତି କାହା କାନରେ ପଡିଗଲା କେଜାଣି, ଘେରିଗଲେଣି ପତ୍ରକାରେ। ବାଟ ଚଲାଇ ଦେଉନାହାନ୍ତି। ସବୁ କଥା କ'ଣ ସମସ୍ତଙ୍କୁ କହିହୁଏ? କହିବ ନାହିଁ ଯିବ କୁଆଡ଼େ? ସିଏ କ'ଣ ଛାଡି ଦେବେ? ଜିରାରୁ ଶିରା କାଢିବା କାମ ତାଙ୍କୁ ଜଣା, ଏକଥା କ'ଣ ତୁମକୁ ଅଜଣା? ଭଲେଣ୍ଟିୟରମାନଙ୍କୁ ସାବଧାନ କରାଇ ଦେଉଥିଲେ ସ୍ୱାମୀ ଅଭୟାନନ୍ଦ। ବେଶିଗୁଡାଏ ମଦ ହ୍ୱିସ୍କିରେ ମନ ଦେବନି। ଯାହା କହିବ ଆମ ଟୁଙ୍ଗିରେ ବ୍ୟବସ୍ଥା କରାଇଦେବି। ସାବଧାନ ହୋଇ ଆଗକୁ ବଢିବ। ଆମର କହିବା କଥା ସାହିତ୍ୟ, ବିଶେଷତଃ ଆମ ଓଡିଆ ସାହିତ୍ୟ ଯେଉଁ ଛକ ଉପରେ ଠିଆ ହୋଇଛି, ଲେଖକ କହନ୍ତି, ପାଠକ ନାହାନ୍ତି। ପାଠକ କହନ୍ତି ଲେଖକ କାହାନ୍ତି? କେହି କାହାକୁ ଦେଖିପାରୁ ନାହାନ୍ତି, କି ଦେଖା କରୁନାହାନ୍ତି? ବିଚାରକୁ ନିଆଯାଇପାରେ! ସାହିତ୍ୟ ପ୍ରକାର ଭେଦରେ ନିଇତି ରଙ୍ଗ ବଦଳାଇ ଚାଲିଛି। ସେ ପୁରୁଣା ଯୁଗଧର୍ମୀ ସାହିତ୍ୟକୁ ଆମେ ଯେବେ ପଛରେ ଛାଡି ଆସିଛୁ ସେତିକି ବେଳକୁ କମ୍ପ୍ୟୁଟରର ପ୍ରବେଶ। ଆପଣ ଜାଣୁଥିବେ ଏଇଟା ହର୍ସ୍ୱ ଉ ହେବାକଥା ସେ ଆପଣଙ୍କ ହାତରେ ଦୀର୍ଘ ଊ ଲେଖେଇ ଛାଡିବ। ସେମିତି ଆମରତ କେତେ ସ ଶ ଷ, ଇ ଈ, ଉ ଊ ଅଛି, ସିଏ କାହିଁ ଆମ କଥା ଶୁଣିବ? ସେଇଠି ବିପ୍ଳବୀ ସାହିତ୍ୟ, ପଲ୍ଲୀ ସାହିତ୍ୟ, ମାଓ ସାହିତ୍ୟ, ଦଳିତ ସାହିତ୍ୟ, ଜାତୀୟତାବାଦୀ ସାହିତ୍ୟ, ଶିଶୁ ସାହିତ୍ୟ, ମହିଳା ସାହିତ୍ୟ, ପୁଣି ସହରୀ ଗ୍ରାମୀଣ ସମସ୍ତଙ୍କର ଗୋଷ୍ଠୀ ଅଲଗା। ସାହିତ୍ୟରେ ଏତେ ବିଭାଜନ ଦେଖି ଆମ ଟିମ୍ ଚିନ୍ତା କଲେ. ଟିକିଏ ଗଭୀରକୁ ଯିବାକୁ ହେବ। ଯା' ଭିତରେ ସୁନାଖଣି ଅଛି। ଦେଖିବାକୁ ହେବ କ'ଣ ମିଳୁଛି। ଆମ ସାହିତ୍ୟର ଭବିଷ୍ୟତ ପାଇଁ ଏତେ ଲୋକ କ'ଣ ସତରେ ଚିନ୍ତିତ?



### ଈଶ୍ୱର ଆଶ୍ରିତ ସାହିତ୍ୟ

ଆମ ସାହିତ୍ୟ କ'ଣ ସତରେ ଏମିତି ଫୁଲଫଳ ଭରା ସତେଜ ଗଛଟିଏ ପରି ଥିଲା? କେତେ ଲେଖକଙ୍କର ଲେଖନୀଚାଳନା ସହ ସମସ୍ତେ ପ୍ରାୟ ଈଶ୍ୱର ଆଶ୍ରିତ ଥିଲେ। ଓଡ଼ିଶା ବାହାରକୁ ନ ଯାଇ ଯେତିକି ଜାଣିବାକୁ ପାଇଛୁ ଭଞ୍ଜଙ୍କର ରଘୁବୀର ରାମଚନ୍ଦ୍ର, କବିସୂର୍ଯ୍ୟଙ୍କ ଅଜାଙ୍କ ଠାକୁରାଣୀ ମା' ଭଗବତୀ, ଦୀନକୃଷ୍ଣଙ୍କ ଗୋପୀନାଥ, ଯଦୁମଣିଙ୍କ ହୟଗ୍ରିବ, ସିଦ୍ଧେଶ୍ୱର ପରିଡାଙ୍କ ଝଙ୍କଡ଼ବାସିନୀ ମା' ସାରଳା, ଯିଏ ତାଙ୍କୁ ପରିଚିତ କରାଇଦେଲେ ସାରଳା ଦାସ ନାଆଁରେ, ଜଗନ୍ନାଥ, ବଳରାମ ଆଦି ପଞ୍ଚସଖାଙ୍କ ଜଗନ୍ନାଥ ମହାପ୍ରଭୁ, ଭକ୍ତ ସାଲବେଗର ଜଗନ୍ନାଥ, ଜୟଦେବଙ୍କ କାଳିଆ ଠାକୁର, ଆମ ଦେଖିବାରେ ଆମ ଜଗତ୍‌ସିଂହପୁର ବାଇଶିମୌଜାର ବୈଷ୍ଣବ କବି ଭ୍ରମରବର ରାୟ ଓ ପଣ୍ଡିତ ଗଣେଶ ମିଶ୍ରଙ୍କ ଆରାଧ୍ୟ ମା' ସିଦ୍ଧ ନାରାୟଣୀଙ୍କ ଆଶୀର୍ବାଦ ସମ୍ବନ୍ଧୀୟ ନାନା ଚର୍ଚ୍ଚା ଶୁଣିବାକୁ ମିଳେ। ସଂସ୍କୃତ, ଦେବନାଗରୀ ଭାଷାର କାଳିଦାସଙ୍କ ସରସ୍ୱତୀ, ତୁଳସୀଦାସଙ୍କ ଶ୍ରୀରାମ, ସୁରଦାସ, ମୀରାବାଈଙ୍କ ଗିରିଧର ନାଗର ଶ୍ରୀକୃଷ୍ଣଙ୍କ କୃପା ବିଷୟରେ ଅନେକ କିମ୍ବଦନ୍ତୀ ଥିବା ଜାଣିଛୁ। ଖାଲି ପୋଥି ଲେଖନରେ ବାନ୍ଧି ଦେଲେ କ'ଣ ହେବ? ବିକ୍ରମାଦିତ୍ୟ ମହାରାଜାଙ୍କଠାରୁ ଆରମ୍ଭ କରି ଆମ

ରାଜ୍ୟର ବାମଣ୍ଡାଧିଶ ସାର୍ ବାସୁଦେବ ସୁଢଳ ଦେବ, ଆଠଗଡରାଜା ଅଷ୍ଟଦୁର୍ଗ ନାଥ, ମୟୂରଭଞ୍ଜ ମହାରାଜା, ଦଶପଲ୍ଲା ମହାରାଜା, ଆମ ଭଞ୍ଜେ ତ ନିଜେ ମହାରାଜ ଆଦିଙ୍କ ପୃଷ୍ଟପୋଷକତା ନ ଥିଲେ ତାଙ୍କ ସାହିତ୍ୟ ଲୋକଲୋଚନକୁ ଆସି ନ ଥାନ୍ତା। ଖ୍ରୀଷ୍ଟୀୟାନ ଧର୍ମ ପ୍ରଚାରକମାନେ ଛାପାଖାନା ଆଣିଲେ, ଆମ ରାଜାମାନେ ମଧ୍ୟ ପଛରେ ନ ଥିଲେ। ଲେଟର ପ୍ରେସ୍‌ରୁ କମ୍ପ୍ୟୁଟର ଯାଏ ଆସିଗଲୁ। ଛପେଇ ସହଜ ହୋଇଗଲା ଯେ, କାହାରି ଭୁଲ୍ ବାହାର କରିବା ପାପ। ସବ୍ ଚଲତା ହୈ ଆଟିଚ୍ୟୁଡ। ସବୁ ଠିକ୍, ଗାଇ ହେଉ କି ଗାଈ, ନଈ ହେଉ କି ନଈ ଦେଖିଲେ, କମ୍ପ୍ୟୁଟର କେମିତି ଜବରଦସ୍ତ କି ଟାକୁ କୀ ଲେଖେଇନେଲା !

ରାଜା ମହାରାଜା ଗଲେ, ସରକାର ଆସିଲେ। ସରକାରୀ ଅନୁଦାନ ଦି'ପଇସା ଆଶାରେ ଗଢି ଉଠିଲା ସଂଗଠନ, ସଂସ୍ଥା, ସମାଜ ଆଦି। ଏକାଡେମୀ ସୃଷ୍ଟି ହେଲା ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ। ପ୍ରୋତ୍ସାହନ କ'ଣ ? ଗୋଟାଏ ଅମଲାତନ୍ତ୍ରୀ ମିଜାଜ ରାଜତ୍ୱ କଲା। ପୁରସ୍କାର ଘୋଷଣାରେ କ'ଣ କେମିତି ହୁଏ, ଆମର ସେଯାଏ ଗତାଗତ ନାହିଁ। ଯାହା ଶୁଣିଛୁ। ସେଇମାନେ କହନ୍ତି, ଯିଏ ନ ପାଇଲେ। ଯାହାଙ୍କୁ ପୁରସ୍କାରଟାଏ ମିଳିଗଲା ସେଇ, 'ସ୍ୱର୍ଗରେ ଇନ୍ଦ୍ର ମର୍ତ୍ତ୍ୟେ ନରେନ୍ଦ୍ର' ଚିନ୍ତାଧାରା। ଏଗୁଡା କିଛି ଜାଣନ୍ତି ନାହିଁ! ସାହିତ୍ୟ ଏକାଡେମୀମାନଙ୍କୁ ରିକେଟ୍ ବେମାରି ହୋଇ, ହାଡ଼ କମଜୋର ହୋଇଗଲା। ଆଉ ଉଠିବା କଷ୍ଟ। 'ଚିଆଁଇ ଶୋଇଲେ କିଏ ଉଠାଇବ, ଭୁଲିଲ କି ସବୁ ଅନ୍ତର ଜାଣ ?' ରାଜାଙ୍କ ପରେ ଅନେକ ବଡ ବ୍ୟବସାୟୀ ସଂସ୍ଥା ଯଥା ବିର୍ଲା, ଶ୍ରୀରାମ, ଗୋଏଙ୍କା ଆଦି ନିଜର ସମ୍ବାଦପତ୍ର ସଂସ୍ଥା ଆନୁକୂଲ୍ୟରେ ରାଷ୍ଟ୍ରୀୟ ସ୍ତରରେ ବହୁତ କିଛି କରିଛନ୍ତି। ବଡ ବଡ ପୁରସ୍କାର ଯଥା ଜ୍ଞାନପୀଠ ସମ୍ମାନ, ସରସ୍ୱତୀ ସମ୍ମାନ ଆଦିର ପୃଷ୍ଟପୋଷକତା କରି ଚାଲିଛନ୍ତି !

**ସାହିତ୍ୟ ଏକାଡେମୀମାନଙ୍କୁ ରିକେଟ୍ ବେମାରି ହୋଇ, ହାଡ଼ କମଜୋର ହୋଇଗଲା। ଆଉ ଉଠିବା କଷ୍ଟ।**

**ଭଲ ବେପାର**

ଏ ବ୍ୟବସାୟୀ ହସ୍ତକ୍ଷେପ ଦେଖି, ଆମ ଓଡ଼ିଶାରେ ଗୋଟାଏ ଗୋଷ୍ଠୀ ଭାବିନେଲେ, ଯା ଭିତରେ ଭଲ ବେପାର ହେବା ସମ୍ଭାବନା ଅଛି। ସେମାନେ ଲୋକଙ୍କୁ ସ୍ୱପ୍ନ ବିକି 'ଆଜି ହଜାର ଟଙ୍କା ଦେଲେ ଦୁଇ ବର୍ଷରେ ଡବଲ'ର ଭେଳିକି ଲଗାଇ ଦେଲେ। କେତେ ଗରିବ ଗୁରୁବା, ମାଆର ନୋଥ, ଭାରିଜାର ବଟଫଳ ବିକି ଟଙ୍କା ଆକାରରେ ଜମା କରିଦେଲେ। ଚାହିଁଛନ୍ତି ଟଙ୍କା ଫଳିବ। ଏଇ ଚିଟ୍‌ଫଣ୍ଡ ବାବୁମାନେ ନିଜର ଗୋଟାଏ ସ୍ୱତନ୍ତ୍ର, ସୁଗାରକୋଟେଡ୍ ପରିଚୟ ପାଇବା ପାଇଁ ସାହିତ୍ୟ ଖଳାରେ ପାଦ ରଖିଲେ। ସାହିତ୍ୟ ଯେପରି ମାଡିଯିବ ଚିଟ୍‌ଫଣ୍ଡ ଟଙ୍କା ଭଳି ସେହିପରି ଏକ ଭାବନା ପ୍ରୟୋଗ କରାଗଲା। ଏ ବ୍ୟବସାୟରେ ସମାଜସେବା ହେଉଛି ମୂଳମନ୍ତ୍ର। ନିଜକୁ ବଦାନ୍ୟ (ଫିଲାନ୍ଥ୍ରୋଫିଷ୍ଟ୍) ରୂପେ ପ୍ରତିଫଳିତ କରିବାର ପ୍ରୟାସ ମାତ୍ର। ଉପୁରି ପଇସାର ତ ଅଭାବ ନାହିଁ! ବଡ ହୋଟେଲ, ବଡ ଷ୍ଟେଜ୍ ବଡ ସାହିତ୍ୟିକ ସାଙ୍ଗକୁ ରାଜ୍ୟର ସର୍ବୋଚ୍ଚ ନେତାଙ୍କୁ ସସମ୍ମାନେ ଆମନ୍ତ୍ରଣ କରାଗଲା। ପ୍ରଚାର ମାଧ୍ୟମ ଚଳଚଞ୍ଚଳ ହୋଇ ଉଠିଲେ। ରେଡିଓ ଟିଭି ଖବରକାଗଜ ସବୁଠିଁ ଫଟୋ, ବଡ ବଡ ପ୍ରାଚୀରପତ୍ର, ଖାଲି ଭୁବନେଶ୍ୱର ଉଠିଲା ପଡିଲା। ପତ୍ରିକା ବାହାରିବ, ବିଶ୍ୱସ୍ତରୀୟ ପତ୍ରିକା, ସେଠି କ'ଣ, ଏ ଅଭୟ ଦାଶ ଭଳିଆ ଲେଖକ ସାଜିବ ? ମନୋଜ ଦାସ କାଟର ଲେଖକ ସାହିତ୍ୟିକ ଗବେଷକ ଦାର୍ଶନିକଙ୍କୁ ଆଣି ଠିଆ କରି ଦେଲେ ଜମିଗଲା ଜାଣ। ସାରେ ତ ଅଛନ୍ତି, ସାହିତ୍ୟ ଏଥର ଲଟେଇଲା ଜାଣ। କ'ଣ ହେଲା ? ବାବୁ ଜେଲଗଲେ। ସାର୍‌ଙ୍କ ଘରେ ସିବିଆଇ। ଏତେବଡ ଋଷିପ୍ରତିମ ବ୍ୟକ୍ତିଙ୍କୁ 'ଗୁରୁଚାଣ୍ଡାଳି ଦଶା' ଲାଗିଗଲା ଜାଣନ୍ତୁ। ଏ ଚିଟ୍‌ଫଣ୍ଡିଆ ସାହିତ୍ୟରୁ ପିଛା ଛଡାଇବାକୁ, କେତେଯେ ସଫେଇ ଦେବାକୁ ହୋଇଛି ସେକଥା ସାରେ ଜାଣନ୍ତି। କେତେ ବାଧିଥିବ ଆତ୍ମାକୁ ସାର୍‌ଙ୍କର। ଚାଲିଗଲେ ନାହିଁ ଯେ, ରକ୍ଷା ପାଇଗଲେ! ତାଙ୍କ ପରେ ଚିଟ୍‌ଫଣ୍ଡିଆ ସାହିତ୍ୟରେ କେହି ହାତ ଦେଇ ଥିବା ଆମ ଦୃଷ୍ଟିଗୋଚର ହୋଇନାହିଁ, କହନ୍ତି ସ୍ୱାମୀ ଅଭୟାନନ୍ଦ। ସାହିତ୍ୟ ? ଚାଲିଛି ! ଆମେ କାହିଁକି କହିବା ?

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com



ଅନୁବାଦ

# ଯଥାସ୍ଥିତି



ମୂଳହିନ୍ଦୀ : ଅଂଜନୀ ଚୌହାନ ଅନୁବାଦ: ଡ. କନକ ମଞ୍ଜରୀ ପଟ୍ଟନାୟକ

ଜନୈକ ମୋଟାସୋଟା ମହିଳାଦୃଶା ଯୁବତୀ ଅଥବା ଯୁବତୀଦୃଶା ମହିଳା ସହ ଗତକାଲି ପ୍ରକାଶ ଛକ ଉପରେ ମୋର ଭେଟ ହେଲା। ସେଓମିଶ୍ରିତ ଗଣ୍ଡଦେଶ, ଚର୍ବିମିଶ୍ରିତ ଶରୀର, ଆକର୍ଷଣ ମିଶ୍ରିତ ଲୋଚ଼ନ ମୋ ଉପରେ ହର୍ଷମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କଲା ଏବଂ ଅଭ୍ୟାସବଶତଃ ମୋ ମୁହଁରୁ ଏକ ଚଲୁ ଡାଏଲଗ୍ ଉତୁରି ଆସିଲା- 'ଆପଣଙ୍କ ଶୁଭ ନାମ ?'

'ଆପଣଙ୍କର କ'ଣ ଦରକାର ?' ସେ ବାୟୁମଣ୍ଡଳକୁ ପ୍ରଶ୍ନ ଫିଙ୍ଗି, ସେଇ ଦିଗକୁ ଦୃଷ୍ଟି ଘୂରାଇଲା, ଯେଉଁଠି ଜନୈକ ପ୍ରଫେସର ଜଣେ ବିଦ୍ୟାର୍ଥୀ ସହ ବିଶ୍ୱବିଦ୍ୟାଳୟୀୟ ସ୍ୱରରେ ବାର୍ତ୍ତାଳାପ କରୁଥିଲେ, 'ଇଏସ୍ ମିଷ୍ଟର ପାଣ୍ଡେ, ଯୋଗ୍ୟତା ଅନୁସାରେ ତୁମକୁ ପିଏଚ୍.ଡି ଚାନ୍ସ ମିଳିବା ଉଚିତ। ଡୋଣ୍ଟ ୱରୀ। ମୁଁ ତୁମର ଫେଲୋସିଫ୍ ପାଇଁ ଚେଷ୍ଟା କରିବି।'



ମୁଁ ଭାବିଲି, ଏ ଭଦ୍ରବ୍ୟକ୍ତି ଉକ୍ତ ମହିଳାଙ୍କର ପୂଜ୍ୟପିତା ଅଟନ୍ତି। ଅତଃ ମହିଳାଙ୍କ ଉଦ୍ଦେଶ୍ୟରେ କହିଲି, 'ଭଉଣୀ, ଯଦି ଆପଣ ନାମ କହିବାକୁ ଅନିଚ୍ଛୁକ, ତେବେ କୃପା କରି ଏତିକି କହି ଦିଅନ୍ତୁ କି ଆପଣ କେଉଁ ଘୋରଣାର ଅଟା ଇତ୍ୟାଦି ଖାଆନ୍ତି ? ଆପଣଙ୍କର ଏ ଯୌବନର ରହସ୍ୟ କ'ଣ ? ଦେଖୁଛି, ଆପଣଙ୍କ ପୂଜ୍ୟ ପିତୃଦେବଙ୍କ ମୁଖମଣ୍ଡଳରେ ଭୟଙ୍କର ଭାବେ ଈଶ୍ୱରଙ୍କ କୃପା ବିଦ୍ୟମାନ, ଅଥଚ ଆପଣ........।'

ସେ କହିଲେ, 'ମୂର୍ଖ, ସେ ମୋ ପିତା ନୁହନ୍ତି। ମୁଁ ତାଙ୍କର ପିତା। ରାଜନୀତି ଘୋରଣାର ଅଟା ଖାଏ ଏବଂ ମୋର ନାମ ହେଉଛି ଯଥାସ୍ଥିତି।'

ଏତିକି ଭିତରେ ଉକ୍ତ ପ୍ରଫେସର, ସେଇ ବିଦ୍ୟାର୍ଥୀ ସହ ବାର୍ତ୍ତାଳାପ ସାରି, ସିଧା ଯଥାସ୍ଥିତି ପାଖକୁ ଆସି କହିଲେ, 'କି କି ପ୍ରକାରର ମହାମୂର୍ଖମାନେ ମିଳିଯାଆନ୍ତି ? ଫେଲୋସିପ୍ ତା'ର ବାପା ଦେବ ? ହୁଁ!'

ପ୍ରଫେସର ଜଣକ ଯଥାସ୍ଥିତିର କଟୀ ଦେଶରେ ଶ୍ରୀହସ୍ତ ବେଢ଼େଇ ଅନ୍ୟ ଦିଗକୁ ଚାଲିଲେ।

ମୁଁ ସେଇଠି ରାସ୍ତା ଉପରେ ଆଚମ୍ଭିତ ହୋଇ ରହିଗଲି। ସାତ-ଆଠ ଦିନ ଯାଏ ଯଥାସ୍ଥିତି ସହ ମୋର ଭେଟ ହୋଇ ନ ଥିଲା। ଦିନକର ପ୍ରଭାତ ଭ୍ରମଣରେ ବାହାରିଥିଲି। ଦେଖିଲି, ଗୋଟେ ପୋଲ ଉପରେ ଯଥାସ୍ଥିତି ବିରାଜମାନ ଅଛନ୍ତି। ମୁଁ ଡେଇଁପଡ଼ି ତାଙ୍କର ଦୁଇ ପାଦକୁ ଧରିନେଇ ନିବେଦନ କଲି- 'ଭଉଣୀ ମହାଶୟା, ମୋ ଭିତରୁ ଉଦ୍‌ଗତ କିଛିଟା ଆଶଙ୍କାକୁ ଦୟା ପୂର୍ବକ ସମାଧାନ କରନ୍ତୁ।'

ସେ କହିଲେ, 'କହ'।

ମୁଁ କହିଲି, 'ଗତ ସତାଇଶ ବର୍ଷ ହେବ ଦେଶରେ ଆପଣଙ୍କର ସେବା ଚାଲିଛି। ଅତ୍ୟନ୍ତ ବିଳମ୍ବରେ ଆପଣଙ୍କର ଦର୍ଶନର ସୌଭାଗ୍ୟ ମତେ ପ୍ରାପ୍ତ ହେଲା।'

ସେ କହିଲେ, 'ଚାଟୁକଥା କହ ନାହିଁ। ଯାହା ପଚାରିବାର ଅଛି ସ୍ପଷ୍ଟ ରୂପେ ପଚାର।'

ନିବେଦନ କଲି, 'ଆପଣଙ୍କ ନିବାସ ? ଅଫିସ ? ଫୋନ୍ ନମ୍ବର ?'

ଉତ୍ତର ମିଳିଲା- 'ଦେଶର ପ୍ରତ୍ୟେକ ଗୃହ ମୋର ନିବାସ। ଦେଶର ସମସ୍ତ ସରକାରୀ କାର୍ଯ୍ୟାଳୟ ମୋର ଅଫିସ। ଏବଂ

ସେ ସବୁର ଫୋନ ନଂ. ମୋର ଫୋନ ନମ୍ବର।'

ମୁଁ କହିଲି, 'ଦେବୀ, ମୁଁ ଲେଖାଲେଖି କରି ଏତେ ଗୁଡ଼େ ବର୍ଷ ହୋଇଗଲାଣି। ଦୀର୍ଘ ଦିନ ଧରି ମସୀଜୀବୀ ଭାବେ ରହିଲି। କେବେ ବନସ୍ପତିଜୀବୀ ହୋଇ ପାରିବି ? କେବେ ମୋର ଉଦ୍ଧାର ହେବ ?'

ସେ କହିଲେ, 'ଅଙ୍ଗଦର ପାଦ ଦେଖିଛ ?'

ମୋ ଉତ୍ତର ଥିଲା, 'ନାହିଁ, ଅଙ୍ଗଦ ତ ରାମଚନ୍ଦ୍ରଙ୍କ ସମୟରେ ଜନ୍ମ ହୋଇଥିଲେ ନା ?'

ସେ କହିଲେ, 'ମୁଁ ସେ ଯୁଗର ଅଙ୍ଗଦଙ୍କ କଥା କହୁନାହିଁ। ଆଜିକାଲି 'ସ୍ୱାର୍ଥ' ଅଙ୍ଗଦଙ୍କ ପଦ ନେଇସାରିଛି। ତା'ର ଲକ୍ଷ-ଲକ୍ଷ, କୋଟି-କୋଟି ପାଦ। ସେ ଯତ୍ର ତତ୍ର ସର୍ବତ୍ର ଅହ୍ୟ ସୁଲକ୍ଷଣୀ ଶୈଳୀରେ ସର୍ବଦା ଚତୁର୍ଦ୍ଦିଗ ବିଦ୍ୟମାନ ଅଛି। ଅଙ୍ଗଦଙ୍କ ପାଦରେ ତେଲ ମାଲିସ କର। ମନୋକାମନା ପୂର୍ଣ୍ଣ ହେବ।'

**'ତୁମେ ଭାଗ୍ୟବାନ, ବଂଚିଗଲ। ଏବେ ଯାଏ ଲକ୍ଷ ଲକ୍ଷ ଲୋକ ମୋର କାର୍ ତଳେ ଚାପି ହୋଇ ଶେଷ ହୋଇଛନ୍ତି।'**

ଏତିକିବେଳେ କେଉଁଠୁ କେଜାଣି ଜନୈକ ବୟସ୍କ ସାହିତ୍ୟିକ ସେଠି ଆସି ପହଁଚିଲେ। ସେ ରାଜ୍ୟସଭା ନିମନ୍ତେ ଯତ୍ନଶୀଳ ପ୍ରଗତିଶୀଳ ଥିଲେ। ସେ ଯଥାସ୍ଥିତିକୁ କହିଲେ, 'ଡାର୍ଲିଙ୍ଗ, ତୁମେ ଏହି ଲେଖକ ନିକଟରେ କ'ଣ କରୁଛ ? ଚାଲ, ଉଠ, ଏଠୁ ଚାଲ।'

ସେ ମଧ୍ୟ ଯଥାସ୍ଥିତିର କଟୀଦେଶକୁ ଆଲିଙ୍ଗନ ମୁଦ୍ରାରେ ଧରି ଆଗକୁ ବଢ଼ିଲେ।

ପୁନଃ ପ୍ରାୟ ଏକମାସ ପର୍ଯ୍ୟନ୍ତ ଯଥାସ୍ଥିତିର ଦର୍ଶନ ମିଳି ନ ଥିଲା। ଦିନକର ବଜାର ଭିତରେ ମୁଁ ଏକ ଚଳନ୍ତା ମୋଟର କାର୍ ତଳକୁ ଆସୁ ଆସୁ ବଂଚିଗଲି। ଗାଡ଼ି ଅଟକିବାରୁ, ସେଥିରୁ ଓହ୍ଲାଉଥିବା ମହିଳାଙ୍କୁ ମୁଁ ଚିହ୍ନି ନେଲି। ସେ ଯଥାସ୍ଥିତି ଥିଲେ। କହିଲେ, 'ତୁମେ ଭାଗ୍ୟବାନ, ବଂଚିଗଲ। ଏବେ ଯାଏ ଲକ୍ଷ ଲକ୍ଷ ଲୋକ ମୋର କାର୍ ତଳେ ଚାପି ହୋଇ ଶେଷ ହୋଇଛନ୍ତି।'

ମୁଁ କହିଲି, 'ଆପଣଙ୍କର ଦୟା ଅପାର। ଗୋଟେ କଥା ଜାଣିବାକୁ ଚାହୁଁଛି। ଅଙ୍ଗଦର କେଉଁ ପାଦରେ ତେଲ ମାଲିସ୍ କରିବି ? ଅଙ୍ଗଦଙ୍କୁ ଚିହ୍ନିବି କେମିତି ?'

ସେ କହିଲେ, 'ଦେଖୁଛି, ତୁମେ ଗୋଟେ ନିହାତି ବାଜେ ଲୋକ, ସେଦିନ ପୋଲ ନିକଟରେ ଯେଉଁ ବୟୋବୃଦ୍ଧ ବ୍ୟକ୍ତିଙ୍କ ସହ ଦେଖା ହୋଇଥିଲା, ସେ ସାହିତ୍ୟ ଜଗତର ମାନ୍ୟତାପ୍ରାପ୍ତ ଅଙ୍ଗଦ। ତୁମେ ତାଙ୍କ ପାଦକୁ ମାଲିସ୍ କରିବା ଥିଲା। ସେ ପ୍ରତିଷ୍ଠିତ। ତୁମକୁ ବି ପ୍ରତିଷ୍ଠା ଦେଇ ପାରିଥା'ନ୍ତେ।'

ମୁଁ ଅନୁତାପ କଲି । ସଂପୂର୍ଣ୍ଣ ଭାବେ ପଶ୍ଚାତ୍ତାପ କରିଛି କି ନାହିଁ, ଗୋଟେ କାର୍ ଆସି ସେଠି ଅଟକିଲା। ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ଯଥାସ୍ଥିତି ସମ୍ମୁଖରେ ହାତଯୋଡ଼ି ଛିଡ଼ାହେଲା । କହିଲା, 'ମହାରାଣୀ, ଆପଣ ଏଠି ବ୍ୟସ୍ତ ଅଛନ୍ତି। ସେପଟେ ଆପଣଙ୍କ ପ୍ରତୀକ୍ଷାରେ ବାତାନୁକୂଳିତ କମରାରେ ମାନନୀୟ ମନ୍ତ୍ରୀ ମହୋଦୟ ଝାଳନାଳ ହୋଇ ଗଲେଣି।'

ସେ କହିଲେ, 'ଠିକ୍ ଅଛି। ଚାଲ, ମୋ କଟୀ ଦେଶରେ ହାତରଖି ଗାଡ଼ିରେ ନେଇ ବସାଅ।'

ମୁଁ ଦେଖିଲି, ଡ୍ରାଇଭର ଯଥାସ୍ଥିତିର ଆଜ୍ଞା ପାଳନ ପୂର୍ବକ ତାଙ୍କୁ ନେଇ ଗାଡ଼ିରେ ବସାଇଲା। ଗାଡ଼ି ସର୍‌ର୍ କରି ଆଗକୁ ଗଡ଼ିଲା।

ଦଶ- ବାର ଦିନ ପରେ ଯଥାସ୍ଥିତି ସହ ମୋର ଭେଟ ଏକ ହସ୍‌ପିଟାଲ ପରିସରରେ ହେଲା। ମଉଳା ରୂପ, ମୁଖ ମଣ୍ଡଳ ଚାପଗ୍ରସ୍ତ।

ମୁଁ ପଚାରିଲି, 'ଦେବୀ, ଆପଣ ଏଇଠି ?'

ସେ ଉତ୍ତର ରଖିଲେ, 'ହଁ, ନିକଟରେ ସାଧାରଣ ନିର୍ବାଚନ ହେବାକୁ ଅଛି ତ ! କାହାକୁ ବି ଫୁରସତ ନାହିଁ ମୋ କଟୀଦେଶରେ ହାତ ଗୁଡ଼େଇବାକୁ, ଜନତା ଚିତ୍କାର ଛାଡୁଛନ୍ତି.......। 'ଯଥାସ୍ଥିତିକୁ ବଦଳାଅ। ଆମେ କ୍ଷୁଧାରେ ପ୍ରାଣ ହାରୁଛୁ.....।' ନେତା ଆଶ୍ୱାସନା ଦେଇଛନ୍ତି- 'ଆମେ ଯଥାସ୍ଥିତିକୁ ବଦଳାଇ ଦେବୁ, ଅଭାବ ଦୂର କରିବୁ। ସମାଜବାଦ ଆଣିବୁ।' ସତ କହିବାକୁ ଗଲେ, ଅସଲ ରୂପରେ ଅଭାବ ଓ ଦରିଦ୍ରତା ମୋର ଭଉଣୀ ଭଳି ଏବଂ ସମାଜବାଦ ସାବତ ଭାଇ । ନିର୍ବାଚନ ଯାଏ କଥା ତ ! ପରେ ମୁଁ ଯାହା କହିବି ତାହା ହିଁ ହେବ।'

ମୁଁ କହିଲି "ସେଦିନ ଆପଣ ସେ ଛାର ଡ୍ରାଇଭରକୁ ଆପଣଙ୍କର ଏହି ରମଣୀୟ, କମନୀୟ କଟୀ ଦେଶରେ ହାତ ରଖିବାକୁ କାହିଁକି କହିଲେ। ମତେ କହିଥା'ନ୍ତେ, ତ ମୁଁ କ'ଣ

ଏତିକି ତ୍ୟାଗ କରିପାରି ନଥା'ନ୍ତି।' ମୁଁ ଲେଖକୀୟ ଶୈଳୀରେ କହିଲି।

ସେ କହିବା ଆରମ୍ଭ କଲେ, 'ବାସ୍ତବରେ ଉକ୍ତ ଡ୍ରାଇଭର ଏମ୍.ଏ. ଯାଏ ପଢ଼ିଛି। ବିବଶତା ହେତୁ ଡ୍ରାଇଭର କାମ କରୁଛି। ମୋ କଟୀଦେଶକୁ ଯିଏ ବି ଆଲିଙ୍ଗନ କରେ, ସେ ଯଥାସ୍ଥିତିରେ ହିଁ ରହିଯାଏ। ମୁଁ ବେକାର ଯୁବକମାନଙ୍କ ହାତକୁ ଏଥିପାଇଁ ପସନ୍ଦ କରେ। ଏହାଦ୍ୱାରା ସେମାନେ ବେକାର ଓ ରୋଜଗାରହୀନ ହୋଇ ରହିବେ। ନିର୍ବାଚନ ଆସୁଛି। ସୁତରାଂ ମୋ ପେଟରେ ଦରଦ ହେଲାଣି। ଔଷଧ ନେବାକୁ ହସ୍‌ପିଟାଲ ଆସିଛି।'

ମୋର ମନେହେଲା ଶହ ଶହ ଅଙ୍ଗଦଙ୍କ ପାଦ ଏଠି ବିଦ୍ୟମାନ। ତେଲ - ମାଲିସ୍‌ର ଉପଯୁକ୍ତ ସୁଯୋଗ।

ତତ୍‌ପଶ୍ଚାତ ମୁଁ ଦେଖିଲି କେଉଁଠାରୁ କି ହସ୍‌ପିଟାଲର ସିଭିଲ ସର୍ଜନ ଆସି ସେଠାରେ ପହଁଚିଲେ ଏବଂ ଯଥାସ୍ଥିତିର କଟୀ ଦେଶକୁ ଆଲିଙ୍ଗନବଦ୍ଧପୂର୍ବକ ହସ୍‌ପିଟାଲ ଭିତରେ ପ୍ରବେଶ କଲେ।

ତା' ପରଠୁ ଯଥାସ୍ଥିତି ସହ ମୋର ଭେଟ ହୋଇ ନ ଥିଲା। ସାଧାରଣ ନିର୍ବାଚନ ଭଲରେ ଭଲରେ ସଂପନ୍ନ ହେଲା। ବିଜୟୀ ନେତାମାନଙ୍କ ତରଫରୁ ପଞ୍ଚତାରକା ହୋଟେଲରେ ପାର୍ଟିର ଆୟୋଜନ ଥିଲା। ମୁଁ ସେହି ରାସ୍ତା ଦେଇଯାଉଥାଏ। ଦେଖିଲି ଏକ ନୂଆ ଚକ୍ ମକ୍ କାର ହୋଟେଲ ସମ୍ମୁଖରେ ଅଟକିଲା। ଗାଡ଼ି ଭିତରୁ ବହୁମୂଲ୍ୟ ଶାଢ଼ି ପରିହିତା ଜଣେ ମହିଳା ବାହାରିଲେ। ହୋଟେଲ ଭିତରକୁ ପ୍ରବେଶ କଲେ। ମୁଁ ତୁରନ୍ତ ଚିହ୍ନିନେଲି। ସେ ଯଥାସ୍ଥିତି ଥିଲେ।

ହୋଟେଲର ଦରଓ୍ୱାନ୍ ହାତରେ ଦଶଟଙ୍କିଆ ନୋଟ୍‌ଟ୍‌ଏ ଗୁଞ୍ଜି ଦେଇ ମୁଁ ହୋଟେଲ ଭିତରକୁ ପ୍ରବେଶ କଲି। ହଲ୍ ଭିତରେ ଶହ ଶହ ଲୋକ ହାତରେ ମଦ୍ୟ ଚଷକ ଧରି ଟେବୁଲ ଏବଂ ଚେୟାରମାନଙ୍କ ଉପରେ ବିରାଜମାନ ଥିଲେ। ମୁଁ ସେମାନଙ୍କୁ ଚିହ୍ନିବାକୁ ଚେଷ୍ଟା କଲି। ଛକ ଉପରେ ଜନୈକ ବିଦ୍ୟାର୍ଥୀ ସହ ବାର୍ତ୍ତାଳାପ କରୁଥିବା ଉକ୍ତ ପ୍ରଫେସର, ମନ୍ତ୍ରୀ, ସିଭିଲ ସର୍ଜନ, ସାହିତ୍ୟକାର, ପ୍ରଶାସନିକ ଅଧିକାରୀ ଏବଂ ଆହୁରି ଅନେକ ଗଣମାନ୍ୟ ବ୍ୟକ୍ତି। ମୋର ମନେହେଲା ଶହ ଶହ ଅଙ୍ଗଦଙ୍କ ପାଦ ଏଠି ବିଦ୍ୟମାନ। ତେଲ - ମାଲିସ୍‌ର ଉପଯୁକ୍ତ ସୁଯୋଗ।

ଏତିକିବେଳେ ମୁଁ ସଚେତନ ହେଲି, ତେଲ ବୋତଲକୁ ଭୁଲବଶତଃ ଘରେ ଛାଡ଼ି ଆସିଛି।

ଅଚାନକ ବତି ସବୁ ଲିଭିଗଲା ଏବଂ ଡ୍ୟାନ୍‌ସିଂ ଫ୍ଲୋର ଉପରେ ଯଥାସ୍ଥିତିଙ୍କର କ୍ୟାବ୍‌ରେ ଆରମ୍ଭ ହେଲା।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books


ପ୍ରବନ୍ଧ

# ଶିଳାଲେଖର ଭାଷା କଥା



ଡ. ଦେବାଶିଷ ମହାପାତ୍ର

ଭାରତ ଗୋଟିଏ ବହୁଭାଷୀ ଦେଶ। ଏହାର ସମ୍ବିଧାନରେ ୨୨ଟି ଭାଷାକୁ ସ୍ୱୀକୃତି ମିଳିଛି। ସେହିଭଳି ଭାରତରେ ୬ଟି ପ୍ରାଚୀନ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ୨୦୦୪ରେ ପ୍ରଥମ ଶାସ୍ତ୍ରୀୟ ଭାଷା ଭାବେ ତାମିଲ, ୨୦୦୫ରେ ସଂସ୍କୃତ, ୨୦୦୮ରେ କନ୍ନଡ଼ ଓ ତେଲୁଗୁ ଏବଂ ୨୦୧୩ରେ ମାଲୟାଲମ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବାବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା। ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର। ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ମଧ୍ୟପର୍ବରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ଗୁରୁ ସନ୍ଦିପନୀଙ୍କ ଠାରୁ ୬୪ଟି ଭାଷା ଶିକ୍ଷା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି- ଓଡ଼ିଆ ତେଲଙ୍ଗା ଆଉ ନାଗରୀ ଦକ୍ଷିଣୀ/କନାଉଜ ଦ୍ରାବିଡ଼ ଯେ ଆଦି ଭାଷା ଘେନି / ଏହିପରି ଲେଖିଲେ ଯେ ଭାଷା ଚଉଷଠି / ନବଦିନେ ଲେଖିଲେ ଯେ ତାଳପତ୍ର ଚିଠି । ସେହିଭଳି ଲଳିତବିସ୍ତରରେ ବୁଦ୍ଧଦେବ ୬୪ଟି ଲିପି ଜାଣିଥିଲେ ବୋଲି ଉଲ୍ଲେଖ ଅଛି, ଯେଉଁଥିରେ ପ୍ରାଚୀନ ଓଡ଼ିଆ ଉଗ୍ର ବା ଉଡ୍ର ଲିପି ଅନ୍ୟତମ।



**ଶାସ୍ତ୍ରୀୟ ମାନ୍ୟତା**

ଏହିସବୁ ପ୍ରାଚୀନତା ଆଧାରରେ ଆମ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା। ତାମ୍ରପତ୍ର, ସନନ୍ଦ, ପାହାଡ଼ ଗୁମ୍ଫା, ମନ୍ଦିର କାନ୍ଥ, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ ଦେଖିଲେ ଆମେ ଯେ ଏତେ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ। ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉରଜାମ ଶିଳାଲେଖ, ଶ୍ରୀଜଙ୍ଗ ଶିଳାଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ। ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାରସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀବିଚିତ୍ର ଭାନୁଦେବ, ଶୁଭକର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେସବୁର ପାଠୋଦ୍ଧାର ହୋଇଛି ସତରେ ଖୁବ୍ ଉତ୍ସାହପ୍ରଦ। ଏକାଦଶ ଶତାବ୍ଦୀର ଗଣ୍ଡିବେଡ଼ ଅଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟଖେଡ଼ିଙ୍କ ଗାମ ସନନ୍ଦ, ୧୦୨୩ ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନକାଳୀନ ଅଭିଲେଖ ଆମକୁ ଅନେକ କଥା କହେ। ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନମୋହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର, ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଳେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି।

ଆମ ଅଭିଲେଖରେ ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ। ପ୍ରତ୍ନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରିଆସିଛି। ଅଭିଲେଖର ଭାଷାକୁ

ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ। ପୋଥି, ପଥର, ପ୍ରତ୍ନତତ୍ତ୍ୱରେ ସାଇତା ସମ୍ପଦ, ଆମ ଓଡ଼ିଆ ଭାଷା। ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା, ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣଖୋଦିତ ହୋଇରହିଛି। ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ। ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମାନ୍ୱୟରେ କ୍ରମବିକଶିତ ହୋଇଛି ତାହା ବାସ୍ତବିକ୍ ଅବର୍ଣ୍ଣନୀୟ।

**ଭାଷାର ପ୍ରବାହ**

ଅନେକ ଶିଳାଲେଖ, ଆମ ଲିପି ଓ ଭାଷାର ଅନ୍ୟ ସ୍ୱାକ୍ଷର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ଖ୍ରୀଷ୍ଟାବ୍ଦ ୧୦୫୧ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀ ଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ର ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬ ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବ ବର୍ମାଙ୍କ ଗାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶ୍ୱର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ – 'ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ।' ଏସବୁରେ ରହିଛି ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ।

ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ। ଖାଲି ସେତିକି ନୁହେଁ, ଓଡ଼ିଆ ବିଭକ୍ତିର ଚିହ୍ନ ମଧ୍ୟ ଏସବୁଥିରେ ସ୍ପଷ୍ଟ। ଅବଶ୍ୟ ଇ, ଈ, ଉ, ଊ, ସ, ଶ, ଷ ଏଭଳି ସ୍ୱାତନ୍ତ୍ର୍ୟର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ। ପ୍ରାଚୀନ ଅଭିଲେଖଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟି, ବଡ଼ ବୈଶିଷ୍ଟ୍ୟ। ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜ ରଣଭଦ୍ରଙ୍କ ଖୋଦିତ ଭଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ – ଅଗି (ଅଗ୍ନି), ଆଯ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି। ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳ ଭିତର, ଭୂମି, ଶଏ ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଲା, ମଠ, ମାତ୍ରା ଆଦି ବହୁ ଓଡ଼ିଆ ଶବ୍ଦ ଦେଖୁ। ଯାହା ଆଲୋଚନା କରୁଥିଲେ, ଶ, ଷ, ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି। ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି। କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି। ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ। ତେବେ ଏଥିରେ ତରତର, ସଙ୍ଗରେ, ଧୁନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ। ଅଭିଲେଖର ଆଲୋଚନାବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା ଉଚିତ୍ ମନେହୁଏ- ସିରି (ଶ୍ରୀ), ପନ୍ଦରସ (ପନ୍ଦର), ଲଖନେନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠମେ (ଅଷ୍ଟମେ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ),

**ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ।**

ପବତେ (ପର୍ବତେ) ଆଦି ଶବ୍ଦ ସହ ସୁଭ (ଲାଭ), ସିତଳ (ଶୀତଳ), ଗଜ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ, କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ। ବ୍ରାହ୍ମଣ ଶବ୍ଦ ପାଇଁ ଏହି ଶିଳାଲେଖରେ ଦମ୍ଭଶାନଂ, କୁଶଳ ପାଇଁ କୁସଲୋ, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲିପିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି।

## ପ୍ରାମାଣିକ ନମୁନା



ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ଭଳି ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ। ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ପ୍ରାମାଣିକ ନମୁନା। ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ। ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖରେ ଆଖି, ଇସା, କଳେ, କିଟ, ତିନି, ଦୁବେ, ହସ, ନିଲଠା, ପୁଠିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ। ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ ୧୦୫୧ ଖ୍ରୀ.ଅ. ଉରଜାମ ଶିଳାଲେଖଠାରୁ ୧୫୬୮ଖ୍ରୀ.ଅ. ଶ୍ରୀମନ୍ଦିର ଜୟବିଜୟ ଶିଳାଲେଖ ପର୍ଯ୍ୟନ୍ତ ସମୁଦାୟ ଅଶିଟି ଶିଳାଲେଖର ପାଠୋଦ୍ଧାର ହୋଇପାରିଛି। ଆମ ଅଭିଲେଖର ଭାଷା କଥା ବିଚାର କଲାବେଳେ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ, ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଲୋକପାତ କରିବା - (୧) ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮ x ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର ହୋଇଛି। ଏ ବିଷୟରେ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରଙ୍କର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଆଲୋଚନା କରିଛନ୍ତି। ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ, (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ। ଏହା ଗଜପତି କପିଳେଶ୍ୱର ଦେବଙ୍କ ସମୟର ଶିଳାଲିପି। ଏ ବିଷୟରେ ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ)ରେ 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି। (୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨ x ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି। ଏହା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନକାଳୀନ ଶିଳାଲେଖ। ଏ ବିଷୟରେ ବିଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଆଲୋଚନା କରିଛନ୍ତି। (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ୍‌ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ। ଶକାବ୍ଦ ୧୦୦୪ର ଏହି ଶିଳାଲେଖ ଅନନ୍ତ ବର୍ମନ୍ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ। (୫) ଶକାବ୍ଦ ୧୧୮୨ର ସିହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ। ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର ବ୍ୟବହାର ହୋଇଛି। ତେବେ ଏହାର ଲିପି ତେଲୁଗୁ। ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା।

## ପ୍ରାଚୀନତାର ପ୍ରମାଣ

ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା

ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନାଗୁଡ଼ିକରେ ମଧ୍ୟ ସ୍ପଷ୍ଟ ସୂଚନା ରହିଛି । ଦେଶୀ ଓ ବିଦେଶୀ ବିଦ୍ୱାନ୍‌ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର । ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତମନ୍ତବ୍ୟ ଦେଇଛନ୍ତି । ଓଡ଼ିଶାର ବିଶିଷ୍ଟ ଗବେଷକ ଡକ୍ଟର ବେଣୀ ମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା'ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, 'ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ । ନଚେତ୍ ଅନୁଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇ ନ ଥାନ୍ତେ । ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ ।

### ଓଡ୍ରମାଗଧୀ

ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ । ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ । ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ, କେତେକ ଶିଳାଲେଖରେ 'ଶକାବ୍ଦ'ର ସୂଚନା ରହିଛି । କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳେ ସମ୍ମାନାର୍ଥେ ଏ' ମଧ୍ୟ ଏକବଚନରେ ବ୍ୟବହାର କରାଯାଇଛି - କପିଳେଶ୍ୱର ରାଜାଏ ଦିଲେ । ସେମିତି କର୍ମକାରକରେ - କୁ,ନ୍ତି, ସଂପ୍ରଦାନକାରକରେ କୁ, କି, କଇ, କୈ, କେ, ଙ୍କୁ, ଙ୍କୀ, ଙ୍କର, କରଣକାରକରେ- ଏଁ, ଏ, ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ ଠାରୁ, ଷଷ୍ଠୀ ବିଭକ୍ତିରେ - ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ, ଏଁ, ରେ, ମାନଙ୍କରେ ଓ ସମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ । ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା କୈ ବା କଇନ୍ତର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ । ଭାରତର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି । ଗାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ୍ଡ ତାମ୍ରପତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ, କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗାମର ୬୧୯-୨୦ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ଧାରାବାହିକ ଭାବେ କିଭଳି ହୋଇଛି ଏବଂ ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ ।

**ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମଧ୍ୟ ମିଳିଛି ।**

ଓଡ଼ିଆ ଅଭିଲେଖରେ ବ୍ୟବହାର ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି । ଗଙ୍ଗବଂଶୀ ପଞ୍ଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥିବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି (ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି । ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲେ । ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶକାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମଧ୍ୟରେ ଥିବା

## ଶିଳାଲେଖ ଶବ୍ଦ ସମ୍ଭାର

ବ୍ୟାକରଣରେ ଶବ୍ଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ ଯେତେବେଳେ ବିଭିନ୍ନ ଶିଳାଲେଖର ଅନୁଧ୍ୟାନ ଓ ଅନୁସରଣ କରୁ, ଅନେକ ଶବ୍ଦ ନଜରକୁ ଆସେ, ଯାହା ପ୍ରତ୍ନଓଡ଼ିଆ ଶବ୍ଦ।

**ଅଶୋକ ଅନୁଶାସନ, ଧଉଳି, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ :**

| | | | |
|---|---|---|---|
| କନେ | ସୁଧି | ବାମନ | ପୁନିସ |
| ତିନି | ଆଖି | ମହାମାତ | ପଟିକା |
| ପଛା | ନିଲଗ | ମନିସ | |
| ପନି | ଲହେବୁ | ପୁଠିବି | |
| ସେ | ବୁଢ | କିଟ | |
| ହାନି | ମାଝି | ଇସା | |

**ରଷଭତୀର୍ଥ ଶିଳାଲିପି, ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ, ପଶ୍ଚିମ ଓଡ଼ିଶା (ବର୍ତ୍ତମାନ ଛତିଶଗଡ଼):**

| | | | |
|---|---|---|---|
| ସିଧ | ପଦଦସେ | ବାସିଗ | ଗୁରୁ |
| ଣମୋ | ତିଥେ | ଅଠେ | କବୟୋ |
| ପଚମେ | ଅମତସ | ପଖେ | |
| ପଦେ | ଧମେନ | ଛଠେ | |
| ଚଉଠ | ପୁତେନ | ଆଦି | |

**ଖାରବେଳ ହାତୀଗୁମ୍ଫା, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ, ଭୁବନେଶ୍ୱର :**

| | | | | | |
|---|---|---|---|---|---|
| ଲୁଠିତ | ବାତି | ହୟ | ପାଦେ | ଘରିସି | ଅଠତିସାୟ |
| ସିରି | ବିହତ | ଗଜ | ପଞ୍ଚମେ | ପବେସା | ପସମେ |
| ପନ୍ଦରସା | ଗୋପୁର | ନର | ସତ | ପୋର | ସଞ୍ଚ |
| ସୁଭ | ପଙ୍ଗର | ଗଧ | ବାଟ | ଜାନପଦଂ | |
| | ଏକାଦଶମେ | | | | |
| ଲଖନେନ | ସିତଳ | ବହୁକଂ | ପୂବଂ | ଘର | ବାଥା |
| ଗୁଣ | ତଡାଗ | ଦଂଡ | ନିବେସିତଂ | ଅଠମେ | ଉତ୍ତରାପଧ |
| ଲେଖ | ଦୁତିୟେ | ଶିତ | ବାକ୍ୟପୟତି | ପରିବେସନେ | ପବତେ |
| ରୂପ | ପଚ୍ଛିମ | ବାଦିତ | ପାଶାଲିଂ | ଦମ୍ଭଶାନଂ(ବ୍ରାହ୍ମଣ) | ତପସି |
| ଯୋବରଜ | ଦିସଂ | ରତନ | କରେ | ଜୟ | ଚୌୟଠି |
| ମହାରାଜା | | | ବଣ | ପରିହାର | ଖେମରାଜ |
| | | | | ନଗରି | |

ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖାଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉରଜାମ ଶିଳାଲେଖ ଓ ପରବର୍ତ୍ତୀ କାଳରେ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି। ଏହା ଆମ ଭୂମି ଓ ଭାଷାର ସଂପଦ, ଗୌରବ।


□□

ଲେଖକଙ୍କ ଇ-ମେଲ ଠିକଣା:
mohdebasis@gmail.com

ସାକ୍ଷାତକାର

# ବର୍ଷୀୟାନ ଅନୁବାଦକ ଶଙ୍କରଲାଲ ପୁରୋହିତଙ୍କ ସହିତ ଆଳାପ ଆଲୋଚନା

*ଡ. ଶଙ୍କରଲାଲ ପୁରୋହିତ ଓଡ଼ିଶା ତଥା ଭାରତର ଅନୁବାଦ ସାହିତ୍ୟ ଜଗତରେ ଏକ ଅଗ୍ରଗଣ୍ୟ ନାମ। ୧୯୪୦ ମସିହାରେ ଜନ୍ମିତ ଏହି ମହାନ ସାରସ୍ୱତ ବ୍ୟକ୍ତିତ୍ୱ ଦୁଇଶହରୁ ଅଧିକ ଓଡ଼ିଆ ସାହିତ୍ୟ କୃତିକୁ ହିନ୍ଦୀରେ ଅନୁବାଦ କରି ଆମର ସାହିତ୍ୟ ସମ୍ଭାରକୁ ରାଜ୍ୟ ବାହାରେ ପରିଚିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ମଧ୍ୟ ପ୍ରାୟ ବାରଗୋଟି ମୌଳିକ ଗ୍ରନ୍ଥର ସ୍ରଷ୍ଟା। ସେ 'ପରଜା' ଉପନ୍ୟାସର ହିନ୍ଦୀ ଅନୁବାଦ ପାଇଁ ୨୦୧୦ ମସିହାରେ ଓଡିଶା ସାହିତ୍ୟ ଏକାଡେମୀର ସମ୍ମାନଜନକ ଅନୁବାଦ ପୁରସ୍କାରରେ ଭୂଷିତ ହୋଇଥିଲେ। ୧୯୬୮ ମସିହାରୁ ଜଣେ ହିନ୍ଦୀ ଅଧ୍ୟାପକ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରି ୧୯୯୮ ମସିହାରେ ଭୁବନେଶ୍ୱର ସ୍ଥିତ ବି.ଜେ.ବି କଲେଜରୁ ସେ ଅବସର ଗ୍ରହଣ କରିଛନ୍ତି। ତାଙ୍କର ସାରସ୍ୱତ ଜୀବନ ସମ୍ପର୍କରେ ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚାର' ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଓଡ଼ିଶାର ଜଣେ ପ୍ରବୀଣ ତଥା ଅଗ୍ରଣୀ ଅନୁବାଦକ ଭାବରେ ଅନୁବାଦ କଳା ବିଷୟରେ ଆପଣଙ୍କ ମତ ବହୁତ ମୂଲ୍ୟ ରଖେ। ଆପଣ ଥରେ କହିଥିଲେ ଯେ ଅନୁବାଦକ ହେଉଛି ଯଶୋଦାଙ୍କ ଭଳି, ଯିଏ କହ୍ନେଇଙ୍କୁ ଆପଣେଇ ତା'ଙ୍କ ଦ୍ୱାରା କଂସଙ୍କର ବଧ କରିଦେଇପାରନ୍ତି। ପ୍ରକୃତରେ ଜଣେ ଅନୁବାଦକ କ'ଣ ଏତେ ଶକ୍ତିଶାଳୀ ?

**ଶଙ୍କରଲାଲ ପୁରୋହିତ:** ଦେଖନ୍ତୁ, ଅନୁବାଦକ କ'ଣ କରେ? ଜନ୍ମ ଦେଲା କିଏ? ଦେବକୀ। ତା'ଠାରୁ ସେ ଜନ୍ମ ଲାଭ କରେ ସତ, ତା'ପରେ କିନ୍ତୁ ଚାଲିଯାଏ ଯଶୋଦାଙ୍କ ପାଖକୁ। ଅନୁବାଦକ ହୁଏତ ଶିଶୁଟିକୁ ପ୍ରସବ କରେନାହିଁ, କିନ୍ତୁ ସେ ତା'କୁ ଖାଇବା-ପିଇବାକୁ ଦେଇ ଲାଳନପାଳନ କରେ, ଯତ୍ନ ନିଏ।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଅନୁବାଦକର ଭୂମିକା କ'ଣ ଜଣେ ଲେଖକଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ?

**ଶଙ୍କରଲାଲ ପୁରୋହିତ:** ନାହିଁ, ହେଲେ ଆମେ କହିପାରିବା ଯେ ଗୋଟିଏ ଅନୁବାଦିତ ଲେଖା ପାଇଁ ଅନୁବାଦକ ହେଉଛି ଉତ୍ତରଦାୟୀ। ଅନୁବାଦକ ଗୋଟିଏ 'ଫିଲ୍ଟର୍'। ସେପଟୁ ଓଡ଼ିଆ, ଏପଟେ ହିନ୍ଦୀ - ମଝିରେ ଅନୁବାଦକ। ଯଦି ଫିଲ୍ଟରିଂ ଠିକ୍ ଭାବରେ ନ ହୁଏ ତେବେ ଅଡୁଆ ହୋଇଯାଏ ଆଜ୍ଞା! ଗାଈ ଖାଏ କ'ଣ? ଘାସ; କିନ୍ତୁ ଦିଏ କ୍ଷୀର। ତେଣୁ ଏହି ଫିଲ୍ଟରିଂ କାମଟି ବେଶ୍ ଗୁରୁତ୍ୱପୂର୍ଣ୍ଣ।

**ସାହିତ୍ୟ ଚର୍ଚ୍ଚା:** ତେବେ ଅନୁବାଦକଟିଏ ଅନ୍ୟ ଜଣେ ସ୍ରଷ୍ଟାଙ୍କ ଖୋଳପା ଭିତରେ ପଶି ଲେଖିବା କେତେ କଷ୍ଟଦାୟକ ?

**ଶଙ୍କରଲାଲ ପୁରୋହିତ:** ତା'ର ଆତ୍ମା ଭିତରେ ପ୍ରବେଶ କରିବାକୁ ପଡ଼େ। ଅନୁବାଦକ ଦେଖିବ ଯେ ଲେଖକ କ'ଣ ପାଇଁ ଲେଖିଛି ? ତା'ର ଭାଷାଟି କେଉଁ ଢାଞ୍ଚାର ? ଧରନ୍ତୁ ଜଣେ ସ୍ରଷ୍ଟା ଗାଉଁଲି ଭାଷାରେ ଲେଖିଛନ୍ତି, ତା'କୁ ମୁଁ କ'ଣ ଶୁଦ୍ଧ ଓ ସମ୍ଭ୍ରାନ୍ତ ହିନ୍ଦୀରେ ଲେଖିପାରିବି ? ଲେଖକ ଯେଉଁ ଭାଷାରେ ଓ ଯେଉଁ ଭାବରେ ପାଠକକୁ ସମ୍ବୋଧନ କରିବାକୁ ଚାହୁଁଛନ୍ତି, ତା' ପ୍ରତି ମୋତେ ଯଥାର୍ଥ ନ୍ୟାୟ କରିବାକୁ ପଡ଼ିବ।

**ସାହିତ୍ୟ ଚର୍ଚ୍ଚା:** ଏହା ହୋଇ ନ ପାରିଲେ ବୋଧହୁଏ ଅନୁବାଦର ଲକ୍ଷ୍ୟ ବିଫଳ ହୋଇଯାଏ।

**ଶଙ୍କରଲାଲ ପୁରୋହିତ:** ହଁ, ବିଫଳ ହୋଇଯାଏ। ଆପଣଙ୍କୁ କଥାଟିଏ କହେ; ଓଡ଼ିଶାର ଜଣେ ସ୍ୱନାମଧନ୍ୟ କବିଙ୍କର କବିତା ପୁସ୍ତକକୁ ଅନୁବାଦ କରିବା ପାଇଁ ମୋତେ ଏବଂ ସମସାମୟିକ ଜଣେ ବିଶିଷ୍ଟ ଅନୁବାଦକ, ଉଭୟଙ୍କୁ ଯୌଥ ଭାବରେ ଦାୟିତ୍ୱ ଦିଆଗଲା। ଅର୍ଥାତ୍ ମୁଁ କଲି ଅଧେ, ଏବଂ ସେ କଲେ ବାକି ଅଧକ। ମୋର ଅନୁବାଦଟି ହୋଇଥିଲା ସରଳ ଗ୍ରାମୀଣ ଭାଷାରେ। କିନ୍ତୁ ତାଙ୍କର ଅଂଶଟି ହୋଇଥିଲା ଉଚ୍ଚାଙ୍ଗ ସାହିତ୍ୟିକ ଭାଷାରେ। ଫଳରେ ବହିଟି ଯେତେବେଳେ ଜ୍ଞାନପୀଠ ପୁରସ୍କାର ପାଇଁ ବିଚାରକୁ ଗଲା, କାଟ ଖାଇଗଲା।

**ଲେଖକର ଆତ୍ମା ଭିତରେ ପ୍ରବେଶ କରିବା ପାଇଁ ପଡେ। ଲେଖକ ଯେଉଁ ଭାଷାରେ ଓ ଯେଉଁ ଭାବରେ ପାଠକକୁ ସମ୍ବୋଧନ କରିବାକୁ ଚାହୁଁଛନ୍ତି, ତା' ପ୍ରତି ମୋତେ ଯଥାର୍ଥ ନ୍ୟାୟ କରିବାକୁ ପଡେ।**

**ସାହିତ୍ୟ ଚର୍ଚ୍ଚା:** ଆପଣ ଦୁହେଁ କରିଥିବା ସେହି ଅନୁବାଦଟି କ'ଣ ଏବେ ପୁସ୍ତକ ଭାବରେ ଉପଲବ୍ଧ ଅଛି ?

**ଶଙ୍କରଲାଲ ପୁରୋହିତ:** ନା, ଆଉ ତାହା ଛପା ହେଲାନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଟିକକ ଆଗରୁ ଯେ କହିଲେ, ଜଣେ ସ୍ରଷ୍ଟାର ଖୋଳପା ଭିତରକୁ ପଶି, ତା'ର ଚିନ୍ତନ ଧାରାରେ ନିଜକୁ ସାମିଲ୍ କରିବାରେ ହିଁ ଥାଏ ଜଣେ ଅନୁବାଦକର ସାର୍ଥକତା। ଏହା ତ ଅତ୍ୟନ୍ତ କଷ୍ଟସାଧ। ଏଣୁ ବୋଧହୁଏ ଆଜିକାଲି ଅନେକ ଅନୁବାଦକ କହନ୍ତି ଯେ ସେମାନେ ଅନୁବାଦ ନ କରି କେବଳ ଅନୁସୃଜନ କରୁଛନ୍ତି। ଏହା ମୂଳ ଲେଖାଠାରୁ ବିଚ୍ୟୁତ ହେବା ପାଇଁ ଏକ ପ୍ରକାର ଲାଇସେନ୍ସ ଭଳି ନୁହେଁ କି ?

**ଶଙ୍କରଲାଲ ପୁରୋହିତ:** ମୂଳ ଲେଖାରୁ ବିଚ୍ୟୁତ ହେବା ପାଇଁ ସେମାନଙ୍କର ଅଧିକାର ନାହିଁ। ତେବେ ତୁମେ ସୃଜନ କରୁନାହଁ! ତୁମର ଯଦି ଏତେ ଯୋଗ୍ୟତା ଅଛି, ଯେ ତୁମେ ଅନୁସୃଜନ କରିପାରିବ, ତେବେ ସୃଜନ ବି କରିପାରିବ।

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର କୌଣସି ସୃଷ୍ଟିକୁ ଅନୁସୃଜନ ବୋଲି କହିନାହାନ୍ତି ?

**ଶଙ୍କରଲାଲ ପୁରୋହିତ:** ନା।

**ସାହିତ୍ୟ ଚର୍ଚ୍ଚା:** ଆପଣ ଗଦ୍ୟ ଓ ପଦ୍ୟ, ଉଭୟକୁ ଅନୁବାଦ କରିଛନ୍ତି ଓଡ଼ିଆରୁ ହିନ୍ଦୀକୁ। ଏ ଦୁଇଟି କରିବାର ଅନୁଭୂତି ଭିତରେ ମୂଳ ପାର୍ଥକ୍ୟଟି କ'ଣ ଅନୁଭବ କରିଛନ୍ତି ?

**ଶଙ୍କରଲାଲ ପୁରୋହିତ:** ପଦ୍ୟରେ ତାହାର ଛନ୍ଦ ହେଉଛି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ କାବ୍ୟରେ ଛନ୍ଦର ଯେଉଁ ଲାଳିତ୍ୟ ଅଛି, ହିନ୍ଦୀରେ ତାହା ନାହିଁ। ଏହା ମୋର ଅନୁଭବ।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ କବିତାର ଅନୁବାଦ ଅଧିକ କଷ୍ଟସାଧ !

**ଶଙ୍କରଲାଲ ପୁରୋହିତ:** ହଁ ଯେ, ତା' ବୋଲି ଓଡ଼ିଆ ଗଦ୍ୟରେ କ'ଣ ଲାଳିତ୍ୟ ନାହିଁ ? ଅଛି। ସେଇ ଲାଳିତ୍ୟଟିକୁ ହିନ୍ଦୀ ବା ଅନ୍ୟ ଭାଷାରେ ଉତ୍ତାରି ଆଣିବା ଅତି ଦୁରୂହ।

**ସାହିତ୍ୟ ଚର୍ଚ୍ଚା:** ଅନୁବାଦକୁ କ'ଣ ଆମେ ଏକ ସୃଜନଶୀଳ ସାହିତ୍ୟ ବୋଲି କହିପାରିବା ?

**ଶଙ୍କରଲାଲ ପୁରୋହିତ:** ହଁ, ଏହାକୁ ଏଇଥିପାଇଁ ସୃଜନଶୀଳ ବୋଲି କୁହାଯାଇଛି ଯେ, ଜଣେ ଅନୁବାଦକ ନିଜେ ସୃଜନଶୀଳ ନ ହେଲେ ଭଲ ଅନୁବାଦ କରିପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ' ଆପଣଙ୍କର ଗୋଟିଏ ମହତ୍ୱପୂର୍ଣ୍ଣ ଅନୁବାଦ କୃତି। ଏହି ପୃଥୂଳକାୟ ଉପନ୍ୟାସଟିକୁ ଅନୁବାଦ କରିବା ପାଇଁ ଆପଣଙ୍କୁ ତ ଅନେକ ଧୈର୍ଯ୍ୟ ଓ ଅନେକ ସମୟର ଆବଶ୍ୟକତା ପଡିଥିବ !

**ଶଙ୍କରଲାଲ ପୁରୋହିତ:** ବିଶ୍ୱାସ କରିପାରିବେ କି ଯେ

ଅନୁବାଦ କ୍ଷେତ୍ରରେ ମୁଁ ସେତେବେଳେ ଜଣେ ନବାଗତ ଥିଲି ! ଅନୁବାଦଟିଏ କରିବା ପାଇଁ ମୋ'ର ସେତେ ପୋଖତପଣିଆ ଆସି ନ ଥିଲା। କିନ୍ତୁ ମୋ'ର ସୌଭାଗ୍ୟ ଯେ ମୋତେ ସେତେବେଳେ ଗୋପୀନାଥ ମହାନ୍ତିଙ୍କ ଭଳି ଜଣେ ପିତୃତୁଲ୍ୟ ସାହିତ୍ୟିକଙ୍କର ସହଯୋଗ ମିଳିଲା। ମୁଁ ଲେଖିଥିବା ପ୍ରତ୍ୟେକଟି ଶବ୍ଦ ଗୋପୀବାବୁଙ୍କ ଦ୍ୱାରା ସାର୍ଟିଫାଏଡ୍ ହୋଇଥିଲା।

**ସାହିତ୍ୟ ଚର୍ଚ୍ଚା:** ଅର୍ଥାତ୍ ସେ ନିଜେ ଆପଣଙ୍କର ଦିଗ୍‌ଦର୍ଶକ ସାଜିଥିଲେ ?

**ଶଙ୍କରଲାଲ ପୁରୋହିତ:** ହଁ, ଧରନ୍ତୁ, 'ରବି ଚାଲିଛି'। ଏହାକୁ ପରିପ୍ରକାଶ କରିବା ପାଇଁ ଯେଉଁ ବାକ୍ୟଟି ବ୍ୟବହାର ହୋଇଛି ତାହା ହେଲା ୨୨ ଧାଡିର। ଏତେ ବଡ଼ ବାକ୍ୟଟିକୁ ଯଥାବତ୍ ଅନୁବାଦ କରିବାପାଇଁ ମୁଁ ଥିଲି ଅସମର୍ଥ। ଗୋଟିଏ ସମ୍ପୂର୍ଣ୍ଣ ପୃଷ୍ଠାକୁ ଆବୋରି ବସିଥିବା ସେହି ୨୨ ଧାଡ଼ିର ବାକ୍ୟଟିକୁ ମୁଁ ପ୍ରାୟ ୩୦ଟା ବାକ୍ୟରେ ଭାଙ୍ଗିଲି। ମୁଁ ତ କହିବି ଯେ ଗୋପୀବାବୁଙ୍କ ଭଳି ଜଣେ ଭାଷାପଟୁ ଲେଖକ ଭାରତୀୟ ସାହିତ୍ୟରେ ଦୁର୍ଲଭ।




**ସାହିତ୍ୟ ଚର୍ଚ୍ଚା:** ଗୋପୀନାଥ ମହାନ୍ତିଙ୍କର ଆଉ ଏକ ଉପନ୍ୟାସ 'ପରଜା'ର ହିନ୍ଦୀ ଅନୁବାଦ ପାଇଁ ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଆପଣ ଏହାକୁ ନିଜର ଶ୍ରେଷ୍ଠ ଅନୁବାଦ କୃତି ବୋଲି କହିବେ କି ?

**ଶଙ୍କରଲାଲ ପୁରୋହିତ:** ଏହା ମୋତେ ବହୁତ ଆନନ୍ଦ ଦେଇଥିଲା। ଶ୍ରେଷ୍ଠ କି ନୁହଁ ସେକଥା ତ ପାଠକେ କହିବେ।

**ସାହିତ୍ୟ ଚର୍ଚ୍ଚା:** ଗତବର୍ଷ ଡ. ମହତାବଙ୍କର 'ଓଡ଼ିଶା ଇତିହାସ'ର ଆପଣଙ୍କ କୃତ ହିନ୍ଦୀ ଅନୁବାଦ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶୁଣାଯାଏ ଯେ ସେହି ଅବକାଶରେ ପ୍ରଧାନମନ୍ତ୍ରୀ ଆପଣଙ୍କ ଉଦ୍ଦେଶ୍ୟରେ ମନ୍ତବ୍ୟ ଦେଇଥିଲେ, 'ପୁରୋହିତ୍ ଜୀ, ହିନ୍ଦୀ ଆପ୍‌କି ଆଭାରୀ ହୈ। ଆପ୍‌ନେ ହିନ୍ଦୀ କି ବଡୀ ସେବା କୀ ହୈ।' ଏହା ଶୁଣି କ'ଣ ଅନୁଭବ ହୋଇଥିଲା ଆପଣଙ୍କର ?

**ଶଙ୍କରଲାଲ ପୁରୋହିତ:** ଏ ବହିରୁ ମୁଁ ଯେତିକି ମାଇଲେଜ୍ ପାଇଛି, ଅନ୍ୟ କୌଣସି ବହିରୁ ସେତିକି ପାଇନାହିଁ। ପ୍ରଧାନମନ୍ତ୍ରୀ ଏକଥା କହିଲେ, କାରଣ ସେ ମହତାବଙ୍କର 'ଓଡ଼ିଶା ଇତିହାସ'କୁ ଜାଣିଛନ୍ତି। ଜରୁରିକାଳୀନ ପରିସ୍ଥିତି ଜାରି ହେବା ବେଳକୁ ମୋଦି ଓଡ଼ିଶା ଆସି ମହତାବଜୀଙ୍କ ପାଖରେ ରହିଥିଲେ। ତେଣୁ ସେ ଆନନ୍ଦିତ ଥିଲେ ଯେ ମହତାବଙ୍କର ସେହି ବହିଟି ଅନୁବାଦିତ ହେଲା। ସେଦିନ ମଞ୍ଚରେ ବହିଟି ବିଷୟରେ ମନ୍ତବ୍ୟ ଦେବା ପୂର୍ବରୁ ସେ ତାହାର କିଛି ପୃଷ୍ଠା ପଢ଼ିସାରିଥିଲେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ଦୁଇଶହରୁ ଅଧିକ ବହି ଓଡ଼ିଆରୁ ହିନ୍ଦୀରେ ଅନୁବାଦ କରିଛନ୍ତି। ଏ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ବାହାରେ ପରିଚିତ କରାଇବା ପାଇଁ ଆପଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ତେବେ ଆପଣ କ'ଣ ଭାବନ୍ତି ଯେ ଆମ ଭାଷାରୁ ହିନ୍ଦୀକୁ ଆହୁରି ଅନେକ ବହି ଅନୁବାଦିତ ହେବାର ଅଛି ?

**ଶଙ୍କରଲାଲ ପୁରୋହିତ:** ସତ କହିବାକୁ ଗଲେ, ହିନ୍ଦୀଟା ଅନୁବାଦିତ ପୁସ୍ତକ ପାଇଁ ଏକ ବିରାଟ ଭାଷା। ତା' ଉପରେ ଏହି ଅନୁବାଦର ଚାପ ବହୁତ ଅଛି। ତାମିଲ୍, ତେଲୁଗୁ, ମାଲୟାଲାମ୍, ମରାଠି ଆଦି ବହୁ ଭାଷାର ରାଶି ରାଶି ବହି ହିନ୍ଦୀକୁ ଅନୁବାଦ ହେଉଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ କହିବାର କଥା, ଅନେକ ସାହିତ୍ୟିକ ଚାହାନ୍ତି ଯେ ସେମାନଙ୍କ ବହି ହିନ୍ଦୀକୁ ଅନୁବାଦିତ ହେଉ।

**ଶଙ୍କରଲାଲ ପୁରୋହିତ:** ହଁ, ଏବଂ ଏହା ସ୍ୱାଭାବିକ।

**ସାହିତ୍ୟ ଚର୍ଚ୍ଚା:** ଆମ ସହିତ ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□


ଗଳ୍ପ

# ସ୍ୱର୍ଗ-ନର୍କ



ଜୟନ୍ତୀ ସାହୁ

ଖୁବ୍ ସନ୍ତର୍ପଣରେ ବାଡ଼ି କବାଟ ଆଉଜାଇ ହାତରେ ଲୁଗା, ସାବୁନ୍, ତେଲ, ହଳଦୀ ଧରି ବାସନ୍ତୀ ପୋଖରୀ ତୁଠ ଅଭିମୁଖେ ଏକା ନିଃଶ୍ୱାସକେ ଚାଲିଲା। ମନେ ମନେ ଦୀର୍ଘଶ୍ୱାସ ଛାଡି କହୁଥାଏ, ଓହୋ! ମଣିଷ ଏକାଦିନକେ ବାଘର ପଞ୍ଝାରୁ ଟିକେ ମୁକୁଳି ବାହାର ଦୁନିଆକୁ ଦେଖିଲା। ଅଶୋକ ଗୋଛାୟତ୍ ଘରର ଚାରିକାନ୍ଥ ମଧ୍ୟରେ ଛଅମାସ ହେଲା ବନ୍ଦୀ ହୋଇ ହୋଇ ବାସନ୍ତୀ ଅଣ ନିଃଶ୍ୱାସୀ ହୋଇପଡ଼ିଲାଣି। ତାକୁ ବାହାରର ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ଦେଖିବାକୁ ମନା। ଫଗୁଣରେ ଫଗୁ ବୋଲି ନାଚିବାକୁ ମନା। ଚଇତର ଚୋରା ଚଇତାଳି ସାଥେ ଉଡ଼ଲା ହେବାକୁ ବି ମନା। ଏତେ ସବୁ ମନା ମନାର ନିଷିଦ୍ଧ ଗାର ମଧ୍ୟରେ କେତେଦିନ ଆଉ ଡହଳବିକଳ ହେଉଥିବ ବାସନ୍ତୀ, ଟିକେ ଝରକା ଖୋଲିଲେ, କଣ୍ଟାବାଡ଼ ପାଖକୁ ଆସିଲେ ତା' ଚୁଟି ଧରି ଘୋଷାରି ଘର ଭିତରକୁ ନେଇ ଆସେ ଅଶୋକ ଗୋଛାୟତ୍। ମନଇଚ୍ଛା ବକିଯାଏ ତାକୁ, କୁଳଟା, କଳଙ୍କିନୀ, ବଜାରୁଣୀ, ଗୋଟିଏ ସ୍ୱାମୀରେ ତ ସନ୍ତୁଷ୍ଟ ନ ହୋଇ ମୋ ପାଖକୁ ଚାଲି ଆସିଲୁ, ପୁଣି ରାସ୍ତାରେ ଆଉ କେଉଁ ଦିବ୍ୟ ପୁରୁଷକୁ ଦେଖି ମୋତେ ଛାଡ଼ି ତା' ପାଖକୁ ନିଶ୍ଚୟ ତୁ ଚାଲିଯିବୁ। ତତେ କ'ଣ ବିଶ୍ୱାସ ଅଛି। ସେ ବୁଢ଼ାର ବିଶ୍ୱାସରେ ବିଷ ଦେଇ ତ ପୁଣି ମୋ ପାଖକୁ ଚାଲି ଆସିପାରିଲୁ।



ଏଭଳି ଧିକ୍କାର ବଚନ ନିଜର ପ୍ରେମିକ ଅଶୋକ ଗୋଛାୟତ୍ ଠାରୁ ଶୁଣି ଶୁଣି ପଥର ପାଲଟି ଗଲାଣି ବାସନ୍ତୀ। ପ୍ରଥମେ ପ୍ରଥମେ ଢେର୍ ବେଳ ଯାଏଁ କାନ୍ଦୁଥିଲା। କୃତକର୍ମ ପାଇଁ ଖୁବ୍‌ଗୁଡାଏ ଅନୁତାପ କରୁଥିଲା। ନିଜକୁ ଧିକ୍କାରୁଥିଲା। ଥରେ ଦି'ଥର ଆତ୍ମହତ୍ୟା ପାଇଁ ଉଦ୍ୟମ କରି ପୁଣି କେମିତି ଅଟକି ଯାଇଛି। ଆଜି କାହିଁକି କେଜାଣି ଛାତିକୁ ଦମ୍ଭ କରି ଏ ପୋଖରୀ ତୁଠକୁ ସେ ଆସିପାରିଛି। ପୋଖରୀ ତୁଠରେ ପହଞ୍ଚି ଦେଖିଲା, ଟିକିଏ ଦୂରରେ ଧୋବା ତୁଠରେ କାଞ୍ଚନ ମାଆ ଧୋବଣୀ ଆସି ଏକୁଟିଆ ତା' ଧୋବା ଗଣ୍ଡିରେ ଲୁଗା କାଚୁଛି। ମାଇପି ତୁଠରେ ନ ଗାଧୋଇ ବାସନ୍ତୀ ଏକା ଏକା ଆର ଗାଁର କାଞ୍ଚନ ମାଆ ଧୋବଣୀ ପାଖକୁ ଚାଲିଲା। ନିମେଇଁପୁର ଗାଁଆରେ ବୋହୂ ହୋଇ ରହିଲା ବେଳେ ଏଇ କାଞ୍ଚନ ମାଆ ହିଁ ତା'ର ପଡୋଶୀ ଥିଲା। ନୂଆ ଭୁଆସୁଣୀ ବେଳେ କେତେଥର ଏଇ କାଞ୍ଚନ ମାଆ ସାଙ୍ଗରେ ସେ ଏ ପୋଖରୀ ତୁଠକୁ ଗାଧୋଇବାକୁ ଆସିଛି। ସ୍ୱାମୀ ତା'ର ଭାରି ଶାନ୍ତ, ସୁଧାର ମଣିଷଟିଏ। ମାଛିକୁ ମ' କହନ୍ତିନି। ହଳିଲା ପାଣିକୁ ଗୋଡ଼ ବଢ଼ାନ୍ତିନି, ପ୍ରଥମ ସ୍ତ୍ରୀ ଝାଡାବାନ୍ତିରେ ମରିଗଲା ବୋଲି ଦଶ ବର୍ଷର ପୁଅ ଅଇଁଠୁର ଦେଖାଶୁଣା କରିବା ପାଇଁ ପଚିଶ ବର୍ଷର ଯୁବତୀ ବାସନ୍ତୀକୁ ଦ୍ୱିତୀୟ ବାର ବାହା ହୋଇଥିଲେ। ହେଲେ ବାସନ୍ତୀ ମନରେ କେବେ ସ୍ୱାମୀ ତା'ର ଦୁଃଖ ଦିଅନ୍ତି ନାହିଁ। ପାଳିକୁ ପାଳି ହାଟରେ ସଉଦା ବିକ୍ରି କରି ବାସନ୍ତୀର ମନ ପସନ୍ଦର ଶାଢ଼ି, ଚୁଡି, ନଖପାଲିସ୍, କ୍ରିମ୍, ପାଉଡର ଅଳତା, ଭଳିକି ଭଳି କାନଫୁଲ, ନାକଫୁଲ, ପାଉଁଜି, ଗୋଡ ମୁଦି, ହାତ ମୁଦି, ସବୁ ଆଣି ତା' ନିରାଭରଣ ଦେହକୁ ମଣ୍ଡିଦିଅନ୍ତି।

ବାସନ୍ତୀ ମୁହଁର ହସରେ ସେ ସ୍ୱର୍ଗସୁଖ ପାଇଲା ଭଳି ଅନୁଭବ କରନ୍ତି। ମାତୃହରା ଅଇଁଠୁ ବି ବାସନ୍ତୀକୁ ପାଇ ନିଜ ଜନ୍ମ କଲା ମାଆ ନ ଥିବାର ଦୁଃଖକୁ ଭୁଲିଯାଇଛି। ବାସନ୍ତୀକୁ ସବୁବେଳେ ମାଆ, ମାଆ ଡାକି ପଛେ ପଛେ ଗୋଡ଼ାଉଥାଏ। ପୋଖରୀରୁ ମୀନଟାଏ କି କଙ୍କଡାଟାଏ ପାଇଲେ ସିଧା ବାସନ୍ତୀ ପାଖକୁ ଧରି ଖୁସିରେ ଦୌଡି ଆସେ। ଗାମୁଛାରେ ଗାମୁଛାଏ ଲେଖାଁ ବେତ କୋଳି, ବଇଁଚ କୋଳି ତୋଳି ମୋ ମାଆକୁ ଦେବି କହି ବାସନ୍ତୀ ପାଖରେ ଆଣି ଅଜାଡିଦିଏ। ମାଆ ଚୁଲି ଜାଳିବା ପାଇଁ ଛୋଟ ଛୋଟ କାଠ ଓ ଗୋବର ଘଷି ଆଣି ଚୁଲି ମୁଣ୍ଡରେ ଥାକ ଥାକ କରି ସଜାଡ଼ିଦିଏ। ଏମିତି ଏମିତି ସୁଖେ ଦୁଃଖେ ମା, ବାପା ଓ ପୁଅ, ତିନି ଜଣଙ୍କ ଦିନ ସୁରୁଖୁରୁରେ କଟିଯାଉଥିଲା।

ଗୋଟାଏ ଯାତ୍ରାପାର୍ଟି ଦଳ ନିମେଇଁପୁର ଗାଁ ମୁଣ୍ଡ ପଡ଼ିଆରେ ସେଦିନ ଡେରା ପକାଇଲେ। ସାତଦିନ ଧରି ନିମେଇଁପୁର ଗାଁରେ ଯାତ୍ରା ଆଖଡା ଚାଲିଲା। ନିମେଇଁପୁର ଗାଆଁର ପିଲା, ବୁଢ଼ା, ମାଇପେ ସମସ୍ତେ ସଞ୍ଜ ପ୍ରହରୁ ଯାତ୍ରା ପଡିଆ ଅଭିମୁଖେ ଧାଡ଼ି ବାନ୍ଧିଲେ। ବାସନ୍ତୀ ବି ସାହିର ଝିଅ ବୋହୂଙ୍କ ସଂଗେ ଯାତ୍ରା ଦେଖିବା ପାଇଁ ସଜ ହୋଇ ପ୍ରଥମ ରାତିଟା ବାହାରିଲା। ସେଦିନ ଯାତ୍ରାରେ ଏଇ ରସିକଶେଖର ଅଶୋକ ଗୋଚ୍ଛାୟତ୍ ହିଁ ରାଜା ପାର୍ଟ କରିଥିଲା। ଦେହରେ ଚିକ୍‌ମିକ୍ ଜରିଲଗା ପୋଷାକ ସାଙ୍ଗକୁ ମୁଣ୍ଡରେ କାରୁକାର୍ଯ୍ୟକରା ମାଳି, ଚୁମୁକି ଚିତ୍ରିତ ରାଜମୁକୁଟ ଅଶୋକ ଗୋଚ୍ଛାୟତ୍ର ସୁଗଠିତ ସୁନ୍ଦର ଦେହକୁ ଖାସ୍ ମାନୁଥିଲା। ବଳିଲା ବଳିଲା ସ୍ୱର୍ଦ୍ଧିତ ବାହୁରେ ଖଡ୍‌ଗଧାରଣ ତା'ର ଯୌବନୋଚ୍ଛଳ ପୌରୁଷକୁ ସୂଚେଇ ଦେଉଥିଲା। ବାସନ୍ତୀ ବି ସେଦିନ ସାହି ସ୍ତ୍ରୀ ଲୋକଙ୍କ ଗହଣାରେ ପୁରା ଆଗରେ ବସି ଯାତ୍ରା ଦେଖୁଥିଲା। ରାଜା ପାର୍ଟ କରୁ କରୁ କୌଶଳରେ ଖଣ୍ଡା ବୁଲାଉ ବୁଲାଉ କେଜାଣି କାହିଁକି ଅଶୋକ ଗୋଚ୍ଛାୟତ୍‌ର ଆଖି ବାସନ୍ତୀର ଅର୍ଦ୍ଧଆନତ ଆଖି ସହ ମିଶି ଯାଉଥିଲା। ଯାତ୍ରା ଶେଷ ବେଳକୁ ନିଜ ଡାଇଲଗ୍ କହୁ କହୁ ବାସନ୍ତୀକୁ ଦେଖି କ୍ଷଣେକାଳ ମେଘଡମ୍ବରୁ ନାଦ ସୃଷ୍ଟିକାରୀ ବାକ୍‌ପଟୁ ରାଜାଟା ଅନ୍ୟମନସ୍କ ହୋଇ ପଡୁଥିଲା। ଯେମିତି ଅଭିନୟରେ, ଡାଇଲଗ୍‌ରେ ତା'ର ମନ ରହୁ ନ ଥିଲା। ତା'ପରଦିନ ଏଇ କାଞ୍ଚନ ମାଆ ଧୋବଣୀ ପାଖକୁ ପୂର୍ବ ରାତିର ରାଜା ଅଶୋକ ଗୋଚ୍ଛାୟତ୍ ତା'ର ଆସନା ପୋଷାକ ସବୁ ସଫା କରିବା ପାଇଁ ଧରି ଆସିଥିଲା। ଠିକ୍ ସେତିକିବେଳେ ବାସନ୍ତୀ ନିଜ ବାଡ଼ି ପଛପଟେ ଠିଆ ହୋଇ ଓଦା ସର ସର କଳାଘୁମନ୍ତ ମୁକୁଳା ସୁଦୀର୍ଘ ଘନ କେଶରାଶିକୁ ଖରାରେ ଶୁଖାଉଥିଲା। ଅଶୋକ ଗୋଚ୍ଛାୟତ୍‌ର ରୂପ ଲୁବ୍‌ଧ ଆଖି ପୁନର୍ବାର ବାସନ୍ତୀର ମୁନି ମନ ଲୋଭା ଚେହେରାରେ ଲାଖି ରହିଲା। ଏଥର ଲୁଗାସଫାର ବାହାନା କରି ଅଶୋକ ଗୋଚ୍ଛାୟତ୍ ପ୍ରତିଦିନ ଦୁଇ ଥର ଲେଖାଁ କାଞ୍ଚନ ମାଆ ଧୋବଣୀ ପାଖକୁ ଆସିଲା। ଏଣେ ବାସନ୍ତୀର ମନରେ, ଶରୀରରେ ଏକ ଭିନ୍ନ ଧରଣର ରଙ୍ଗ ଚହଟିଗଲା ଭଳି ତାକୁ ଲାଗିଲା। ମନ କଦମ୍ବର ସହସ୍ର ଶାଖାରେ ପେନ୍ଥି ପେନ୍ଥି କଦମ୍ବ ଫୁଲର ସୁରଭିତ ବାସ୍ନା ତାକୁ ଗୋଟାପଣେ ବିଭୋର କରିଦେଲା। ସିଏ ବି ସବୁ କାମକୁ ପଛରେ ପକାଇ ଅଶୋକ ଗୋଚ୍ଛାୟତ୍‌ର ଆସିବା ବାଟକୁ ବାଡ଼ି ପଟେ ଚାହିଁ ରହିଲା। ଏବେ ନିଜର ପୂଜ୍ୟ ସ୍ୱାମୀଙ୍କ ସଶ୍ରଦ୍ଧ ସୋହାଗ, ନିଜର ଉନ୍ନତ ଘର କରଣା, ଉତ୍କଟ ଲୋକଲଜ୍ଜା, ତୀବ୍ର ଲୋକାପବାଦ, ଅଇଁଠୁର ନିର୍ମଳ ମାଆ ଡାକ ସବୁ ଯେମିତି ବାସନ୍ତୀକୁ ତୁଚ୍ଛ ଲାଗିଲା। ଆଖି ଚାହିଁଲା ସେଇ ଅଶୋକ ଗୋଚ୍ଛାୟତ୍‌ର ରୂପ ଦେଖିବାକୁ, ମନ ଚାହିଁଲା ସବୁ ଛାଡି ସେଇ ପୁରୁଷଟି ପାଖରେ ଘଣ୍ଟା ଘଣ୍ଟା ସମୟ ବିତାଇବାକୁ। ଏମିତି ଚାହୁଁ ଚାହୁଁ ଦିନେ ମନର ଦୁର୍ବାର ଅଦମନୀୟ ପ୍ରେରଣାରେ ବାସନ୍ତୀ ସ୍ୱାମୀ ଓ ଅଇଁଠୁକୁ ଛାଡ଼ି ରାତି ଅଧରେ ଗୋଡ଼ କାଢ଼ି ତା' ଘରକୁ ଚାଲି ଆସିଲା। ବାସନ୍ତୀ ଭାବିଥିଲା, ସ୍ୱାମୀ ତା'ର ପାଞ୍ଚ ଖଣ୍ଡ ଗାଆଁର ମୁରବିଙ୍କୁ ଡାକି ନ୍ୟାୟ, ନିଶାପ କରି ବାସନ୍ତୀକୁ ସିଧା ଛାଡପତ୍ର ଲେଖିବ। ପରନାରୀ ଅପହରଣକାରୀ ଦୋଷୀ ଅଶୋକ ଗୋଚ୍ଛାୟତ୍‌ଠାରୁ ଖୁବ୍‌ଗୁଡାଏ ମୋଟା ଅଙ୍କର ଜରିମାନା ଆଦାୟ କରିବ। ତା' ମୁହଁକୁ ସମସ୍ତଙ୍କ ସାମ୍ନାରେ ଛେପ ପକାଇବ। ଗାଁ ଦାଣ୍ଡରେ ବେଜିତ୍ କରିବ। କିନ୍ତୁ ଏ ଯାଏଁ ତ କାହିଁ କିଛି ସେଭଳି ଦଣ୍ଡ ବିଧାନ ତାଙ୍କ ଦୁହିଁଙ୍କ ସହିତ ହେଲା ନାହିଁ। ସ୍ୱାମୀ ତା'ର କୌଣସି ଦଣ୍ଡରେ ତ ଏଯାବତ୍ ବାସନ୍ତୀକୁ କାହିଁ ଦଣ୍ଡିତ କଲେ

**ଯାତ୍ରା ଶେଷ ବେଳକୁ ନିଜ ଡାଇଲଗ୍ କହୁ କହୁ ବାସନ୍ତୀକୁ ଦେଖି କ୍ଷଣେକାଳ ମେଘଡମ୍ବରୁ ନାଦ ସୃଷ୍ଟିକାରୀ ବାକ୍‌ପଟୁ ରାଜାଟା ଅନ୍ୟମନସ୍କ ହୋଇ ପଡୁଥିଲା।**

ନାହିଁ? ତା' ମନ ଦୁଃଖ ହେଲା ଭଳି କୌଣସି ଅପ୍ରୀତିକର ପରିସ୍ଥିତି ତ କାହିଁ ଏ ଯାଏଁ ଉପୁଜିଲା ନାହିଁ। ବରଂ ଏସବୁ ଦଣ୍ଡ ମଧ୍ୟରୁ ଅନ୍ତତଃ ଗୋଟିଏ ବି ତା'ର ପ୍ରାପ୍ୟ ହୋଇଥିଲେ ସେ ଶାସ୍ତି ମଧ୍ୟରେ ଟିକିଏ ଆଶ୍ୱସ୍ତି ପାଇଥାନ୍ତା। ପାପ ମନ କେବଳ ଦଣ୍ଡ ମଧ୍ୟରେ ହିଁ ପ୍ରାୟଶ୍ଚିତ ଖୋଜିଥାଏ ବୋଲି ବାସନ୍ତୀର କାହିଁକି ଏବେ ହୃଦ୍‌ବୋଧ ହେଉଥିଲା। ସେଥିପାଇଁ ମନେ ମନେ ନିଷ୍ପାପ ସ୍ୱାମୀଟି ପାଖରୁ ପାପର ପରିଣତିକୁ ପ୍ରତି ମୁହୂର୍ତ୍ତରେ ଆଶା କରୁଥିଲା।

କାହିଁକି କେଜାଣି ଗତକାଲି ରାତିରୁ ସ୍ୱାମୀଙ୍କ କଥା ଓ ମା ଛେଉଣ୍ଡ ଅଇଁଠୁ କଥା ବାସନ୍ତୀର ଭାରି ମନେ ପଡୁଛି। ସେଇଥିପାଇଁ ତ ଏତେ କଟକଣା ଡେଇଁ ସେ ଆଜି ଗାଧୁଆ ବାହାନାରେ ପୋଖରୀ ତୁଠକୁ ଆସିଛି। ଆଜି ପୋଖରୀ ତୁଠକୁ ଆସିବା କଥାଟା ଅଶୋକ ଗୋଛାୟତ୍ ପାଖରେ ଧରା ପଡିଗଲେ ମାଡଗାଳିରେ ତା' ଜୀବନ ରହିବ ନାହିଁ। ତଥାପି ଜୀବନକୁ ପାଣି ଛଡେଇ ସେ ସ୍ୱାମୀ ଓ ଅଇଁଠୁଙ୍କ କଥା କାହାଠୁ ଟିକେ ଶୁଣିବା ପାଇଁ ଏ ପୋଖରୀକୁ ଗୋଡ କାଢ଼ିଛି। ଯାହେଉ, ଯୋଗକୁ କାଞ୍ଚନ ମାଆ ଦେଖା ହେଲାଣି। ତା' ପାଖରୁ ସବୁ କଥା ଜଣାପଡ଼ିବ। ସେ ଯେତେ ଧିକ୍‌କାରିଲେ ଧିକ୍‌କାରୁ ପଛେ, ବାସନ୍ତୀ ତା' ପାଖକୁ ଯାଇ ଟିକେ ସ୍ୱାମୀଙ୍କ କଥା ଓ ଅଇଁଠୁ କଥା ପଚାରିବ। ମନରେ ସାହସ ବାନ୍ଧି କାଞ୍ଚନ ମାଆ ପାଖରେ ବାସନ୍ତୀ ଯାଇ ପହଞ୍ଚିଲା। କାଞ୍ଚନ ମାଆ ଏ ପର୍ଯ୍ୟନ୍ତ ଏକାମୁହାଁ ଲୁଗା କାଚିବାରେ ବ୍ୟସ୍ତ ରହିଥିଲା। ଆଖି ସାମ୍ନାରେ ବାସନ୍ତୀକୁ ଦେଖି ଭୂତ ଦେଖିଲା ପରି ଚମକି ପଡିଲା। ତା'ପରେ ପୋଡା ମୁହିଁ, ଅଲାଜୁକୀ, କୁଳ ବୁଡେଇ, ଦିକୁଳ ଖାଇ କହି କେତେ ନାହିଁ କେତେ ଗାଳିମନ୍ଦ ଦେଲା। ବାସନ୍ତୀ ସବୁ ଗାଳି ତିରସ୍କାରକୁ ମୁଣ୍ଡ ପୋତି ସହିନେଲା। ତା'ପରେ ଭୋ ଭୋ ହୋଇ କାନ୍ଦି ସେଇ ତୁଠରେ କାଞ୍ଚନ ମାଆର ହାତକୁ ଜାବୁଡି ଧରି କହିଲା, ନାନୀ, ଯାହା ତ ହେବା ହେଲାଣି, ମତେ ଏଥର ତାଙ୍କ କଥାଟିକେ କୁହ। ଅଇଁଠୁ କଥା ଟିକେ କୁହ। ବାସନ୍ତୀର ଅନୁତାପଭରା ଅଶ୍ରୁସିକ୍ତ ମୁହଁକୁ ଚାହିଁ କାଞ୍ଚନ ମାଆ କ'ଣ ଠଉରାଇଲା କେଜାଣି, କଣ୍ଠ ସ୍ୱରକୁ ଟିକିଏ ନରମ କରି କହିଲା, ତୋ ସ୍ୱାମୀ ଭଳି ସୁପୁରୁଷ ଏ ଜଗତରେ ମିଳିବେ ନାହିଁଲୋ। ଗାଁ ଲୋକେ ଯେତେ ଯେତେ ଛି'ଛାକର କଲେ ବି ସେ ଜମା ତତେ ଗାଳିମନ୍ଦ ଦେଉନାହିଁ। ଓଲଟି ସମସ୍ତଙ୍କୁ କହୁଛି ମୋ ବାସନ୍ତୀ ସେମିତି ଝିଅ ନୁହେଁ ମ। ତାକୁ କିଏ ଗୋଟାଏ ଜଡିବୁଟି, ଗୁଣିଗାରେଡି କରି ମୋ ପାଖରୁ ଛଡେଇ ନେଇ ଯାଇଛି। ଦେଖିବ, ସେ ଗୁଣିଗାରେଡିରୁ ମୁକୁଳିଲେ ବାସନ୍ତୀ ଆପଣାଛାଏଁ ମୋ ପାଖକୁ ପୁଣି ଚାଲି ଆସିବ। ମୋ ଘର ସଜାଡ଼ିବ, ମୋ ଅଗଣାରେ ତୁଳସୀ ଚଉରା ମୂଳେ ମୋର ମଙ୍ଗଳ ମନାସି ଘିଅଦୀପ ଜାଳିବ। ମୋ ଅଇଁଠୁକୁ ଆଦର ଯତ୍ନ କରିବ। ପୁଣି ମୋ ଘର ପୂର୍ବପରି ପୂରି ଉଠିବ। ଆଉ କିଛିଟା ଦିନ ସମସ୍ତେ ଗାଁ ଲୋକ ଅପେକ୍ଷା କର। ଅଇଁଠୁ ବି ତୁ ଆସିଲା ଦିନ ଠାରୁ ଖାଲି ମା, ମା କହି କାନ୍ଦୁଛି। ସ୍କୁଲକୁ ସେତେ ଯାଉନି। ମୋ ମାଆ କେବେ ଆସିବ କହି ବାପା ସଂଗେ ଢେର୍ ଅଝଟ କରୁଛି।

**ସବୁ ଲୋକେ ଭୁଆସୁଣୀଟାଏ ମୁଣ୍ଡରେ ଓଢ଼ଣାଟାଣି ଏତେ ଜୋର୍‌ରେ ଧାଉଁଥିବାର ଦେଖି ଆଶ୍ଚର୍ଯ୍ୟରେ ଚାହୁଁଥିଲେ।**

କାଞ୍ଚନ ମାଆର ଏତିକି କଥା ବାସନ୍ତୀର ହୃଦସ୍ଥଳ ଥରାଇ ଦେଲା। ପତି ଦେବତାଙ୍କ ପାଦତଳେ ମଥା ସ୍ୱତଃ ତା'ର ନଇଁଗଲା। ଅଇଁଠୁର ଫୁଙ୍ଗୁଳା ଦେହ, ମାଆ ମାଆ ଡାକ ତାକୁ ଅସ୍ଥିର କରି ପକାଇଲା। ସେ ସେଇ ତୁଠରେ ତା'ର ତେଲ, ହଳଦୀ, ସାବୁନ୍‌କୁ ଫୋପାଡି ଦେଇ ଏକା ନିଃଶ୍ୱାସକେ ନିମେଇଁପୁରକୁ ଧାଇଁଲା। ବାଟରେ ସବୁ ଲୋକେ, ଭୁଆସୁଣୀଟାଏ ମୁଣ୍ଡରେ ଓଢ଼ଣାଟାଣି ଏତେ ଜୋର୍‌ରେ ଧାଉଁଥିବାର ଦେଖି ଆଶ୍ଚର୍ଯ୍ୟରେ ଚାହୁଁଥିଲେ। ଆଉ କେହି କେହି ପାଗଳୀଟାଏ ବୋଲି ଭାବୁଥିଲେ। ଏକା ନିଃଶ୍ୱାସକେ ଧାଇଁ ଧାଇଁ ବାସନ୍ତୀ ନିମେଇଁପୁର ଗାଁରେ ଘର ଅତି ଆପଣାର ଘରେ ପହଞ୍ଚିଗଲା। ବାସନ୍ତୀକୁ ଦୁଆର ମୁହଁରେ ଦେଖି ସ୍ୱାମୀ ଖୁସି ହୋଇ ଘର ଭିତରୁ ଅଗଣାକୁ ଦୌଡି ଆସିଲେ। ଅଇଁଠୁକୁ ଡାକ ପକାଇଲେ ଅଇଁଠୁ, ଅଇଁଠୁ, ଶୀଘ୍ର ଆସ, ଦେଖିବୁ ତୋ ମାଆ ଫେରି ଆସିଛି। ସେଇଠି ଠିଆ ହୋଇ ଗାଁ ଲୋକଙ୍କ ଉଦ୍ଦେଶ୍ୟରେ ବଡ଼ ପାଟିରେ ବାସନ୍ତୀର ସ୍ୱାମୀ କହି ଉଠିଲେ, ଦେଖ ହୋ ଗାଁ ବାଲାଏ। ମୋ ବାସନ୍ତୀ କେମିତି ମୋ ଘରକୁ, ମୋ ପାଖକୁ ଫେରି ଆସିଛି। ମୁଁ କହୁଥିଲି ନା' ତାକୁ କିଏ ଗୁଣିଗାରେଡି କରି ନେଇ ଯାଇଛି। ମୋ

ବାସନ୍ତୀ କ'ଣ ମତେ, ଅଇଁଠୁକୁ ଛାଡି ଅନ୍ୟ କେଉଁଠି ରହିପାରିବ ? ବାସନ୍ତୀ ପାଖକୁ ଯାଇ କହିଲେ, ଆ, ଆ ବାସନ୍ତୀ, ତୋ ଦେହ ମୁଣ୍ଡ ସବୁ ଠିକ୍ ଅଛି ତ ? ତୋ ଦେହରୁ କ'ଣ ଏମିତି ଝାଳ ବୋହି ଯାଉଛି। ତୁ ଟିକେ ଅଗଣାରେ ବସ। ଅଇଁଠୁର ମୋର ତୋତେ ତାଳପତ୍ର ବିଞ୍ଚଣାରେ ବିଞ୍ଚି ଟିକେ ସାଷ୍ଟାମ କରିଦେଉ। ତା'ପରେ ଘର ଭିତରକୁ ସୁସ୍ଥ ଦେହରେ ଯାଇ ଯାହା ରନ୍ଧାବଢ଼ା କରିବୁ। ଅଇଁଠୁଟା କେଉଁଠି ଥିଲା କେଜାଣି ବାପାର କଥା ନ ସରୁଣୁ ମାଟି କାନ୍ଥରେ କଣ୍ଟାରେ ଝୁଲୁଥିବା ତାଳପତ୍ର ବିଞ୍ଚଣା ଦୁଇଟା ନେଇ ଆସି ଦୁଇ ହାତରେ ମାଆକୁ ଖାଲି ବିଞ୍ଚି ପକାଇଲା। ମାଆର ପଣତକାନିରେ ନିଜ ଆଖିର ଲୁହକୁ ପୋଛି ପକାଇ, ଆଉ ଆମକୁ ଛାଡି କେଉଁଆଡେ ଯିବୁନି ଲୋ କହି ଅଳି କରୁଥିଲା। ବାସନ୍ତୀର ମନେ ପଡୁଥିଲା ମାର୍ଗଶିର ମାସ ଆଦ୍ୟ ଗୁରୁବାର ମାଣବସାରେ ମାଆ ଜଗଜ୍ଜନନୀ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ବୋଲାଯାଉଥିବା ଲକ୍ଷ୍ମୀ ପୁରାଣର ସେଇ ଅପାଶୋରା ଅଭୁଲା ଅମୃତମୟ ପଦ। ଯଥା –

"ପତି ସେବା ବିନା ନାହିଁ ନାରୀଙ୍କର ଗତି,
ପତିପ୍ରାଣା ନାରୀ କରେ ସ୍ୱର୍ଗ ଲୋକେ ଗତି।"

ସେ ସେହି ଦିବ୍ୟ ମୁହୂର୍ତ୍ତରେ ହିଁ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ପାଲଟି ଯାଉଥିଲା। ଅତି ଚଞ୍ଚଳାରୁ ଅସମ୍ଭବ ସ୍ଥିରା, ଗମ୍ଭୀରା ପାଲଟି ଯାଉଥିଲା। ତାଙ୍କ ଗାଁର ଭାଗବତ ଆଲୋଚନା ସଭାରେ ପଣ୍ଡିତ ମହାଶୟଙ୍କ ଠାରୁ ଥରେ ବାସନ୍ତୀ ଶୁଣିଥିଲା, "ଗଭୀର ପଶ୍ଚାତ୍ତାପ ହିଁ ପାପର ବିଷଫଳକୁ ବିନାଶ କରିଥାଏ।" ଏବେ ସେ ଗ୍ଲାନି, ଅପମାନ ଓ ପଶ୍ଚାତ୍ତାପର ନିଆଁରେ ଆଉଟି ହୋଇ ହୋଇ ବୋଧେ ଶୁଦ୍ଧ ସୁବର୍ଣ୍ଣ ପାଲଟିବାକୁ ଯାଉଛି। ରୂପ, ଯୌବନର ଅହଂକାର ଧୀରେ ଧୀରେ ତା' ମନରୁ, ଅନ୍ତରରୁ ଖସି ଖସି ରସାତଳଗାମୀ ହୋଇଯାଉଛି। କିଏ ଜଣେ ତା' କାନରେ ପଣ୍ଡିତ ପ୍ରବର ଚାଣକ୍ୟଙ୍କ ସେଇ ନୀତି ଶ୍ଲୋକ ଅହରହ ଉଦାତ୍ତକଣ୍ଠରେ ଉଚ୍ଚାରଣ କରି ଶୁଣେଇ ଦେଉଛି– "କୋକିଳାନାଂ ସ୍ୱରୋରୂପ, ନାରୀ ରୂପିଂ ପତିବ୍ରତା, କରୁଣାପାଣାଂ ବିଦ୍ୟେରୂପ, କ୍ଷମା ରୂପ ତପସ୍ୱୀନାମ୍।" ଅଧୋଃବଦନା, ପରିଶ୍ରାନ୍ତା ବାସନ୍ତୀ ଏଥର କିଏ ସେହି ଶ୍ଲୋକଉଚ୍ଚାରଣକାରୀ ମହାନୁଭବ ବୋଲି ଧୀରେ ଆଖି ଟେକି ଚାହିଁଲା ବାସନ୍ତୀକୁ ଲାଗିଲା, ଶ୍ଲୋକ ଗାଉଥିବା ପଣ୍ଡିତ ପ୍ରବର ଯେମିତି ଖାଲି ତା ସ୍ୱାମୀ ନୁହନ୍ତି, ସେ ସେହି ଶ୍ଲୋକର ମୂର୍ତ୍ତିମନ୍ତ ନାୟକ, ମହାର୍ଘ୍ୟ "କ୍ଷମା"କୁ ଅଳଙ୍କାର କରି ପିନ୍ଧିଥିବା ନିଛକ୍ ତପସ୍ୱୀଟିଏ। ବାସନ୍ତୀ ଦୃଢ଼ ନିଶ୍ଚିତ ହେଲା ଯେ ପୂତିଗନ୍ଧମୟ ନରକରୁ ସେ ବହୁ କଷ୍ଟରେ ଉଠି ଉଠି ସୁଶୋଭିତ ସ୍ୱର୍ଗ ରାଜ୍ୟରେ ଆସି ପହଞ୍ଚିଯାଇଛି। ସରଳ, ନିଷ୍କପଟ, ତପସ୍ୱୀ, ବିବେକୀ ସ୍ୱାମୀଙ୍କ କ୍ଷମାର ଦିବ୍ୟସ୍ପର୍ଶରେ ପୋଛି ହୋଇ ଯାଇଛି, ତା'ର କଳେବରରୁ ସମସ୍ତ ଆବର୍ଜନା। ଏଇଠି ହିଁ ତା'ର ଜୀବନ, ଏଇଠି ହିଁ ତା'ର ମୃତ୍ୟୁ।

**ଶ୍ଲୋକ ଗାଉଥିବା ପଣ୍ଡିତ ପ୍ରବର ଯେମିତି ଖାଲି ତା ସ୍ୱାମୀ ନୁହନ୍ତି, ସେ ସେହି ଶ୍ଲୋକର ମୂର୍ତ୍ତିମନ୍ତ ନାୟକ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




**Search Sahitya Charcha on Play Store**



ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।

ବ୍ୟଙ୍ଗ

# ଭଗବାନ ତମେ ଇସ୍ତଫା ଦିଅ



ଡ. ଧର୍ମଛଡା

ମୁଁ କହିଲି, ପ୍ରାୟ ଅଧିକାଂଶ ଗାଁର ଲୋକମାନେ ଦାବିକରନ୍ତି ଯେ ତାଙ୍କ ଗାଁ ହେଉଛି ସଂସ୍କୃତିସମ୍ପନ୍ନ ଗାଁ। ଖତୁଆ ଝଅଟ ଉତ୍ତର ଦେଲା, କହିଲା, 'ହେବନି କେମିତି କହିଲେ ଭାଇ, ଆଜି କାଲି ଚଷାପୁଅ ଚାଷ କରୁନି, ତନ୍ତୀ ପୁଅ ତନ୍ତ ଚଲାଉନି, ତେଲି ପୁଅ ଘଣା ଭୁଲିଛି, ଗୁଡ଼ିଆ ପୁଅକୁ ମାଲୁମ ନାହିଁ ଗୁଡ଼ ଉତ୍ପାଦନର ପ୍ରକ୍ରିୟା, କୁମ୍ଭାର ଚକ ଚଲେଇବା କୁମ୍ଭାର ପୁଅକୁ ମାଲୁମ ନାହିଁ, ବଢେଇ ପୁଅ ଭୁଲିଯାଇଛି ହାତୁଡ଼ି ନିହାଣ କରତ ଚଲାଇବାର କଳା, ବ୍ରାହ୍ମଣ ପୁଅ ମନ୍ତ୍ର ପଢ଼ା ଭୁଲିଯାଇଛି, ବାରିକ ପୁଅ ଖୁର ଧରିବା ଭୁଲିଯାଇଛି। ଏମିତି କହିବାକୁଗଲେ ସମସ୍ତେ ସମସ୍ତଙ୍କର କୌଳିକ ବୃତ୍ତି ଭୁଲିଗଲେଣି।' ମୁଁ କହିଲି, 'ଆରେ ଖତୁଆ, ଇଏ ତ ଅପସଂସ୍କୃତି, ଏଠି ସଂସ୍କୃତିସମ୍ପନ୍ନ କହିବା ନିରର୍ଥକ।' ଖତୁଆ କହିଲା, 'ମୋତେ ଆଗ କହିଲ, ସଂସ୍କୃତରୁ ସଂସ୍କୃତି ଶବ୍ଦ ସୃଷ୍ଟି ନା ନାହିଁ?' ମୁଁ କହିଲି, 'ହଁ, ସଂସ୍କୃତରୁ ସଂସ୍କୃତିର ସୃଷ୍ଟି।' ଖତୁଆ କହିଲା, 'ତେବେ ଶୁଣ, ଘରେ ଘରେ ଲୋକେ ଏବେ ଟଙ୍କିକିଆ ଚାଉଳ ପାଇ ନିଜ ନିଜର କୌଳିକ ବୃତ୍ତି ଛାଡ଼ି ଗାଁ ମୁଣ୍ଡରେ ଦଳ ଦଳ ହୋଇ ତାସ୍ ଖେଳୁଛନ୍ତି। ତମେ ଯଦି ଗାଁର ସେଇ କେତୋଟି ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବ ସେଠି ଶୁଣିବାକୁ ପାଇବ ସମସ୍ତେ ସଂସ୍କୃତକୁ ଘୋରିବାଟି ପିଇ ଖାଲି ଦୁଇ ଅକ୍ଷର ବିଶିଷ୍ଟ ସଂସ୍କୃତକୁ ଠିଆ ଠିଆ ବାନ୍ତି କରୁଛନ୍ତି। ଆଜିକାଲି ପ୍ରାୟ ଅଧିକାଂଶ ଗାଁରେ ଏମନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମର ଦର୍ଶନ ଓ ଶ୍ରବଣ ମାତ୍ରକେ ଯେ କିଏ ବି ଉପଲବ୍ଧି କରିବେ ଯେ ସମ୍ପୃକ୍ତ ଗାଁଟି ନିଶ୍ଚୟ ସଂସ୍କୃତିସମ୍ପନ୍ନ ହୋଇଥିବ।' ଖତୁଆର ଏମନ୍ତ କଥାରୁ ଆମେ ନିଶ୍ଚିତ ହେଲୁ ଯେ ଖତୁଆ ଗମାତ ମାଧ୍ୟମରେ ଗ୍ରାମେ ଗ୍ରାମେ ପ୍ରଚଳିତ ଦୋ-ଅକ୍ଷରୀ ସଂସ୍କୃତ ଭାଷାଭାଷୀଙ୍କୁ ସଂସ୍କୃତିସମ୍ପନ୍ନ ବୋଲି କହିବାର ଇଏ ଏକ ଅଭିନବ ପ୍ରୟାସ।



**ସଂସ୍କୃତିସମ୍ପନ୍ନ ଗାଁ**

ମୁଁ ଖତୁଆର ପାଟିକୁ ଚାପିଧରି କହିଲି, 'ମୁଁ କହୁଛି କ'ଣ, ତୁ ବୁଝୁଛୁ କ'ଣ? ତୁ ଚୁପ୍ ନ ରହିଲେ ମୁଁ କିଛି କହିବିନି।' ଖତୁଆ ଶ୍ରୀକୃଷ୍ଣଙ୍କ ମାର୍କା ତେରଛା ହସି କହିଲା, 'ହଉ ତୋର କ'ଣ କହିବା କଥା କହ।' ମୁଁ କହିଲି, 'କାଲି ମୁଁ ଗାଁକୁ ଯାଇଥିଲି। ଗାଁର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ମୋତେ ଡାକିଥିଲେ କ୍ଲବ ଘରକୁ। ଗାଁର ମୁଖିଆ ମୋତେ ଦେଖି କହିଲେ, 'ବୁଝିଲ ପୁଅ ଆମ ଗାଁ ଟି ହେଉଛି ସଂସ୍କୃତିସମ୍ପନ୍ନ ଗାଁ। ତମେମାନେ ତ ଯାଇ ବାହାରେ ରହିଲ। ଆମ ଗାଁ'ର ପୂର୍ବ ଗୌରବ କିପରି ଅକ୍ଷୁଣ୍ଣ ରହିବ ଗାଁର ପିଲାମାନଙ୍କୁ ଟିକେ ବୁଝାଇ ସେ ଦିଗରେ ମାର୍ଗଦର୍ଶନ ଦିଅ।' ଚୁପ୍ ରହିଥିବା ଖତୁଆର ବେକାବୁ ପାଟି ପୁଣି ଖୋଲିଗଲା। ଖତୁଆ କହିଲା, 'ହଁ, ତୁ କହିଲୁନି, ମୁଖିଆ ମହାଶୟ, ଆମ ଗାଁର ପୂର୍ବ ଗୌରବ ଥିଲା ଆମ ଚଷାପୁଅ ଯେତିକି ଫସଲ ଅମଳ କରୁଥିଲେ ସେଥିରେ ପରିବାର ଚଳିବା ସହ ସେଇ ଧାନ ଚାଉଳ ବିକା ପଇସାରେ ତେଲଲୁଣ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସହ ବନ୍ଧୁବାନ୍ଧବ ଭାରବେଭାର ଦେଇକି ବି ବଳୁଥିଲା। ହେଲେ ଆଜି ସୁନାର ଫସଲ ହେଉଥିବା କ୍ଷେତ ପଡ଼ିଆ ପକେଇ ପିଲାଙ୍କୁ କୋଦିଆ ସଜେଇ ନିଜ ପରିବାରକୁ

ଭିକାରି ସଜେଇ ସରକାରଙ୍କ ପାଖରେ ପିଲାଙ୍କୁ ହାତ ପତେଇବାକୁ ବାଧ୍ୟ କରୁଛ । ଆମ ଗାଁର ମୁଖ୍ୟ ସଂସ୍କୃତି ଥିଲା ଭାଇଚାରା, ହେଲେ ରାଜନୈତିକ ନେତାଙ୍କ ଚକ୍ରାନ୍ତରେ ପଶି ଭାଇ ଭାଇ ମଧ୍ୟରେ ବିବାଦ, ପଡ଼ିଶା ପଡ଼ିଶା ମଧ୍ୟରେ ବିବାଦ, ଗାଁ ଗାଁ ମଧ୍ୟରେ ବିବାଦ ସୃଷ୍ଟି କରୁଛ । ତା'ଛଡ଼ା ତମମାନଙ୍କ ପରି କିଛି ବାପାମାନଙ୍କ ପିଲାମାନେ କିଛି ଟଙ୍କା, ଆଉ ମଦମାଂସ ଲୋଭରେ ଶାନ୍ତିର ପରିବେଶକୁ ଅଶାନ୍ତ କରାଇ ଭାଇଚାରାର ସଂସ୍କୃତିକୁ ପୋଡ଼ି ସାରିଲା ପରେ ଏବେ କହୁଛ ସଂସ୍କୃତି ବିଷୟରେ ମାର୍ଗଦର୍ଶନ ଦେବାକୁ ?' ମୁଁ କହିଲି, 'ତୁ ଯଦି ମୋ କଥା ନ ଶୁଣିବୁ ମୁଁ ଆଉ କିଛି କହିବିନି ।' ଏହା କହି ମୁଁ ଚୁପ୍ ରହିବାରୁ ଖତୁଆ କହିଲା, 'ହେଲା ମୁଁ ଚୁପ ରହିଲି ତୁ କ'ଣ କହିବାକଥା କହ ।'

ମୁଁ କହିଲି, 'ମୁରବି ମୋତେ କହିଲେ, 'ଆମ ଗାଁରେ ପ୍ରତିବର୍ଷ ଯଜ୍ଞ, ରାମଲୀଳା, ଗୀତିନାଟ୍ୟ, ବାଦୀପାଲା ବ୍ୟତୀତ ହୋଲି, ଦଶହରା ଏବଂ ରଜରେ ଗାଁର ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଡ୍ରାମା ହୋଇଆସୁଛି । ଚଳିତବର୍ଷ ବି ରଜ ଉପଲକ୍ଷେ ଡ୍ରାମା କରିବା ପାଇଁ ମନସ୍ଥ କରିଛନ୍ତି । ତମେ ସାହାଯ୍ୟ କଲେ ଆମ ସଂସ୍କୃତି ବଞ୍ଚି ରହିବ ।' ଖତୁଆର ଅମାନିଆ ପାଟି ପୁଣି ଖୋଲିଲା, କହିଲା, 'ହଁ, ପିଲାମାନଙ୍କୁ ପାଠଶାଠ ନ ପଢେଇ ବର୍ଷକ ବାରମାସରେ ଅନୁଷ୍ଠିତ ଯଜ୍ଞ, ମନ୍ଦିର ନିର୍ମାଣ, ପର୍ବପର୍ବାଣି ସହ ଡ୍ରାମା ପାଇଁ ଖଣ୍ଡେ ଖଣ୍ଡେ ରସିଦ ବହି ଧରାଇ ଚାନ୍ଦା ଆଦାୟ ନିମନ୍ତେ ରାସ୍ତାରେ ଠିଆ କରାଉଛନ୍ତି । ବସ୍, ଟ୍ରକ, ଗାଡ଼ି ମଟରଠାରୁ ବେନିୟମ ଭାବେ ଚାନ୍ଦା ଆଦାୟ କରୁଥିବା ପୁଅ ଯେତେବେଳେ ଚାନ୍ଦା ଆଦାୟକୁ ବଟି ଆଦାୟରେ ପରିଣତ କରି ରୋଜଗାରର ସହଜ ଓ ସରଳ ପନ୍ଥା ଭାବି ନିଜ ପେସାରେ ପରିଣତ କରେ ସେତେବେଳେ ସେ ହୋଇଯାଏ ସମାଜ ପାଇଁ ଅସାମାଜିକ । ଗାଁର ପିଲାମାନେ ଯଦି ଅସାମାଜିକ ହୁଅନ୍ତି ତେବେ ଗାଁର ସଂସ୍କୃତି କିପରି ବଞ୍ଚିବ ?' ମୁଁ କହିଲି, 'ଖତୁଆ ତୋ କଥାରେ ଦମ୍ ଅଛି । ହେଲେ ଏଠି ମୋ ବ୍ୟତୀତ ତୋ କଥା ଶୁଣିବ କିଏ ? ପାରୁଛୁ ଯଦି ଏକଥା ଗାଁର ମୁରବିଙ୍କୁ ଡାକି କହ । ହେଲେ ମୋ କଥାରେ ତୁ ଷଣ୍ଢ ପୂରେଇ ଚାଲିଛୁ । ମୁଁ କାଲିର ଘଟଣା ଯେତିକି କହୁଛି ତିନିଗୁଣ ପ୍ରବଚନ ତୋ ଠୁଁ ଶୁଣୁଛି । ଖତୁଆ କହିଲା,'ଏବେ ତୁ ଯାହା କହିବୁ କହ । ମୁଁ ଆଉ ଷଣ୍ଢ ପୂରେଇବି ନାହିଁ ।'

**ବହି ଚୟନ**

ମୁଁ ଖତୁଆକୁ କହିଲି, 'ଶୁଣ, ଗତକାଲି ରଜପର୍ବ ପାଇଁ କେଉଁ ବହି ମଞ୍ଚସ୍ଥ ହେବ ସେଥିପାଇଁ ବହିବଛା ଦାୟିତ୍ୱ ସମସ୍ତେ ମୋତେ ଦେଲେ । ମୋ ଗାଁରେ ମୋତେ ଏତେ ସମ୍ମାନ ମିଳୁଥିବାରୁ ମୁଁ ଗର୍ବରେ ଫୁଲି ଯାଇଥାଏ । ପ୍ରଥମେ ମୋ ହାତରେ ପଡ଼ିଲା 'ସବୁ ରାଣ୍ଡିପୁଅ ଛକରେ ଭେଟ' । ଏ ବହି ନାଁ ଶୁଣି ମୁଖିଆ କହିଲେ, 'ନାଇଁ ଏ ବହି ଚଳିବ ନାହିଁ । କାରଣ ଆଜିକାଲି ସବୁଦିନେ ଆମ ଗାଁର ପିଲାମାନେ ଦିନରାତି ନ ମାନି ଛକରେ ତାସ୍ ଖେଳିଥାନ୍ତି । ଯଦି ଏ ବହି ଚୟନ କରାଯାଏ ପଡ଼ିଶା ଗାଁର ଲୋକେ ଥଟ୍ଟା କରି ଆମ ଗାଁର ପିଲାଙ୍କୁ ରାଣ୍ଡିପୁଅ ବୋଲି ଡାକିବେ । ତା'ଛଡ଼ା ଗାଁରେ ସରକାରଙ୍କ ଦୟାରୁ ଏକ ମଦ ଦୋକାନ ହୋଇଛି । ସେ ମଦ ଦୋକାନ କରିଥିବା ନିତିଆ ଆମ ଯୁବକ ସଂଘକୁ ମୋଟା ଅଙ୍କରେ ଚାନ୍ଦା ଦେଉଛି । ସବୁ ରାଣ୍ଡିପୁଅ ଛକରେ ଭେଟ ହେବ । ଛକରେ ଥିବା ମଦ ଦୋକାନରେ ବାଟେରାଙ୍କ ଭିଡ଼ ସବୁବେଳେ ଲାଗି ରହିଥାଏ । ତେବେ ଏହି ବହିର ପ୍ରଭାବରେ ଆମ ଗାଁର ମହିଳା ସମିତିର ସଦସ୍ୟମାନେ ଏକାଠି ହୋଇ ସେ ମଦ ଦୋକାନ ଉପରେ ଜୁଲମ କରିବେ । ମଦ ଦୋକାନ ଉଠିଗଲେ ଆମ ଯୁବକ ସଂଘର ରାଜସ୍ୱ ଆସିବା ବନ୍ଦ ହୋଇଯିବ । ଯୁବକ ସଂଘର ରାଜସ୍ୱ କମିଲେ ଗାଁର ସଂସ୍କୃତି ବଞ୍ଚି ରହିବ କିପରି ? ତେଣୁ ଏ ବହି ହେବନି ।' ମୁଖିଆଙ୍କ କଥାକୁ ସମ୍ମାନ ଜଣାଇ 'ସବୁ ରାଣ୍ଡିପୁଅ ଛକରେ ଭେଟ' ବହିଟିକୁ ନାକଚ କରିଦେଲି ।' ଚୁପ ରହିଥିବା ଖତୁଆ ପୁଣି କହିଲା, 'ମୁଖିଆ ବଡ଼ ଚାଲାକ ଲୋକ ହୋ । ପ୍ରଥମେ ମଦ ଦୋକାନ ଠାରୁ ଚାନ୍ଦା ଆଣିବେ, ଦ୍ୱିତୀୟରେ ମଦ ପିଇ ପିଇ ମରୁଥିବା ମଦୁଆର ସ୍ତ୍ରୀକୁ ବିଧବାଭତ୍ତା କରେଇ ଦେଇ ବାହା ବାହା ନେବେ । ଏମିତି ବହି ନାହିଁ ଯାହାର ଶୀର୍ଷକ ଥିବ, 'ସ୍ୱାମୀକୁ ମଦୁଆ କରିବ ଯିଏ –

**ଗାଁରେ ସରକାରଙ୍କ ଦୟାରୁ ଏକ ମଦ ଦୋକାନ ହୋଇଛି । ସେ ମଦ ଦୋକାନ କରିଥିବା ନିତିଆ ଆମ ଯୁବକ ସଂଘକୁ ମୋଟା ଅଙ୍କରେ ଚାନ୍ଦା ଦେଉଛି ।**

ବିଧବାଭତ୍ତା ପାଇବ ସିଏ'। ସେ ବହି ବାଛୁନ ?' ମୁଁ ଖତୁଆକୁ କହିଲି, 'ତୁ ଯଦି କହିବୁ କହ, ମୁଁ ଚୁପ ରହୁଛି।' ଖତୁଆ ଗୋଟେ ବଙ୍କା ହସ ହସିଦେଇ କହିଲା, 'ହଉ ତୁ କହ।'

ତା'ପରେ ମୁଁ କହିଲି, 'ମୋ ହାତକୁ ଆସିଲା ଏମିତି ଏକ ବହି ତାକୁ ଦେଖି ସମସ୍ତେ ତାଜୁବ ହୋଇଗଲେ । ବହିର ନାଁ ଥିଲା 'ନାଗ ନାଗୁଣୀଙ୍କ ମାୟା ବନ୍ଧନ'। ଏ ବହିର ନାଁ ଶୁଣୁ ଶୁଣୁ ଗାଁର କଣ୍ଟ୍ରାକ୍ଟର ଚଗଲା ବେହୋସ ହୋଇଗଲା । ତାକୁ ପାଣି ଛାଟି ସାଷ୍ଟାମ କରିବାରେ ସମସ୍ତେ ଲାଗିଗଲେ। ମୁଁ ବୋକାଙ୍କ ପରି ଚାହିଁ ରହିଥିଲି। ଗାଁର ମୁରବି, ପିଲାମାନଙ୍କ ଉପରେ ରାଗି କହିଲେ, 'ତମେମାନେ ତ ଜାଣିଛ ଚଗଲା ଜାତକରେ ଏବେ କାଳେ କାଳସର୍ପ ଯୋଗ ରହିଛି, ତେଣୁ ସିଏ ନାଗ ନାଗୁଣୀ ନାଁ ଶୁଣିଲେ ବେହୋସ ହୋଇଯାଉଛି। ତମେ ଏ ବହି କାହିଁକି ଆଣୁଥିଲ ?' ଯାହେଉ କିଛି ସମୟ ପରେ ଚେତା ଫେରିବାରୁ କଣ୍ଟ୍ରାକ୍ଟର ଚଗଲାକୁ ଯୁବକ ସଂଘର ପିଲାମାନେ ତାଙ୍କ ଘରେ ଛାଡ଼ି ଦେଇ ଆସିଲେ। ତା'ର ସିନା ଚେତା ଫେରିଆସିଲା ହେଲେ ମୁଁ ସେ ବହିକୁ ଧରିଲି ନାହିଁ। ଯଦି ବହିର ନାଁର ବିଷରେ ଲୋକ ଅଚେତ ହୋଇଯାଉଛନ୍ତି, ବହି ହେଲେ ତ ବିଷ ଜ୍ୱାଳାରେ ଗାଁଟା ବିଷାକ୍ତ ହୋଇଯିବ।'




ଖତୁଆ ହସି ହସି କହିଲା, 'ଜଣେ କଳାକାର ହୋଇ ତୁ ବି ଜାଣିପାରିଲୁନି। ଖାଲି କଣ୍ଟ୍ରାକ୍ଟର ଚଗଲା ନୁହେଁ, ତା' ଭଳି କିଛି ନେତା, ମନ୍ତ୍ରୀ, ହୋଟେଲ ମାଲିକ, ସିନେମା ପ୍ରଯୋଜକ ଏମିତିକି କିଛି ଥିଲାବାଲା ଘରର ପୁଅ ଯେଉଁମାନେ ଚଗଲାମି କରି ନାଗ ପେଡ଼ିରେ ପଶିଛନ୍ତି ସମସ୍ତଙ୍କର ଏବେ କାଳସର୍ପ ଯୋଗ ଆସିଛି। ସେମାନେ ଯେତେ ପୂଜା ଅର୍ଚ୍ଚନା କଲେ ବି ମୁକୁଳିବାର ବାଟ ଦିଶୁନାହିଁ। ହେଲେ କିଛି ତାନ୍ତ୍ରିକ ନାଗୁଣୀକୁ ପାଗଳ ସାବ୍ୟସ୍ତ କରିବାରେ ଲାଗିଛନ୍ତି। ଯଦି ସେମାନେ ସଫଳ ହେଲେ, ତା'ହେଲେ ସମସ୍ତଙ୍କ ରାଶିରୁ କାଳସର୍ପ ଯୋଗ ହଟିଯିବ। ନ ହେଲେ ଆଗକୁ ଏମାନଙ୍କୁ ନାଗୁଣୀ କିଭଳି କିଲିବିଲି କରିବ କେବଳ ସେମାନେ ହିଁ ଅନୁଭବ କରୁଥିବେ।'

## ଇସ୍ତଫା ଦିଅ

ମୁଁ ଖତୁଆକୁ କହିଲି, 'ତୁ ଧୀରେ ସୁସ୍ଥେ ଶୁଣ, ପରେ ପରେ କ'ଣ ଘଟିଲା ?' ଖତୁଆ କହିଲା, 'ତୁ ତ ବକ୍ତା ହୋଇଛୁ, କହ କ'ଣ ଘଟିଲା।' ମୁଁ କହିଲି, 'ପରେ ମୋ ହାତକୁ ଆଉ ଏକ ନାଟକ ବହି ଆସିଲା ଯାର ନାଁ ଥିଲା 'ଭଗବାନ ତମେ ଇସ୍ତଫା ଦିଅ'। ଏଇ ନାଁ'ଟି ସମସ୍ତଙ୍କ ମନକୁ ପାଇଗଲା। ବିରୋଧୀ ଦଳିଆ ନଣ୍ଡା ଚିଲେଇ କହିଲା, 'ନାଁରେ ଟିକିଏ ପରିବର୍ତ୍ତନ କର।' ମୁଖିଆ କହିଲେ, 'ତୁ କହ ନାଁ ଟି କ'ଣ ରଖିଲେ ଭଲ ହେବ ? ନଣ୍ଡା କହିଲା, 'ଭଗବାନ ଜାଗାରେ ସୈତାନ ଲେଖିଦିଅ। ଅର୍ଥାତ, ସୈତାନ ତମେ ଇସ୍ତଫା ଦିଅ। ଯଦି ଭଗବାନଙ୍କୁ ଇସ୍ତଫା ଦେବାକଥା କହିବା ଲୋକେ କହିବେ ଏ ବହିକୁ ବୋଧେ ଡ. ଧର୍ମଛଡା ପସନ୍ଦ କରିଛି। ଦେଖିବାକୁ ଗଲେ କେହି ଭଗବାନଙ୍କୁ ଇସ୍ତଫା ଦେବାପାଇଁ ଦାବି କରନ୍ତି ନାହିଁ। ସମସ୍ତେ ସୈତାନମାନଙ୍କ ଇସ୍ତଫା ଦାବି କରନ୍ତି।' ଉପସ୍ଥିତ ଥିବା ନଟିଆ ନଣ୍ଡାକୁ ସମର୍ଥନ ଜଣାଇ କହିଲା, 'ହଁ ଭଗବାନ ଜାଗାରେ ସୈତାନ ଲେଖାଯାଉ।' ଅମାନିଆ ତୁଣ୍ଡିଆ ଖତୁଆ କହିଲା, 'ହେଇଟି ଭାଇ' ସୈତାନ ତମେ ଇସ୍ତଫା ଦିଅ' କହି କହି ଏ ବିରୋଧୀ ଦଳିଆଙ୍କ ତଣ୍ଟି ଶୁଖିଗଲା ପଛକେ ଇସ୍ତଫା ଦେବା ତ ଦୂରର କଥା, ଖୋଦ ମୁଖିଆ ତାଙ୍କୁ ମଞ୍ଚରେ ନିଜପାଖରେ ବସେଇ ସୁନା ପୁଅର ସାର୍ଟିଫିକେଟ ଦେଇଛନ୍ତି। ଆଉ ପୋଷା ଶୁଆଙ୍କୁ ତଦନ୍ତ ଦାୟିତ୍ୱ ଦେଇ ଗୋଟାପଣ ତୁଳସୀ ସଜେଇ ଦେଲେ। ଭଗବାନମାନେ ଇସ୍ତଫା ଦିଅନ୍ତୁ ସୈତାନମାନେ ରୁହନ୍ତୁ।' ମୁଁ କହିଲି, 'ଖତୁଆ, ତୁ ସବୁ ଶୁଣ ତା'ପରେ ମତାମତ ଦେବୁ।' ଖତୁଆ ଚୁପ ହୋଇ କହିଲା, 'ହଉ ତୁ କହ ତା'ପରେ କ'ଣ ହେଲା।'

ମୁଁ କହିଲି, 'ଉପସ୍ଥିତ ଥିବା ଶାସକ ଦଳର କର୍ମୀ କୁନା ଉଭୟ ନଣ୍ଡା ଏବଂ ନଟିଆକୁ କାଉଣ୍ଟର କରି କହିଲା, 'ହେଇଟି ଶୁଣ ତମେ ଯେତେ ଚିଲ୍ଲେଇଲେ କିଛି ଲାଭ ପାଇଛ,

ନା ପାଇବ ? କେତେବେଳେ ଭୁବନେଶ୍ୱରରୁ ନୟାଗଡ଼, ତ କେତେବେଳେ କଳାହାଣ୍ଡି, ପୁଣି କେତେବେଳେ ମାହାଙ୍ଗା ଯାତ୍ରା କଲ। ତମ ଯାତ୍ରାକୁ ଲୋକେ ଉପଭୋଗ କଲେ, ହେଲେ ଫଳ ଶୂନ। ସିଏ ଭଗବାନ ହୁଅନ୍ତୁ କି ସୈତାନ ଗୋଟିଏ ଫୋନରେ ଇସ୍ତଫା ଦେବାକୁ ବାଧ୍ୟ ହୁଅନ୍ତି। ଅର୍ଥାତ 'ନୋ ଝିନଝଟ ନୋ ପରିସାନୀ ରସନା ନିମ୍ବୁ ପାନି'। ଆମ ମୁଖ୍ୟଙ୍କୁ ଏମିତି ମନ୍ତ୍ର ଜଣା ଯେ ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ। ସମସ୍ତଙ୍କୁ କହିବେ ଇସ୍ତଫା ଦିଅ, ସମସ୍ତେ ଇସ୍ତଫା ଦେବେ ଚାଉଳରୁ ଗୋଡ଼ି ବାଛିଲା ପରି ସୈତାନ ଆଉ ଭଗବାନ ଅଲଗା ଅଲଗା କରିଦେବେ। ନା ରହିବ ବାଉଁଶ ନା ବାଜିବ ବଇଁଶୀ। ଚାଉଳ ଚାଉଳ ଜାଗାରେ, ଗୋଡ଼ି ତା ଜାଗାରେ। ଏ ଡ୍ରାମା ଓଡ଼ିଶାର ଲୋକମାନେ ଦେଖି ସାରିଛନ୍ତି, କାହାରିକୁ କିଛି ବୁଝେଇବାକୁ ପଡ଼ିବ ନାହିଁ।' ଖଡୁଆ ପୁଣି ମୋ କଥାରେ ଷଣ୍ଢ ପୂରେଇଲା, କହିଲା, 'ଯାହା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାଯାଉଛି ଯେଉଁଠି ବିରୋଧର ସ୍ୱର ଶକ୍ତିହୀନ ହୋଇପଡେ ସେତେବେଳେ ମୋଗଲ ଏବଂ ବେପାରୀ ଇଂରେଜମାନେ ପ୍ରବେଶ କରନ୍ତି। ଆମରି ମାଟିରେ ଆମେ ଅସହାୟ ହୋଇ ପଡୁ। ଆମରି ରାଜସ୍ୱରେ ଯୋଜନା କରି ଆମକୁ ଲଲିପପ୍ ଦେଇ ସେମାନେ ଖାଇଚାଲନ୍ତି ସବୁକିଛି। ଯେଉଁଠି ପେଟରେ ଥିବା ପିଲାର ମୁଣ୍ଡରେ ଋଣ ବୋଝ ଲଦି ଯୋଜନା କରାଯାଉଛି ସେଠି ସୈତାନ ହିଁ ସୈତାନ। ତେଣୁ ମୁଁ କହୁଛି, 'ଯଦି ତମେ ସୈତାନଙ୍କୁ ନାଶ କରି ନ ପାରିବ, ହେ ଭଗବାନ ତମେ ଇସ୍ତଫା ଦିଅ।'

**ଯେଉଁଠି ପେଟରେ ଥିବା ପିଲାର ମୁଣ୍ଡରେ ଋଣ ବୋଝ ଲଦି ଯୋଜନା କରାଯାଉଛି ସେଠି ସୈତାନ ହିଁ ସୈତାନ।**

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

---




**ମୂଲ୍ୟ : ଟ. ୧୨୦/-**

## ପ୍ରକାଶ ପାଇଲା

# ଅଭୟାନନ୍ଦ ଉବାଚ

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।


ପ୍ରବନ୍ଧ

# ଓଡ଼ିଆ ସାହିତ୍ୟରେ ଅନୁବାଦ ପରମ୍ପରା



ଡ. ରମାକାନ୍ତ ନାୟକ

ଅନୁବାଦର ଅର୍ଥ ପଶ୍ଚାତଗମନ – ମୂଳ ରଚନାକୁ ଅନ୍ୟ ଭାଷାରେ ଅନୁସରଣ କରି ପୁନଃକଥନ। ସାର୍ଥକ ଅନୁବାଦ ମୌଳିକ ରଚନା ସଦୃଶ ଚିତ୍ତାକର୍ଷକ ଓ ହୃଦୟଗ୍ରାହୀ ହୋଇପାରେ ଏବଂ ପାଠକକୁ ବହିର୍ଦ୍ଦେଶ ସହିତ ସନ୍ନିବନ୍ଧ କରିବା ପାଇଁ ପରିବେଶ ସୃଷ୍ଟି କରିପାରେ। ଆକ୍ଷରିକ, ଭାବାତ୍ମକ, ଅନୁସରଣାତ୍ମକ, ଛାୟାଧର୍ମୀ ସାହିତ୍ୟ ସୃଜନ ସମୂହ ମଧ୍ୟରେ ବିଶ୍ୱ ବ୍ୟକ୍ତିର ଓ ବ୍ୟକ୍ତି ବିଶ୍ୱର – ଏହି ଅପୂର୍ବ ଭାବାବେଗ ମଣିଷକୁ ପ୍ରବୋଧିତ କରେ।




ବିଶ୍ୱର ଅନେକ ସାହିତ୍ୟର ଉନ୍ମେଷ ପର୍ବ ପରି, ଓଡ଼ିଆ ସାହିତ୍ୟର ଆଦ୍ୟ ଝଙ୍କାର ନିନାଦିତ ହୋଇଥିଲା ଅନୁବାଦ ସାହିତ୍ୟ ମାଧ୍ୟମରେ। ଆଦିକବି ସାରଳା ଦାସ ଥିଲେ ଓଡ଼ିଆ ଭାଷାରେ ସୃଜନାତ୍ମକ ଅନୁବାଦ ସାହିତ୍ୟର ପ୍ରବର୍ତ୍ତକ। ଗ୍ରୀକ୍ ସାହିତ୍ୟର ଆଦିଯୁଗରେ ହୋମର ଓ ଇଂରାଜୀ ସାହିତ୍ୟରେ ଚସରଙ୍କ ପରି ଅନ୍ୟଭାଷାର ଆଧିପତ୍ୟରୁ ମାତୃଭାଷାକୁ ନିସ୍ତାର ତଥା ପରିମାର୍ଜିତ କରି, ସ୍ୱକୀୟ କଳ୍ପନା ସମ୍ଭୂତ କଥାବସ୍ତୁର ବିଭୂଷଣରେ ବିମଣ୍ଡିତପୂର୍ବକ ଓଡ଼ିଆ ଭାଷା ସାହିତ୍ୟରେ ସେ ବିପ୍ଳବ ରଚନା କରିଥିଲେ। ତାଙ୍କ ଲେଖନୀ ନିଃସୃତ ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ଗ୍ରନ୍ଥତ୍ରୟ ଥିଲା ସଂସ୍କୃତ ଗ୍ରନ୍ଥର ଭାବାନୁବାଦ। ସମ୍ପୃକ୍ତ କାବ୍ୟକୃତିମାନଙ୍କରେ ସରଳ ସାବଲୀଳ ବିଶୁଦ୍ଧ ଓଡ଼ିଆ ଭାଷାର ବ୍ୟବହାର ଓଡ଼ିଆ ଅନୁବାଦ ସାହିତ୍ୟରେ ଉନ୍ମେଷ ପର୍ବର ଶୁଭ ଉଦ୍‌ଘାଟନ ଥିଲା। ବଙ୍ଗଳାରେ ମହାଭାରତ ରଚନା ହେବାର ଦୁଇ ଶତାବ୍ଦୀ ପୂର୍ବରୁ ଓ ପ୍ରତିବେଶିନୀ ତେଲୁଗୁ ଭାଷାରେ ଅନୁବାଦ ହେବାର ତିନିଶହ ବର୍ଷ ପୂର୍ବରୁ ରଚିତ ସାରଳା ମହାଭାରତ ଥିଲା ସମଗ୍ର ପ୍ରାନ୍ତୀୟ ଭାଷାରେ ସର୍ବପ୍ରଥମ ଏବଂ ଯୁଗାନ୍ତକାରୀ ସାରସ୍ୱତ ବୈଭବ।

**ସାରଳା ଦାସଙ୍କ ପ୍ରଭାବ**

ସାରଳା ଦାସଙ୍କ କୃତିତ୍ୱ ପରବର୍ତ୍ତୀ ସମୟରେ ବହୁ କୃତବିଦ୍ୟ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସ୍ୱପ୍ରାନ୍ତୀୟ ଭାଷାରେ ଉଚ୍ଚକୋଟୀର କାବ୍ୟମାନ ରଚନା କରିବା ପାଇଁ ଅନୁପ୍ରାଣିତ କରିଥିଲା। ପଞ୍ଚସଖାଙ୍କର ଯୋଗାତ୍ମରେ ଭିତ୍ତିକ ସାହିତ୍ୟ ତଥା ସମସାମୟିକ କାଳ୍ପନିକ, ପୌରାଣିକ, ବୈଷ୍ଣବ ଧର୍ମଦର୍ଶନ ଆଧାରରେ କାବ୍ୟମାନ ନିଜ ନିଜର ମୌଳିକ ତଥା ଅନୁବାଦର ସମନ୍ୱୟରେ ପ୍ରକାଶିତ ହୋଇ ଏକ କ୍ରାନ୍ତିକାରୀ ଯୁଗର ସୂତ୍ରପାତ କଲା। ତତ୍କାଳୀନ ଭାଷା ସାହିତ୍ୟର ଏହି ପ୍ରତିଭାଧରମାନେ ହୁଏତ ମନସ୍ଥ କରିଥିବେ ଓଡ଼ିଆ ଭାଷାର ଆଭିଜାତ୍ୟକୁ ସଂସ୍କୃତ ଭାଷାର ସମକକ୍ଷ କରିବା ନିମନ୍ତେ। ଏଥିପାଇଁ ସେମାନଙ୍କର ଅନୁବାଦ ବ୍ୟାସ, ବାଲ୍ମିକୀଙ୍କର ଛାୟାଚିତ୍ରପଟ ନ ହୋଇ ସମସାମୟିକ ଧର୍ମ, ରୁଚି ଓ ପରମ୍ପରାକୁ ଉଜ୍ଜୀବିତ କରି ଜାତୀୟ ଜୀବନରେ ଦର୍ପଣ ସାଜି, ଜାତିର ହୃଦୟରେ ସମ୍ମାନଜନକ ସ୍ଥାନ ଅଧିକାର କରିପାରିବାରେ ସକ୍ଷମ ହେଲା। ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ', ବଳରାମ ଦାସଙ୍କ 'ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ କୃତ 'ଶ୍ରୀମଦ୍‌ଭାଗବତ' ଓ ଯଶୋବନ୍ତ ଦାସଙ୍କ ଶିବସ୍ୱରୋଦୟ ପ୍ରଭୃତି ମୂଳଗ୍ରନ୍ଥର ଅବିକଳ ଆକ୍ଷରିକ ଅନୂଦିତ ପ୍ରତିରୂପ ନ ଥିଲା।

ଡ଼. ମାୟାଧର ମାନସିଂହଙ୍କ ମତରେ ଅଚ୍ୟୁତାନନ୍ଦଙ୍କ 'ଲହରୀ ହରିବଂଶ' ସଂସ୍କୃତ ଶୈଳୀରେ ଏକ ମୌଳିକ ଗ୍ରନ୍ଥ ଥିଲା। ଏଠାରେ ଉଲ୍ଲେଖନୀୟ ଯେ ସେ ସମୟର ସାହିତ୍ୟ

ଜଗତରେ ମୌଳିକ ସାହିତ୍ୟ ଓ ଅନୁବାଦ ସାହିତ୍ୟ ମଧ୍ୟରେ ଭାଷା, ଭାବ, ଶୈଳୀରେ ବ୍ୟଞ୍ଜିତ ରସାଳ ରୂପ ଦୃଷ୍ଟିରୁ ବିଭାଜନ ରେଖା ପ୍ରାୟତଃ ନ ଥିଲା। "ସାରଳା ଦାସ କୃତ ମହାଭାରତ" ଭାବରେ ଜନମାନସରେ ଆଦୃତି ହେବା ଏହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଊନବିଂଶ ଶତାବ୍ଦୀ ପୂର୍ବରୁ ଅନୁବାଦ ସାହିତ୍ୟକୁ ଆଧୁନିକ ଯୁଗ ପରି ସ୍ୱତନ୍ତ୍ର ଭାବରେ ବର୍ଗୀକୃତ କରାଯାଇ ନ ଥିଲା।

## ମଧ୍ୟଯୁଗୀୟ କାବ୍ୟାନୁବାଦ

ଦେବ କବି ଜୟଦେବଙ୍କ କୃତ ଲଳିତ ମଧୁର ରସାତ୍ମକ ଗୀତିକାବ୍ୟ "ଗୀତ ଗୋବିନ୍ଦ" ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ କବି ଧରଣୀଧର, ବୃନ୍ଦାବନ ଓ ତ୍ରିଲୋଚନ ଦାସଙ୍କ ଦ୍ୱାରା ସାର୍ଥକ ଅନୁବାଦିତ ହେବା ସହିତ ମୁକୁନ୍ଦ ଦାସଙ୍କ "ବେତାଳ ପଞ୍ଚବିଂଶତି," ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଦ୍ୱାରା ରୂପ ଗୋସ୍ୱାମୀଙ୍କ ରଚିତ "ବିଦଗ୍ଧ ମାଧବ" ଅନୂଦିତ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧାଲାଭ କରିଥିଲା।

**ଊନବିଂଶ ଶତାବ୍ଦୀର ପ୍ରାରମ୍ଭ ସହିତ ଅନୁବାଦ ସାହିତ୍ୟର ପରମ୍ପରାରେ ଏକ ନୂତନ ଯୁଗର ସୂତ୍ରପାତ ହେଲା।**

ଅଷ୍ଟାଦଶ ଶତାବ୍ଦୀରେ ଦୀନକୃଷ୍ଣ ଦାସଙ୍କ ଅନୂଦିତ ଗ୍ରନ୍ଥ "ପ୍ରସ୍ତାବ ସିନ୍ଧୁ", କୃଷ୍ଣ ସିଂହଙ୍କ ରଚିତ "ମହାଭାରତ", ହଳଧର ଦାସଙ୍କ ପ୍ରଣିତ "ଅଧ୍ୟାତ୍ମ ଭାଗବତ", ବଳଭଦ୍ର ମଙ୍ଗରାଜଙ୍କ "କ୍ଷେତ୍ରମାହାତ୍ମ୍ୟ" ଓ ବଳରାମ ଦାସଙ୍କ "ଗୀତା" ପ୍ରୋକ୍ତ ସମୟର ଅନୁବାଦ ପରମ୍ପରାରେ ଅକ୍ଷୟ କୀର୍ତ୍ତି ଅଟେ। ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ କୃଷ୍ଣ ଚରଣ ପଟ୍ଟନାୟକଙ୍କ "ଭାଗବତ", "ବାମନ ପୁରାଣ", "କଳ୍କୀ ପୁରାଣ", "ରାମାୟଣ", ଜୟ ସିଂହଙ୍କ ରଚିତ "ଭଗବତ୍ ଗୀତା", "ଦ୍ରୋଣପ୍ରଭା", ହଳଧର ପଟ୍ଟନାୟକ ଓ ଶ୍ୟାମାମଣୀ ଚ୍ୟାଉ ପଟ୍ଟନାୟକଙ୍କ "ଅଧ୍ୟାତ୍ମ ରାମାୟଣ"ର ଅନୁବାଦ ଲେଖକମାନଙ୍କ ଅନନ୍ୟ ସାରସ୍ୱତ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରେ।


ଊନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭ ସହିତ ଅନୁବାଦ ସାହିତ୍ୟର ପରମ୍ପରାରେ ଏକ ନୂତନ ଯୁଗର ସୂତ୍ରପାତ ହେଲା। ଓଡ଼ିଶାରେ ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ଏହି ପ୍ରଭାବକୁ ବ୍ୟାପକତର କଲା। ୧୮୦୩ରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର ପୂର୍ବରୁ ୧୮୦୦ ମସିହାରେ ଖ୍ରୀଷ୍ଟିୟାନ୍ ପାଦ୍ରୀମାନଙ୍କ ଦ୍ୱାରା "ବାଇବେଲ୍"ର ଆଂଶିକ ଓଡ଼ିଆ ଅନୁବାଦ ପ୍ରକାଶିତ ହୋଇଥିଲା। ୧୮୧୦ ଖ୍ରୀ.ଅ.ରେ ଉଇଲିୟମ୍ କେରୀଙ୍କ ବାଇବେଲ୍‌ର ପୂର୍ଣ୍ଣାଙ୍ଗ ଓଡ଼ିଆ ଅନୁବାଦ ଓଡ଼ିଆ ଭାଷାରେ ସର୍ବପ୍ରଥମ ମୁଦ୍ରିତ ପୁସ୍ତକର ମାନ୍ୟତା ବହନ କରେ। ମ୍ୟାକେଲଙ୍କ ଶିକ୍ଷା ସଂସ୍କାର ସୁପାରିସ ଆଧାରରେ ଇଂରାଜୀ ଶିକ୍ଷାର ବିସ୍ତାର ହେତୁ ଓଡ଼ିଆ ଅନୁବାଦ ସାହିତ୍ୟ ନୂତନ ଶକ୍ତି ସାମର୍ଥ୍ୟରେ ପରିପୁଷ୍ଟ ହେଲା। ଖ୍ରୀଷ୍ଟଧର୍ମର ପ୍ରଚାର ଅଭିପ୍ରାୟରେ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଏଥି ନିମିତ୍ତ ମୌଳିକ ପାଠ୍ୟପୁସ୍ତକର ଅଭାବକୁ ପୂରଣ କରିବା ପାଇଁ ବଙ୍ଗଳା ଓ ଇଂରାଜୀ ଭାଷାରୁ ଆବଶ୍ୟକୀୟ ପାଠ୍ୟପୁସ୍ତକଗୁଡ଼ିକୁ ଅନୂଦିତ କରାଗଲା। କେରୀ, ମାର୍ଶମାନ୍ ଓ ୱାଡ୍ ମିଶନାରୀତ୍ରୟ ବଙ୍ଗ ଦେଶରେ ଖ୍ରୀଷ୍ଟଧର୍ମର ପ୍ରସାର ନିମିତ୍ତ ଖ୍ରୀଷ୍ଟୀୟାନ୍ ସମ୍ବନ୍ଧୀୟ ଗ୍ରନ୍ଥମାନ ପ୍ରକାଶ କରିବା ଅବସରରେ ଓଡ଼ିଆ ଭାଷାରେ ମଧ୍ୟ ଧର୍ମପୁସ୍ତକ ଅନୁବାଦ କରିବାକୁ ପରିକଳ୍ପନା କରିଥିଲେ। ଓଡ଼ିଆ ପାଠ୍ୟପୁସ୍ତକ ରଚନା, ଅଭିଧାନ ଓ ବ୍ୟାକରଣ ପ୍ରଣୟନର ନେତୃତ୍ୱ ନେଲେ ପାଦ୍ରୀ ସାହେବ ଆମ୍ସ୍ ସଟନ୍। ୧୮୧୩ ଖ୍ରୀ.ଅ.ରେ 'ଓଡ଼ିଆ ବ୍ୟାକରଣ', ୧୮୩୨ରେ 'ପଦାର୍ଥ ବିଦ୍ୟାସାର' ୧୮୩୯ରେ 'ଇତିହାସ', 'ନୀତିକଥା' ଓ 'ଭୂଗୋଳ' ପ୍ରଭୃତିର ରଚନା ତାଙ୍କ ସାରସ୍ୱତ କୃତିତ୍ୱ ଥିଲା। ୧୮୫୭ରେ ପ୍ରକାଶିତ ପ୍ରଥମ ଓଡ଼ିଆ ଗଳ୍ପ ପୁସ୍ତକ 'ଫୁଲମଣି ଓ କରୁଣାର ବିବରଣ' ରେଭେରେଣ୍ଡ ଷ୍ଟବିଂଙ୍କ ଦ୍ୱାରା ବଙ୍ଗଳା ଭାଷାରୁ ରୂପାନ୍ତରିତ ହୋଇଥିଲା। ଏହା ବ୍ୟତୀତ 'ମୃତ୍ୟୁକାଳୀନ ବଚନ', 'ସ୍ୱର୍ଗୀୟ ଯାତ୍ରୀର ବୃତ୍ତାନ୍ତ', 'ଗୁରୁ ପୁରାବୃତ୍ତ', 'ବିବାହ ନିୟମପତ୍ର', 'ସଇତାନର କଳ୍ପନା', 'ଧର୍ମଯୁଦ୍ଧ' ପ୍ରଭୃତି ଅନୁବାଦିତ ଗ୍ରନ୍ଥ ସେମାନଙ୍କ ସାରସ୍ୱତ ପ୍ରତିଭାର ଅମଳିନ ଚିହ୍ନ ବହନ କରେ। ସେମାନଙ୍କ ଏହି ପ୍ରୟାସର ଆଭିମୁଖ୍ୟ ଧର୍ମପ୍ରଚାର ଥିଲେ ସୁଦ୍ଧା ସେମାନେ ଯେ ଓଡ଼ିଆ ଗଦ୍ୟାନୁବାଦର ଆଦ୍ୟ ପ୍ରବର୍ତ୍ତକ ଥିଲେ, ଏଥିରେ ସନ୍ଦେହ ନାହିଁ। ଅବଶ୍ୟ ପାଦ୍ରୀମାନଙ୍କ ବିକୃତ ପଦ ପ୍ରୟୋଗ ଓ ଇଂରାଜୀ ବାକ୍ୟ ଗଠନରୀତି ହେତୁ ସେମାନଙ୍କ ଅନୂଦିତ ଭାଷା କିମ୍ଭୂତକିମାକାର ରୂପ ଧାରଣ କରୁଥିଲା। ଦୃଷ୍ଟାନ୍ତ ସ୍ୱରୂପ, "ପୁରୁଷର ମୁଣ୍ଡ ଓ ପାଇଁ କର୍ତ୍ତବ୍ୟ ନହୁଅଇ କିମ୍ବା ନା ସେ ଈଶ୍ୱରର ପ୍ରତିମୂର୍ତ୍ତି ପୁଣି

ତିନି ପୁରୁଷର ମହିଁମା ସ୍ୱରୂପା XXX ପୁଣି ପ୍ରଭୁରେ ପୁରୁଷ ସ୍ତ୍ରୀ ବିନୁଁ ନହୁଇ। ତିନି ପୁରୁଷ ବିନୁଁ ନହୁଅଇ, କିମ୍ବା ନା ଯେମନ୍ତ ସ୍ତ୍ରୀ ପୁରୁଷଠାରୁ ହୁଅଇ, ତେମନ୍ତ ପୁରୁଷ ତିରୀର ଦ୍ୱାରା ହୁଅୟ। ପୁଣି ସମସ୍ତ ଈଶ୍ୱରଙ୍କ କର୍ତ୍ତୃକ XXX"। ବାସ୍ତବରେ ଏହାକୁ ଯଥାର୍ଥରେ ଓଡ଼ିଆ ଭାଷା ପରିବର୍ତ୍ତେ ଏକ ସ୍ୱତନ୍ତ୍ର ଅପଭାଷା କହିଲେ ଅତ୍ୟୁକ୍ତି ହେବ ନାହିଁ।

## ରୁଚିର ପରିବର୍ତ୍ତନ

ରୁଚିର ପରିବର୍ତ୍ତନ ସହିତ ଯୁଗର ଧର୍ମ ବଦଳିଯାଏ। ରେନେସାଁ, ଇଂରାଜୀ ଶିକ୍ଷାର ପ୍ରସାର ଓ ୧୮୬୬ ଖ୍ରୀ.ଅ.ରେ ଓଡ଼ିଶାରେ ମୁଦ୍ରଣ ଯନ୍ତ୍ରର ପଦାର୍ପଣ ଯୋଗୁ ଯେଉଁ ନୂତନ ବୌଦ୍ଧିକ ଯୁଗର ଉଦୟ ଘଟିଲା ସେଥିରେ ଅନୁବାଦ ପରମ୍ପରା ବହୁଳ ଭାବରେ ପ୍ରଭାବିତ ହେଲା। ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାଓ, ରାମଶଙ୍କର ରାୟ, ଲକ୍ଷ୍ମୀକାନ୍ତ ମହାପାତ୍ର କବିତା, ନାଟକ, ପ୍ରବନ୍ଧ, ବେଦ, ଉପନିଷଦ, ରାମାୟଣ ଆଦି ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଅନୁବାଦ କରି ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କଲେ। ସଂସ୍କୃତ ଓ ଇଂରାଜୀ ଭାଷାର ଚିରାୟତ ସାହିତ୍ୟର ସମନ୍ୱୟରେ ଏକ ବିଚିତ୍ରବର୍ଣ୍ଣା କାବ୍ୟ ପରମ୍ପରା ସୃଷ୍ଟି କଲେ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ମିଳନରେ ଏକ ଭିନ୍ନ ସ୍ୱାଦର ସାହିତ୍ୟ ସୃଜନ ନିମିତ୍ତ ରାଧାନାଥଙ୍କର ଅନନ୍ୟ ପ୍ରତିଭା ଥିଲା। ଉଦାହରଣ ସ୍ୱରୂପ ତାଙ୍କ ରଚିତ 'ମେଘନାଦ ବଧ'ରେ ବ୍ୟାସଙ୍କ 'ମହାଭାରତ', ହୋମରଙ୍କ 'ଇଲିୟାଡ୍' ଓ ଭର୍ଜିଲଙ୍କ 'ଏନିଡ୍'ର ସ୍ୱର ସ୍ପଷ୍ଟ ଅନୁଭୂତ ହୁଏ। ଏହାବ୍ୟତୀତ ତାଙ୍କ ପ୍ରଣୀତ 'ଚନ୍ଦ୍ରଭାଗା', 'ନନ୍ଦୀକେଶରୀ', 'ପାର୍ବତୀ', 'ଇଟାଲୀୟ ଯୁବା', 'ମେଘଦୂତ', 'କେଦାରଗୌରୀ', 'ତୁଳସୀ ସ୍ତବକ' ପ୍ରଭୃତି ଅନ୍ୟଭାଷାର ଭାବାନୁବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଥାର୍ଥରେ ସଂସ୍କୃତ ସାହିତ୍ୟର ମୂଳଭିତ୍ତି ଉପରେ ପ୍ରତିଷ୍ଠିତ ରାଧାନାଥଙ୍କ କାବ୍ୟ ସୌଷ୍ଠବ ଗ୍ରୀକ୍ ଓ ଇଂରାଜୀ ସାହିତ୍ୟର ଉପାଦାନରେ ନିର୍ମିତ ଥିଲା।

ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଦୁର୍ନିବାର ଆକ୍ରମଣର ଶିକାର ହୋଇଥିଲା। ସେତେବେଳେ ଔପନିବେଶିକ ଇଂରେଜ ସରକାର ପାଠ୍ୟପୁସ୍ତକ କେବଳ ଇଂରାଜୀ ଓ ବଙ୍ଗଳା ଭାଷାରେ ପ୍ରଣୟନ କରୁଥିଲେ। ଓଡ଼ିଆ ଜାତିର ଏହି ଚରମ ସଙ୍କଟଜନକ ସ୍ଥିତିରେ ରାଧାନାଥ, ଫକୀରମୋହନ ଓ ମଧୁସୂଦନ ରାଓଙ୍କ ଅନୂଦିତ ଓଡ଼ିଆ ପୁସ୍ତକ ସମୂହ ଏହି ଶୂନ୍ୟତାକୁ ପୂରଣ କରିପାରିଥିଲେ। ସେହି ପାଠ୍ୟପୁସ୍ତକ ମଧ୍ୟରେ ଫକୀରମୋହନଙ୍କ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ରଚିତ 'ଜୀବନ ଚରିତ'ର ଅନୁବାଦିତ ପୁସ୍ତକ ଥିଲା ଅନ୍ୟତମ। ଏହାବ୍ୟତୀତ ସଂସ୍କୃତରୁ ଓଡ଼ିଆରେ ଭାଷାନ୍ତର 'ରାମାୟଣ', 'ମହାଭାରତ', 'ଛାନ୍ଦୋଗ୍ୟ ଉପନିଷଦ', 'ଶ୍ରୀମଦ୍‌ଭଗବତ୍ ଗୀତା', 'ଭାରତ ଇତିହାସ', 'ଖିଳ ହରିବଂଶ' ଥିଲା ଉଲ୍ଲେଖଯୋଗ୍ୟ। ବିଦ୍ୟାସାଗରଙ୍କ ଅନ୍ୟ ଏକ ବଙ୍ଗଳା ପୁସ୍ତକ 'ସୀତା ବନବାସ'ର ଓଡ଼ିଆ ଅନୁବାଦ କରିଥିଲେ ବିଚ୍ଛନ୍ଦ ଚରଣ ପଟ୍ଟନାୟକ। ତାଙ୍କର ସମସାମୟିକ ମଧୁସୂଦନ ରାଓ ରଚନା କରିଥିଲେ 'ଛବିଳ ବର୍ଣ୍ଣବୋଧ।' ସେ ସଂସ୍କୃତ ଭାଷାରେ ରଚିତ 'ସୀତା ବନବାସ', 'ରାମ ବନବାସ', 'ବାଳ ରାମାୟଣ', 'ଉତ୍ତର ରାମାୟଣ' ଓଡ଼ିଆ ଭାଷାରେ ଅନୂଦିତ କରିଥିଲେ। ଉଇଲିୟମ୍ କୋପରଙ୍କ "ଦି ସଲିଟ୍ୟୁଡ୍ ଅଫ୍ ଆଲେକ୍‌ଜାଣ୍ଡର ସେଲକାର୍କ"ର ଅନୁସୃଜନ 'ନିର୍ବାସିତର ବିଳାପ' ଥିଲା ତାଙ୍କର ଏକ କାଳଜୟୀ କୃତି। ଏହି ଯୁଗରେ ରାମଶଙ୍କର ରାୟ ରଚନା କରିଥିଲେ 'ସୌଦାମିନୀ' ସମେତ ଚଉଦଟି ନାଟକ। ୧୮୮୨ ଖ୍ରୀ.ଅ.ରେ ତାଙ୍କ ରଚିତ 'ବନବାଳା' ଥିଲା ସେକ୍ସପିୟରଙ୍କ 'ଟେମ୍ପେଷ୍ଟ' ନାଟକର ଅନୁସୃଜନ। ୧୮୭୬ରେ ନାଟ୍ୟକାର ତଥା ସମାଜ ସଂସ୍କାରକ ଜଗମୋହନ ଲାହା ଟଏନ୍‌ବିଙ୍କ ଗ୍ରନ୍ଥର ଅନୁବାଦ 'ଓଡ଼ିଶା ବିଜୟ' ଓ ଥୋମାସ୍ ପାର୍ଣ୍ଣେଲଙ୍କ ପୁସ୍ତକର ଅନୁବାଦିତ ଗ୍ରନ୍ଥ 'ବ୍ରହ୍ମ ଭଜନ' ସଙ୍କଳନ କରିଥିଲେ।




## ସତ୍ୟବାଦୀ ଯୁଗ

ସତ୍ୟବାଦୀ ଯୁଗରେ ଓଡ଼ିଆ ଅନୁବାଦ ସାହିତ୍ୟ ପରମ୍ପରାର ଏକ ନୂତନ ଦିଗନ୍ତ ଉନ୍ମୋଚିତ ହୋଇଥିଲା। ଏହି ଯୁଗରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ପ୍ରଣୟିନୀ', 'ଦାସ ନାୟକ',

ଗୋଦାବରୀଶ ମିଶ୍ରଙ୍କ 'ଘଟାନ୍ତର', 'ଅଠର ଶହ ସତର' ଓ 'ଦାସତ୍ୱର ମୋଚନ', ଆର୍ଯ୍ୟ ହରିହରଙ୍କର 'ଭଗବତ ଗୀତା' ଓଡ଼ିଆ ଅନୁବାଦ ସାହିତ୍ୟର ଅମୂଲ୍ୟ ରତ୍ନ। ବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଓଡ଼ିଆ ଅନୁବାଦ ପରମ୍ପରାକୁ ସଂସ୍କୃତ ଓ ଇଂରାଜୀ ଚିରାୟତ (କ୍ଲାସିକ୍) ସାହିତ୍ୟର ଶକ୍ତିଶାଳୀ ପ୍ରଭାବ ଆଚ୍ଛନ୍ନ କରି ରଖିଥିଲା। ଉଇଲିୟମ୍ ସେକ୍ସପିୟର ଓ ମହାକବି କାଳିଦାସଙ୍କ କୃତି ସମ୍ଭାର ସେ ଯୁଗର ବିଶ୍ୱପାଠକ ମହଲରେ ଥିଲା ସର୍ବଶ୍ରେଷ୍ଠ। ବାଳକୃଷ୍ଣ କର ସେକ୍ସପିୟରଙ୍କ 'କିଙ୍ଗଲିୟର'ର ଭାବାନୁବାଦ ଶୀର୍ଷକ 'ଶିବ ଦାସ', ଏବଂ ଭରତ ଚନ୍ଦ୍ର ନାୟକ କାଳିଦାସଙ୍କ 'କୁମାର ସମ୍ଭବ' ଓ ହୁଏନ୍‌ସାଂଙ୍କ 'ଭାରତ ପରିଭ୍ରମଣ'କୁ ଓଡ଼ିଆ ଭାଷାରେ ଅନୂଦିତ କରିଥିଲେ। ପ୍ରୋକ୍ତ କାଳରେ ପରମାନନ୍ଦ ଆର୍ଯ୍ୟ ଓ ରାଧାମୋହନ ଗଡ଼ନାୟକଙ୍କ 'ସୋରାବ ଓ ରୁସ୍ତମ', ଚନ୍ଦ୍ରଶେଖର ମିଶ୍ରଙ୍କ 'ସର ସୁନ୍ଦରୀ', ଅଜୟ ଚନ୍ଦ୍ର ଦାସଙ୍କ 'ଲେଡି ଅଫ୍ ଦି ଲାଷ୍ଟ ମିନିଷ୍ଟ୍ରେଲ୍', ଚନ୍ଦ୍ରମଣି ଦାସଙ୍କ 'ଦି ଡେଜର୍ଟେଡ୍ ଭିଲେଜ୍' ଓ ଗୋବିନ୍ଦ ତ୍ରିପାଠୀଙ୍କ 'ଡନ୍ କ୍ୟୁଜୋଟ୍'ର ଓଡ଼ିଆ ଅନୁବାଦ ତତ୍କାଳୀନ ସାହିତ୍ୟ ଭଣ୍ଡାରକୁ ଅମୂଲ୍ୟ ଅବଦାନ ଥିଲା। କାଳିଦାସ ଓ ସେକ୍ସପିୟରଙ୍କ ସାହିତ୍ୟ କୃତିର ଅନୁବାଦ ବ୍ୟତୀତ ଅନ୍ୟାନ୍ୟ ସଂସ୍କୃତ ଗ୍ରନ୍ଥର ଅନୁବାଦ ମଧ୍ୟ ଏହି ଯୁଗରେ ନଗଣ୍ୟ ନ ଥିଲା। ଚିନ୍ତାମଣି ଆର୍ଯ୍ୟଙ୍କ 'ଲିଙ୍ଗ ପୁରାଣ', 'ବ୍ରହ୍ମ ପୁରାଣ', 'ଶ୍ରୀମଦ୍‌ଭଗବତ୍ ଗୀତା', ଗୋପୀନାଥ ସିଂହଦେଓଙ୍କ 'ନୈଷଧ', 'କୁମାର ସମ୍ଭବ', 'ଭଟ୍ଟିକାବ୍ୟ', 'ଶିଶୁପାଳ ବଧ', 'କିରାତାର୍ଜୁନ', ଲକ୍ଷ୍ମୀପ୍ରିୟା ଦେବୀଙ୍କ 'ଶ୍ରୀମଦ୍‌ଭଗବତ ଗୀତା' ବିଂଶ ଶତାବ୍ଦୀରେ ଚରିତ ଅନୁବାଦ ସାହିତ୍ୟର ଦୀପ୍ତିମନ୍ତ ନିଦର୍ଶନ। କଥିତ କାଳରେ ସୁଲୋଚନା ଦେଇ, ଦମୟନ୍ତୀ ଦେଇ, ବନଲତା ଦେଇ, ନର୍ମଦା କର ଓ ପ୍ରତିଭା କର ପ୍ରମୁଖ ମହିଳା ଅନୁବାଦିକାଗଣ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ ସେମାନଙ୍କ ବିପୁଳ ଅନୂଦିତ ସାରସ୍ୱତ ସମ୍ଭାରରେ।

## ପ୍ରଗତିବାଦୀ ଯୁଗ

ପ୍ରଗତିବାଦୀ ଯୁଗ (୧୯୩୫-୧୯୪୭) ରେ ମାର୍କ୍ସ, ଗାନ୍ଧୀ ଓ ଅନ୍ୟାନ୍ୟ ଚିନ୍ତାନାୟକମାନଙ୍କ ଆଦର୍ଶ, ଦର୍ଶନ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିପର୍ଯ୍ୟସ୍ତ ବିଶ୍ୱ ସାହିତ୍ୟ ଜଗତକୁ ଆନ୍ଦୋଳିତ କରିଥିଲା। ଏହି ଯୁଗରେ ସାରସ୍ୱତ ସ୍ରଷ୍ଟା ଚିନ୍ତାମଣି ମିଶ୍ର 'ମହାତ୍ମାଗାନ୍ଧୀଙ୍କ ଜୀବନୀ', 'ହିନ୍ଦୁଧର୍ମର ଜାତି ଓ ତା'ର ଗତି', ଏବଂ 'ଆମ ଦୁର୍ଗତିର ଦିନ' ଶୀର୍ଷକ ଅନୂଦିତ ଗ୍ରନ୍ଥମାନ ରଚନା କରିଥିଲେ। ସମସାମୟିକ ଲେଖକ ଗଣେଶ ପ୍ରସାଦ ସିଂହଦେଓ ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ', ହରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ସଚ୍ଚି ରାଉତରାୟଙ୍କ 'ବାଜି ରାଉତ ଓ ଅନ୍ୟାନ୍ୟ ଋଳିଶିଟି କବିତା', କୁଞ୍ଜ ବିହାରୀ ନାୟକ ରାଧାନାଥଙ୍କ 'ଚିଲିକା' ଓ ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା'କୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ। ନିତ୍ୟାନନ୍ଦ ମହାପାତ୍ର, 'କମ୍ଭ ରାମାୟଣ', 'ରମଣ ମହର୍ଷି', 'ସ୍ୱରାଜ୍ୟ ସଙ୍ଗୀତ' ଓଡ଼ିଆ ଭାଷାକୁ ଭାଷାନ୍ତର କରିଥିଲେ।

**ବିଂଶ ଶତାବ୍ଦୀର ମଧ୍ୟଭାଗରେ ସ୍ୱାଧୀନୋତ୍ତର ଯୁଗରେ ସରକାରଙ୍କ ପ୍ରୋତ୍ସାହନପୁଷ୍ଟ ଅନୁବାଦ ପରମ୍ପରା ଅଧିକ ଗତିଶୀଳ ହେଲା।**

ବିଂଶ ଶତାବ୍ଦୀର ମଧ୍ୟଭାଗରେ ସ୍ୱାଧୀନୋତ୍ତର ଯୁଗରେ ସରକାରଙ୍କ ପ୍ରୋତ୍ସାହନପୁଷ୍ଟ ଅନୁବାଦ ପରମ୍ପରା ଅଧିକ ଗତିଶୀଳ ହେଲା। କମିଶନର ଅଫ ସାଇଣ୍ଟିଫିକ୍ ଟେକ୍ନିକାଲ୍ ଟର୍ମୋଲୋଜି, ସାହିତ୍ୟ ଏକାଡେମୀ, ନେସନାଲ୍ ବୁକ୍ ଟ୍ରଷ୍ଟ ଓ ଅନ୍ୟାନ୍ୟ ସଂଗଠନ ପ୍ରତିଷ୍ଠିତ ହେଲା ଅନୁବାଦ ସାହିତ୍ୟକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ। ୧୯୫୭ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠିତ ହୋଇ ଅନୁବାଦ ପରମ୍ପରାକୁ ତ୍ୱରାନ୍ୱିତ କଲେ ଏବଂ ୧୯୮୯ ମସିହାରୁ ଅନୁବାଦ କ୍ଷେତ୍ରରେ ପୁରସ୍କାର ପ୍ରଦାନର ବ୍ୟବସ୍ଥା ପ୍ରଚଳନ କଲେ। ୧୯୭୦ରେ ଓଡ଼ିଶା ଷ୍ଟେଟ୍ ବ୍ୟୁରୋ ଅଫ୍ ଟେକ୍ସଟ ବୁକ୍ ପ୍ରିପ୍ୟାରେସନ୍ ଆଣ୍ଡ୍ ପ୍ରଡ଼କ୍ସନ ପାଠ୍ୟପୁସ୍ତକ ପ୍ରକାଶନ ନିମିତ୍ତ ସ୍ଥାପିତ ହୋଇ ଚିରାୟତ ମୌଳିକ ସାହିତ୍ୟ ଗ୍ରନ୍ଥଗୁଡ଼ିକୁ ଓଡ଼ିଆ ଭାଷାନ୍ତର ଲକ୍ଷ୍ୟରେ ଅଗ୍ରସର ହେଲା। ଘରୋଇ ପ୍ରକାଶନ ସଂସ୍ଥା, କଟକ ଟ୍ରେଡ଼ିଂ କୋ. ବିଜ୍ଞାନ ସମ୍ବନ୍ଧିତ ପୁସ୍ତକମାନ ଅନୁବାଦ କଲା।


## ସ୍ୱର୍ଣ୍ଣାଭ ଅଧ୍ୟାୟ

ବିଂଶ ଶତାବ୍ଦୀର ମଧ୍ୟଭାଗରୁ ଓଡ଼ିଆ ଅନୁବାଦ ପରମ୍ପରାରେ ଅନ୍ୟ ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ ସନ୍ନିବେଶିତ ହୋଇଗଲା। ଫୋର କର୍ଣ୍ଣରସ, ଗ୍ରାସ୍‌ରୁଟ୍, ଅକ୍ସଫୋର୍ଡ଼ ୟୁନିଭରସିଟି ପ୍ରେସ୍, ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ ପ୍ରେସ୍ ପ୍ରଭୃତି 'ଓଡ଼ିଆ ଭାଷା'ର

ପ୍ରମୁଖ ରଚନାବଳୀକୁ ଇଂରାଜୀରେ ଅନୂଦିତ କରି ବିଶ୍ୱଦରବାର ମଣ୍ଡନରେ ସହାୟ ହେଲେ। ଏମାନଙ୍କ ଦ୍ୱାରା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ଫକୀରମୋହନଙ୍କ 'ଛ'ମାଣ ଆଠଗୁଣ୍ଠ', ଗୋପୀନାଥ ମହାନ୍ତିଙ୍କ 'ପରଜା', ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼' ସବୁଜ ଯୁଗର ନଅଜଣ ଔପନ୍ୟାସିକଙ୍କ ମିଳିତ କୃତି 'ବାସନ୍ତୀ' ଉପନ୍ୟାସ ପ୍ରଭୃତି ଇଂରାଜୀ ଭାଷାରେ ରୂପାନ୍ତରିତ ହୋଇ ପ୍ରକାଶିତ ହେଲେ।

## ସ୍ୱାଧୀନତୋତ୍ତର ଯୁଗ

ସ୍ୱାଧୀନତୋତ୍ତର ଯୁଗରେ ବିଖ୍ୟାତ ଇଂରେଜ କବି ଟି.ଏସ୍.ଏଲିଏଟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗୁରୁ ପ୍ରସାଦ ମହାନ୍ତି ଓ ଭାନୁଜୀ ରାଓ ସେମାନଙ୍କର କାବ୍ୟ ରଚନା କଲେ। ପାଶ୍ଚାତ୍ୟ ଶୈଳୀର ଅନୁସରଣପୂର୍ବକ ପ୍ରତୀକ ଓ ଚିତ୍ରକଳ୍ପର ତଥା ଅଭିବ୍ୟକ୍ତିବାଦର ବ୍ୟବହାର କରି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ମମତା ଦାଶ, ହରପ୍ରସାଦ ଦାଶ ପ୍ରମୁଖ ପ୍ରଥିତଯଶା କବିଗଣ ସ୍ୱରଚିତ କାବ୍ୟ ସମ୍ଭାରରେ ଓଡ଼ିଆ ସାହିତ୍ୟାକାଶକୁ ଉଦ୍ଭାସିତ କଲେ। ଇଂରାଜୀ ଅଧ୍ୟାପକ ଅନନ୍ତ ଚରଣ ଶୁକ୍ଳ ଗ୍ରୀକ୍ ନାଟ୍ୟକାରମାନଙ୍କ ରଚିତ ଚାରିଟି ପ୍ରସିଦ୍ଧ ନାଟକ, ଆରଷ୍ଟୋଟଲଙ୍କ କାବ୍ୟତତ୍ତ୍ୱ ଓ ରବୀନ୍ଦ୍ରନାଥଙ୍କର ଗୀତିକବିତାଗୁଡ଼ିକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରିଥିଲେ। ବିଂଶ ଶତାବ୍ଦୀର ସତୁରି ଓ ଅଶୀ ଦଶକରେ ଏକ କୃତବିଦ୍ୟ ଗୋଷ୍ଠୀଙ୍କ କଳ୍ପନାପ୍ରସୂତ ରଚନା ଓଡ଼ିଆ ସାହିତ୍ୟ ଜଗତରେ ନବ ଉନ୍ମାଦନା ସଞ୍ଚାର କଲା। ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ଓ ମନୋଜ ଦାସ। ଗୋପୀନାଥଙ୍କ 'ଦାନାପାଣି' ଓ 'ଲୟ ବିଲୟ', ଇଂରାଜୀ ଭାଷାରେ ଅନୂଦିତ ହୋଇ ପ୍ରକାଶିତ ହେଲା। ଏକବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ଷ୍ଟିଫେନ୍ ହକିନ୍ସଙ୍କ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍'ର ଅନୁବାଦ ଶ୍ରୀବସ୍ତ ନନ୍ଦ ସମ୍ପାଦନ କଲେ। 'ସଂସ୍କୃତ ସାହିତ୍ୟର ଇତିହାସ'ର ଓଡ଼ିଆ ଅନୁବାଦ ଗଦାଧର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହେଲା। ବିନୋବାଙ୍କ 'ଗୀତା ପ୍ରବଚନ', ଗାନ୍ଧୀଙ୍କ 'ବୁନିଆଦି ଶିକ୍ଷା' ନରହରି ପରିକ୍ଷାଙ୍କ 'ତରୁଣୀ କନ୍ୟା ପ୍ରତି' ଓ 'ସ୍ତ୍ରୀ ପୁରୁଷ ମର୍ଯ୍ୟାଦା' ଓଡ଼ିଆ ଭାଷାରେ ଅନୂଦିତ କରିଥିଲେ ଅନ୍ନପୂର୍ଣ୍ଣା ମହାରଣା। ଶିଶୁ ସାହିତ୍ୟର ଅନୁବାଦ କ୍ଷେତ୍ରରେ ଉଦୟ ନାଥ ଷଡ଼ଙ୍ଗୀଙ୍କର 'ଟମ କକାଙ୍କ କୁଟୀର', ରାମକୃଷ୍ଣ ନନ୍ଦଙ୍କ ବଙ୍ଗଳା ପୁସ୍ତକ 'ଠୁନ୍ତୁନିର ବୋଇ'ର ଅନୁବାଦ ଥିଲା ଅନ୍ୟତମ। ଆଧୁନିକ ଯୁଗରେ ଅନନ୍ତ ପ୍ରସାଦ ପଣ୍ଡା, ଅନନ୍ତ ପଟ୍ଟନାୟକ, ଜ୍ଞାନେନ୍ଦ୍ର ବର୍ମା, ଚିରଞ୍ଜୀବ ଦାଶ, ପଲ ସେଣ୍ଟ ପିୟର, ଲୀଳାବତୀ ମହାପାତ୍ର, ହିମାଂଶୁ ଶେଖର ମହାପାତ୍ର, ଅମର ବଲ୍ଲଭ ଦେ, ଲାଲା ନଗେନ୍ଦ୍ର ରାୟ, କୃଷ୍ଣ ମୋହନ ମହାନ୍ତି, ସୁବୋଧ ଚଟ୍ଟୋର୍ଜୀ,




ପଞ୍ଚାନନ ପତି, ଘନଶ୍ୟାମ ଦାଶ, ବଂଶୀଧର ଦାଶ, ଶକୁନ୍ତଳା ବଳିୟାର ସିଂ, ପ୍ରତିଭା ଶତପଥୀ, ମୌସୁମୀ ଆଚାର୍ଯ୍ୟ ପ୍ରଭୃତି ଯଶସ୍ୱୀ ଲେଖକଗଣ ଓ ବିଦ୍ୟାପୁରୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ନ୍ୟୁ ଏଜ ପବ୍ଲିକେଶନ୍, ଓରିଏଣ୍ଟ ବ୍ଲାକ୍ସ୍ୱାନ, ଗ୍ରନ୍ଥମନ୍ଦିର ଓ କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର ପ୍ରଭୃତି ପ୍ରକାଶନ ସଂସ୍ଥା ଓଡ଼ିଆ ଅନୁବାଦ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଭିନ୍ନ ପତ୍ରପତ୍ରିକା ମଧ୍ୟ ସାହିତ୍ୟକୁ ପ୍ରୋତ୍ସାହିତ କରିଆସିଛନ୍ତି। ଭାଷା ପ୍ରତିବନ୍ଧକକୁ ଦୂର କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରାଦ୍ୟୋଗିକୀ ବିଭାଗ ଦ୍ୱାରା ଏକ ଅନୁବାଦ ବ୍ୟବସ୍ଥା 'ଇଂଲିଶ୍ ଟୁ ଇଣ୍ଡିଆନ୍ ଲାଙ୍ଗୁଏଜ୍ ମେସିନ୍ ଟ୍ରାନ୍ସଲେସନ୍'ର ବିକାଶ କରିଛନ୍ତି, ଯାହା ମାଧ୍ୟମରେ ଇଂରାଜୀ ଭାଷାରୁ ଓଡ଼ିଆ ଭାଷାନ୍ତର ଅନାୟାସରେ ସମ୍ଭବ ହେଇପାରିଛି। ସାହିତ୍ୟର ମୂଳ ଆଭିମୁଖ୍ୟ ହେଉଛି କୋଟି ଜନଗଣଙ୍କ ସହିତ ସଂଯୋଗିତ ହେବା। ସେହି ଦୃଷ୍ଟିରୁ ଓଡ଼ିଆ ଅନୁବାଦ ସାହିତ୍ୟ ସମ୍ପ୍ରତି ବିଶ୍ୱଜନୀନ ହୋଇପାରିଛି, ଏଥିରେ ବିମ୍ବିତ ବର୍ଣ୍ଣିଳ ଛଟା, ରସବୋଧ, ଚିନ୍ତା ଚେତନା, ସାର୍ଥକ ଶବ୍ଦ ବ୍ୟଞ୍ଜନା ଓ ଭାବସାର ଅବତାରଣା ଯୋଗୁ। ସୀମିତ ସଂଖ୍ୟକ ଅନୁବାଦକ ଓ ମୁଷ୍ଟିମେୟ ପ୍ରକାଶନ ସଂସ୍ଥା ଓଡ଼ିଆ ଅନୁବାଦ କ୍ଷେତ୍ରରେ ଅନତିକ୍ରମ୍ୟ ପ୍ରତିବନ୍ଧକ ପରି ମନେହୁଏ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rknprincipalbbm@gmail.com



ଅନୁଭୂତି

# ଜଙ୍ଗଲ ଭିତରେ ବ୍ରହ୍ମରାକ୍ଷସ

ସନ୍ତୋଷ କୁମାର ପଟ୍ଟନାୟକ

ଆମ ପୁଲିସ ବିଭାଗର ଚାକିରିକାଳ ଭିତରେ ପ୍ରଶିକ୍ଷଣ ସମୟରେ ଆଇନକାନୁନ୍, ଲୋକମାନଙ୍କ ପ୍ରତି ବ୍ୟବହାର ତଥା ତଦନ୍ତର ବିଧି ସମ୍ବନ୍ଧରେ ଅଧ୍ୟାପକମାନେ ଅନେକ କଥା କହିଥାନ୍ତି। ସେଥିମଧ୍ୟରୁ କେତେଗୁଡ଼ିଏ କଥା ମନ୍ତ୍ର ଭିତରେ ଅଲିଭା ଅକ୍ଷର ପରି ରହିଯାଏ ଓ ରହିଥିବ ମଧ୍ୟ ଚାକିରିରୁ ଅବସର ତଥା ମୃତ୍ୟୁ ପର୍ଯ୍ୟନ୍ତ। ବରିଷ୍ଠ ପ୍ରଶିକ୍ଷକ ମହାପାତ୍ର ସାର୍ କହନ୍ତି ଦେଖ ତୁମେ ଏ ଟ୍ରେନିଂ ପରେ ଥାନା, ଫାଣ୍ଡିରେ ମୁତୟନ ହେବ। ଅସୁବିଧାରେ ପଡ଼ି ଯେଉଁ ଲୋକମାନେ ଥାନାକୁ ଆସିବେ ତାଙ୍କ ପ୍ରତି ଯଥା ସମ୍ଭବ ସମ୍ବେଦନଶୀଳ ବ୍ୟବହାର କରିବ। କାରଣ ଗରିବ ତଥା ଅଶିକ୍ଷିତ ଲୋକମାନଙ୍କ ପାଇଁ ମାତ୍ର ଦୁଇଟି ବିକଳ୍ପ ଥାଏ। ଗୋଟିଏ ହେଉଛି ଠାକୁରଙ୍କ ମନ୍ଦିର ଓ ଅନ୍ୟଟି ପୁଲିସ ଥାନା। ସେମାନେ ଅଧିକାଂଶ ଥାନାକୁ ଆସିବାକୁ ଇଚ୍ଛୁକ ଥାନ୍ତି। କାରଣ ମନ୍ଦିରରେ ତାଙ୍କର ସମସ୍ତ ଅସୁବିଧା ଜଣାଇବା ପରେ ଠାକୁରଙ୍କଠାରୁ କିଛି ଉତ୍ତର ପାଆନ୍ତି ନାହିଁ। କିନ୍ତୁ ଥାନାରେ ପୁଲିସବାବୁ ହୁଏତ ତାଙ୍କର ଅସୁବିଧା ଦୂର କରିଦେଇ ପାରନ୍ତି।

**ସେମାନଙ୍କ ମଧ୍ୟରୁ ଅଧିକାଂଶ ସରଳ ଓ ନିରୀହ। ନିହାତି ଅସୁବିଧାରେ ନ ପଡ଼ିଲେ ସେମାନେ ଥାନାକୁ ଆସନ୍ତି ନାହିଁ।**

ଏ ସମ୍ପର୍କରେ ମୋର ଗୋଟିଏ ଅନୁଭୂତି କହିବି। ଛତିଶଗଡ଼ ସୀମାନ୍ତକୁ ଲାଗିଥିବା ଗୋଟିଏ ଥାନାରେ ମୁଁ କାର୍ଯ୍ୟଭାର ନେଇଥାଏ। ଚାରିଆଡ଼େ ସଂରକ୍ଷିତ ଘଞ୍ଚ ଜଙ୍ଗଲ ଓ ମଝିରେ ମଝିରେ ଗୋଟିଏ ଗାଁ। ଲୋକଗୁଡ଼ିକର ଜନସଂଖ୍ୟା ମିଶ୍ରିତ ଅର୍ଥାତ୍ ଆଦିବାସୀ ଓ ଅଣଆଦିବାସୀ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସରଳ ଓ ନିରୀହ। ନିହାତି ଅସୁବିଧାରେ ନ ପଡ଼ିଲେ ସେମାନେ ଥାନାକୁ ଆସନ୍ତି ନାହିଁ। ଦିନେ ଘରେ ଖବରକାଗଜ ପହଞ୍ଚିବାରେ ସାମାନ୍ୟ ଡେରି ହେବାରୁ ମୁଁ ଥାନାକୁ ଯାଇ ତାହା ଆସିଛି କି ନାହିଁ ବୁଝିବାକୁ ବାହାରିଛି, ସେଣ୍ଟ୍ରି ଦୌଡ଼ି ଆସି ମତେ କହିଲା, "ସାର୍ କଲେକ୍ଟର ସାହେବଙ୍କର ଷ୍ଟେନୋ ଟେଲିଫୋନ୍ କରିଛନ୍ତି, ଲାଇନ୍‌ରେ ଅଛନ୍ତି, ଆପଣଙ୍କୁ କଥା ହେବା ପାଇଁ ଡାକୁଛନ୍ତି।" ମୁଁ ଯଥାଶୀଘ୍ର ଥାନାକୁ ଯାଇ ଟେଲିଫୋନ୍ ଉଠାଇ ଉତ୍ତର ଦେବା ପରେ ସେପଟୁ ଷ୍ଟେନୋବାବୁଙ୍କର ସ୍ୱର ଶୁଣାଗଲା,

"କିଏ ଓଆଇସି କହୁଛନ୍ତି ?"

"କହୁଛି ଆଜ୍ଞା।" ମୁଁ ଜବାବ ଦେଲି।

"ଟିକେ ଟେଲିଫୋନ୍ ଧରିଥାନ୍ତୁ କଲେକ୍ଟର ସାହେବ କଥାବାର୍ତ୍ତା ହେବେ।"

ମୁଁ ଷ୍ଟେନୋବାବୁଙ୍କୁ ଘଟଣା ସମ୍ବନ୍ଧରେ, ମୋତେ କାହିଁକି ଖୋଜୁଛନ୍ତି ବୋଲି ପଚାରିବା ଆଗରୁ ଟେଲିଫୋନ୍‌ରେ ଗୋଟିଏ କ୍ଲିକ୍ ଶବ୍ଦ ଶୁଣି ଜାଣିଲି କଲେକ୍ଟରଙ୍କ ସାଙ୍ଗେ ଟେଲିଫୋନ୍ ସଂଯୋଗ ହୋଇଗଲା। ଏଥର କଲେକ୍ଟର ସାହେବଙ୍କର ସ୍ୱର ଶୁଣାଗଲା।

"କିଏ ଓଆଇସି କହୁଛନ୍ତି ତ ?"

"ସାର୍, ନମସ୍କାର ଓଆଇସି କହୁଛି ସାର୍।"

"ଆଚ୍ଛା ଶୁଣନ୍ତୁ ସେ ଗୁମାବାହାଲ ଗ୍ରାମରୁ ଗୁଡ଼ାଏ ଲୋକ ଆଜି ସକାଳୁ ମୋର ରେସିଡେନ୍ସରେ ପହଞ୍ଚିଛନ୍ତି। ସେମାନେ ଅଭିଯୋଗ କରୁଛନ୍ତି ଯେ, ତାଙ୍କ ଗାଁ ପାଖ ଜଙ୍ଗଲରେ ଗୋଟିଏ ଡେଙ୍ଗା ପତଳା ଲୋକ କେତେଦିନ ହେବ ହାତରେ ଗୋଟିଏ ଲୁହା ତ୍ରିଶୂଳ ଧରି ବୁଲୁଛି। ଗାଁର ସ୍ତ୍ରୀ ଲୋକମାନେ କିଛି ଜଙ୍ଗଲଜାତ ଦ୍ରବ୍ୟ ଆଣିବାକୁ ଗଲାବେଳେ ତ୍ରିଶୂଳ ଧରି ତାଙ୍କୁ ମାରିବାକୁ ଗୋଡ଼ାଉଛି। ସେ କିଏ, ବୋଲି ପଚାରିବାରେ ସେମାନେ କହୁଛନ୍ତି ଯେ, ସିଏ କୁଆଡ଼େ ଗୋଟିଏ ବ୍ରହ୍ମରାକ୍ଷସ। ମୁଁ ଯାହା କହୁଛି ଶୁଣିପାରୁଛନ୍ତି ?"

"ଶୁଣୁଛି ସାର୍"

"ଠିକ୍ ଅଛି, ସେମାନେ ଏସ୍.ପି. କିମ୍ବା ଆପଣଙ୍କ ଥାନାକୁ

ନ ଯାଇ ସିଧା ମୋ ପାଖକୁ ଆସିଛନ୍ତି। ଆପଣ ନିଜେ ସ୍ପଟ୍‌କୁ ଯାଇ ଦେଖନ୍ତୁ ଘଟଣା କଣ। ଭେରିଫିକେସନ୍ ପରେ ଯାହା ଜଣାପଡିଲା ଏସ୍.ପି.ଙ୍କୁ ଓ ମତେ ଜଣାଇବେ।"

"ନିଶ୍ଚିତ ଜଣାଇବି ସାର୍" ମୁଁ ଏତିକି ମାତ୍ର କହିଛି ସେପଟୁ ଟେଲିଫୋନ୍ ସଂଯୋଗ ବିଚ୍ଛିନ୍ନ ହୋଇଗଲା।

"ଗୁମାବାହାଲ ଗାଁ ଜଙ୍ଗଲରେ ପୁଣି ବ୍ରହ୍ମରାକ୍ଷସ।?"

ଗୁମାବାହାଲ ଗ୍ରାମଟି ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ କୋଡିଏ କିଲୋମିଟର ଦୂର ଥିଲା। କିନ୍ତୁ ଥାନାଠାରୁ ପ୍ରାୟ ଚାଳିଶ କିଲୋମିଟର ଥିଲା। ୱେରଲେସ୍ ଅପରେଟରଙ୍କୁ ସିଚୁଏସନ ରିପୋର୍ଟରେ ମୋର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଜଙ୍ଗଲକୁ ଗସ୍ତ ବୋଲି ମୁଖ୍ୟାଳୟକୁ ଜଣାଇବାକୁ କହି ସେଇ ଗାଁକୁ ଯିବାକୁ ସଦଳବଳ ପ୍ରସ୍ତୁତ ହେଲି।

## ଲୁହା ତ୍ରିଶୁଳ

ଯେହେତୁ ଜଙ୍ଗଲରେ ବୁଲୁଥିବା ସେଇ ଲୋକଟି ଲୁହା ତ୍ରିଶୁଳ ଭଳି ଗୋଟିଏ ବିପଜ୍ଜନକ ଅସ୍ତ୍ର ଧରି ବୁଲୁଛି ବୋଲି ଖବର ଆସିଛି, ତାକୁ କାବୁ କଲାବେଳେ ବା ଗିରଫ କଲାବେଳେ ହିଂସ୍ର ହେବାର ଯଥେଷ୍ଟ ସମ୍ଭାବନା ଥିଲା। ସାଙ୍ଗରେ ଗୁଳିଭରା ରିଭଲଭର ଏବଂ ଷ୍ଟାଫ୍‌ମାନଙ୍କୁ ଲାଠି ଧରିବାକୁ କହିଥିଲି। ମୁଁ ସେଠାରୁ ଗୁମାବାହାଲ ଗାଁର ଛକରେ ଜିପ୍‌ରେ ପହଞ୍ଚିବା ପରେ ଦେଖିଲି ସେ ଛକରେ କେତେଜଣ ଲୋକ ଠିଆ ହୋଇଛନ୍ତି।



ଏଥର ମୁଁ ତାଙ୍କୁ ତଥାକଥିତ ବ୍ରହ୍ମରାକ୍ଷସ ଉପରେ ପଚରାଉଚୁରା ଆରମ୍ଭ କଲି। ସେମାନଙ୍କ ମଧ୍ୟରୁ ଯିଏ ତାକୁ ଦେଖିଛି ସେ ମୋ ସାମ୍ନାକୁ ଆସିବାକୁ କହିଲି। ଗୋଟିଏ ବୃଦ୍ଧ ଓ ଗୋଟିଏ ମଧ୍ୟ ବୟସ୍କ ଲୋକ ଡରି ଡରି ମୋ ସାମ୍ନାକୁ ଆସିଥିଲେ। ନିମ୍ନଲିଖିତ ମତେ ତାଙ୍କ ସାଙ୍ଗରେ ମୋର କଥାବାର୍ତ୍ତା ହୋଇଥିଲା।

"ତମେ ଦୁଇଜଣ ତା'ହେଲେ ସେ ବ୍ରହ୍ମରାକ୍ଷସକୁ ଜଙ୍ଗଲରେ ଦେଖିଛ? କେମିତି ଜାଣିଲ ସେ ରାକ୍ଷସ ବୋଲି?" ମୁଁ ପଚାରିଥିଲି।

ବୃଦ୍ଧ ଜଣକ ପ୍ରଥମେ ଉତ୍ତର ଦେଇଥିଲେ। "ଆଜ୍ଞା ମୋର ଝିଅ ଆଉ ଏଇ ଲୋକର ସ୍ତ୍ରୀ ମିଶି କରି ସବୁଦିନ ଫଳମୂଳ ଓ ପତ୍ର ସଂଗ୍ରହ ପାଇଁ ଜଙ୍ଗଲ ଭିତରକୁ ଯାଆନ୍ତି। ସେମାନେ ଗତ ଚାରିଦିନ ହେଲା ସେ ରାକ୍ଷସକୁ ଦେଖିଲେ। ସେ ଏ ଦୁଇଜଣଙ୍କୁ ଦେଖି ପାଖକୁ ଦୌଡିଆସିଲା। ହାତରେ ତିନି କେନା ଥିବା ଗୋଟିଏ ବର୍ଚ୍ଛା ଥିଲା। ଏଭଳି ଗୋଟିଏ ଅଚିହ୍ନା ଲୋକକୁ ଦେଖି ସେମାନେ ଭୟରେ ପାଟିକରି ଗାଁକୁ ଯାଇଥିବା ରାସ୍ତାରେ ଦୌଡିଲେ। ବାଟରେ ଅନ୍ୟକେତେକ ପତ୍ର ତୋଳାଳି ତଥା ପୁରୁଷ ଲୋକମାନେ ସେମାନଙ୍କୁ ଭେଟି ଘଟଣା କ'ଣ, କାହିଁକି ଦୌଡୁଚ ବୋଲି ପଚାରିବାରୁ ସେମାନେ ଏହି ବର୍ଚ୍ଛାଧାରୀ ଲୋକର କଥା କହିଥିଲେ। ଆମ ଗାଁର ଆଉ ଜଣେ ବୁଢ଼ା ମଧ୍ୟ ତାକୁ ଦେଖିଛି।"

ମୁଁ ଗାଁ ଭିତରକୁ ଯାଇ ସେ ଅଦ୍ଭୁତ ଲୋକକୁ ଭେଟିଥିବା ସ୍ତ୍ରୀ ଲୋକ ଦୁଇଜଣଙ୍କୁ ପଚରାଉଚୁରା କରିବାକୁ ମନେ ମନେ ସ୍ଥିର କରିଥିଲି। ଯେହେତୁ ସେ ସ୍ତ୍ରୀ ଲୋକ ଦୁଇଜଣ ତା'ର ସିଧା ସଳଖ ସଂପର୍କରେ ଆସିଛନ୍ତି। ସେ ସ୍ତ୍ରୀ ଲୋକ ଦୁଇଜଣଙ୍କୁ ଡକାଇ ଘଟଣା ସମ୍ବନ୍ଧରେ ବୁଝିବାକୁ ଚେଷ୍ଟା କଲି।

ସେମାନଙ୍କଠାରୁ ଘଟଣାଟି ଯାହା ଶୁଣିଲି, ତାହା ମୋଟାମୋଟି ଏହିପରି। ପ୍ରାୟ ଚାରିଦିନ ଆଗରୁ ସେ ଓ ତା ସାଙ୍ଗରେ ସେଇ ମଧ୍ୟବୟସ୍କ ସ୍ତ୍ରୀ ଲୋକ ଜଣକ ସାଙ୍ଗ ହୋଇ ଗାଁର ପଛପାଖରେ ଥିବା ଜଙ୍ଗଲକୁ ଶାଳପତ୍ର ସଂଗ୍ରହ ପାଇଁ ଯାଇଥିଲେ। ଗାଁଠାରୁ ସେମାନେ ପ୍ରାୟ ତିନି କିଲୋମିଟର ରାସ୍ତା ଚାଲି ଚାଲି ଯାଇଥିଲେ। ସେମାନେ ପରସ୍ପରଠାରୁ ଅଳ୍ପ ଦୂରରେ ଥାଇ ପତ୍ର ତୋଳୁଥିଲେ। ଏହି ସମୟରେ ଲାଗିଲା ଯେପରି ସେ ଝିଅଟିକୁ କେହି ଜଣେ ଅଦୂରରେ ଥିବା ଓସ୍ତ ଗଛ ଉହାଡରେ ଥାଇ ଲକ୍ଷ୍ୟ କରୁଛି। ସେ କିଏ ବୁଲୁଛି ଜାଣିବା ପାଇଁ ଚେଷ୍ଟା କରି ସେପଟକୁ ଚାହିଁଲା ବେଳେ ସେ ଲୁଚି ଯାଉଥିଲା। ଏପରି କିଛି ସମୟ ଲୁଚାଛପା ଚାଲିବା ପରେ ସେ ଲୋକଟି ସହ ଝିଅଟି ମୁହାଁମୁହିଁ ହୋଇ ଯାଇଥିଲା। ପତଳା ହାଡୁଆ ଚେହେରା ଓ ପ୍ରାୟ ଛଅ ଫୁଟରୁ କିଛି ଅଧିକା ଉର୍ଦ୍ଧ୍ୱ ଉଚ୍ଚତା ଚେହେରା। ଗୋଟିଏ ଧଳା ଧୋତି

ଓ ହାତକଟା ଫତେଇ ପିନ୍ଧି ସେ ତ୍ରିଶୂଳ ପରି ଏକ ଅସ୍ତ୍ର ଧରି ସେ ଝିଅ ଆଡକୁ ମାଡି ଆସିଲା। ଝିଅଟି ପ୍ରାଣ ବିକଳରେ ଚିତ୍କାର କରି ପାଖରେ ଥିବା ସ୍ତ୍ରୀ ଲୋକଟି ପାଖୁ ଦୌଡିଗଲା। ତା' ପାଖରେ ପହଞ୍ଚି କିଛି କହିପାରିଲା ନାହିଁ। କେବଳ ସେ ଲୋକ ଆଡକୁ ଦେଖାଇଲା। ଦୁଇଜଣ ପାଟି କରି ତାକୁ ଘଉଡେଇବାକୁ ଚେଷ୍ଟା କଲେ କିନ୍ତୁ ସେ ତାଙ୍କ ପାଖକୁ ମାଡି ଆସିବା ଦେଖି ଦୁଇ ଜଣ ଗାଁ ଆଡକୁ ଦୌଡି ପଳାଇ ଆସିଲେ। ବାଟରେ ପତ୍ର ତୋଳୁଥିବା ଅନ୍ୟ ସ୍ତ୍ରୀ ଲୋକମାନଙ୍କୁ ଦେଖିବା ପରେ ଟିକେ ସାହସ କରି ଅଟକିଯାଇ ସବୁ କଥା କହିଲେ। ସମସ୍ତେ ମିଶି କରି ତାକୁ ଦେଖିବାକୁ ଗଲେ କିନ୍ତୁ ସେ ଲୋକଟି ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଏ ଘଟଣା ଜଣାପଡିବା ପରେ ସମସ୍ତେ ଭୟଭୀତ ହୋଇ ଉଠିଥିଲେ।

### ଜଙ୍ଗଲ ଯିବାକୁ ବାରଣ

ଘଟଣା କ'ଣ ସଠିକ୍ ଜଣା ନ ପଡିବା ଯାଏ ସ୍ତ୍ରୀ ଲୋକମାନଙ୍କୁ ଜଙ୍ଗଲ ଯିବାକୁ ବାରଣ କରାଗଲା। ପରଦିନ ଗାଁରେ କେବଳ ଗୋଟିଏ ଦଳ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ସେଥିରେ ଜଣେ, ଦୁଇଜଣ ସ୍ତ୍ରୀ ଲୋକଙ୍କୁ ଛାଡିଦେଲେ ପ୍ରାୟ ସମସ୍ତେ ପୁରୁଷ ଲୋକ ଥିଲେ। ଅଧିକାଂଶ ଲୋକ ଠେଙ୍ଗା, କାତି ଓ ପୁରୁଣାକାଳିଆ ଖଣ୍ଡା ଧରିଥିଲେ। ସେମାନେ ଜଙ୍ଗଲ ଭିତରେ ସହଜରେ ପ୍ରବେଶ କରିଗଲେ। କେହି କେହି ଶାଳପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିଲେ କିନ୍ତୁ ମୁଖ୍ୟ ଲକ୍ଷ୍ୟ ଏହି ଲୋକଟି ପ୍ରତି ସତର୍କତା। କ୍ରମେ କ୍ରମେ ସେମାନେ କାମ ଛାଡି ଏହି ବ୍ରହ୍ମରାକ୍ଷସ ସମ୍ବନ୍ଧରେ କଥାବାର୍ତ୍ତା କଲେ। ଯେହେତୁ ପ୍ରାୟ ସମସ୍ତ ଲୋକ ପୁରୁଷ ଥିଲେ ଓ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର ଧରିଥିଲେ, ତେଣୁ କରି ଭୟର ମାତ୍ରା କମ୍ ଥିଲା। ସେମାନେ ସାହସ ଜୁଟାଇ ଧୀରେ ଧୀରେ ଜଙ୍ଗଲ ମଧ୍ୟରେ ବୁଲାବୁଲି କରି ସେ ବ୍ରହ୍ମରାକ୍ଷସ ବିଷୟରେ ଜାଣିବାକୁ ଚେଷ୍ଟା କଲେ। କିନ୍ତୁ ଏହାପରେ ଯେଉଁ ଘଟଣା ହେଲା ତାହା ଗୁମାବାହାଲର ଗ୍ରାମବାସୀ କେବେ ମଧ୍ୟ ଭୁଲିପାରିବେ ନାହିଁ। ସେହି ଦଳରେ ଥିବା ସମ୍ବାରୁ କିଷାନ ସେ ଘଟଣା ବିଷୟରେ ନିମ୍ନଲିଖିତ ମତେ ବର୍ଣ୍ଣନା କରିଥିଲେ।

**ହଠାତ୍ ଗୋଟାଏ ବିକଟାଳ ରଡି କରି ସେ ବ୍ରହ୍ମରାକ୍ଷସ ବୁଦା ଉପର ଦେଇ ଲମ୍ଫ ପ୍ରଦାନ କରି ମାଡି ଆସିଲା।**

“ଦିନେ ସେହି ବ୍ରହ୍ମରାକ୍ଷସକୁ ଦେଖିବା ପାଇଁ ଆମ ଗ୍ରାମର ଆଠ ଦଶ ଜଣ ଭେଣ୍ଡିଆ ପିଲା ଠେଙ୍ଗା ଓ କାତି ଇତ୍ୟାଦି ଧରି ଜଙ୍ଗଲକୁ ବାହାରିଲୁ। ଆମମାନଙ୍କୁ ଦେଖି ଝରାସାହିର ଦୁଇଜଣ ସ୍ତ୍ରୀ ଲୋକ ମଧ୍ୟ ଆମ ସାଙ୍ଗରେ ଯିବାକୁ ବାହାରିଲେ। ଆମେ ମନା କରିବା ସତ୍ତ୍ୱେ ସେମାନେ ଅଳ୍ପ କିଛି ପତ୍ର ତୋଳି ଫେରି ଆସିବୁ ବୋଲି କହି ଆମ ସଙ୍ଗେ ଚାଲିଲେ। ଆମେ ଟିକେ ଘଞ୍ଚ ଜଙ୍ଗଲ ମଧ୍ୟରେ ପଶି ବୁଲାବୁଲି କରୁଥିଲୁ। ଆମର ଜଙ୍ଗଲରୁ ଫଳମୂଳ ସଂଗ୍ରହ ପାଇଁ ଉଦ୍ଦେଶ୍ୟ ନ ଥିଲା। ଖାଲି ସେ ରାକ୍ଷସ ବିଷୟରେ କିଛି ଖବର ସଂଗ୍ରହ ପାଇଁ ଯାଇଥିଲୁ। ଆମ ଭିତରେ ନାଣ୍ଡୁ କିଷାନ ସମସ୍ତଙ୍କ ଠାରୁ ଆଗରେ ଥିଲା। ଆଗକୁ କିଛି ଦୂରରେ ଗୋଟିଏ ଘଞ୍ଚବୁଦାରେ କିଛି ଗୋଟିଏ ଖସ୍ ଖସ୍ ଶବ୍ଦ ଶୁଣି ସେ ଆମକୁ ସତର୍କ ତଥା ନୀରବ ରହିବା ପାଇଁ ସଙ୍କେତ ଦେଲା। ଆମେ ସମସ୍ତେ ତଳକୁ ନଇଁ ପଡିଲୁ ଓ ଶବ୍ଦ ଆସୁଥିବା ବୁଦାକୁ ରୁଦ୍ଧଶ୍ୱାସରେ ଚାହିଁ ରହିଲୁ। ହଠାତ୍ ଗୋଟାଏ ବିକଟାଳ ରଡି କରି ସେ ବ୍ରହ୍ମରାକ୍ଷସ ବୁଦା ଉପର ଦେଇ ଲମ୍ଫ ପ୍ରଦାନ କରି ମାଡି ଆସିଲା। ତା'ର ସେ ଭୟଙ୍କର ଚିତ୍କାର ସାଙ୍ଗକୁ ଲମ୍ବା ହାଡୁଆ ଦେହରେ କଳା ପାଉଁଶ ଲେପି ହୋଇ ବଡ ଭୟାନକ ଦେଖାଯାଉଥିଲା। 'ବୁଆଗୋ ମତେ ରକ୍ଷା କର' କହି ନାଣ୍ଡୁ ପ୍ରାଣ ବିକଳରେ ଦୌଡିବାକୁ ଲାଗିଲା। ସେ ରାକ୍ଷସର ଚେହେରା ଓ ଶବ୍ଦରେ ଆମର ପିଳେହି ପାଣି, ଆମେ ସବୁ ତା'ର ଆଉ ମୁକାବିଲା କ'ଣ କରିବୁ ଜୀବନ ବଞ୍ଚାଇବାକୁ ଦୌଡିବାରେ ଲାଗିଲୁ। ଗାଁରେ ପହଞ୍ଚି ଟିକେ ଦମ୍ ନେଇ ମୁରବିମାନଙ୍କୁ ସବୁକଥା କହିଲୁ। ନାଏବ ସରପଞ୍ଚ ସାଙ୍ଗେ ସାଙ୍ଗେ କହିଲେ, ଆଜି ନିଶ୍ଚେ କାହାର ଜୀବନ ଯାଆନ୍ତା, ତେଣୁ ସମସ୍ତେ ଚାଲ ଏସ୍.ପି କିମ୍ବା କଲେକ୍ଟରଙ୍କୁ ଏକଥା କହି ସାହାଯ୍ୟ ମାଗିବା।”

### କିଏ ହୋଇପାରେ ?

ଏସବୁ ଶୁଣିବା ପରେ ଜଙ୍ଗଲରେ ବୁଲୁଥିବା ଏହି ଲୋକଟି କିଏ ହୋଇପାରେ ମୁଁ ଦ୍ରୁତ ଚିନ୍ତା କରୁଥିଲି। ମତେ ଜଣାଯାଉଥିଲା ଗୋଟିଏ ବନ୍ୟଜନ୍ତୁ ଶିକାରୀ କିମ୍ବା ସୀମାନ୍ତ ସେ ପାଖରେ ଥିବା ଗୋଟିଏ ଅପରାଧୀ ହୋଇପାରେ। ଗାଁର ଲୋକମାନଙ୍କୁ ଭୟଭୀତ କରି ସେମାନଙ୍କର ଜଙ୍ଗଲକୁ ଆସିବା

ବନ୍ଦ କରିଦେବା ତାହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏପରି କଲେ ସେ ଖବର ନିଶ୍ଚିତ ପ୍ରଶାସନ ପାଖରେ ପହଞ୍ଚିବ ଏବଂ ତା' ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା ମଧ୍ୟ ଥିଲା। ଲୋକଟା ଅପରାଧୀ ହେଲେ ନିଶ୍ଚିତ ଧୂର୍ତ୍ତ ହୋଇଥିବ। ଯାହା ବି ହେଉ ଗାଁର କିଛି ଲୋକଙ୍କୁ ସାଙ୍ଗରେ ନେଇ ସେ ତଥାକଥିତ ରାକ୍ଷସକୁ ଖୋଜିବାକୁ ମନସ୍ଥ କରିଥିଲି। ସେ ଲୋକଟା ତ୍ରିଶୂଳ ପରି ଗୋଟିଏ ଅସ୍ତ୍ର ଧରୁଥିଲା ଯାହା ବିପଜ୍ଜନକ ଥିଲା। ଅନ୍ୟ ଅସ୍ତ୍ରଶସ୍ତ୍ର ମଧ୍ୟ ତା'ପାଖରେ ଥିବାର ସମ୍ଭାବନା ଥିଲା। ମୋ ପାଖରେ ଗୁଳିଗରା ରିଭଲଭର ଥିଲା। ସାଙ୍ଗରେ ଥିବା ଗାଁର କିଛି ଯୁବକ ଠେଙ୍ଗା ଧରିଥିଲେ। ସେମାନଙ୍କର ସୁରକ୍ଷାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ମୋ ଉପରେ ଥିଲା। ସେତେବେଳେକୁ ଅପରାହ୍ନ ଆରମ୍ଭ ହେଉଥିଲା। ସେ ଲୋକଟିକୁ ଖୋଜୁଖୋଜୁ ସଂଧ୍ୟା ଏପରିକି ରାତ୍ରି ହୋଇଯିବାର ସମ୍ଭାବନା ଥିଲା। ମୁଁ ସାଙ୍ଗରେ ଟର୍ଚ୍ଚଲାଇଟ ନେଇଥିଲି। ତାକୁ ରାତିରେ ଖୋଜିବା ପାଇଁ ମୋର ଆଦୌ ଇଚ୍ଛା ନ ଥିଲା। କିନ୍ତୁ ଜଙ୍ଗଲରୁ ଫେରିବା ବେଳେ ଶୀଘ୍ର ସଂଧ୍ୟା ହୋଇଯିବାର ଅନେକ ସମ୍ଭାବନା ଥିଲା। ସମତଳ ଅଞ୍ଚଳ ଅପେକ୍ଷା ଜଙ୍ଗଲରେ ସଂଧ୍ୟା ଟିକେ ଶୀଘ୍ର ଆସେ।

ମୁଁ ଚାହିଁଥିଲେ ଜିଲ୍ଲା ମୁଖ୍ୟାଳୟରୁ ସମସ୍ତ ପୁଲିସ ବଳ ଡକାଇ ପାରିଥାନ୍ତି। କିନ୍ତୁ ଏହା କରିଥିଲେ ଗୁମାବାହାଲ ଗାଁ ତଥା ତା'ର ଆଖପାଖରେ ଥିବା ଅନ୍ୟ ଗ୍ରାମଗୁଡିକରେ ଭୟର ବାତାବରଣ ସୃଷ୍ଟି ହୋଇଥାନ୍ତା, ଯାହା ମୁଁ ଆଦୌ ଚାହୁଁ ନ ଥିଲି। ଗାଁରୁ ମୋ ସାଙ୍ଗରେ ଯାଉଥିବା ସବୁ ଲୋକଙ୍କୁ ପାଖାପାଖି ରହିବା ପାଇଁ ନିର୍ଦ୍ଦେଶ ଦେଲି। କନେଷ୍ଟବଳ ଦୁଇ ଜଣଙ୍କୁ ସେ ଦଳର ଦୁଇ ପାଖରେ ରଖି ମୁଁ ଟିକେ ଆଗୁଆ ରହି ଆମେ ଜଙ୍ଗଲ ମଧ୍ୟରେ ଅଗ୍ରସର ହେଉଥିଲୁ। ମୋ ସାଙ୍ଗରେ କେବଳ ନାଣ୍ଡୁ କିଷାନ ରହିଥିଲା, ସେ ତଥାକଥିତ ରାକ୍ଷସକୁ ଯୋଉଠି ଦେଖିଥିଲା ସେ ସ୍ଥାନକୁ ନେବା ପାଇଁ ବାଟ କଢ଼ାଉଥିଲା। ଆମ ଦଳ ସେଠାରେ ପହଞ୍ଚି ସାମାନ୍ୟ ବିକ୍ଷିପ୍ତ ହୋଇ ତାକୁ ଖୋଜିବାରେ ଲାଗିଗଲୁ। ତା'ର କିଛି ଚିହ୍ନ ବର୍ଣ୍ଣ ନ ଥିଲା।



**ଆଇଲାରେ ବୁଆ !**

ଆମେ ପ୍ରାୟ ଅଧକିଲୋମିଟର ଗଲା ପରେ ସମତଳ ଜଙ୍ଗଲ ଶେଷ ହୋଇ ଛୋଟ ଛୋଟ ପାହାଡ ଉପରର ଜଙ୍ଗଲ ଆରମ୍ଭ ହୋଇଥିଲା। ଆମେ ସବୁ ଏକାଠି ହୋଇ ଉପରକୁ ଉଠିଥିବା ପାହାଡକୁ ଚଢୁଥିଲୁ। ମୁଁ ସାମାନ୍ୟ ଅନ୍ୟମନସ୍କ ହୋଇ ପାହାଡ ଶୀର୍ଷକୁ ଚାହିଁ ସେଠିକି ଯିବାକୁ ଆଉ କେତେ ସମୟ ଲାଗିବ, ମନେ ମନେ ହିସାବ କରୁଥିଲି। ଏହି ସମୟରେ ନାଣ୍ଡୁ କିଷାନର ଭୟ ଓ ଉଦ୍‌ବେଗପୂର୍ଣ୍ଣ ସ୍ୱର ଶୁଣିପାରିଲି "ଆଜ୍ଞା ଏଇଠି ଲୁଚିଛି ଗଲା, ଆଇଲାରେ ବୁଆ ଭାଗ୍।" ତତ୍‌ସଙ୍ଗେ ଗୋଟିଏ ଛାତି ଥରାଇ ଦେଲା ପରି ବିକଟାଳ ଶବ୍ଦ। ମୁଁ ହଠାତ୍ ସେ ଗଡାଣିଆ ଭୂମି ଉପରେ ଠିଆ ହୋଇଗଲି, ସାମାନ୍ୟ କେତେ ପାହୁଣ୍ଡ ପଛକୁ ଆସି ନିଜକୁ ସମ୍ଭାଳି ଚମଡା ଖୋଳରୁ ରିଭଲଭର ବାହାର କରି ନାଣ୍ଡୁ ଦେଖାଇଥିବା ଦିଗକୁ ଚାହିଁ ଦେଖିଲି, ପତଳା ଡେଙ୍ଗା ହୋଇ ଲୋକଟା ହାତରେ ଗୋଟିଏ ତ୍ରିଶୂଳ ପରି ଅସ୍ତ୍ର ଧରି ଆମ ଆଡକୁ ମାଡି ଆସୁଛି। ହାତ ଗୋଡ ବଗପରି ସରୁ ଓ ମୁଣ୍ଡରେ ଗୋଛାଏ ଚୁଟି। ସେ ଦ୍ରୁତ ଗତିରେ ଆମ ଆଡକୁ ମାଡି ଆସିବା ବେଳେ ସାମ୍ନାରେ ଥିବା ପାହାଡିଆ ନାଳ ତାର ଗତିରୋଧ କରିଥିଲା। ସେଠାରେ ଅଟକି ଯାଇ ଏକ ବିକଟାଳ ରଡି କରିବାକୁ ଚେଷ୍ଟା କଲାବେଳେ ସେ ଓ ମୁଁ ପରସ୍ପର ମୁହାଁମୁହିଁ ହୋଇଯାଇଥିଲୁ। ମୋ ହାତରେ ରିଭଲଭର ଦେଖି ତା'ର ରଡି ଅଧାରେ ହଠାତ୍ ବନ୍ଦ ହୋଇଗଲା ଓ ସେ ତରତର ହୋଇ ପାଖରେ ଥିବା ଗୋଟିଏ ବଡ କେନ୍ଦୁଗଛ ପଛରେ ଲୁଚିଗଲା।

ମୁଁ ପଛକୁ ଚାହିଁ ଦେଖିଲି ଜଣେ ବି ଗାଁ ବାଲାଙ୍କର ଦେଖାନାହିଁ, ଏପରିକି ନାଣ୍ଡୁ କିଷାନର ମଧ୍ୟ। ସେ ଲୁଚିଥିବା କେନ୍ଦୁଗଛଠାରୁ ମୁଁ ଠିଆ ହୋଇଥବା ସ୍ଥାନର ଦୂରତ୍ୱ ପ୍ରାୟ ପଚାଶ ଗଜ ହେବ। ଖାଲି ମଝିରେ ଯାହା ପାହାଡିଆ ନାଳଟି। କନେଷ୍ଟବଳ ଦୁଇଜଣଙ୍କୁ ନାଳ ଆରପଟକୁ ଯାଇ ସେ କେନ୍ଦୁଗଛ ଉପରେ ନଜର ରଖିବାକୁ କହି, ମୁଁ ଧୀରେ ଧୀରେ ତଳପଟୁ ବୁଲି ସେ ଗଛକୁ ଆରପଟରୁ ଦେଖିବାକୁ ଚେଷ୍ଟା କଲି। ରିଭଲଭରକୁ ଧରି ମୁଁ ଧୀରେ ଧୀରେ ସେ କେନ୍ଦୁଗଛ ପାଖକୁ ଗଲି। ପ୍ରାୟ ଦଶ ବାର ପାଦ ଗଲାପରେ ମୁଁ ତା'ର ମାଟିଆ

ଜାମାର କିଛି ଅଂଶ ଦେଖିଲା ପରି ମୋର ମନେ ହେଲା। ଆଉ କେତେ ପାହୁଣ୍ଡ ଗଲା ପରେ ସେ ହଠାତ୍ ବୁଲିପଡି ପଛପାଖକୁ ଯିବାକୁ ଚେଷ୍ଟା କଲା ବେଳେ ଆମେ ଦୁଇଜଣ ମୁହାଁମୁହିଁ ହୋଇଗଲୁ। ହାଡୁଆ ମୁହଁରେ ଆଖି ଦୁଇଟି ନାଲି। ମତେ ଓ ରିଭଲଭରକୁ ଦେଖି ସେ ଭୟ ପାଇଗଲା ପରି ମୋର ମନେ ହେଲା। ସେତେବେଳ ପର୍ଯ୍ୟନ୍ତ ତାର ହାତରେ ସେଇ ତ୍ରିଶୁଳଟା ଥିଲା। "ସେ ତ୍ରିଶୁଳଟା ତଳେ ପକାଇ ଦୁଇ ହାତ ଉପରକୁ ଉଠାଇ ଠିଆ ହୋଇଯା, ନ ହେଲେ ଖପୁରି ଉଡାଇଦେବି।" ମୁଁ ସ୍ପଷ୍ଟ ସ୍ୱରରେ ତାକୁ ଚେତାବନୀ ଦେଇଥିଲି। ସେ ତ୍ରିଶୁଳଟା ତଳକୁ ଫିଙ୍ଗିଦେଲା, 'ଝଣ୍' କରି ଶବ୍ଦ ହେଇ ତ୍ରିଶୁଳଟା ତଳେ ପଡିଗଲା। ଦୁଇ ହାତ ଉପରକୁ ଉଠାଇ ସେ ସେମିତି ଠିଆ ହୋଇଥାଏ। ସେମିତି ହାତ ଉପରକୁ ଉଠାଇ ମୋ' ଆଡକୁ ପଛ କରି ଧୀରେ ଧୀରେ ଆସିବାକୁ ମୁଁ ନିର୍ଦ୍ଦେଶ ଦେଇଥିଲି। ସେ ମୋର ନିକଟବର୍ତ୍ତୀ ହେଲା ବେଳକୁ କନେଷ୍ଟବଳ ଦୁଇ ଜଣ ମଧ୍ୟ ପାଖରେ ପହଞ୍ଚି ଯାଇଥିଲେ। ମୋର ଇଙ୍ଗିତରେ ତା'ର ଭଲ ଭାବରେ ତଲାସୀ ନିଆଯାଇ ଦୁଇ ସିପାହିଙ୍କ ମଝିରେ ରଖି ଥାନାକୁ ଫେରିବାକୁ ପ୍ରସ୍ତୁତ ହେଲି। ଏତିକି ବେଳେ ଦୂରରୁ ନାଣ୍ଡୁ କିଷାନର ସ୍ୱର ଶୁଣିପାରିଲି। ସେ ପାଟି କରି କହୁଥାଏ "ଆଜ୍ଞା ଆମେ ସବୁ ଏଇଠି ଅଛୁ।" ଥାନାକୁ ଫେରିବା ସମୟରେ ଗାଁ ଲୋକମାନେ ତାକୁ ସ୍ଥାନୀୟ ଭାଷାରେ ଅନେକ ପ୍ରଶ୍ନ କରିଥିଲେ ଓ ତାହାର ଉତ୍ତର ମଧ୍ୟ ସେ ଦେଉଥିଲା। ଗୁମାବାହାଲ ପହଞ୍ଚି ଥାନାକୁ ଫେରିଲା ବେଳେ ଜଣେ ଦୁଇଜଣ ମୁରବିଲୋକ କହିଲେ "ଆଜ୍ଞା ଏ ଲୋକଟାର ଘର ମଧ୍ୟପ୍ରଦେଶର ରାୟଗଡ ପାଖରେ। ସେ ପାଗଳ ହୋଇ ଘୂରି ବୁଲୁଛି।" ଠିକ୍ ଅଛି ତା'ର ଘର ଲୋକଙ୍କୁ ଖବର ଦିଅ କହି ମୁଁ ତାକୁ ଧରି ଥାନାକୁ ଆସିଥିଲି।

**ତଥାକଥିତ ବ୍ରହ୍ମରାକ୍ଷସକୁ ଜଙ୍ଗଲରୁ ଧରି ଥାନାକୁ ଅଣାଗଲା।**

### ପାଗଳଟିଏ

ସେଠି ତାକୁ ଭଲ ଭାବରେ ପଚରାଉଚରା କଲା ପରେ ଜଣାଗଲା ଯେ ସେ ପ୍ରକୃତରେ ପାଗଳ ହୋଇଯାଇଛି। ତା'ର ଘରଲୋକ ତାକୁ ପାଗଳା ଡାକ୍ତରଖାନାକୁ ନେବାକୁ ଚେଷ୍ଟା କଲା ବେଳେ ସେ ଲୁଚିକରି ଘରୁ ବାହାରି ଜଙ୍ଗଲରେ ପଶି ଲୁଚି ରହୁଥିଲା। ଗୁମାବାହାଲ ଗାଁ ଲୋକଙ୍କୁ ଦେଖି ସେ ଭାବୁଥିଲା ଯେ, ତାକୁ ଧରି ପାଗଳା ଡାକ୍ତରଖାନାକୁ ନେବାକୁ ତା'ର ଘର ଲୋକ ଆସିଛନ୍ତି। ତେଣୁ ସେ ପାଟିତୁଣ୍ଡ କରି ତାଙ୍କୁ ଡରାଉଥିଲା।

"ଏ ତ୍ରିଶୁଳଟା କୋଉଠୁ ଆଣିଲୁ ?" ମୁଁ ପଚାରିଥିଲି। "ଆଜ୍ଞା ଆମ ଗାଁ ମୁଣ୍ଡରେ ଥିବା ଶିବ ମନ୍ଦିର ପରିସରରେ ଅନେକ ଲୋକ ମାନସିକ ପାଇଁ ତ୍ରିଶୂଳ ପୋତିଥାଆନ୍ତି, ସେଥିରୁ ଗୋଟିଏ ଉଠାଇ ନେଇ ଆସିଛି।"

"ଜଙ୍ଗଲରେ କ'ଣ ଖାଉଥିଲୁ ?"

"କଞ୍ଚା ପାଚିଲା କେନ୍ଦୁ ଓ ଜାମୁକୋଳି।"

ମୁଁ ଗୁମାବାହାଲ ସରପଞ୍ଚଙ୍କୁ ଚାହିଁଲି। "ସେ ସତ କହୁଥିବ ଆଜ୍ଞା। ଏ ବର୍ଷ ବହୁତ ଜାମୁକୋଳି ଆସିଛି। ଗାଈଗୋରୁ ବି ଖାଇ ସରୁନାହାଁନ୍ତି।" ସେ ଉତ୍ତର ଦେଇଥିଲେ।

ସେତିକି ବେଳେ ଗାଁ ପାଖର କିଛି ଲୋକ ଥାନାରେ ପହଞ୍ଚିଥିଲେ। "ଆଜ୍ଞା ଏ ଲୋକଟା ରେଲୱେରେ ଚାକିରି କରୁଥିଲା। କୌଣସି କାରଣବଶତଃ ପାଗଳ ହୋଇଯିବାରୁ ତାକୁ ପାଗଳ ଡାକ୍ତରଖାନା ନେବାକୁ ତାର ଶ୍ୱଶୁର ଘରଲୋକ ଚେଷ୍ଟା କଲାବେଳେ ସେ ସେଠାରୁ ଲୁଚି ଆସି ପ୍ରାୟ ପନ୍ଦରଦିନ ହେବ ଏଇ ପାଖ ଜଙ୍ଗଲରେ ଲୁଚିଗଲା। ଆମେ ବହୁତ ଖୋଜିଲୁ ସାର୍, ତାକୁ ନ ପାଇ ବଡ ଚିନ୍ତାରେ ଥିଲୁ। ଯା ହେଉ ଆପଣ ତାକୁ ଜଙ୍ଗଲରୁ ଉଦ୍ଧାର କଲେ।"

ରାତି ବେଶି ହୋଇ ଯାଇଥିଲା। ତଥାପି ମୁଁ ଜିଲ୍ଲା ମୁଖ୍ୟାଳୟକୁ ଏସ୍.ପି. ଓ କଲେକ୍ଟରଙ୍କୁ ବେତାର ବାର୍ତ୍ତା ନିମ୍ନମତେ ପଠାଇଥିଲି।

"ତଥାକଥିତ ବ୍ରହ୍ମରାକ୍ଷସକୁ ଜଙ୍ଗଲରୁ ଧରି ଥାନାକୁ ଅଣାଗଲା। ପଡୋଶୀ ରାଜ୍ୟର ଏକ ସୀମାନ୍ତ ଗ୍ରାମରେ ତା'ର ଗ୍ରାମ ବୋଲି ଜଣାପଡୁଛି। ପାଗଳାମୀ ବେମାରୀ ଅଛି ବୋଲି ତା'ର ନିକଟ ସମ୍ପର୍କୀୟ କହୁଛନ୍ତି। ଗୁମାବାହାଲ ଗ୍ରାମରେ ଭୟ ଓ ଆତଙ୍କର ପରିସମାପ୍ତି ଘଟିଛି। ଗ୍ରାମବାସୀମାନେ ଆଶ୍ୱସ୍ତ। ସମ୍ପୂର୍ଣ୍ଣ ଯାଞ୍ଚ ପରେ ପରବର୍ତ୍ତୀ ବାର୍ତ୍ତା ଯଥାଶୀଘ୍ର ପଠାଯାଉଛି।"

□□

ଲେଖକଙ୍କ ଇ-ମେଲ୍ ଠିକଣା:
santoshpatnaikcb@gmail.com

ଗଳ୍ପ

# ସେଇ ଭୁଲ ପାଇଁ



ଶିବାଶିଷ ପାଢ଼ୀ

ଆଜି ପାଗ ନିର୍ମଳ ଥିଲା। ତିନିଦିନ ଧରି ପ୍ରବଳ ବର୍ଷାରେ କୁଆଡେ ବାହାରିପାରି ନ ଥିଲେ ଲଳିତବାବୁ। ଏଣୁ ଆଜି ବଗିଚାରେ ବର୍ଷାର ମାଡ଼ ସହି ନ ପାରି ଲଇଁ ପଡ଼ିଥିବା ଗଛଗୁଡିକ ପଛରେ ଲାଗିଥିଲେ ସେ। ଗଛ ସବୁକୁ ସିଧା କରୁଥିଲେ ଦରକାର ମୁତାବକ ଛୋଟଛୋଟ ଖୁଣ୍ଟ ପୋତି ରସି ସାହାଯ୍ୟରେ ବାନ୍ଧି ରଖୁଥିଲେ।

ଛୋଟଛୋଟ ଗଛରେ ରଙ୍ଗବେରଙ୍ଗ ଫୁଲ ଦେଖି ଦିନର ଆରମ୍ଭ କଲେ ଦିନଟି ଭଲରେ କଟେ ଏଇ ବିଶ୍ୱାସ ତାଙ୍କର। କିନ୍ତୁ ଜଳସେଚନ ବିଭାଗର ଯନ୍ତ୍ରୀ ହିସାବରେ ବିଭିନ୍ନ ସ୍ଥାନକୁ ବଦଳି ହେଉଥିବା ଏ ଚାକିରିରେ ସବୁବେଳେ ସେ ସୁଯୋଗ ମିଳେନି। କେଉଁଠି କ୍ୱାର୍ଟରର ଅଭାବ ତ କେଉଁଠି କ୍ୱାଟର ଥିଲେ ବି ସ୍ଥାନର ଅଭାବ। ସ୍ଥାନ ମିଳିଲେ କିନ୍ତୁ ଛୋଟ ବଗିଚାଟିଏ ନିଶ୍ଚିତ କରନ୍ତି ସେ।



“ନମସ୍କାର ଲଳିତ ବାବୁ, ସବୁ ଭଲ ତ?” କହି ଫୁଲପାଛିଆଟାଏ ଧରି ପଶି ଆସୁଥିଲେ ନିରାକାର ବାବୁ, ଅଫିସର ବରିଷ୍ଠ ସହାୟକ। ପ୍ରତି ନମସ୍କାର ଜଣାଇ ଅଳ୍ପ ହସିଦେଲେ ଲଳିତ ବାବୁ କିନ୍ତୁ ଭିତରେ ଭିତରେ ମନଟା ଖରାପ ହୋଇଗଲା ସବୁଦିନିଆ ଫୁଲଚୋରକୁ ଦେଖି।

ତାଙ୍କୁ କିଛି ନ କହି ଟପଟପ ଫୁଲ ସବୁ ତୋଳି ନିଜ ପାଛିଆ ଭର୍ତ୍ତି କରୁଥିଲେ ନିରାକାର ବାବୁ। ତା’ ସହ ତାଙ୍କ ମୁହଁ ବି ଚିରାଚରିତ ଢଙ୍ଗରେ ଅନବରତ ଚାଲିଥିଲା। ଅଫିସରେ ନାରଦ ନାଁରେ ପରିଚିତ ନିରାକାର ବାବୁଙ୍କ ଜିଭଅଗିରେ ଦୁନିଆ ଯାକର ଖବର। ଅବଶ୍ୟ ଭଲ ଖବର କହିବାର କଷ୍ଟ ସେ କରନ୍ତି ନାହିଁ, କେବଳ ଯା ତା’ ବିରୁଦ୍ଧରେ ସତମିଛ ଖବରକୁ ରୋଚକ ଢଙ୍ଗରେ ପରିବେଷଣ କରିବାରେ ନିଜର ବିଚକ୍ଷଣ ଦକ୍ଷତାକୁ ବିନିଯୋଗ କରନ୍ତି।

ଫୁଲପାଛିଆ ଭର୍ତ୍ତି କରି ଲଳିତ ବାବୁଙ୍କ ପାଖରେ ବସି ପଡିଲେ କାରଣ ସେତେବେଳକୁ ସରୋଜିନୀ ଦୁଇକପ କଫି ଆଣି ରଖି ଦେଇଥିଲେ।

କଫି ପିଉପିଉ ପୁଣି ଆରମ୍ଭ କଲେ ସେ, “ବୁଝିଲେ ଲଳିତ ବାବୁ ଯିଏ ଯେମିତି କରିବ ସେମିତି ପାଇବ। ଟଙ୍କାର ବହୁତ ଗର୍ବ ଥିଲା ତ ଏତେ ଟଙ୍କା ଥିଲେ କ’ଣ ହେବ ନିଜ ପୁଅ ତ ଡକାୟତି କରୁଛି। ସାରା ସଂସାରରେ ମାନ ସମ୍ମାନ ଗଲା ଠିକ ହୋଇଛି। ବହୁତ ବଦମାସ ଲୋକଟା।”

“ଆପଣ କାହା କଥା କହୁଛନ୍ତି ମୁଁ ତ କିଛି ବୁଝି ପାରୁନି,” କହିଥିଲେ ଲଳିତ ବାବୁ। “ଆରେ ଆପଣ କ’ଣ ଗତକାଲି ଟିଭି ଦେଖି ନାହାନ୍ତି, ସେ ଯେଉଁ ଛବିଳ ବାବୁ ଏଇଠି ପ୍ରାୟ ଦଶବର୍ଷ ଥିଲେ। ଯାହାଙ୍କ ଦୌରାତ୍ମ୍ୟରେ ସମସ୍ତେ ଅସନ୍ତୁଷ୍ଟ ଥିଲେ। ଓଃ କି ବଦମାସ ଲୋକଟା! ଆପଣ ତାଙ୍କୁ ଜାଣିଥିବେ ଯେ। ଆପଣ ଭବାନୀପାଟଣାରେ ବୋଧେ ଏକାସାଙ୍ଗରେ ଥିବେ। ଦିନରାତି ସବୁବେଳେ ମାତାଲ ଅବସ୍ଥା, ପଇସା ନ ଦେଲେ କଥା ହେବନି। ଅଚଳାଚଳ ସମ୍ପତ୍ତି କରିଛି। ତା’ ପୁଅ ବିକି ପରା କାଲି ଡକାୟତି କରି କଟକରେ ଧରା ପଡିଛି। ସବୁବେଳେ ତ ଖରାପ ସାଙ୍ଗ। ଯିବ କୁଆଡେ? ସାଙ୍ଗସୁଖରେ କେଉଁ ଢାବାରେ ଖାଇପିଇ କେଉଁ ଟ୍ରକ୍‌ବାଲାକୁ ଲୁଟୁଥିଲେ।”

ହଠାତ୍ ଯେମିତି ହୃଦୟଟା କୋରି ହେଇଯାଉଥିଲା ଲଳିତ ବାବୁଙ୍କ । ଅକୁହା ବେଦନା ଛଳକି ପଡୁଥିଲା । ନିରାକାର ବାବୁ ନିଜ କାମ ସାରି ଯାଇସାରିଥିଲେ । ସାମ୍ନା ଚୌକିରେ ସେମିତି ବସି ରହିଥିଲେ ସେ । ଅଫିସ ସମୟ ଗଡି ଯାଉଥିଲା । ସେ କିନ୍ତୁ ପଛକୁ ଫେରି ଯାଉଥିଲେ ।

ଯେତେବେଳେ ନୂଆକରି ଚାକିରିରେ ଯୋଗ ଦେଇଥିଲେ ସେ ଭବାନୀପାଟଣାରେ ଇରିଗେସନ କଲୋନୀର ଶେଷ ଆଡକୁ କ୍ୱାର୍ଟର ମିଳିଥିଲା ତାଙ୍କୁ । ସେଇଠାରେ ପଡୋଶୀ ଥିଲେ ଛବିଳ ବାବୁ । ଖୁବ ଜଲ୍‌ଦି ସେ ମିଶିଯାଇଥିଲେ ତାଙ୍କ ପରିବାର ସହ । ପରିବାର କହିଲେ ଛବିଳ ବାବୁ ଓ ତାଙ୍କ ସ୍ତ୍ରୀ ସୁପ୍ରିୟା ! ବିବାହର ପାଞ୍ଚଛଅ ବର୍ଷ ପରେ ମଧ୍ୟ କୌଣସି ସନ୍ତାନ ନ ଥିଲେ ତାଙ୍କର । ଭାରି ମେଳାପି ଲୋକ ଥିଲେ ଛବିଳ ବାବୁ ! ସବୁବେଳେ ହସହସ । ଲଳିତ ବାବୁଙ୍କୁ ନିଜ ସାନଭାଇ ଭଳି ସ୍ନେହ କରୁଥିଲେ । ପ୍ରାୟ ଦିନ ତାଙ୍କ ଘରେ ଜବରଦସ୍ତ ଖୁଆଉ ଥିଲେ ସେ । ଏତେ ଦୂର ସ୍ଥାନରେ ପରିବାର ଭଳିଆ ପରିବେଶ ପାଇ ବେଶ ଖୁସି ହେଉଥିଲେ ଲଳିତ ବାବୁ ।

**ନ ଚାହିଁଲେ ବି ନିଜ ପ୍ରଥମ ଛୁଆର ଖବର ନେଉଥିଲେ ସେ ଲୁଚିଲୁଚି । ଜୀବନ ସାରା ଗୋଟିଏ ସଂଶୟରେ ରହୁଥିଲେ ସେ । ଖୁବ ରାଗ ଲାଗୁଥିଲା ନିଜ ଉପରେ ।**

କିନ୍ତୁ ଗୋଟାଏ କଥା ତାଙ୍କୁ ଅସ୍ୱାଭାବିକ ଲାଗୁଥିଲା । ଦିନବେଳା ଏତେ ଭଲ ଥିବା ଛବିଳ ବାବୁଙ୍କ କ୍ୱାର୍ଟରରୁ ପ୍ରାୟ ରାତିରେ ଶୁଣାଯାଉଥିଲା ଝଗଡାର ଶବ୍ଦ । ଖୁବ ଜୋରରେ ପାଟି ଶୁଭୁଥିଲା ଉଭୟଙ୍କ । ସକାଳୁ କିନ୍ତୁ ସବୁ କିଛି ସ୍ୱାଭାବିକ ହେଇ ଯାଉଥିଲା ।

ସକାଳୁ ଜଳଖିଆ ପାଇଁ ଡାକି ଆସୁଥିଲେ ଛବିଳ ବାବୁ ! ଚେହେରାରେ କୌଣସି ପ୍ରତିକ୍ରିୟା ନ ଥାଏ । କିନ୍ତୁ ପ୍ରତିକ୍ରିୟା ଦେଖି ପାରୁଥିଲେ ଲଳିତ ବାବୁ ସୁପ୍ରିୟା ଭାଉଜଙ୍କ ଆଖିରେ । ଏକ ଘୋର ଅଶାନ୍ତି ଭାବ ଯେମିତି ତାଙ୍କୁ ଆବୋରି ପକାଉଥିଲା । ଦିନେ ଛବିଳ ବାବୁ ନ ଥିବା ବେଳେ ଏହାର କାରଣ ଜାଣିବାକୁ ଚେଷ୍ଟା କଲେ ସେ । ପ୍ରଥମେ କୁନ୍ଥୁକୁନ୍ଥୁ ହେଉଥିବା ସୁପ୍ରିୟା ଭାଉଜ ଯେତେବେଳେ କହିବା ଆରମ୍ଭ କଲେ ସେ ଆଉ ଅଟକିଲେନି ।

ଏକ ସନ୍ତାନ ପାଇଁ ଅନେକ ଚେଷ୍ଟା ପରେ ନିରାଶ ହୋଇଥିଲେ ସେ । ଛବିଳ ବାବୁଙ୍କ ପକ୍ଷେ ସନ୍ତାନକ୍ଷମ ହେବାରେ ଶାରୀରିକ ତ୍ରୁଟି ଥିଲା । ଡାକ୍ତରଙ୍କ କଥା ଅନୁସାରେ ଭଗବାନଙ୍କ ଦୟା କିମ୍ବା କୌଣସି ଚମତ୍କାର ହିଁ ତାଙ୍କୁ ସନ୍ତାନ ସୁଖ ଦେଇପାରେ । ! ନିଜ ସେ ତ୍ରୁଟିକୁ କିନ୍ତୁ ମାନିବାକୁ ପ୍ରସ୍ତୁତ ନ ଥିଲେ ଛବିଳ ବାବୁ କିମ୍ବା ଦୁଃଖ ଭୁଲିବାକୁ ସବୁଦିନ ରାତି ହେଲେ ମଦ ପିଉଥିଲେ । ନିଜ ଦୁର୍ବଳତାକୁ ଲୁଚାଇବାକୁ ମଦ ପିଇ ଯାବତୀୟ ଦୁର୍ବ୍ୟବହାର କରୁଥିଲେ ।

ଚକିତ ହୋଇ ଯାଇଥିଲେ ଲଳିତ ବାବୁ । ଉପରକୁ ସବୁ ଭଲ ଦେଖାଯାଉଥିବା ଏକ ସୁଖୀ ପରିବାରର ଖୋଳପା ତଳର ବୀଭତ୍ସ ରୂପ ଦେଖି । ସହାନୁଭୂତିଶୀଳ ହୋଇ ପଡ଼ିଥିଲେ ସୁପ୍ରିୟାଙ୍କ ପ୍ରତି ।

ସେ ସହାନୁଭୂତି ଯେ କେତେବେଳେ ପ୍ରେମର ରୂପ ନେଇ ଯାଇଥିଲା ସେ ଜାଣି ପାରିଲେନି । ! ନିଜକୁ ସମ୍ଭାଳୁ ସମ୍ଭାଳୁ ବହୁତ ଆଗକୁ ବଢ଼ି ଯାଇଥିଲେ ସେ । ତାଙ୍କ ଔରସରୁ ସନ୍ତାନ ସମ୍ଭବା ହେଲେ ସୁପ୍ରିୟା । ସେପଟେ ଏସବୁ ପ୍ରତି ଅଜ୍ଞ ଛବିଳ ବାବୁ ବି ଭାରି ଖୁସି ଥିଲେ ।

ପ୍ରେମ ଜୁଆରରେ ଭଟ୍ଟା ପଡିବା ପରେ କିନ୍ତୁ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଉଥିଲା ତାଙ୍କୁ । ନିଜର ସନ୍ତାନ ନିଜ ଆଖି ସାମ୍ନାରେ ଥିବ କିନ୍ତୁ ନିଜର କହି ହେବନି । ଯଦି ଛୁଆଟି ହେଲା ପରେ ତା'ର ଗଢ଼ଣ ଦେଖି ଛବିଳ ବାବୁ ଜାଣି ଯିବେ ତେବେ କ'ଣ ହେବ ? ? ମନେ ପଡୁଥିଲା ଘର କଥା, ବୋଉକୁ କେମିତି ମୁହଁ ଦେଖେଇବ ସେ ।

ଆଉ କିଛି ବୁଦ୍ଧିବାଟ ନ ଦିଶିବାରୁ ସେକ୍ରେଟେରିଏଟରେ ଥିବା ସମ୍ପର୍କୀୟ ମାମୁଙ୍କୁ ନେହୁରା ହୋଇ ନିଜ ବଦଳି କରାଇ ଦେଇଥିଲେ ସୁଦୂର ସୁନ୍ଦରଗଡ଼ । ପରେ ଖବର ନେଇଥିଲେ ପୁଅଟାଏ ହୋଇଥିଲା ! ଛବିଳ ବାବୁଙ୍କ ବି ବଦଳି ହୋଇଥିଲା ରାୟଗଡାକୁ ।

ଏପଟେ ସରୋଜିନୀକୁ ବାହା ହୋଇ ଦୁଇଟି ସନ୍ତାନର ଜନକ ହେବା ପରେ ବି ନ ଚାହିଁଲେ ବି ନିଜ ପ୍ରଥମ ଛୁଆର ଖବର ନେଉଥିଲେ ସେ ଲୁଚିଲୁଚି । ଜୀବନ ସାରା ଗୋଟିଏ ସଂଶୟରେ ରହୁଥିଲେ ସେ ! ଖୁବ ରାଗ ଲାଗୁଥିଲା ନିଜ ଉପରେ କାହିଁକି ନିଜକୁ ସଂଯତ କରିପାରିଲେ ନାହିଁ ବୋଲି ।

କଟକରେ ଥିଲେ ସେମାନେ। କୌଣସି ପ୍ରକାରେ ନିଜ ପିତୃତ୍ୱ ନେଇ ସନ୍ଦୀହାନ ଥିଲେ ଛବିଳ ବାବୁ। ଏଣୁ ମଦର ପରିମାଣ ବଢ଼ି ବଢ଼ି ଚାଲିଥିଲା। ବିକି ପ୍ରତି ବିଶେଷ ଦୃଷ୍ଟି ଦେଉ ନ ଥିଲେ ସେ! ସେପଟେ ମା'ଙ୍କ ଅତ୍ୟନ୍ତ ଗେହ୍ଲା ଯୋଗୁ ବିଗିଡି ଯାଇଥିଲା ସେ।

ଥରେ ତା' କଲେଜ ସାମ୍ନାରେ ବିକିକୁ ଭେଟିଥିଲେ ସେ। ବାପାଙ୍କ ସାଙ୍ଗ ବୋଲି ପରିଚୟ ଦେଇ ବୁଝାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଗୋଟିଏ ପଦରେ କଥା ତୁଟାଇ ଦେଇଥିଲା ସେ। କହିଥିଲା "ଅଙ୍କଲ! ଆପଣ ଯିଏ ହୋଇଥାନ୍ତୁ ମୋତେ ଏ ସବୁ କହିବାର ଅଧିକାରୀ ନୁହନ୍ତି ଆପଣ, ନିଜ ସୀମା ଭିତରେ ରୁହନ୍ତୁ ମୁଁ ମୋ ଭଲ ମନ୍ଦ ଜାଣିଛି।"

ଲଳିତ ବାବୁ ଚିନ୍ତା କରିଥିଲେ "କେମିତି କହିବି ମୁଁ କିଏ ଓ କ'ଣ ମୋର ସୀମା? ଠିକ ଅଛି କେହି ଜାଣି ନାହାନ୍ତି, ହେଲେ ମୁଁ ତ ଜାଣିଛି।"

ଫେରି ଆସିଥିଲେ ସେ ନିଜ ମନ କଥା ମନରେ ରଖି। ସେ ଜାଣିଥିଲେ ଏ ଚିନ୍ତାରୁ ଶେଷ ନିଃଶ୍ୱାସ ଯାଏ ମୁକ୍ତି ନାହିଁ! ଅଳ୍ପ କିଛି ଦିନର ଦୁର୍ବଳତା ତାଙ୍କୁ ସାରା ଜୀବନର କଷ୍ଟ ଦେବ ହିଁ ଦେବ!

**ସେ ଜାଣିଥିଲେ ଏ ଚିନ୍ତାରୁ ଶେଷ ନିଃଶ୍ୱାସ ଯାଏ ମୁକ୍ତି ନାହିଁ! ଅଳ୍ପ କିଛି ଦିନର ଦୁର୍ବଳତା ତାଙ୍କୁ ସାରା ଜୀବନର କଷ୍ଟ ଦେବ ହିଁ ଦେବ!**

"ଆଜି ଅଫିସ ଯିବନି କି?" ପଛକୁ ଦେଖିଲେ, ଠିଆ ହୋଇଥିଲେ ସରୋଜିନୀ। ଏ ସବୁ କିଛି ଜାଣି ନ ଥିବା ନିରୀହ ସରଳ ବିଶ୍ୱାସୀ ଯେ କି ଆଜିଯାଏ ତାଙ୍କୁ ପୂଜା କରି ଆସିଛି। ନିଜକୁ ପଚାରୁଥିଲେ ସେ, ହେଲେ ସେ କ'ଣ ଯୋଗ୍ୟ?

"ନା ଆଜି ଛୁଟି ନେଇଛି," କେବଳ ଏତିକି କହିଥିଲେ ସେ!

□□

ଲେଖକଙ୍କ ଇ-ମେଲ ଠିକଣା:
shibashishemgir@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com




ପ୍ରବନ୍ଧ

# ସାହିତ୍ୟ : ସ୍ୱପ୍ନ ଓ ସମ୍ଭାବନା

ଅଧ୍ୟାପକ ବିଶ୍ୱରଂଜନ

ଓଡ଼ିଶାରେ ଆମର ବର୍ଷସାରା ଲାଗି ରହିଥାଏ ନାନା ପ୍ରକାର ପର୍ବପର୍ବାଣି । କୁହାଯାଏ, ବାରମାସରେ ଏଠି ତେର ଯାତ୍ରା । ଗୋଟିଏ ସପ୍ତାହର ସାତ ଦିନ ମଧ୍ୟ କୌଣସି ନା କୌଣସି ଓଷା, ବ୍ରତ ପାଳନ କରିଥାନ୍ତି ଆମ ଘରର ମା’ ଭଉଣୀମାନେ । ନାନା ପୂଜା, ପର୍ବ ଭିତରେ ଓଡ଼ିଆମାନେ ଜୀବନକୁ ଉତ୍ସବମୁଖର କରି ରଖିଥାନ୍ତି । ଏବେ ଏଇ ସବୁ ଧର୍ମୀୟ ରୀତିନୀତି ଓ ପୂଜା ପଦ୍ଧତି ସହ ଯୋଡ଼ି ହୋଇଯାଇଛି ଆଉ ଏକ ପର୍ବ - ସାହିତ୍ୟର ପର୍ବ । ସାହିତ୍ୟର ଉତ୍ସବ । ସାହିତ୍ୟର ମେଳା ଓ ମିଳନ । ଏ ମେଳା ମହୋତ୍ସବର ଆୟୋଜନ ଖାଲି ସାହିତ୍ୟିକ କିମ୍ବା ସାହିତ୍ୟ ଅନୁଷ୍ଠାନ ତରଫରୁ ନୁହେଁ, ବିଭିନ୍ନ ବ୍ୟବସାୟିକ ସଂସ୍ଥା ମଧ୍ୟ ଏଥିରେ ନିଜକୁ ସାମିଲ୍ କରିସାରିଲେଣି । ବ୍ୟବସାୟୀମାନେ ଏବେ ସାହିତ୍ୟକୁ ଲୋଡ଼ିଲେଣି । ସାହିତ୍ୟିକମାନେ ମଧ୍ୟ ନିଜର ପ୍ରଚାର ଓ ପ୍ରସାର ପାଇଁ କର୍ପୋରେଟ୍ ହାଉସ୍‌ର ସହାୟତା ନେଲେଣି । ଏହା ଦ୍ୱାରା ସାହିତ୍ୟର କ’ଣ ଲାଭ ହୋଇଛି, ସାହିତ୍ୟର ସ୍ୱପ୍ନ କେତେଦୂର ସଫଳ ହୋଇଛି କି ନ ହୋଇଛି ତାହା ଭିନ୍ନ କଥା । ମାତ୍ର ସାହିତ୍ୟ ଏବେ ଆଉ ନିଆଶ୍ରୀ ବିଧବାଟି ପରି କାହା ପିଣ୍ଡା ତଳେ ଠିଆ ନ ହୋଇ ନାନା ଅଳଙ୍କାର ମଣ୍ଡିତ ହୋଇ ମଞ୍ଚ ମଣ୍ଡନ କଲାଣି । ସାହିତ୍ୟିକମାନେ ମଧ୍ୟ ରତ୍ନ ସାଉଁଟିଲେଣି । ମଥାରେ ପଗଡ଼ି, ଗଳାରେ ଉତ୍ତରୀୟ ଧାରଣ କରି ଶୋଭାବନ୍ତ ଦିଶିଲେଣି । ମାଛ ଧରୁଥିବା କେଉଟମାନଙ୍କ ଭଳି ସାହିତ୍ୟରେ ମଧ୍ୟ ଜାଲ ବୁଣି ଜାଲ ପକେଇବାକୁ କେଉଟମାନେ ବାହାରି ଆସିଲେଣି । ଛୋଟ କେରାଣ୍ଡି, ମହୁରାଳିରୁ ଆରମ୍ଭ କରି ବଡ଼ ରୋହି, ଭାକୁର ପର୍ଯ୍ୟନ୍ତ ସମସ୍ତେ ଫକ୍‌ଫାକ୍ ଡେଇଁ ଜାଲ ଭିତରେ ପଶିଲେଣି ।



## ଅନୁଷ୍ଠାନ ଆଉ ପୁରସ୍କାର

ଯେତେ ଅନୁଷ୍ଠାନ, ସେତେ ପୁରସ୍କାର ଓ ସମ୍ମାନ ବିତରଣ । ଅନୁଷ୍ଠାନର ଆୟୁଷ ବର୍ଷକର ହେଉ ବା ଗୋଟିଏ ଦିନର; ଏଥିରେ କିଛି ଯାଏ ଆସେ ନାହିଁ । ସେହିଭଳି ବର୍ଷାଦିନିଆ ଛତୁ ଭଳି ପତ୍ରିକାମାନେ ମଧ୍ୟ ହଠାତ୍ ଫୁଟି ବାହାରି ପଡ଼ନ୍ତି । ସକାଳେ ଫୁଟି ହୁଏତ ସଞ୍ଜରେ ମଉଳି ଯାଇପାରନ୍ତି, ହେଲେ ସେମାନଙ୍କର ଫୁଟିବାକୁ ରୋକିବ କିଏ ? ସାହିତ୍ୟର ଭାବରେ ଥାଆନ୍ତି ଯେତେବେଳେ, ସେତେବେଳେ ଫୁଟିବା ତ ସ୍ୱାଭାବିକ । ବିଶେଷକରି ଶରତ କାଳରେ ଯେତେବେଳେ ଜଳଦମାଳ ନୀଳ ଗଗନରେ ଭାସି ବୁଲୁଥାନ୍ତି, କଦବା କେବେ ବର୍ଷା ହୋଇ ଝରି ପଡୁଥାନ୍ତି ତୃଷାର୍ତ୍ତ ମାଟି ଉପରେ, ସେତେବେଳେ ସାହିତ୍ୟର ଲେଖକ ଓ ପାଠକମାନଙ୍କର ବର୍ଷ ସାରା ପ୍ରତୀକ୍ଷାର ଅନ୍ତ ଘଟେଇ ବିପୁଳ କାୟା କଳେବରରେ ନିଜକୁ ବିଭୂଷିତ କରି ପତ୍ରିକାମାନଙ୍କର ଆବିର୍ଭାବ ଘଟେ । ବର୍ଷସାରା ଅନାହାରରେ ବିତେଇଥିବା ପତ୍ରିକାମାନଙ୍କର ହଠାତ୍ ମେଦବୃଦ୍ଧି ଘଟିଥାଏ । ଏକଥା ଦେଖି ଘଡ଼ିଏ ଆଚମ୍ଭିତ ହୋଇ ରହିଯାଆନ୍ତି ଲେଖକ, ପାଠକ ଉଭୟ । ସାରଦିଆ ଫସଲରେ ସାହିତ୍ୟର ଶାରଦୀୟ ଫସଲ ଅମଳ ହେଉଥାଏ । କବିମାନେ ହିସାବ କରୁଥାନ୍ତି, କିଏ କେତେ କବିତା ଲେଖିଲା ପୂଜାସଂଖ୍ୟାରେ - ପଚାଶ ନା ଷାଠିଏ । ଗଳ୍ପକାରମାନେ ସେହି ପରିମାଣରେ ପଛରେ ଥାଆନ୍ତି । ଆଉ ପ୍ରବନ୍ଧକାରମାନେ ତ ହାତଗଣତି । ନିଜର ଚିନ୍ତା, ଚେତନାରେ ଅଧ୍ୟୟନରେ, ଗବେଷଣାରେ ଏତେ ଗହୀରକୁ ଯିବାକୁ ବେଳ କାହିଁ ? ତେଣୁ ପୁରୁଣା ଲେଖକମାନଙ୍କ ସାକ୍ଷାତ୍‌କାର, ସେଇ ଏକା ପ୍ରଶ୍ନ, ଏକା ଉତ୍ତରର ପୁନରୁକ୍ତିରେ

ପତ୍ରିକାର ପୃଷ୍ଠା ସଂଖ୍ୟା ବଢ଼େ। ଆମର ସାହିତ୍ୟ ସମୃଦ୍ଧ ହେଉଛି ବୋଲି ଯୋଡ଼ିନାଗରା ବାଜେ। ମାତ୍ର ଖୋଜିଲା ବେଳକୁ ଅସଲ ସାହିତ୍ୟ କେଉଁ କୋଣରେ ଯାଇ ମୁହଁ ଲୁଚେଇ ପଡ଼ିଥାଏ।

**ଚିତ୍ତ ଭାଇଙ୍କ ଅନ୍ତର୍ବାଣୀ**

ପଢୁଥିଲି ଚିତ୍ତଭାଇଙ୍କ ଦିନଲିପିରୁ ଗୋଟିଏ ପୃଷ୍ଠା। ଚିତ୍ତଭାଇ ଅର୍ଥାତ୍ ଆମ ସାହିତ୍ୟର ନଭମଣ୍ଡଳକୁ ନିଜର ମୌଳିକ ଚିନ୍ତନରେ ପ୍ରଜ୍ଞାଦୀପ୍ତ କରିଥିବା ଚିତ୍ତରଞ୍ଜନ ଦାସ। ଦୃଶ୍ୟମାନ ଏ ଜଗତରୁ ସେ ଅନ୍ତର୍ହିତ ହୋଇଯାଇଥିଲେ ମଧ୍ୟ ତାଙ୍କର ଅନ୍ତର୍ବାଣୀ ଅନେକ ସମୟରେ ପ୍ରତିଧ୍ୱନିତ ହୁଏ ଏହି ଲେଖକର ଭାବ ଜଗତରେ। ସାହିତ୍ୟକୁ ନେଇ ଗୋଟିଏ ଦିନର ଭାବନାରେ ସେ ଲେଖିଥିଲେ ଯେ ସାହିତ୍ୟରେ ଦେଖିବା ହେଉଛି ପ୍ରଧାନ। ଆଗ ଦେଖିବା, ତା'ପରେ ଲେଖିବା। ଦେଖିବାର ଅର୍ଥ ଅନୁଭବ କରିବା, ଅନ୍ତଃପ୍ରବେଶ କରିବା, ଏକାତ୍ମକ ହେବା, ଆପଣାର ବୋଲି ସ୍ୱୀକାର କରିନେବା। ଏଗୁଡ଼ାକ ସବୁ ସମ୍ପ୍ରସାରଣର ପାଠ। ଯେଉଁମାନେ ଦିଅଁ ପୂଜା କରୁ କରୁ ଜାବୁଡ଼ି ଧରନ୍ତି ଓ ତାହାରି ଭିତରେ ହିଁ ଗିଳି ହୋଇ ରହନ୍ତି ସେମାନଙ୍କର ଅସଲ ଦେବତା ଦର୍ଶନ କଦାପି ହୋଇପାରେ ନାହିଁ। ଠିକ୍ ସେହିପରି, ଯେଉଁମାନେ ଖାଲି ଲେଖୁଥାଆନ୍ତି, ଆପଣାକୁ ଫୁଲାଇ ଫୁଲାଇ ଲେଖୁଥାଆନ୍ତି, ଦେଖିବାକୁ ମୋଟେ ମନ କରନ୍ତି ନାହିଁ, ସେମାନଙ୍କର ସକଳ ଦେଖିବା ସେମାନଙ୍କର ଲେଖିବା ଭିତରେ ହିଁ କିଳି ହୋଇ ରହିଯାଏ। ଲେଖିବାର ମାଧ୍ୟମରେ କୌଣସି ଉନ୍ମୋଚନ ଅଥବା ସମ୍ପ୍ରସାରଣ ସମ୍ଭବ ହୁଏ ନାହିଁ। ସେମାନେ ଗଳ୍ପ, କବିତା ଅଥବା ଉପନ୍ୟାସ ପାଖରେ ରହିଯାଆନ୍ତି। ଅସଲ ସ୍ୱର୍ଗ ବା ଅସଲ ପ୍ରବେଶର ସୌଭାଗ୍ୟକୁ ଲାଭ କରିପାରନ୍ତି ନାହିଁ।

**ଗୋଟିଏ ଲେଖକ ଭିତରେ ଦୁଇଟି ଭିନ୍ନ ସତ୍ତା ଦେଖିବାକୁ ମିଳେ। ଗୋଟିଏ ହେଲା ତା'ର ବ୍ୟକ୍ତିସତ୍ତା, ଅନ୍ୟଟି ସୃଷ୍ଟିସତ୍ତା।**

ସେମାନେ କେତେ କୃତ୍ରିମ ଦେଖାଯାଆନ୍ତି। ସେମାନଙ୍କର ଭିତର ବାହାର ସମାନ ନ ଥାଏ। ଆମ ସମସ୍ତଙ୍କର ଚିତ୍ତକୁ ସେମାନେ ଅଭିନୟରେ ଏପରି ଭୁଲାଇନେବାକୁ ବସନ୍ତି ଯେ, ସେମାନଙ୍କର ଅନ୍ତର୍ଜୀବନ ବୋଲି ପ୍ରକୃତରେ କିଛି ଅଛି ବୋଲି ଆମେ ଭାବିବାକୁ ମଧ୍ୟ ଭୁଲିଯାଇଥାଉ। ସେମାନେ କ୍ରମେ ଆମକୁ ଗୋଟାଏ ଗୋଟାଏ ମୁଖା ପରି ପ୍ରତୀତ ହୁଅନ୍ତି। ସେମାନେ ବି ଜୀବନଯାକ ସମ୍ଭବତଃ ସେହି ମୁଖା ପିନ୍ଧି ରହିଯାଆନ୍ତି। ସାହିତ୍ୟ ଆହ୍ୱାନ କରେ ମୁହଁରୁ ମୁଖା ସବୁ କାଢ଼ି ଫିଙ୍ଗିଦେବା ପାଇଁ। କାରଣ ସାହିତ୍ୟର ଭୂମିରେ ମୁଖାଧାରୀମାନଙ୍କର କୌଣସି ଭୂମିକା ନ ଥାଏ। ମାତ୍ର ବେଳେବେଳେ ମୁଖା ସବୁ ମୁହଁ ସହିତ ଏମିତି ଜଡ଼ି ହୋଇଯାଇଥାଏ ଯେ, ତାକୁ ଅଲଗା କରିବା ସମ୍ଭବ ହୁଏ ନାହିଁ। ଫଳରେ ଗୋଟିଏ ଲେଖକ ଭିତରେ ଦୁଇଟି ଭିନ୍ନ ସତ୍ତା ଦେଖିବାକୁ ମିଳେ। ଗୋଟିଏ ହେଲା ତା'ର ବ୍ୟକ୍ତିସତ୍ତା, ଅନ୍ୟଟି ସୃଷ୍ଟିସତ୍ତା। ଯେଉଳି ଲେଖେ, ସେଉଳି ଦିଶେ ନାହିଁ। ତା'ର ସୃଜନ-ସୁନ୍ଦର ରୂପଟି ସହିତ ତା'ର ବ୍ୟକ୍ତିରୂପର କୌଣସି ମେଳ ନ ଥାଏ। ଅବଶ୍ୟ ଏକଥା ବାହ୍ୟଦୃଷ୍ଟିରେ ଦେଖିଲେ ଜାଣି ହୁଏ ନାହିଁ। କାରଣ ଏଥିରେ ଥାଏ ମୁଖା ସହିତ ମୁହଁଟି ଯୋଡ଼ି ହୋଇ ରହିବାର ନିଖୁଣ କଳାକାରିତା। ମାତ୍ର ଥରେ ପାଖକୁ ଗଲେ ଲେଖକ ସହିତ ବ୍ୟକ୍ତିଗତ ସ୍ତରରେ ସାକ୍ଷାତ ପରିଚୟ ଘଟିଲେ, ତା' ଭିତରେ ସଫଳତାର ସହିତ ଆତ୍ମଗୋପନ କରି ରହିଥିବା ଅସଲ ବ୍ୟକ୍ତିସତ୍ତାଟି ପଦାକୁ ବାହାରିପଡ଼େ। ସେତେବେଳେ ତାକୁ ମୁଣ୍ଡରେ ବସେଇ ନାଚୁଥିବା, ତା'ର ଲେଖାପଢ଼ି ଗଦ୍‌ଗଦ୍ ଭାବରେ ବିଭୋର ହୋଇପଡ଼ିଥିବା ସାଧାରଣ ପାଠକଟିର ଭାବ ଓ ଭାବନାରେ ଭୀଷଣ ଆଘାତ ଲାଗେ। ତା'ର ମୋହଭଙ୍ଗ ହୁଏ। ସାହିତ୍ୟ ଓ ସାହିତ୍ୟିକମାନଙ୍କ ପ୍ରତି ତା'ର ଆକର୍ଷଣ କ୍ରମେ ବିକର୍ଷଣରେ ପରିଣତ ହୁଏ।

**ଭୟଙ୍କର ପ୍ରାଣୀ**

ନିଜର ଏକ ସାକ୍ଷାତକାରରେ କହୁଥିଲେ ଜଣେ ଅନୁଜ କଥାକାର ଯେ, ମଣିଷ ହିସାବରେ ଲେଖକମାନେ ଭାରି ଭୟଙ୍କର ପ୍ରାଣୀ। ସମଧର୍ମା ହେଲେ ବି ପରସ୍ପରକୁ ସେମାନେ ଭଲପାଇ ପାରନ୍ତି ନାହିଁ। ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ଗୋଷ୍ଠୀବିବାଦ ପ୍ରଭୃତି ମଣିଷସୁଲଭ ରୋଗରେ ଏମାନେ ଆକ୍ରାନ୍ତ। ଏମାନଙ୍କର ନିକଟତର ହେଲେ ଏମାନଙ୍କ ସୃଷ୍ଟି ସମ୍ଭାର ଉପରେ ସନ୍ଦେହ ଜାତ ହେବ। ଲେଖକର ଲେଖା ପଢ଼ି ରସ ଆସ୍ୱାଦନ କର। ହେଲେ ଲେଖକ ପାଖକୁ ଯାଅ

ନାହିଁ। ସେମାନେ ଭାରି ଭୟାନକ। ଏ ପ୍ରକାର ବକ୍ତବ୍ୟର ସର୍ବକାଳୀନ ଓ ସାର୍ବଜନୀନ ସତ୍ୟତା ନ ଥାଇପାରେ, ମାତ୍ର ବର୍ତ୍ତମାନର ସାହିତ୍ୟିକ ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟ କଲେ, ବିଶେଷକରି ଆମ ରାଜ୍ୟରେ, କଥାଟିକୁ ପୂରାପୂରି ମିଛ ବା ଭ୍ରମାତ୍ମକ କହି ଉଡ଼େଇ ଦିଆଯାଇପାରିବ ନାହିଁ। କଥା ହେଲା, ଦଳୀୟ ରାଜନୀତିରେ ଥିବା ନୀତିହୀନ ନେତା, ଯେଉଁମାନଙ୍କର ମୁଖନିଃସୃତ ମଧୁର ପ୍ରତିଶ୍ରୁତି ହେଉଛି ପ୍ରତାରଣାର ଅନ୍ୟ ନାମ କିମ୍ବା ଧର୍ମାତ୍ମାର ଶୁଭ୍ର ସଫେଦ ଆବରଣ ଭିତରେ ଧର୍ମବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଛଦ୍ମବେଶୀମାନଙ୍କ କଥା ବୁଝି ହେଉଛି। କାରଣ ସେମାନେ ନିଜ ମୁହଁ ବଦଳରେ ମୁଖାଶ୍ରିତ ହୋଇ ରହିବାକୁ ବେଶି ପସନ୍ଦ କରନ୍ତି। ମାତ୍ର ସାହିତ୍ୟରେ ଛଦ୍ମବେଶ ? ଏହାଠାରୁ ବଳି ଭୟଙ୍କର କଥା ଆଉ କିଛି ହୋଇ ନ ପାରେ।




ସାହିତ୍ୟରେ ଆପଣାର ବେଶ ଓ ବାସ ଭିତରେ କୌଣସି ଭିନ୍ନତା ନ ଥାଏ। ଭିନ୍ନତା ନ ଥାଏ ଅନ୍ତର୍ଗତ ଭାବ ଓ ଅଭିବ୍ୟକ୍ତିରେ। ଅଭିବ୍ୟକ୍ତି ଓ ଅଙ୍ଗୀକାର ଭିତରେ। ଯାହା ବ୍ୟକ୍ତ କରୁଛ, ସେଥିପ୍ରତି ଅଛି ତ ପ୍ରତିବଦ୍ଧତା ? ଯାହା ବ୍ୟକ୍ତ କରୁଛ, ସେଥିପ୍ରତି ଅଛି ତ ଅନ୍ତରର ଅନୁମୋଦନ ? ଅଛି ତ ଆବେଗ ଓ ଅନୁରାଗ ? ଏପର୍ଯ୍ୟନ୍ତ ଆମେ ସେହି ସବୁ କଥା କହିଆସିଛୁ ଆମର ସଭାମାନଙ୍କରେ। ଉଚ୍ଚସ୍ୱରରେ କହିଲୁ, କହିଲାବେଳେ ବେଶ୍ ପ୍ରଗଳ୍ଭ ହେଲୁ। କେତେବେଳେ ବିଦ୍ରୋହୀ ଭାବରେ ଅଗ୍ନିବୀଣାରେ ଝଙ୍କୃତ ହେଲୁ ତ, କେତେବେଳେ ପ୍ରେମ ଭାବରେ ବଂଶୀବାଦନ କଲୁ। ବିରହରେ ଅଶ୍ରୁ ବିସର୍ଜନ କଲୁ। ଆମ କହିବାର ଚମତ୍କାର ଢଙ୍ଗରେ ଶ୍ରୋତାମାନଙ୍କୁ ମୁଗ୍ଧ ଓ ମୋହିତ କରିପକେଇଲୁ। ଅଭିବ୍ୟକ୍ତିରେ ଆମର ବିହ୍ୱଳତା ଦେଖି ସେମାନେ ବି ବିଭୋର ହୋଇପଡ଼ିଲେ। ଉଚ୍ଛ୍ୱସିତ ଅଭିବାଦନ ଓ କରତାଳି ପାଇବାରେ ଆମେ ସମର୍ଥ ହେଲୁ। ସଫଳ ମଧ୍ୟ ହେଲୁ। ମାତ୍ର ଏ ପ୍ରକାର ସଭା-ସଫଳତା ଆମର ଜନଜୀବନକୁ କୌଣସି ପ୍ରକାରେ ଶକ୍ତି ଯୋଗେଇ ପାରିଲା ନାହିଁ। ଆମର ସାମାଜିକ ସ୍ଥିତି ଓ ସମ୍ପର୍କକୁ ସୁଦୃଢ଼ କରିପାରିଲା ନାହିଁ। ସବୁକିଛି ମଞ୍ଚ-ଅଭିନୟ ହୋଇ ରହିଗଲା। ଯେଉଁମାନେ ଆପଣାର ସୃଷ୍ଟିକୁ ନେଇ ବିଭିନ୍ନ ମଞ୍ଚରେ ମହିମାମଣ୍ଡିତ ହେଲେ, ପୁରସ୍କାର ଓ ପ୍ରଶସ୍ତି ସାଉଁଟିବାରେ ଲାଗିଲେ, ସେମାନଙ୍କର ନାହିନାଡ଼ କଟିଗଲା ଆପଣାର ମାଟି ଉପରୁ। ସେମାନେ କେବଳ ମଞ୍ଚ ହିଁ ଲୋଡ଼ିଲେ। ମଞ୍ଚ ଓ ମଣ୍ଡପ। ସଭା ଓ ସମ୍ବର୍ଦ୍ଧନା। ଉତ୍ସବର ଆଡ଼ମ୍ବର ଓ ଉପଚାର।

### ସାହିତ୍ୟର ମାଟି ଓ ମଣିଷ

ସାହିତ୍ୟର ମାଟି ଓ ମଣିଷମାନେ ଖୋଜନ୍ତି ଟିକିଏ ଆତ୍ମୀୟତା। ଅନ୍ତରଙ୍ଗତା। ସାହିତ୍ୟକୁ ନେଇ ସଭା ହେଉ, ସମିତିମାନ ଗଢ଼ା ହୁଅନ୍ତୁ। ସଭାସୁନ୍ଦରମାନଙ୍କୁ ଆମନ୍ତ୍ରଣ କରାଯାଉ। ଉତ୍ସବର ଆନୁଷ୍ଠାନିକତା ରହୁ। ମାତ୍ର ଏସବୁ କେଉଁଥିପାଇଁ ? ଆପଣାର ଜୀବନକୁ ଅବଗୁଣ୍ଠିତ କରି ରଖିବା ପାଇଁ ନା ନିଜକୁ ପରସ୍ତ ପରସ୍ତ କରି ଖୋଲିଦେବା ପାଇଁ ? ଉନ୍ମୋଚନ ନା ସଂକୋଚନ - କ'ଣ ହେବ ସାହିତ୍ୟର ସ୍ୱପ୍ନ ? ସାହିତ୍ୟ ମଣିଷ ମଣିଷ ମଧ୍ୟରେ ଥିବା ଦୂରତାକୁ ବଢ଼େଇବ ନାହିଁ। ବରଂ ହ୍ରାସ କରିବାରେ ସହାୟକ ହେବ। ମଞ୍ଚ-ମଣିଷ ଓ ମାଟି-ମଣିଷ ଭିତରେ କୌଣସି ପାର୍ଥକ୍ୟ ଦେଖିବ ନାହିଁ। ବରଂ ସେମାନଙ୍କ ମଧ୍ୟରେ ଅନ୍ତରଙ୍ଗତା ବଢ଼ାଇବ। ସଭିଙ୍କ ସହିତ, ସଭିଙ୍କ ମିତ ଓ ସଭିଙ୍କ ହିତ - ରାଜନୀତିରେ ଏହା ହୁଏତ କେବଳ ସ୍ଲୋଗାନ ହୋଇପାରେ। ମାତ୍ର ସାହିତ୍ୟର ଏହା ହିଁ ହେଉଛି ସ୍ୱଭାବ ଓ ସ୍ୱଲକ୍ଷଣ।

ଉଚ୍ଚ ପିଣ୍ଡାରେ ନିଜର ପିଢ଼ା ଉପରେ ବସି ନିଜକୁ ଜଣେ ପଣ୍ଡିତ ବୋଲି ଘୋଷଣା କରିପାରେ। ଏପରିକି ନିଜର ପଣ୍ଡିତପଣିଆରେ ସେ ନିଜକୁ ପ୍ରତିଷ୍ଠିତ ମଧ୍ୟ କରିପାରେ। ହେଲେ ସାହିତ୍ୟ କ୍ଷେତ୍ରରେ ପାଦ ରଖିଥିବା ଜଣେ ବ୍ୟକ୍ତି ନିଜକୁ

ପଣ୍ଡିତ ନୁହେଁ, ପଥିକ କରି ବାଟ ଚାଲିବାରେ ହିଁ ଅଧିକ ଆଗ୍ରହ ରଖିଥାଏ। ସେ ନିଜର ପଦପଦବୀ କିମ୍ବା ପାଣ୍ଡିତ୍ୟକୁ ନେଇ କୌଣସି ଆସ୍ଥାନରେ ଅଟକିଯାଏ ନାହିଁ। ବାନ୍ଧି ହୋଇ ରହେ ନାହିଁ। କାହାରି ପାଖରେ ନିଜକୁ ବନ୍ଧା ପକେଇ ଦିଏ ନାହିଁ। ସେ କେବଳ ଜଣେ ଯାତ୍ରୀ ଭାବରେ ନିଜର ଯାତ୍ରା ଜାରି ରଖିଥାଏ। ଯାତ୍ରା କଲାବେଳେ ତା'ର ଯାତ୍ରାପଥ କେତେ ଦୂର ସୁରକ୍ଷିତ ବା ନୁହେଁ, ତା'ର ବିଚାର ସେ କରେ ନାହିଁ। ଏହି ପଥ ମଧ୍ୟ ନ ହୋଇପାରେ ନିର୍ଦ୍ଦିଷ୍ଟ ଓ ପୂର୍ବ ନିର୍ଦ୍ଧାରିତ। ମହାଜନମାନଙ୍କ ପଥ ଓ ପନ୍ଥାକୁ ମଧ୍ୟ ସେ ଅସ୍ୱୀକାର କରିପାରେ। ଚାଲିଲାବେଳେ ସେ ନିଜର ମଡ଼ାବାଟ ଓ ଅମଡ଼ାବାଟ ମଧ୍ୟରେ କୌଣସି ପାର୍ଥକ୍ୟ ମଧ୍ୟ ଦେଖେ ନାହିଁ। କେବଳ ଚାଲିବା ହିଁ ତା'ର ଧର୍ମ। ତା'ର ଚଲାଭୂଇଁ ହୋଇପାରେ ଦେବାଳୟରୁ ବେଶ୍ୟାଳୟ ଯାଏଁ। ଦାସୀ ଓ ଦେବତାଙ୍କୁ ସେ ସମାନ ଦୃଷ୍ଟିରେ ଦେଖିପାରେ। ଅସଲ କଥା ହେଲା, ଭାବରେ ହିଁ ସେ ବଞ୍ଚେ। ଭାବରେ ହିଁ ବାଟ ଚାଲେ। ଭାବରେ ଅଭାବ ଦେଖିଲେ ବାଟବଣା ହୋଇଯାଏ। ଭାବରେ ଥାଇ ସେ ଭାବର କଥା ହିଁ କହେ। ନିଜର ଭାବ ଓ ଅନୁଭବ ହିଁ ସାହିତ୍ୟର ପ୍ରାଣପୁଞ୍ଜି। ଅନୁଭବ ଥିଲେ କୁହ, ନଚେତ୍ ଚୁପ୍ ହୋଇଯାଆ। ପାଣ୍ଡିତ୍ୟର ପ୍ରଭୁତ୍ୱ ନୁହେଁ, ସାହିତ୍ୟ ଲୋଡ଼େ ଜଣେ ଦରଦୀ ସହଯାତ୍ରୀର ପ୍ରେମ ଓ ବନ୍ଧୁତ୍ୱ।

**ସାହିତ୍ୟ ଆମର ନିଦ ଭାଙ୍ଗେ, ଭୟ ଭାଙ୍ଗେ, ସ୍ଥାଣୁତ୍ୱ ଭାଙ୍ଗେ। ନିଜ ଉପରୁ ତୁଟିଯାଇଥିବା ବିଶ୍ୱାସକୁ ଫେରେଇ ଦିଏ।**

### ବାହ୍ୟ ଆବରଣ

ପ୍ରତ୍ୟେକ ମଣିଷ ଭିତରେ ତା'ର ବାହ୍ୟ ଆବରଣ ଓ ଆଭୂଷଣର ଅନ୍ତରାଳରେ ବନ୍ଧୁଟିଏ ଅପେକ୍ଷା କରି ବସିଥାଏ ଅନ୍ୟ ଜଣେ ବନ୍ଧୁକୁ ଏବଂ ବିନା ସାକ୍ଷାତ୍ ପରିଚୟରେ କେବଳ ସାହିତ୍ୟ ମାଧ୍ୟମରେ ସେ ସେଇ ବନ୍ଧୁଟିକୁ ପାଇପାରେ। ସାହିତ୍ୟ ହିଁ ତା' ଭିତରେ ବନ୍ଧୁର ବିଶ୍ୱାସ ଓ ଭଲପାଇବା ସୃଷ୍ଟି କରିପାରେ। ମଣିଷ ନିଜେ ନିଜର ବନ୍ଧୁ ହୋଇଯାଏ। ସେଠି ଏକା ରହିଲେ ମଧ୍ୟ ଏକାକୀତ୍ୱର ଅନୁଭବ ଆଉ ଆସେ ନାହିଁ। ବରଂ ସମ୍ପର୍କର ସହସ୍ର ଶାଖା ବିସ୍ତାରିତ ହୋଇଯାଏ। କବିଗୁରୁ ରବୀନ୍ଦ୍ରନାଥଙ୍କ ଭାଷାରେ -

ନିଜ ପାଖେ ଯାଇ ନିଜେ ପହଞ୍ଚିବା
ସବୁଠାରୁ ବେଶି ଦୂର
ବଡ଼ କଠିନ ସେ ଗୀତର ସାଧନା
ସହଜ ଯାହାର ସୁର।
ଦୁଆର ଦୁଆର ବୁଲି ବୁଲି ଆସି
ପଥିକ ପହଞ୍ଚେ ଘରେ
ବାହାର ଦୁନିଆ
ବୁଲି ବୁଲି ଶେଷେ
ଠାକୁର ଅନ୍ତଃପୁରେ। ('ଗୀତାଞ୍ଜଳି'ରୁ ଭାଷାନ୍ତର - ହରପ୍ରସାଦ)

ସମ୍ପର୍କର ସମ୍ପ୍ରସାରଣରେ ରହିଛି ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ଭୂମିକା। ସାହିତ୍ୟ ମାଧ୍ୟମରେ ହିଁ ବ୍ୟକ୍ତିଟିଏ ନିଜ ଭିତରେ ଅପରର ଛବି ଦେଖେ। ଅନ୍ୟର ସୃଷ୍ଟି ଭିତରେ ନିଜକୁ ଆବିଷ୍କାର କରେ। ସାହିତ୍ୟର ସ୍ୱପ୍ନ ହେଉଛି ଯୋଡ଼ିବା। ବ୍ୟକ୍ତି ସହିତ ବ୍ୟକ୍ତିକୁ, ଦୂର ସହିତ ନିକଟକୁ, ପୁରୁଣା ସହିତ ନୂଆକୁ, ଅତୀତ ସହିତ ବର୍ତ୍ତମାନ ଓ ବର୍ତ୍ତମାନ ସହିତ ଅନାଗତକୁ ଯୋଡ଼ିବାରେ ସାହିତ୍ୟ ହୋଇଯାଏ ଭାବବନ୍ଧନର ସେତୁଟିଏ। ସମ୍ପର୍କ ଯୋଡ଼ିବା ଓ ଗଢ଼ିବାର ଏଇ ଧାରାରେ ସାହିତ୍ୟ ମଧ୍ୟ ଭାଙ୍ଗେ। ଯାହା ଅସୁନ୍ଦର, ଅସଂସ୍କୃତ, ଅଶୁଭ ଏବଂ ଅସଭ୍ୟତାର ପକ୍ଷଧର, ତାକୁ ଭାଙ୍ଗିବାରେ ସାହିତ୍ୟ ନିଜର ମନ ମୁନକୁ ଏକ କରିଦିଏ। ଯୁଗ ଯୁଗର ସଞ୍ଚିତ ସାମାଜିକ ଆବର୍ଜନା, ପରମ୍ପରା ନାମରେ ଚଳି ଆସୁଥିବା ବିଚାର ଓ ବିଶ୍ୱାସର ବିଭ୍ରାନ୍ତିକୁ ଦୂର କରିବାକୁ ସାହିତ୍ୟ ଆଗେଇଆସେ। ସାହିତ୍ୟ ଆମର ନିଦ ଭାଙ୍ଗେ, ଭୟ ଭାଙ୍ଗେ, ସ୍ଥାଣୁତ୍ୱ ଭାଙ୍ଗେ। ନିଜ ଉପରୁ ତୁଟିଯାଇଥିବା ବିଶ୍ୱାସକୁ ଫେରେଇ ଦିଏ। ସତ୍ୟକୁ ସାମ୍ନା କରିବାକୁ ଶିଖାଏ। ସତ୍ୟର ପ୍ରକାଶ ଓ ପ୍ରତିଷ୍ଠା ପାଇଁ ପ୍ରେରଣା ଦିଏ। ବ୍ୟକ୍ତି ଭିତରେ ଶକ୍ତି ଓ ସାହସ ଭରିଦିଏ। ଅସଲ କଥା ହେଲା, ସାହିତ୍ୟ ଏକ ଅବିଭକ୍ତ ଜୀବନ ବଞ୍ଚିବାକୁ ପ୍ରେରଣା ଦିଏ। ସାହିତ୍ୟର ଭିତରେ ଗୋଟାଏ ସ୍ୱପ୍ନ ଏବଂ ସାହିତ୍ୟ ବାହାରେ ଆଉ ଗୋଟାଏ ଜୀବନ - ଏଭଳି ଏକ ଅସଂଗତ ଏବଂ ପରସ୍ପର ବିରୋଧୀ ଜୀବନର ଚଳଣିକୁ ସାହିତ୍ୟ ସମର୍ଥନ ଦିଏ ନାହିଁ। ନିଜ ସହିତ ସାଧୁତା ଏବଂ ସତ୍ୟବାଦିତା ହେଉଛି ସାହିତ୍ୟର ସ୍ୱଧର୍ମ। ଏଇ ଦୃଷ୍ଟିରୁ

ସାହିତ୍ୟ ହେଉଛି ଏକ ଆହ୍ୱାନ। ସତ୍ୟ ପ୍ରତି ନିଷ୍ଠା, ସୁନ୍ଦରତାର ଆବାହନ ଏବଂ ପ୍ରେମକୁ କେବଳ ପ୍ରାର୍ଥନାର ସଂଗୀତ ନୁହେଁ, ଜୀବନର ଚାହାଣି ଓ ଚଳଣିରେ ଧରି ରଖିବାର ଆହ୍ୱାନ। ମାତ୍ର ଏହି ଆହ୍ୱାନକୁ ଗ୍ରହଣ କରିବାକୁ ସବୁ ଲେଖକ କ'ଣ ସତରେ ପ୍ରସ୍ତୁତ ଥାଆନ୍ତି ?

**ସାହିତ୍ୟ ବିରୋଧୀ କାରବାର**

ସାହିତ୍ୟକୁ ଆଳ କରି ଅନେକ ତ ନାନା ଅସାହିତ୍ୟିକ, ଏପରିକି ସାହିତ୍ୟ ବିରୋଧୀ କାରବାରରେ ମଧ୍ୟ ଲିପ୍ତ ଥାଆନ୍ତି। କହିବାକୁ ଗଲେ ଏକ ପ୍ରକାର ମତ୍ତ ଥାଆନ୍ତି। ମତ୍ତହସ୍ତୀ ଭଳି ସାହିତ୍ୟର ସୁନ୍ଦରବନକୁ ଏମାନେ ଛାରଖାର କରିଦିଅନ୍ତି। ସାହିତ୍ୟରେ ରହି ଏମାନେ କ୍ଷମତା ଲୋଡ଼ନ୍ତି। କ୍ଷମତାର କେନ୍ଦ୍ର ହୋଇରହିବାକୁ ଅଧିକ ପସନ୍ଦ କରନ୍ତି। କିଛି ନ ହୋଇପାରିଲେ କ୍ଷମତାର ଶିବିରରେ ଶରଣାର୍ଥୀ ହୋଇ ରହିଯାନ୍ତି। କ୍ଷମତାର ଶୁଭଦୃଷ୍ଟିରେ ରହିବା ଲାଗି ତା'ର ଜୟଗାନ କରନ୍ତି। ଏହା ଦ୍ୱାରା ଏମାନଙ୍କର କିଛି କ୍ଷତି ହୁଏନାହିଁ। କ୍ଷତି ହୁଏ ସାହିତ୍ୟର। ବିରାଟ କ୍ଷତି, ଯାହାର ଭରଣା କରିବା କେବେ ଆଉ କାହା ଦ୍ୱାରା ସମ୍ଭବ ହୁଏ ନାହିଁ। ବୋଲମାନି ଓ ବାଧ ହୋଇ ଲେଖାଯାଉଥିବା ସାହିତ୍ୟକୁ ଆମେ ସାହିତ୍ୟ କହିବା କି? ନା, ସାହିତ୍ୟକୁ ଏଭଳି ଅପମାନିତ, ଅସମ୍ମାନିତ ହେବାକୁ ଆମେ ଦେବା ନାହିଁ।

ସାହିତ୍ୟ ଆମକୁ ମୁକ୍ତିର ସଂଦେଶ ଦେଉ। ନାନା କାରଣରୁ ଆମ ଭିତରେ ଥିବା ବିବିଧ ବୈଷମ୍ୟର ପାଚେରିକୁ ଭାଙ୍ଗି ମାଟିରେ ମିଶେଇଦେଉ। ଆମ ଭିତରେ ପାରସ୍ପରିକତାର ଭାବବନ୍ଧନର ସୂତ୍ରକୁ ଆହୁରି ଟାଣ କରୁ। ଆମକୁ ସ୍ନେହସିକ୍ତ କରୁ, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବ ବଢ଼ାଉ। ଆମର ବ୍ୟକ୍ତିତ୍ୱ ଓ ଅଭିବ୍ୟକ୍ତିକୁ ସରଳ କରୁ, ସୁନ୍ଦର କରୁ। କୌଣସି ପ୍ରକାର ଛଳନା ବା କପଟତା ନୁହେଁ, ସାହିତ୍ୟରେ ପ୍ରତିଧ୍ୱନିତ ହେଉ ଆତ୍ମାର ନିଷ୍କପଟ ଉଚ୍ଚାରଣ। ପ୍ରତିଫଳିତ ହେଉ ଅନ୍ତରଙ୍ଗତାର ନିଖୁଣ ନିର୍ମଳ ଛବି। କେବଳ ରଚନାରେ ନୁହେଁ, ପ୍ରକୃତ ଅର୍ଥରେ ଜୀବନର ଜଳଛବି ହେଉ ସାହିତ୍ୟ। ଭଲପାଇବାର ଭାବରୂପ ନେଇ ଆସୁ ସାହିତ୍ୟ।

> **ଛଳନା ବା କପଟତା ନୁହେଁ, ସାହିତ୍ୟରେ ପ୍ରତିଧ୍ୱନିତ ହେଉ ଆତ୍ମାର ନିଷ୍କପଟ ଉଚ୍ଚାରଣ।**

□□

ଲେଖକଙ୍କ ଇ-ମେଲ ଠିକଣା:
prof.biswaranjan@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏନାହିଁ।

୭. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୮. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୯. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକର ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।


କବିତା

# ଟୋପେ ଲୁହ



କେଶବ ଚନ୍ଦ୍ର ନାୟକ

ଲୁହ ଟୋପାକ : କ୍ଷୁଦ୍ର ବିନ୍ଦୁ ନୁହଁ
ସମୁଦ୍ର ପରି ଗଭୀର ଓ ଗମ୍ଭୀର
ବିସ୍ତୀର୍ଣ୍ଣ ବେଳାଭୂଇଁରେ
ଲହଡି ଭାଙ୍ଗୁଥିବା ସମସ୍ତ ସ୍ମୃତିର
ହୋଇପାରେ ଏକ ଏକ ସ୍ମାରକୀ !



ଲୁହ : ଅନ୍ତରର ମାନ, ଅଭିମାନ
ହୋଇପାରେ ଅବା ସ୍ୱାଭିମାନ
କେବେ ଆପଣା ମଣିଷର
ବିୟୋଗ, ବିଚ୍ଛେଦର
କରୁଣ କାହାଣୀର ପରିପ୍ରକାଶ ।

ଲୁହ : ମମତାର ଚିହ୍ନ, ପ୍ରେମର ନିର୍ଯ୍ୟାସ
ଅବା ଦଗ୍ଧ ହୃଦୟର ପ୍ରତୀକ ବି
ଅବୁଝା ଫଗୁଣର ଦରଫୁଟା କୁସୁମ
ଅବା ହୋଇପାରେ ଅଣଲେଉଟା ଫେରିବାଲାର
ଅପାଶୋରା ସଂଳାପ ।



ଲୁହ : ଏକ ହଜିଲା ଦିନର
ଖୋଜିଲା ମନର ଅମୂଲ୍ୟ ରତନ
ଅବା ହୋଇପାରେ
ଏକ ଅକୁହା ଗପର ସ୍ୱର୍ଗୀୟ ଆନନ୍ଦ... !

□□

କବିଙ୍କ ଇ-ମେଲ ଠିକଣା:
nayak.keshab 1964@gmail.com




ଗଳ୍ପ

# ଗଣ୍ଡାଏ ଅଣୁଗଳ୍ପ

ଲିପ୍‌ସା ପଟେଲ

## ସାକ୍ଷୀ

ଯୁଗ ଯାଇ କେଉଁଠି, ଆଉ ତୁମେ ଏଇ ପଇଁତିରିଶ ବର୍ଷ ପୁରୁଣା ସ୍କୁଟରକୁ ଧରି ବସିଛ। ସବୁବେଳେ ଏମିତି ହିଁ ଗରଗର ହୁଅନ୍ତି ଅନିତା। କିନ୍ତୁ ବିଭୁବାବୁ ପ୍ରତିଥର ତାଙ୍କ କଥାକୁ ଅଣଶୁଣା କରିଦିଅନ୍ତି। ଏଥର କିନ୍ତୁ ତାଙ୍କ ବିବାହ ବାର୍ଷିକୀରେ ଗୋଟିଏ ସରପ୍ରାଇଜ ଦେବା ପାଇଁ ଅନିତା ନିଜ ପୁଅ ଆଦିତ୍ୟ ସହ ମିଶି ଯୋଜନା କରୁଥିଲେ। ଆର ମାସ ଅଠର ତାରିଖରେ ତ ତାଙ୍କର ବିବାହ ବାର୍ଷିକୀ। ବିଭୁବାବୁ ଜାଣିପାରୁଥିଲେ ଯେ ମା, ପୁଅ ମିଶି କିଛି ଗୋଟାଏ ଯୋଜନା କରୁଛନ୍ତି। ବିବାହ ବାର୍ଷିକୀ ଦିନ ସକାଳୁ ସକାଳୁ ଅନିତା ସ୍ୱାମୀଙ୍କୁ ମୁଣ୍ଡିଆ ମାରି ଗୋଟିଏ ଚାବି ଧରାଇଦେଲେ। ବିଭୁବାବୁଙ୍କ ହାତକୁ ଟାଣି ଟାଣି ଦାଣ୍ଡପଟେ ନେଇଗଲେ ଯେଉଁଠି ଆଦିତ୍ୟ ହସି ହସି ଗୋଟିଏ ନୂଆ ସ୍କୁଟି ପାଖରେ ଛିଡା ହୋଇଥିଲା। ବିଭୁବାବୁ ପଚାରିଲେ ତେବେ ଏଇଟା ତୁମ ମା, ପୁଅର ସରପ୍ରାଇଜ? ଆଦିତ୍ୟ ତାଙ୍କ ପୁରୁଣା ସ୍କୁଟରର ମାଲିକାନା ବଦଳାଇବାର ଆବେଦନପତ୍ରକୁ ବାପାଙ୍କ ଆଡ଼କୁ ବଢାଇ ଦେଇ କହିଲା, ଗରାଖ ଠିକ୍ ହୋଇଯାଇଛନ୍ତି। ଏଥିରେ ଦସ୍ତଖତ କରିଦିଅନ୍ତୁ। ବିଭୁବାବୁ ଭାବବିହ୍ୱଳ ହୋଇ କହିଲେ,ଏଇ ସ୍କୁଟରଟି ତ ସାକ୍ଷୀ ଆମ ପ୍ରେମର, ଆମ ବିବାହର। ଅନିତା, ତୁମର ମନେଅଛି ? ଏଇଟିକୁ ମୁଁ ଏଥିପାଇଁ କିଣିଥିଲି ଯଦ୍ୱାରା ତୁମକୁ ତୁମ ଘରୁ ମନ୍ଦିର ପର୍ଯ୍ୟନ୍ତ ନେଇପାରିବି। ଅନିତା ତାଙ୍କ କାନ୍ଧରେ ହାତ ରଖି ଉତ୍ତର ଦେଲେ, ମୋର ସବୁ ମନେଅଛି। ଏଇ ନିର୍ଜୀବ ସ୍କୁଟରର ମୋହରୁ ମୁକୁଳି ଆସ। ଏବେ ଈଶ୍ୱରଙ୍କ କୃପାରୁ ଆମ ପାଖରେ ସବୁ ଅଛି। ଆମ ପ୍ରେମର ଅସଲ ସାକ୍ଷୀ ତ ଏଇ ସଜୀବ ମଣିଷ, ତୁମ ପୁଅ।



## ଦାଗ

ଝିଅ ବାହାଘର ପାଇଁ ଯେଉଁ ପରିବେଶ ଓ ଉତ୍ସାହ ରହିବା କଥା ରାନୁର ବାହାଘର ଲାଗି ତା' ପରିବାରରେ ସେମିତି କିଛି ଚଞ୍ଚଳତା ଦେଖାଯାଉ ନ ଥିଲା। ଘର ସାମ୍ନାରେ କିଛି ଗେଣ୍ଡୁ ଫୁଲର ତୋରଣ ଦେଖି ପାଖ ପଡ଼ୋଶୀ ତାଙ୍କ ଚାକରାଣୀ କମଳାକୁ କ'ଣ ପୂଜା ଅଛି କି ବୋଲି ପଚାରିବାରୁ ସେ ଉତ୍ତର ଦେଇଥିଲା, ଆଜି ରାନୁ ଦିଦିର ନିର୍ବନ୍ଧ ଆଉ କାଲି ବାହାଘର। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସାମନ୍ତରାୟ ଘରର ବଡବଡିଆ କଥାକୁ ମନେ ପକାଇ ଟାହିଟାପରା ଆରମ୍ଭ କରିଦେଲେ। ରାନୁର ମା' ତ ଅନ୍ୟଲୋକର ଝିଅ ବାହାଘରରୁ ଫେରିଲେ ମୁହଁ ମୋଡି କେତେ ଖୁଣ କାଢ଼େ। ନିଜ ଝିଅ ବାହାଘର ପାଇଁ ବହପ ମାରେ। ଏବେ ଏମିତି ଚୁପ୍‌ଚାପ୍ କାହିଁକି ବାହାଘରଟା ସାରିଦେଉଛନ୍ତି ଯେ? କିଛି ସ୍ତ୍ରୀଲୋକ ରାନୁର ମା'କୁ ଉପରେ ପଡି ଏଇ ବାହାଘର କଥା ପଚାରିବାରୁ ସବୁ ଦୋଷ କରୋନା କଟକଣା ଉପରେ ଲଦିଦେଲା। ରାନୁ ବିଦା ହୋଇଯିବାର ସପ୍ତାହେ ବିତିଗଲାଣି ପଛକେ କମଳାକୁ ନୂଆ ଶାଢ଼ି ଖଣ୍ଡେ ମିଳିଲାନି ବୋଲି ଗରଗର ହେଉଥାଏ। ଲୁହା ଗରମ ଥିଲା ବେଳେ ହାତୁଡି ମାରିବା ଭଳି କଥା। ପଡିଶାଘର ମାଇପିମାନେ ତାକୁ ଘେରିଯାଇ ସତକଥା ପଚାରିଲେ। ସେ ଯାହା ଯେତିକି ଶୁଣିଥିଲା, ସବୁ ବଖାଣି ଦେଲା। ହାତୀ ମାରି କୁଲା ଢାଙ୍କିବା ପରି କଥା। ରାନୁ ସହ ଦୁଷ୍କର୍ମ କରିଥିବା ପିଲା ହାତରେ ତ ହାତଗଣ୍ଠି ଦେଇ ଝିଅକୁ ପାର୍ କରିଦେଲେ। ଏଇ ବଡବଡିଆ ବହପ ମାରୁଥିବା ଲୋକ ଯେତେ ଚେଷ୍ଟା କଲେ ବି କ'ଣ ଝିଅ ପଣତର ଦାଗକୁ ଧୋଇପାରିବେ? କିଛିଦିନ ପରେ ଶୁଣିବାକୁ ମିଳିଲା ଯେ ରାନୁ ଫାଶୀ ଲଗାଇ ଆତ୍ମହତ୍ୟା କରିଦେଇଛି।

## ଈଶ୍ୱରୀ

ସବୁଦିନ କ୍ୱାର୍ଟର ସାମ୍ନାରେ ଏଇ ଉଠା ଦୋକାନୀଙ୍କ ପାଇଁ ଭିଡ ଜମେ ବୋଲି ବାବୁଆଣୀ ବିରକ୍ତ ହୁଅନ୍ତି। ସେମାନଙ୍କୁ ଗେଟ୍ ସାମ୍ନାରୁ ଘଉଡାଇବା ପାଇଁ ପିଅନକୁ ନିର୍ଦ୍ଦେଶ ଦିଅନ୍ତି, କିନ୍ତୁ ସେ ତ ଆହୁରି ଚାଲାକ୍। କ୍ୱାର୍ଟରକୁ ପଶିବା ଆଗରୁ ହିଁ ଗୋଟିଏ ବ୍ୟାଗ ସେଇ ଉଠା ଦୋକାନୀଙ୍କ ପାଖରେ ଦେଇଆସେ। ବାବୁଆଣୀଙ୍କ ପାଇଁ ଏଇଟି ଆଦାୟ କରୁଛି କହି କହି ବାବୁଆଣୀଙ୍କ ଅଜାଣତରେ ନିଜ ଘର ସଉଦା ମାଗଣାରେ କରିପକାଏ। ସେଥିପାଇଁ ସେ ଜୋର୍ କରି ସେମାନଙ୍କୁ କିଛି କହିପାରେନି, ଓଲଟି ଘର ଭିତରକୁ ଆସି ସେମାନଙ୍କୁ ହିଁ ଛୋଟଲୋକ, ନିର୍ଲଜ କହି ଗାଳି କରେ। ଏବେ ତ ଏଇସବୁ ବାବୁଆଣୀଙ୍କ ଦେହସୁଆ ହୋଇଗଲାଣି। ତାଜା ପରିବା କମ୍ ଦାମରେ ବିକିଦେଇ ସେମାନେ ବି ସଅଳ ଚାଲିଯାଆନ୍ତି।



ଦିନେ ପିଅନକୁ କୋଉ କାମରେ ବାବୁଆଣୀ ବାହାରକୁ ପଠାଇଥିଲେ, ଏତିକିବେଳେ ଗେଟରେ କିଏ ଜଣେ ଜୋର୍ ଜୋର୍ ଆଘାତ କରୁଥିଲା। ବିରକ୍ତ ହୋଇ ବାବୁଆଣୀ ଗେଟ୍ ଖୋଲିଲା ବେଳେ ତାଙ୍କ ଛୋଟ ପୁଅଟି ହଠାତ୍ ଘର ଭିତରୁ ରାସ୍ତା ଉପରକୁ ଦୌଡିଗଲା। ଏଇ ସମୟରେ ହିଁ ଲୁହା ବୋଝେଇ ଟ୍ରକଟି ମାଡିଆସିଲା। ସେଇଠି ବାବୁଆଣୀ ବିପଦର ଆଶଙ୍କା କରି ଆଖି ବୁଜିଦେଲେ। ଆଖି ଖୋଲି ଦେଖିଲା ବେଳେ ସେଇ ଗେଟ୍ ସାମ୍ନାରେ ବସୁଥିବା ସ୍ତ୍ରୀଲୋକଟି ନିଜେ ଖଣ୍ଡିଆଖାବରା ହୋଇ ତାଙ୍କ ପୁଅକୁ ବଞ୍ଚାଇ ଦେଇଛି। ବାବୁଆଣୀ ତାକୁ କ'ଣ ବୋଲି କହିବେ ଶବ୍ଦ ଖୋଜିପାଉ ନ ଥିଲେ। ସେ ହସି ହସି ପିଅନର ବ୍ୟାଗଟା ଗେଟରେ ଓହଳାଇ ଦେଇ କହୁଥିଲା, ଆଜି ଶୀଘ୍ର ଚାଲିଯିବି ତ ମା'। ଏଇ ଆପଣଙ୍କ ବ୍ୟାଗଟାରେ ସମସ୍ତେ ନିଜ ନିଜ ଭାଗ ଦେଇ ଦେଇଛନ୍ତି। ଏଇଟାକୁ ରଖିଦିଅନ୍ତୁ। ସେପଟେ ବାବୁଆଣୀ ଠିକ୍ ବୁଝିପାରୁଥିଲେ ପିଅନର ଚାଲାକି। ସାମ୍ନାରେ ସେଇ ଗରିବ ସ୍ତ୍ରୀ ଲୋକଟିକୁ ଦେଖି ଭାବୁଥିଲେ, ଈଶ୍ୱର ଏମିତି ହିଁ ରୂପ ବଦଳାଇ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି। ଆପେ ଆପେ ତାଙ୍କ ହାତ ସେଇ ସ୍ତ୍ରୀଲୋକ ଆଗରେ ଯୋଡି ହୋଇଯାଇଥିଲା।

## ଭିକାରୁଣୀ

ସକାଳୁ ସକାଳୁ ଏଇ ଭିକାରୁଣୀର ମୁହଁ ଦେଖିଲେ ଦିନଯାକ ଶୁଭଫଳ ମିଳିବନି। ତା'ସହିତ ଏବେ ଯେଉଁ ମହାମାରୀ ସମୟ, ଏକୁଟିଆ ଲୋକ ଦେହ'ପା ବିଗିଡିଲେ କିଏ ସାହା ହେବ? ଏଇୟା ଭାବି ସବୁଦିନ ଜିତେନ୍ଦ୍ର ବାବୁ ଗରଗର ହୋଇ ସେଇ ଭିକାରୁଣୀକୁ ତଡିଦେବା ପାଇଁ ଉପାୟ ଖୋଜନ୍ତି। କେତେବେଳେ ଟେକା ଫିଙ୍ଗନ୍ତି ତ କେବେ ପାଇପରେ ତା'ପଟେ ପାଣି ଛିଞ୍ଚିଦିଅନ୍ତି। ଦୂର୍ ଦୂର୍ ମାର୍ ମାର୍ କରନ୍ତି। ସେ କିଛି ସମୟ ପରେ ମନକୁ ମନ କଥା ହୋଇ ହୋଇ ଚାଲିଯାଏ। ଏଇ ପାଲା ନିତିଦିନ ଚାଲେ। ପାଖପଡ଼ୋଶୀ ବି ତାଙ୍କ ଗୁଣ ଚିହ୍ନନ୍ତି। ସ୍ତ୍ରୀର ମୃତ୍ୟୁ ପରେ ଜିତେନ୍ଦ୍ର ବାବୁ ଏକୁଟିଆ ଏଇ ଘରେ ରହନ୍ତି। ନିଜେ ରୋଷେଇବାସ କରି ସାମ୍ନା ବଗିଚାରେ କିଛି କିଛି ପରିବା ଗଛ ଲଗାଇ ତାହାରି ଦେଖାଶୁଣା କରି ନିଜ ଅବସର ସମୟ କାଟିଦିଅନ୍ତି। ସକାଳୁ ପ୍ରାତଃ ଭ୍ରମଣରେ କିଛି ସମବୟସ୍କଙ୍କ ସହ କଥାବାର୍ତ୍ତା କରି ମନ ହାଲୁକା କରନ୍ତି। ପେନସନ ଯେତିକି ପାଆନ୍ତି, ତାଙ୍କ ପାଇଁ ଯଥେଷ୍ଟ। ତେଣୁ ଦୁଇ ପୁଅ ବାହାରେ ରହିଲେ ବି ତାଙ୍କୁ ଖାତିର କରନ୍ତିନି। ସେଦିନ ସନ୍ଧ୍ୟାରେ ବଡ ବ୍ୟସ୍ତ ହୋଇ ଜିତେନ୍ଦ୍ର ବାବୁ କାହାକୁ ଖୋଜୁଥିଲେ। ସାମ୍ନାଘର ପରିଡ଼ା ବାବୁ ପଚାରିବାରୁ କହିଲେ, ଆହା! ବିଚାରି ଭିକାରୁଣୀଟା ଦିନଯାକ ଖାଇବାକୁ ପାଇଥିବ ନା ନାଇଁ। ତାକୁ ହିଁ ଖୋଜୁଛି। କିଛି ଖାଇବାକୁ ଦେଇ ଦେବି। ପରିଡା ବାବୁ ତାଚ୍ଛଲ୍ୟଭରା ଗଳାରେ କହିଲେ, ସକାଳୁ ଘଉଡାଇ ଦେଇ ସବୁଦିନ ସଞ୍ଜବେଳେ କେମିତି ତା' ପାଇଁ ଏତେ ଦରଦ ବାହାରେ? ଜିତେନ୍ଦ୍ର ବାବୁ ବି ନିର୍ଲଜ ପରି ତାଙ୍କର ପାନଖିଆ କଷ ଦାନ୍ତକୁ ଦେଖାଇ ଉତ୍ତର ଦେଲେ, ଜାଣିଛନ୍ତି ତ ମୁଁ ଏକୁଟିଆ ଲୋକ। ଗୋଡହାତ ଟିକେ ଘଷା ମୋଡ଼ା କରିଦେବ। ଠିକ୍ ସେତିକିବେଳେ ସମୟ ଜାଣିଲା ପରି ଭିକାରୁଣୀଟି ଜିତେନ୍ଦ୍ର ବାବୁଙ୍କ ଘର ଭିତରକୁ ପଶିସାରିଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
tinytots.lipsa@gmail.com

ଧାରାବାହିକ ପ୍ରବନ୍ଧ



# ମଧ୍ୟଯୁଗୀୟ କାବ୍ୟ ପରଂପରାର ବ୍ୟତିକ୍ରମ କବି ରାମଚନ୍ଦ୍ର ପଟ୍ଟନାୟକ

ଡ. ଅଶୋକ କୁମାର ପଣ୍ଡା

'ହାରାବତୀ' କାବ୍ୟର କବି ରାମଚନ୍ଦ୍ର ପଟ୍ଟନାୟକ ଅବିଭକ୍ତ କଟକ ଜିଲ୍ଲାର ବଡ଼ମ୍ବା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଭାଗୀରଥି ପଟ୍ଟନାୟକ । କବି ଏହି କାବ୍ୟଟିକୁ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ରଚନା କରିଥିବା ଅନୁମିତ ହୁଏ । କାବ୍ୟରେ କବିଙ୍କର କୌଣସି ପରିଚୟ ମିଳେ ନାହିଁ ପିତାଙ୍କ ନାମ ଏବଂ ଗ୍ରାମର ନାମ ବ୍ୟତୀତ । ମଧ୍ୟଯୁଗରେ ଅନେକ ସମ୍ଭ୍ରାନ୍ତ କାବ୍ୟ ଭଞ୍ଜୀୟ ଶୈଳୀରେ ରଚନା ହେବା ପରେ, ସେହି ଧାରାରୁ ବିଚ୍ୟୁତ ହୋଇ ରାମଚନ୍ଦ୍ର ପଟ୍ଟନାୟକ ଏକ ସ୍ୱତନ୍ତ୍ର କାଳ୍ପନିକ କାବ୍ୟ ରଚନା କରିଛନ୍ତି । ଯାହାକି ପାରମ୍ପରିକ କାଳ୍ପନିକ କାବ୍ୟର ବିଷୟବସ୍ତୁଠାରୁ ବ୍ୟତିକ୍ରମ । ଦଶଟି ଛାନ୍ଦକୁ ନେଇ କାବ୍ୟର କଳେବର ପରିପୁଷ୍ଟ । ମଧ୍ୟଯୁଗୀୟ ଆଳଙ୍କାରିକ ଶୈଳୀ ଦୃଷ୍ଟିରୁ ତାଙ୍କ କାବ୍ୟଚମତ୍କୃତି ପାଠକୀୟ ଆଦୃତି ଲାଭ କରିଛି ।




ଜଗଜ୍ଜନନୀ ଦେବୀ ଦୁର୍ଗା କବିଙ୍କର ଇଷ୍ଟଦେବୀ ଥିଲେ । ଦେବୀଙ୍କ କୃପାରୁ କବିଙ୍କର ସ୍ୱଭାବଜାତ କବି ପ୍ରତିଭାର ବିକାଶ ହୋଇଥିଲା । ସେ 'ହାରାବତୀ' ଓ 'ଅନୁରାଗବତୀ' ନାମରେ ଦୁଇଟି କାବ୍ୟ ରଚନା କରିଥିବା ଜଣାଯାଏ । ହାରାବତୀ କାବ୍ୟର ବିଭିନ୍ନ ଛାନ୍ଦର ଶେଷରେ କବି ସ୍ୱୀୟ ଇଷ୍ଟଦେବୀଙ୍କୁ ସୁମରଣା କରିଛନ୍ତି । କବିଙ୍କ ଲେଖନୀରେ-

"ଯୁବାବର ନିଜ ସଦନରେ ପ୍ରବେଶ
ଦୁର୍ଗା ଚିନ୍ତି ରାମଚନ୍ଦ୍ର ଭଣେ ଏରସ ।"

କବିଙ୍କ ଦ୍ୱାରା ରଚିତ ଦୁଇଟି କାବ୍ୟ ମଧ୍ୟରୁ 'ହାରାବତୀ' ନିଜେ ରଚନା କରିଛନ୍ତି । 'ଅନୁରାଗବତୀ' କାବ୍ୟଟି ନିଜ ସାନଭାଇ ବିଷ୍ଣୁ ପଟ୍ଟନାୟକଙ୍କ ସହ ମିଳିତ ହୋଇ ଦୁହେଁ ରଚନା କରିଥିବା କଥା 'ଅନୁରାଗବତୀ' କାବ୍ୟର ଶେଷ ଛାନ୍ଦରେ ପ୍ରକାଶ କରିଛନ୍ତି । କବିଙ୍କ ଲେଖନୀରେ-

"ବିଷ୍ଣୁ ଏ ଗୀତକୁ ଦେଖି ଆନନ୍ଦ ହୋଇଲା ।
ଛାନ୍ଦ ପାଞ୍ଚ ଆପେ କରି ଏଥି ମିଶାଇଲା ଯେ ।"

(ଅନୁରାଗବତୀ-୧୪ ଛାନ୍ଦ)

'ହାରାବତୀ' କାବ୍ୟ କବି ରାମଚନ୍ଦ୍ର ପଟ୍ଟନାୟକଙ୍କ ପାଣ୍ଡିତ୍ୟ ତଥା ବିଦ୍‌ବତ୍ତାର ପରିଚାୟକ । କାବ୍ୟଟି ମଧ୍ୟଯୁଗର ଭଞ୍ଜୀୟ କାବ୍ୟଧାରାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । କାବ୍ୟ ବିଷୟବସ୍ତୁରେ କବି ଗତାନୁଗତିକ ଧାରା ପରିହାର କରି ନୂତନ ଧାରାଟିଏ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ଏହି କାବ୍ୟଟି ରଚିତ ହୋଇଛି ଏବଂ ଏଥିରେ କେତେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ରହିଛି । ତେଣୁ କାବ୍ୟ ବିଷୟରେ ସ୍ୱାତନ୍ତ୍ର୍ୟତା ପରିଲକ୍ଷିତ ହୋଇଥାଏ । ଏହା ଲୌକିକ ଓ କାଳ୍ପିନିକ କାବ୍ୟ ଅଟେ । କାବ୍ୟରେ ଅଲୌକିକ ଏବଂ ଅତିପ୍ରାକୃତ ଉପାଦାନ ନାହିଁ । ବାସ୍ତବ ଜୀବନର ସ୍ୱାଭାବିକ ଚିତ୍ର ପରିବେଷଣ ହୋଇଅଛି । କାବ୍ୟର ବର୍ଣ୍ଣିତ ଘଟଣାସ୍ଥଳ ନିପଟ ପଲ୍ଲୀ-ଗ୍ରାମାଞ୍ଚଳ । ଗୋଟିଏ ଗ୍ରାମର ପୋଖରୀ-ଆଡ଼ି, ଓଷାକୋଠି, ହାରାବତୀର ବାପଘର, ଦୂତୀର ବାସସ୍ଥାନ, ଫୁଲ ବଗିଚା ଆଦି କାବ୍ୟ ବର୍ଣ୍ଣିତ ଘଟଣା ।

### ଏକମାତ୍ର ଛାନ୍ଦକାବ୍ୟ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ହାରାବତୀ' ଏକମାତ୍ର ଛାନ୍ଦକାବ୍ୟ, ଯେଉଁଥିରେ ସାଧାରଣ ସମାଜ ଜୀବନରୁ ସମସ୍ତ ଚରିତ୍ର ଗ୍ରହଣ କରାଯାଇଛି । ପ୍ରାୟ ପାଞ୍ଚଶହ ବର୍ଷର କାବ୍ୟ

ରଚନା ପରମ୍ପରାରେ ଏପରି ବିଷୟ ପରିଦୃଷ୍ଟ ହୁଏ ନାହିଁ। ସାମନ୍ତ ଶ୍ରେଣୀ ଏବଂ ଉଚ୍ଚବର୍ଗୀୟ ଚରିତ୍ର ସମୂହର ଅନୁଚର, ଦାସଦାସୀ ଆଦି ଇତରବର୍ଗର ଜୀବନାଲେଖ୍ୟ ବର୍ଣ୍ଣିତ ହୋଇଛି। ଗ୍ରାମ୍ୟଜୀବନର ପୃଷ୍ଠଭୂମିରେ କାବ୍ୟ ବିଷୟ ପରିକଳ୍ପିତ। ଗ୍ରାମର ଦୁଇଜଣ ଯୁବକ ଓ ଯୁବତୀଙ୍କର ପ୍ରେମ କାହାଣୀ ହିଁ କାବ୍ୟର ଆଧାର। ଗୁଡ଼କାର ବା ଗୁଡ଼ିଆ କୁଳର ବାର ବର୍ଷର କନ୍ୟା ହାରାବତୀର ରୂପ ଓ ସୌନ୍ଦର୍ଯ୍ୟରେ ସେହି ଗ୍ରାମର ସାଧାରଣ ପରିବାରର ଯୁବକ ବିମୋହିତ ହୋଇ ପ୍ରେମ ଲାଳସାରେ ଅନେକ ଥର ତାକୁ ଦେଖା କରି ଏକାନ୍ତରେ ମନାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ହାରାବତୀ ଓଷା ପାଳନ କରିବା ପାଇଁ ଇଚ୍ଛା କରି ଗଭୀର ପୋଖରୀ ମଧ୍ୟରୁ କଇଁ ଫୁଲ ଓ ପଦ୍ମଫୁଲ ଆଣିବାକୁ ଚିନ୍ତା କରନ୍ତେ ଅଭିଳକ୍ଷିତ ଯୁବକ ଯଥାସ୍ଥାନରେ ପହଞ୍ଚି ପଦ୍ମ ଓ କଇଁ ଫୁଲତୋଳି ଆଣି ଦେଇ ଯୁବତୀର ମନ କିଣିବାରେ ସକ୍ଷମ ହେଲା। ସେହି ରାତି ପହରକ ସମୟରେ ଗ୍ରାମର ଓଷାକୋଠିରେ ଦୁହେଁ ମିଳିତ ହେଲେ ଏବଂ ଦିନକୁ ଦିନ ତାଙ୍କର ପ୍ରେମ ବଢ଼ିବାରେ ଲାଗିଲା। ହାରାବତୀର ବୟସ ବୃଦ୍ଧି ହୋଇ ତେର ବର୍ଷରେ ପହଞ୍ଚିଲା। ପିତାମାତା ସମସ୍ତ ଭାବ ହାରାବତୀର ବୁଝିପାରି ସମାନ କୁଳରୁ ବରପାତ୍ର ଆଣି ବିବାହ କରାଇଲେ। କନ୍ୟା ଗୃହରେ ବିବାହ ଗହଳିରେ ରସିକ ପୁରୁଷ ହାରାବତୀକୁ ଦେଖି ନ ପାରି ବ୍ୟାକୁଳ ହେଲା। କନ୍ୟା ପ୍ରାପ୍ତ ବୟସ୍କା ନୁହେଁ। ପିତୃଗୃହରେ ରହିବା ବିଧି ଯୋଗୁ ବିବାହ ପରେ ସ୍ୱାମୀ ସାତମଙ୍ଗଳା ସାରି ନିଜ ଘରକୁ ଚାଲିଗଲା। ବିବାହିତା କନ୍ୟା ହାରାବତୀ ବିଭିନ୍ନ ସଂକୋଚ କାରଣରୁ ଆଉ ରସିକ ପୁରୁଷ ସହ ମିଶି ପାରିଲା ନାହିଁ। ଯୁବକର ବିରହ ବେଦନା ଦିନକୁ ଦିନ ବଢ଼ିବାରେ ଲାଗିଲା। ଯନ୍ତ୍ରଣା ବଢ଼ିବାରୁ ଗ୍ରାମର ଏକ ବିଧବା ନାରୀକୁ ଦୂତୀ ରୂପେ କନ୍ୟା ହାରାବତୀ ନିକଟକୁ ପଠାଇ ନିଜ ମନର ଯନ୍ତ୍ରଣା ଜଣାଇଲା। ଦୂତୀର ସମସ୍ତ କଥା ହାରାବତୀ ଶୁଣି ଦୂତୀର ପୁରରେ ତାକୁ ସାକ୍ଷାତ କରିବା ପାଇଁ କହିଲା ଏବଂ ଉଭୟଙ୍କର ମିଳନ ସେହିଦିନଠାରୁ ଗୋପନରେ ପ୍ରତ୍ୟହ ଦୂତୀର ବାସସ୍ଥାନରେ ସମ୍ଭବ ହେଲା। ଏହାପରେ ହାରାବତୀ ଯୌବନ ପ୍ରାପ୍ତ ହେଲା। ଦୂତୀର ସହାୟତାରେ ଦୁହିଁଙ୍କ ମିଳନ ସମ୍ଭବ ହୋଇ ବଢ଼ିବାରେ ଲାଗିଲା। ବିରହାନଳରେ ଦହନ ହେଉଥିବା ନାୟକ ନିକଟରେ ହାରାବତୀ ନିଜକୁ ସମର୍ପଣ କରି ସନ୍ତୁଷ୍ଟ କଲା। ଏପରି ବର୍ଣ୍ଣନା କବିଙ୍କ ଭାଷାରେ-

**ରାତି ପହରକ ସମୟରେ ଗ୍ରାମର ଓଷାକୋଠିରେ ଦୁହେଁ ମିଳିତ ହେଲେ ଏବଂ ଦିନକୁ ଦିନ ତାଙ୍କର ପ୍ରେମ ବଢ଼ିବାରେ ଲାଗିଲା।**

"ସୁରତ ରସେ ଉନତି କଲା ମନ ତୋଷେ  
ଉରେ ଉର ଲଗାଇ ଭିଡିଲା ବାହୁ ପାଶେ।  
ମଦନ ମଦରେ ପୁଣି ବଦନ ଚୁମ୍ବିଲା  
ବନ୍ଧ ସଂଯୋଗରେ ପୁଣି କୋଳେ ବସାଇଲା।  
କର୍ଣ୍ଣେ ତୁଣ୍ଡେ ରସନା ଚାଳିଲା ମୁଖ ଧରି  
ଜ୍ଞାନେ ହରାଇଲା ସେ ମଦନେ ସୁକୁମାରୀ।  
ଯେଣେ ବନ୍ଧ ବିଧାନକୁ ରସିକ ବିହିଲା  
ଜାନୁକୁ ଜାନୁରେ ଛନ୍ଦି ଶୟନେ ରଖିଲା।" (୪ର୍ଥ ଛାନ୍ଦ)

**ବିରହ ଦହନ**

ହାରାବତୀ ଏବଂ ଗ୍ରାମ୍ୟଯୁବକ ଗ୍ରାମର ବିଧବା ସ୍ତ୍ରୀର ଗୃହରେ ପ୍ରତିଦିନ ବିବିଧ କାମକ୍ରୀଡ଼ାରେ ନିମଜ୍ଜିତ ରହିଲେ। କିଛିଦିନ ଅନ୍ତେ ହାରାବତୀ ଶ୍ୱଶୁରାଳୟକୁ ଯିବା ପାଇଁ ସମୟ ଉପନୀତ ହେଲା। ଏ ସନ୍ଦେଶ ପାଇ ଯୁବକ ମନରେ ବିରହ ଦହନ ସୃଷ୍ଟି ହେଲା। ଦୂତୀ ହାତରେ ସନ୍ଦେଶ ଦେଇ ଉତ୍ତେଜନାପ୍ରବଣ ହୋଇ ରମ୍ଭାବନରେ ମିଳିତ ହେବା ପାଇଁ ହାରାବତୀକୁ କହିଲା। ନେହୁରା ହୋଇ କହିବା ପରେ ହାରାବତୀ ଯଥା ସ୍ଥାନରେ ପହଞ୍ଚି ଯୁବକର କାମାତୁର ଭାବ ଦୂର କଲା। ଏହି ପ୍ରସଙ୍ଗ ମଧ୍ୟଯୁଗୀୟ ସାହିତ୍ୟରେ ବିରଳ। ଏହା କବିଙ୍କ ଲେଖନୀରେ-


"ସଙ୍କେତ ସ୍ଥାନରେ ଯାଇ ହେଲା ପ୍ରବେଶ  
ଦେଖିଣ ପାଛୋଟି ଆସି ନେଲା ପୁରୁଷ।  
ବସି ବସାଇଲା ଆଣି ଜାନୁ ଉପରେ  
କମ୍ପୁ ଅଛି ତନୁ ତା ବିରହ କାତରେ।  
ଆଲିଙ୍ଗନ କରି ମୁଖେ ଚୁମ୍ବନ ଦେଇ  
ଚିବୁକ ଧରି ବିନୟ ବାଣୀ କହଇ।" (୫ମ ଛାନ୍ଦ)

ହାରାବତୀ ଶ୍ୱଶୁରାଳୟକୁ ଚାଲି ଯାଇଛି। ଗଲାବେଳେ ସେ ପୁରୁଷକୁ କଥା ଦେଇ ଯାଇଛି ପ୍ରତି ଚାରିମାସରେ ଥରେ

ଶ୍ୱଶୁରାଳୟରେ କନ୍ଦଳ ସୃଷ୍ଟି କରି ତା’ ନିକଟକୁ ଚାଲି ଆସୁଥିବ। କିଛିଦିନ ଅନ୍ତେ ଗ୍ରାମ୍ୟ ଯୁବକଟି ବିରହ ବେଦନାରେ କାଳଯାପନ କରି ଅସହ୍ୟ ହୋଇ ଉଠିଲା। ନାୟକର କନ୍ଦର୍ପ ପୀଡା ଅତ୍ୟଧିକ ହେବାରୁ ବିଧବା ନାରୀଟିକୁ ଦୂତୀରୂପେ ହାରାବତୀର ଶ୍ୱଶୁରାଳୟକୁ ପ୍ରେରଣ କଲା। ନାୟକର ଚିଟାଉ ହାରାବତୀ ପାଇବା ମାତ୍ରେ ସୁଯୋଗ ସୃଷ୍ଟି କରି ହାରାବତୀ ପିତୃଗୃହକୁ ଚାଲି ଆସିଛି। ଏଭଳି ବିରହ ବେଦନା ବର୍ଣ୍ଣନାରେ ବର୍ଷାଋତୁ ଓ ଶରତ ଋତୁର ବର୍ଣ୍ଣନୀୟ ଚିତ୍ର ରମଣୀୟ ହୋଇ ଉଠିଛି। ପିତୃଗୃହରେ ଆସି ପହଞ୍ଚିବା ପରେ ଦୂତୀର ସହାୟତାରେ ତାହାରି ଗୃହରେ ସେହିଦିନ ରାତ୍ରିରେ ଉଭୟେ ମିଳିତ ହେଲେ। କବିଙ୍କ ଭାଷାରେ –

"ବାଡ଼ି ବାଟେ ଦୂତୀ ସଦନକୁ ଯିବାବେଳେ
ରସିକ ପାଛୋଟି କର ଧଇଲାକ ବଳେ।
ସୁନ୍ଦରୀ ଜାଣିଣ ତାର ଧଇଲାକ କର
ବେନି ଜନଙ୍କର ମନ ହୋଇଲା କାତର।"

(ନବମ ଛାନ୍ଦ)




ହାରାବତୀ ଓ ରସିକ ପୁରୁଷ ପ୍ରତ୍ୟହ ରମ୍ଭାବନ, ବଂଶ କୁଞ୍ଜରେ ମିଳିତ ହୋଇ ଯୌନ କ୍ଷୁଧା ନିର୍ବାପିତ କରିବାରେ ଲାଗିଲେ। ରସିକ ପୁରୁଷ ଅଭିମାନରେ କହିଛି ମାସେ କଷ୍ଟ ଦେଇ ଯାଇଥିଲୁ ଏବଂ ତୋର ପତି ସାଙ୍ଗରେ ଭୋଳ ହୋଇ ମତେ ପାଶୋରିଲୁ। ମୋ ପାଶରେ ଯେଉଁ ବିରହଜ୍ୱାଳା ବଢ଼ିଲା ତାକୁ କିପରି ପାସୋରିବି। ହାରାବତୀକୁ ପାଖରେ ପାଇ ଆଲିଙ୍ଗନ ଚୁମ୍ବନ ଦେଇ ବାହୁପାଶରେ ଆବଦ୍ଧ କରି ଦୀର୍ଘଦିନର ରତି ଆକାଙ୍କ୍ଷାକୁ ପୂରଣ କରିବାରେ ଲାଗିଲା। କବିଙ୍କ ଭାଷାରେ–

"ଯେତେବେଳେ ଯୁବା ପାଶେ ପରିବେଶ ହେଲା
ଗୁଡକାର ସୂତା
ଭଣଇ ରସିକ ଆଲିଙ୍ଗନ କଲା କାମେ ହୋଇ ଉନମତ୍ତା।"

(ଦଶମ ଛାନ୍ଦ)

"ହାରାବତୀ" କାବ୍ୟରେ ତତ୍କାଳୀନ ପାରମ୍ପରିକ କାବ୍ୟ ପରମ୍ପରାର ପ୍ରଣୟ କାହାଣୀ ପରିବର୍ତ୍ତେ ଅପ୍ରାପ୍ତ ବୟସ୍କା ଚପଳମତି କିଶୋରର ଯୁବକ ସହିତ ପ୍ରୀତି ବିଷୟ ବର୍ଣ୍ଣିତ। ପୁଣି ବିବାହିତା ଯୁବତୀର ପରପୁରୁଷ ସହିତ ଦୈହିକ ସମ୍ପର୍କର ବର୍ଣ୍ଣନା ରହିଛି। ଗ୍ରାମ୍ୟଜୀବନର ଚିତ୍ର ଏବଂ ଗଣଜୀବନକୁ ସ୍ୱୀକୃତି ପ୍ରଦାନ କରି କାବ୍ୟଟି ଏକ ନୂଆ ପରମ୍ପରା ସୃଷ୍ଟି କରିଛି। ଏହାର ବିଷୟ ବସ୍ତୁରେ ଅନନ୍ୟତା ଲକ୍ଷ୍ୟ କରାଯାଏ।

**ଆଭିଜାତ୍ୟ**

ମଧ୍ୟଯୁଗୀୟ କାବ୍ୟରେ ଆଭିଜାତ୍ୟ ସମ୍ପନ୍ନ, ରାଜବଂଶ ଏବଂ ସଦ୍‌ବଂଶଜ ଚରିତ୍ରକୁ କାବ୍ୟରେ ସ୍ଥାନ ଦିଆଯାଉଥିଲା। ସାଧାରଣ ଚରିତ୍ର ପାଇଁ କାବ୍ୟ ନିଷିଦ୍ଧ ଥିଲା। ଛାନ୍ଦକାବ୍ୟରେ ନାୟକ ଓ ନାୟିକା ହେଉଥିଲେ ଦେବଦେବୀ ଅଥବା ରାଜପୁତ୍ର ରାଜକନ୍ୟା। ଏହି କାବ୍ୟର ନାୟକ ଏକ ଗ୍ରାମ୍ୟ ଯୁବକ, ନାୟିକା ଗୁଡ଼ିଆ ଘରର ଝିଅ। ନାୟକ ଲମ୍ପଟ ପୁରୁଷ ଓ ନାୟିକା ପରପୁରୁଷାସକ୍ତ। କାବ୍ୟରେ ରତିକ୍ରୀଡ଼ା ବର୍ଣ୍ଣନା, ଷଡଋତୁ ବର୍ଣ୍ଣନା, ପ୍ରଭାତ ଓ ସଂଧ୍ୟା, ସୂର୍ଯ୍ୟୋଦୟ ବର୍ଣ୍ଣନା ସଂକ୍ଷିପ୍ତରେ ରମଣୀୟ ହୋଇଉଠିଛି। କବିଙ୍କ ଲେଖନୀରେ ଉଲ୍ଲେଖନୀୟ ଶରତ ଋତୁର ପ୍ରାକୃତିକ ଶୋଭା ଅବର୍ଣ୍ଣନୀୟ। ଯଥା–

"ଯେଥୁ ଅନନ୍ତରେ ଶୁଣ ରସିକ ନାଗର
ଧରଣୀ କି ମଣ୍ଡିଲା ଶରଦ ଋତୁ ମୋର।
ମାଳତୀ ସୁଗନ୍ଧ ଘେନି ପବନ ବହିଲା

ବିରହୀ ହୃଦୟ କାମ ଅନଳ ଦହିଲା।" (ନବମ ଛାନ୍ଦ)

କାବ୍ୟରେ ଶୃଙ୍ଗାର ରସର ବହୁଳତା ବର୍ଣ୍ଣନୀୟ ଚମତ୍କାରିତା ସୃଷ୍ଟି କରିଛି। ନାୟିକାର ବିରହରେ ନାୟକର ଅନୁଚିନ୍ତା ବିସ୍ତୃତ ଭାବରେ କବି ବର୍ଣ୍ଣନା କରିଛନ୍ତି। କିନ୍ତୁ ନାୟିକାର ବିରହ ବେଦନା ପ୍ରାୟ ଦେଖିବାକୁ ମିଳେ ନାହିଁ। ଏହାର କାରଣ ପ୍ରଥମେ ନାୟିକାର ରତି ଜ୍ଞାନ ନ ଥିଲା, ତା'ପରେ ସ୍ୱାମୀପୁରରେ ଥିବାରୁ ବୋଧେ ବିରହ ଦେଖା ଦେଇନାହିଁ। କବିଙ୍କର ବାର ବା ତେର ବର୍ଷୀୟା ନାୟିକାର ଅଙ୍ଗ ସୌଷ୍ଠବ ବର୍ଣ୍ଣନା ସୌନ୍ଦର୍ଯ୍ୟମୟ ହୋଇଛି। ହାରାବତୀର ରୂପ ତଥା ସୌନ୍ଦର୍ଯ୍ୟ ବର୍ଣ୍ଣନାରେ-

"ଉରେ ତାର ଅଙ୍କୁରିଛି ଅଳପ ଉରଜ।
ମଦନ କି ଉଆଂଇଛି ଶିବଜୟ ସଜ ହେ।।
ଯହିଁ ବଳେ ବଚନୁ ତା ନୟନ ଚାତୁରୀ
ଲୋକନରେ ଯୁବା ହୃଦୟ ପକାଏ କତୁରି ଯେ।"

(ପ୍ରଥମ ଛାନ୍ଦ)

ତେରବର୍ଷ ବୟସର ଶୋଭା ବର୍ଣ୍ଣନା :

"ନାଗର ମନକୁ ହରି ନେଲା
ସ୍ତନ ନାଗରଙ୍ଗ ପରି ତାର
ଲଳିତ ସୁବାହୁ ବଳିତ
ହୋଇଣ ରତି ରହିଲା ନଗର।"

(ତୃତୀୟ ଛାନ୍ଦ)

କବି ଦୁଃସାହସ ନେଇ କାବ୍ୟଟି ରଚନା କରିଛନ୍ତି। କାବ୍ୟଟିରେ ପାରଦାରିକ ପ୍ରାକୃତ ପ୍ରଣୟ ଚିତ୍ର ବେଶ୍ ଉଜ୍ଜ୍ୱଳ। କାବ୍ୟ ନାୟିକା ବିବାହ ପରେ କିଶୋରୀ ଜୀବନର ସାଥୀ ଯୁବକ ସହିତ ଘନିଷ୍ଠତା ଏବଂ ତା' ସହିତ ରତିକ୍ରୀଡ଼ାରେ ସମୟ ବିତାଇବା କଥା ବର୍ଣ୍ଣିତ ହୋଇଛି। ଏହି ପାରଦାରିକ ସଂପର୍କ ଅସାମାଜିକ ଓ ନିନ୍ଦନୀୟ ହେଲେ ମଧ୍ୟ ତାହା ବାସ୍ତବ ଏବଂ ପ୍ରାକୃତ ଭାବେ କାବ୍ୟରେ ବର୍ଣ୍ଣିତ। ପାରଦାରିକତା ହେଉ ବା ସ୍ୱଦାରିକତା ହେଉ, କାବ୍ୟରେ ପ୍ରେମ ଓ ପ୍ରଣୟର ଚିତ୍ର ବର୍ଣ୍ଣନା ଥିଲା। ସ୍ୱକୀୟା ବା ପରକୀୟା ସଂପର୍କର ବର୍ଣ୍ଣନା ଉପରେ ତୁଳସୀ ପତ୍ରଟାଏ ପକାଇ ଦେଲେ ତାହା ସମସ୍ତଙ୍କର ଗ୍ରହଣଯୋଗ୍ୟ ହୋଇ ଯାଉଥିଲା। ସାଧାରଣ ନରନାରୀଙ୍କ ପ୍ରାକୃତ ପ୍ରେମ ଓ ପ୍ରଣୟର ବର୍ଣ୍ଣନା ସ୍ୱଦାରିକ ବା ପାରଦାରିକ, ତାକୁ ସମସ୍ତେ ଗ୍ରହଣ କରିପାରୁ ନ ଥିଲେ। ପ୍ରେମ ଓ ପ୍ରଣୟ ବର୍ଣ୍ଣନାରେ କବିମାନେ ଦେବତାଙ୍କୁ ମଣିଷ ସ୍ତରକୁ ଖସାଇ ଆଣୁଥିଲେ କିନ୍ତୁ ମଣିଷକୁ ଦେବତା ସ୍ତରକୁ ଉଠାଇବା ପାଇଁ ମନ କରୁ ନ ଥିଲେ।

**ପାରଦାରିକ ସଂପର୍କ ଅସାମାଜିକ ଓ ନିନ୍ଦନୀୟ ହେଲେ ମଧ୍ୟ ତାହା ବାସ୍ତବ ଏବଂ ପ୍ରାକୃତ ଭାବେ କାବ୍ୟରେ ବର୍ଣ୍ଣିତ। ଏହି କାବ୍ୟରେ ପ୍ରେମ ଓ ପ୍ରଣୟର ଲଳିତ ଚିତ୍ର ଦେଖିବାକୁ ମିଳେ।**

**ସରଳ ଛାନ୍ଦକାବ୍ୟ**

ମଧ୍ୟଯୁଗରେ ବହୁ ଆଳଙ୍କାରିକ କାବ୍ୟ ରଚିତ ହୋଇଥିବା ସ୍ଥଳେ ସରଳ ସାବଲୀଳ ସୁବୋଧ ସାଙ୍ଗୀତିକ ଶୈଳୀରେ ଛାନ୍ଦକାବ୍ୟ "ହାରାବତୀ" ରଚିତ ହୋଇଛି। 'ହାରାବତୀ' ପୂର୍ବରୁ ଅନେକ ଛାନ୍ଦକାବ୍ୟ ରଚିତ ହୋଇଥିଲେ ମଧ୍ୟ ଏହାର ଧାରା ଅବ୍ୟାହତ ରହିଥିଲା ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ। ଭଞ୍ଜଯୁଗର ଆଳଙ୍କାରିକ କାବ୍ୟଗୁଡ଼ିକ ଆଜି ଯେପରି ଆଲୋଚିତ ହେଉଅଛି "ହାରାବତୀ" ଭଳି ସରଳ ଅନଳଙ୍କାରିକ କାବ୍ୟ ଆଲୋଚିତ ହେଉନାହିଁ। ଅର୍ଜୁନ ଦାସ, କାର୍ତ୍ତିକ ଦାସ, ନରସିଂହ ସେଣ ଆଦି କବିଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କବି ରାମଚନ୍ଦ୍ର ପଟ୍ଟନାୟକ ଦେଶ ଭାଷାରେ 'ସବୁଙ୍କର ବୁଝିବା' ଭଳି ଭାଷାରେ "ହାରାବତୀ" କାବ୍ୟ ରଚନା କରିଛନ୍ତି। କାବ୍ୟରେ ଗଣଜୀବନର ଚିତ୍ର ବର୍ଣ୍ଣନା ରହିଛି। ସାଧାରଣ ଲୋକ ପ୍ରଚଳିତ ଦେଶ ଭାଷାରେ ରଚିତ କାବ୍ୟଟିର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି।

ଏଭଳି ସାମାଜିକ ବିଷୟବସ୍ତୁ ଉପରେ ଭିତ୍ତି କରି ଓଡ଼ିଆ ସାହିତ୍ୟରେ ଅନ୍ୟ କୌଣସି କାବ୍ୟ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ପ୍ରଣୟ ଜ୍ଞାନ ଅନଭିଜ୍ଞା କୁମାରୀ ସହିତ ନାୟକର ପ୍ରଣୟ ଚିତ୍ର ଯେପରି ବାସ୍ତବ ସେପରି ଜୀବନ୍ତ। ଏ ପରିପ୍ରେକ୍ଷୀରେ ବିଚାର କଲେ କବି ରାମଚନ୍ଦ୍ର ପଟ୍ଟନାୟକଙ୍କ ଛାନ୍ଦକାବ୍ୟ "ହାରାବତୀ" ମଧ୍ୟଯୁଗୀୟ କାବ୍ୟ ପରମ୍ପରାରେ ଏକ ସ୍ୱତନ୍ତ୍ର ଆଲେଖ୍ୟ ବହନ କରେ।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com




ଶିଶୁ ସାହିତ୍ୟ

# ନିଜ ଘର ସବୁଠୁ ଭଲ

ସଂଗ୍ରାମ କେଶରୀ ପୃଷ୍ଟି

ପେଚାଛୁଆ ଆଉ ପାରାଛୁଆ ଦୁହେଁ ଭାରି ସାଙ୍ଗ। ଗୋଟିଏ ବଡ଼ ମହୁଲଗଛ କୋରଡ଼ରେ ପେଚାଛୁଆ ତା' ମାଆ ସାଥିରେ ରହୁଥାଏ। ଆଉ ପାରାଛୁଆ ରହୁଥାଏ ଗୋଟିଏ କୋଠାଘର ସିଡିତଳେ। ସକାଳ ହେଉ ନ ହେଉଣୁ ପାରାଛୁଆ ନିଇତି ଆସି ମହୁଲ ଗଛ ମୂଳେ ହାଜର। ସେଇଠି ସେ ପେଚାଛୁଆ ସହିତ ଖେଳେ। କଥାଟା ହେଲା, ପେଚାଛୁଆକୁ ଦିନରେ ଭଲ ଦେଖାଯାଏନି। ତେଣୁ ସେ ଦିନବେଳେ କୁଆଡ଼େ ବାହାରିପାରେନି। ଏକା ଏକା ଭଲା ସେ ଖାଲିଟାରେ କରିବ କ'ଣ ଯେ। ଖାସ୍ ସେଇଥିପାଇଁ ପାରାଛୁଆ ଆସେ। ଦୁହେଁ ଧୁମ୍ ଖେଳନ୍ତି। କେତେ ଖୁସି ମଜା କରନ୍ତି।



ପେଚାଛୁଆ ଦିନେ ପାରାଛୁଆକୁ ପଚାରିଲା- "ସଙ୍ଗାତ, ତୁମେ କେଉଁଠି ଆଉ କେମିତି ରହୁଛ ଟିକିଏ କୁହନ୍ତନି। ତୁମ ଘର ବିଷୟରେ ଜାଣିବାକୁ ମୋର ଭାରି ମନ।"

ପାରାଛୁଆ ଉତ୍ତର ଦେଲା - "ଆମ ଘରଟା ଆମ ନିଜର ନୁହଁ ମ ସଙ୍ଗାତ। ସେଇଟା ଜଣକର କୋଠାଘର। ଘରର ସିଡିତଳେ ମାଲିକ ଆମ ପାଇଁ କାଠ ତବଲଟାଏ ରଖିଦେଇଛନ୍ତି। ସେଇଠି ଆମେ ରହୁ। ସେଠି ବର୍ଷା ପଡେନି କି ଖରା ବି ବାଜେନି। ଡରଭୟ ବୋଲି କିଛି ବି ନାହିଁ। ମାଲିକଙ୍କ ଭୟରେ ଆମ ପାଖକୁ କେହି ବି ଆସନ୍ତି ନାହିଁ। ସେଠି ଅନ୍ଧାର ବୋଲି କିଛି ନାହିଁ। ଦିନ-ରାତି ଚିକିମିକି ଆଲୁଅ।"

- "ସତରେ, ଏତେ ସୁନ୍ଦର ଘର ତୁମର ସଙ୍ଗାତେ! କେଡ଼େ ଖୁସିରେ ନ ରହୁଛ ତୁମେ। ହେଲେ ଆମେ ବଡ଼ ଦୁଃଖୀ। ଏ ଗଛରେ ରହୁଛୁ ସିନା ହେଲେ ଆମ ବଡ଼ ଦୁଃଖୀ। ଏ ଗଛରେ ରହୁଛୁ ସିନା ହେଲେ ଖରାରେ ସିଝୁଛୁ। ବର୍ଷାରେ ଭିଜୁଛୁ। ଶୀତରେ ଥରୁଛୁ। ଭଲ କି ମୁଠାଏ ଖାଇବାକୁ ବି ମିଳୁନି। ବାହାରକୁ ବାହାରିଲେ ଶତ୍ରୁର ଭୟ। କେତେ କଷ୍ଟରେ ଯେ ଆମ ରହୁଛୁ, ସେ କଥା ଆମକୁ ହିଁ ଜଣା।" ମନଦୁଃଖରେ କହିଲା ପେଚାଛୁଆ।

ସଙ୍ଗାତ କଥା ଶୁଣି ପାରାଛୁଆ ଉତ୍ତର ଦେଲା- "ତୁମ କଥା ମୁଁ ବୁଝିପାରୁଛି, ତୁମେ ଯେଉଁଠି ଅଛ ଭଲରେ ଅଛ। ଏଥିରେ ମନଊଣା କରିବା ମୋ ବିଚାରରେ ଠିକ୍ ନୁହେଁ।"

- "ନା... ନା... ସାଙ୍ଗ। ସେମିତି ତୁମେ କୁହନି। ତୁମ ପାଖରେ ସେହି ପକ୍କା ଘରେ ରହିବାକୁ ମୋର ମନ ବଳୁଛି। ତୁମ ଘରେ ମୋତେ ଟିକିଏ ରହିବାକୁ ଜାଗାଦେଲେ ମୁଁ ଖୁସି ହୁଅନ୍ତି। ସବୁ ଦୁଃଖ ଭୁଲିଯାଆନ୍ତି। ଆମ ଦିନଗୁଡିକ କେତେ ଭଲରେ ନ କଟନ୍ତା ସତେ।" କହିଲା ପେଚାଛୁଆ।

ଏହା ଶୁଣି ପାରାଛୁଆ ଖୁସି ହୋଇ କହିଲା- "ତା' ହେଲେ ଚାଲୁନ। ମୁଁ କ'ଣ ମନା କରୁଛି। ଆମ ଘରେ ଏକାଠି ରହିବା। ମୋ ମାଆ ବି ତୁମକୁ ଦେଖି ବହୁତ ଖୁସି ହେବ। ହେଲେ

ତା' ଆଗରୁ ଏକଥାଟା ତୁମ ମାଆକୁ ଯାଇ ଟିକିଏ ପଚାରି ଆସ। ତା'ପରେ ଆମ ଘରକୁ ଯିବା।"

ପେଚାଛୁଆ କି ଆଉ ସମ୍ଭାଳି ରହନ୍ତା। ମାଆର ଆସିଲା ବାଟକୁ ଚାହିଁ ରହିଲା। ମାଆ କୁଆଡ଼େ ଯାଇଥିଲା। ଯେମିତି ସେ ଆସି ପରେ ପହଞ୍ଚିଛି ସେ ପାରାଛୁଆ ଘରକୁ ଯିବା ପାଇଁ ଜିଦ୍ ଲଗାଇଲା।



ଛୁଆ ମୁଣ୍ଡରେ ଏ କି ଭୂତ ପଶିଛି। ସେ ଚମକି ପଡିଲା। ଛୁଆକୁ ବୁଝାଇବାକୁ ଯାଇ ମାଆ ପେଚା କହିଲା- "ଧନରେ, ଏ ମଣିଷ ଜାତିଟା ହେଉଛି ଭାରି ସ୍ୱାର୍ଥପର। ସେମାନେ ତୋତେ ସେଠି ରହିବାକୁ ଦେବେନି। ପାରାକୁ ଘରେ ପୋଷିଲେ ଧନ ସଂପତ୍ତି ବଢ଼େ ବୋଲି ମଣିଷର ଧାରଣା। ତେଣୁ ସେ ଆଦରରେ ଘରେ ପାରାକୁ ରଖୁଛି। ହେଲେ ତୋତେ ସେ ପାଖରେ ରଖିବେନିରେ। ଘଉଡାଇ ଦେବ। ଘୃଣା କରିବ। ଏଣୁ ତୁ ସେଠାକୁ ଯିବାକୁ ମନ ବଳାନା। ସେଠି ବିପଦ ଅଛିରେ ବିପଦ।"

- "ନାଇଁ ମା, ମୁଁ ଯେମିତି ହେଲେ ବି ମୋ ସାଙ୍ଗ ଘରକୁ ଯିବି। ସେଇଠି ରହିବି। ଆଉ ହଁ, ମୋତେ ଭଲ ନ ଲାଗିଲେ ମୁଁ ଆପଣାଛାଏଁ ଲେଉଟି ଆସିବି ଯେ। ମୋ ସୁନା ମାଆଟି ପରା। ମୋତେ ତୁ ମନା କରନି। ଥରେ ମୋତେ ଯିବାକୁ ଦେ।" ଜିଦ୍ କଲା ପେଚାଛୁଆ।

ଛୁଆର ଜିଦ୍ ଦେଖି ମାଆ ପେଚା ଆଉ କହିବ କ'ଣ! ମନ ମାରି ଚୁପ୍ ରହିଲା। ପେଚାଛୁଆ ଏଥର ଖୁସି ମନରେ ଫୁର୍‌ରକିନା ଉଡ଼ିଗଲା। ତା' ସାଥିରେ ଥିଲା ପାରାଛୁଆ। ଦୁହେଁ ଖୁସି ଗପ କରି ଉଡି ଚାଲିଲେ।

ସଞ୍ଜ ରତରତ ହୋଇ ଆସୁଥିଲା। ଅନ୍ଧାରରେ ପେଚାଛୁଆକୁ ବି ଭଲ ଦିଶୁଥିଲା। ଦୁହେଁ ଉଡିଉଡି ଗୋଟିଏ କୋଠାଘର ପାଖରେ ଯାଇ ପହଞ୍ଚିଲେ। ପାରାଛୁଆ ଆଗେ ଆଗେ ଯାଇ ବାଟ ଦେଖାଉଥିଲା। ପଛେ ପଛେ ଯାଉଥିଲା ପେଚାଛୁଆ। ବାହାରଟା ସିନା ଅନ୍ଧାର ଥିଲା ଘର ଭିତରେ କିନ୍ତୁ ଥିଲା ତୋଫା ଆଲୁଅ। ପୂରା ଦିନପରି ଲାଗୁଥିଲା। ଏତେ ଉଜ୍ଜ୍ୱଳ ଆଲୁଅରେ ପେଚାଛୁଆକୁ କିଛି ବି ଦେଖାଗଲା ନାହିଁ। ଧଡ୍‌କିନା ଗୋଟିଏ କାନ୍ଥ ଦେହରେ ସେ ବାଡେଇ ହେଇ ପଡ଼ିଗଲା।

ପେଚା ଛୁଆକୁ ଦେଖି ଘରମାଲିକ ରଡିଛାଡ଼ିଲା - "ଆରେ ଧାଇଁ ଆସରେ। ଆମ ଘରକୁ ପେଚାଟିଏ ପଶିଆସିଛି। ତାକୁ ଦେଖିଲେ ପରା ଅଶୁଭ। ଘରକୁ ବିପଦ ଆସିପାରେ। ଧରରେ ତାକୁ ଧର। ମାରରେ ତାକୁ ମାର। ନ ହେଲେ ଆମର ଅମଙ୍ଗଳ ହେବ।"

ମାଲିକଙ୍କ ଡାକ ଶୁଣି କାମ କରୁଥିବା ଲୋକମାନେ ଠେଙ୍ଗାବାଡ଼ି ଧରି ଧାଇଁ ଆସିଲେ। ହୋ ହାଲ୍ଲା କରି କମ୍ପେଇଦେଲେ। ପାଟିତୁଣ୍ଡ ଶୁଣି ପେଚାଛୁଆର ଛାତିରେ ଛନକା ପଶିଗଲା। ସେ କି ଆଉ ସେଠି ରହିଛି। ଜୀବନ ନେଇ ପ୍ରାଣ ବିକଳରେ ସେଇଠୁ ଖସି ଆସିଲା।

ବାହାରେ କିଟିମିଟିଆ ଅନ୍ଧାର। ସେଥିରେ ଭଲ କି ଦେଖିପାରିଲା ପେଚାଛୁଆ। ତା' ଦେହରେ ଜୀବନ ପଶିଲା। ସେ ଆଖି ପିଛୁଳାକେ ଉଡିଉଡି ମାଆ ପାଖରେ ଆସି ପହଞ୍ଚିଗଲା।

ଏମିତି ହେବ ବୋଲି ମାଆ ପେଚା ଆଶଙ୍କା କରୁଥିଲା। ଛୁଆକୁ ସେ କୋଳେଇନେଲା। ପେଚାଛୁଆ ମାଆକୁ ଜାବୁଡ଼ିଧରି କାନ୍ଦି କାନ୍ଦି କହୁଥିଲା - "ସତେ ଲୋ ମାଆ, ଏ ମଣିଷ ଜାତିଟା ଭାରି ସ୍ୱାର୍ଥପର। ମୁଁ ଆଉ କୋଉଠିକି ବି ଯିବିନି। ଆମ ଘରେ ହିଁ ରହିବି। ନିଜ ଘର ପରା ସବୁଠୁ ଭଲ। ଏମିତି ସୁନ୍ଦର ଘର ଆଉ ତୋତେ ଛାଡ଼ି କୁଆଡ଼େ ଯିବିନି। ଭଲ କଥାଟିଏ ଶିଖିଲି ଆଜି।"

ଉତ୍ତରରେ ମାଆ ପେଚା ମୁରୁକି ମୁରୁକି ହସୁଥିଲା କେବଳ।

□□

ଲେଖକଙ୍କ ଇ-ମେଲ ଠିକଣା:
sangramprusty2012@gmail.com




ପୁସ୍ତକ ସମୀକ୍ଷା

# କନ୍ଧ ଲୋକକାହାଣୀ

**ସଂକଳକ : ରାଜେନ୍ଦ୍ର ପାଢ଼ୀ**
**ପ୍ରକାଶକ: ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ**
**ପ୍ରଥମ ସଂସ୍କରଣ: ୨୦୨୨, ମୂଲ୍ୟ: ଟ. ୧୬୦/-**

ଲୋକକଥା ବା ଲୋକକାହାଣୀ ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଅଭିନ୍ନ ଅଙ୍ଗ, ଯଦିଓ ଏବେ ତଥାକଥିତ ଆଧୁନିକ ଚିନ୍ତନର ପରିପ୍ରସାର ଉପରାନ୍ତେ ଏକ ସରଳ ଓ ପ୍ରକୃତିପ୍ରାଣ ଜନଜୀବନରୁ ଉଦ୍ଭବ ହୋଇ ଯୁଗଯୁଗ ଧରି ଲୋକମୁଖରେ ତିଷ୍ଠି ରହିଥିବା ଏହିଭଳି କାହାଣୀଗୁଡ଼ିକ ପ୍ରତି ରୁଚି କମିବାରେ ଲାଗିଛି। ଏ ଦୃଷ୍ଟିରୁ ଶ୍ରୀ ରାଜେନ୍ଦ୍ର ପାଢ଼ୀଙ୍କ ଦ୍ୱାରା ସଂକଳିତ ଓଡ଼ିଶାର କନ୍ଧ ସମ୍ପ୍ରଦାୟର ହଜିଯାଉଥିବା ଲୋକକାହାଣୀମାନଙ୍କର ଏହି ଉପସ୍ଥାପନାଟି ଏକ ମୂଲ୍ୟବାନ ଭୂମିକା ନେଇଛି ବୋଲି କୁହାଯାଇପାରେ।

ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟଗୁଡିକ ମଧ୍ୟରେ କନ୍ଧମାନେ ହେଉଛନ୍ତି ସଂଖ୍ୟାବହୁଳ। ସେମାନଙ୍କ ରୀତିନୀତି, ଜୀବନଦର୍ଶନ ଓ ବଂଚିବାର ଶୈଳୀ ଅତି ଅନ୍ତରଙ୍ଗ ଭାବରେ ପ୍ରତିଫଳିତ ହୁଏ ସେମାନଙ୍କର ଲୋକକାହାଣୀଗୁଡିକରେ। ଆଲୋଚ୍ୟ ସଂକଳନଟିରେ ସ୍ଥାନିତ ସମସ୍ତ କାହାଣୀରେ ଆମେ ଏହା ଅନାୟାସରେ ଲକ୍ଷ୍ୟ କରୁ। 'ପୃଥିବୀ ପ୍ରଳୟ' ଶୀର୍ଷକ ଏହାର ପ୍ରଥମ କାହାଣୀଟିକୁ ଏକ ଦୃଷ୍ଟାନ୍ତ ଭାବରେ ନିଆଯାଉ। କନ୍ଧଜାତିର ଜନମାନସକୁ ଆବୋରି ବସିଥିବା ଅବବୋଧଗୁଡିକର ନିର୍ଯ୍ୟାସ ଯେମିତି ଓହ୍ଲାଇ ଆସିଛି କାହାଣୀଟିକୁ। ମାଆ ମୁଷା ତା' ଛୁଆକୁ କହିଛି ଯେ, ସୋମବାର ଦିନ ଘୋର ବର୍ଷା ହେବ, ମଙ୍ଗଳବାର ଦିନ ଜଳପ୍ଲାବନ, ପୁଣି ବୁଧବାର ଦିନ ଝିପିଝିପି ବର୍ଷା। ତାହାହିଁ ହେଲା। କାରଣ ପ୍ରକୃତି ସହିତ କନ୍ଧ ସମ୍ପ୍ରଦାୟ ଅଙ୍ଗାଙ୍ଗୀ ଭାବରେ ଜଡିତ। ସେ ତାହାର ମତିଗତି ଅନ୍ତରଙ୍ଗ ଭାବରେ ବୁଝେ। ପାଣିପାଗର ଭବିଷ୍ୟବାଣୀ ପାଇଁ ସହରୀ ଲୋକମାନଙ୍କ ଭଳି ସେ ପାଣିପାଗ ବିଭାଗକୁ ଅନାଏନାହିଁ। ପୁଣି ଗଳ୍ପଟିରେ ଆଗକୁ କନ୍ଧ ଓ କନ୍ଧୁଣି ଦମ୍ପତି ମୂଷା-ମାଆର ଏ କଥା ଶୁଣି ଭାବିଛନ୍ତି, 'ଆମର ପୁଅଝିଅଙ୍କୁ କିପରି ଏଥିରୁ ବଂଚାଇବା! ମୂଷା କହିବା କଥା ଯଦି ସତ ହୁଏ, ତେବେ ଆମେ ମରିଯିବା।' ନିଜର ଦୁଇ କୁନି ପୁଅ ଓ ଝିଅଙ୍କୁ ବର୍ଷା ଦାଉରୁ ରକ୍ଷା କରିବାପାଇଁ ସେମାନେ ତାଙ୍କୁ ଗୋଟିଏ ଲାଉ-ତୁମ୍ବାରେ ଭର୍ତ୍ତି କରିଦେଇଛନ୍ତି। ପ୍ରକୃତିର ବିଭୀଷିକା ସହିତ ଯୁଝିବାର ଏହି ଯେଉଁ ବୈକଲ୍ୟ ତାହା ଲୋକକାହାଣୀଟିର ଛତ୍ରେଛତ୍ରେ ପ୍ରତିବିମ୍ବିତ। କାହାଣୀଟି କିନ୍ତୁ ଏଇଠାରେ ସରିନାହିଁ। ଆହୁରି କିଛି ଅନେକ ଉତ୍କଣ୍ଠାପୂର୍ଣ୍ଣ ମୋଡ଼ ନେଇ ମଧ୍ୟ ଆଗକୁ ଗତି କରିଛି ସେଇଟି।

ଏହିଭଳି ୪୩ଗୋଟି ରୋଚକ ଲୋକକାହାଣୀକୁ ନେଇ ସମୃଦ୍ଧ ହୋଇଛି ସଂକଳନଟି। କାହାଣୀଗୁଡିକ ଯେଉଁ ସ୍ରୋତମାନଙ୍କରୁ ସଂଗୃହୀତ, ତାହାର ତାଲିକା ବହିଟିର ପରିଶିଷ୍ଟରେ ଦେଇ ସେମାନଙ୍କ ପ୍ରତି ନିଜର କୃତଜ୍ଞତା ଜଣାଇଛନ୍ତି ଲେଖକ। ବହିର ଆରାମ୍ଭରେ ଗୋଟିଏ ୧୩ ପୃଷ୍ଠାର ମୁଖବନ୍ଧ ଲେଖି ସେ ମଧ୍ୟ ଆଲୋଚନା କରିଛନ୍ତି ଓଡିଶାରେ କନ୍ଧ ସମ୍ପ୍ରଦାୟର ସାଂପ୍ରତିକ ସ୍ଥିତି ଓ ପ୍ରକୃତି। ଏହା ସହିତ ସେମାନଙ୍କ ଲୋକକାହାଣୀର ଏକ ତାତ୍ତ୍ୱିକ ବିଶ୍ଲେଷଣ ମଧ୍ୟ ମୁଖବନ୍ଧଟିରେ ଅନ୍ତର୍ଭୁକ୍ତ ହୋଇଛି।

ପୁସ୍ତକଟିକୁ ଲୋକଲୋଚନକୁ ଆଣି ଭାରତ ସରକାରଙ୍କ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଏକ ପ୍ରଶଂସନୀୟ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ବହିଟି ସାଧାରଣ ପାଠକ ଓ ଲୋକସଂସ୍କୃତି-ପ୍ରେମୀମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହେବା ଆଶା କରାଯାଏ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ପିଲାଙ୍କ ସାହିତ୍ୟରେ ଓଡ଼ିଆ ସଂସ୍କୃତିର ଭୂମିକା ବଖାଣିଲେ ଦାଶ ବେନହୁର



ନବଗୁଞ୍ଜର ସଂସ୍କୃତି ମଞ୍ଚ ପକ୍ଷରୁ ଡିସେମ୍ବର ୧୮ ତାରିଖ ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏକ ସଭାରେ 'ପିଲାଙ୍କ ସାହିତ୍ୟରେ ଓଡିଆ ସଂସ୍କୃତି' ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା 'ଶିଶୁଲେଖା' ପତ୍ରିକାର ସମ୍ପାଦକ ଶ୍ରୀ ଦାଶ ବେନହୁର। ସେ କହିଥିଲେ ଯେ ଓଡ଼ିଆ ଜାତି ବା ସଂସ୍କୃତି ଯେହେତୁ କୃଷିଭିତ୍ତିକ, ପାରମ୍ପରିକ ଓ ରକ୍ଷଣଶୀଳ ସ୍ୱାଭାବିକ ଭାବରେ ଏହାର ପ୍ରତିଫଳନ ଶିଶୁସାହିତ୍ୟରେ ମଧ୍ୟ ଦେଖିବାକୁ ମିଳିଛି। ଓଡିଆ ଶିଶୁ ସାହିତ୍ୟର ଉନ୍ମେଷ ବିଷୟରେ ଚର୍ଚ୍ଚା କରି ସେ ମତ ଦେଇଥିଲେ ଯେ ପ୍ରକୃତ ଶିଶୁ ସାହିତ୍ୟ ସର୍ବପ୍ରଥମେ ମାଆମାନେ ହିଁ ମୌଖିକ ଭାବରେ ସୃଷ୍ଟି କରିଥା'ନ୍ତି, ଏଣୁ ଏହାର ଉନ୍ମେଷ କାଳ ବିଷୟରେ ନିର୍ଦ୍ଦିଷ୍ଟ ଭାବରେ କିଛି କହିହେବନାହିଁ। ସେ ମଧ୍ୟ କହିଥିଲେ ଯେ ଶିଶୁ ସାହିତ୍ୟ ସର୍ଜନା କରିବାବେଳେ ବିଶେଷ ସତର୍କତା ଲୋଡା; ବଡମାନଙ୍କ ପାଇଁ ଲେଖିବାବେଳେ ଆବଶ୍ୟକ ସ୍ଥଳେ ନୈତିସୂଚକ କଥା ଦିଆଯାଇପାରିବ, କିନ୍ତୁ ପିଲାଙ୍କ ସାହିତ୍ୟରେ ନୁହେଁ।

ଆଲୋଚନାର ଶେଷରେ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ମଧ୍ୟ ଉତ୍ତର ଦେଇଥିଲେ ଶ୍ରୀ ଦାଶ ବେନହୁର। କାର୍ଯ୍ୟକ୍ରମଟି ଟରୋଣ୍ଟୋରୁ ଶ୍ରୀ ପ୍ରଶାନ୍ତ ଭୂୟାଁ (ପ୍ରଭୁ)ଙ୍କ ଦ୍ୱାରା ସୁଚାରୁ ରୂପେ ପରିଚାଳିତ ହୋଇଥିଲା ଏବଂ ଏଥିରେ ଅଧ୍ୟକ୍ଷତା କରିଥିଲେ 'ନବଗୁଞ୍ଜର ସଂସ୍କୃତି ମଞ୍ଚ'ର ସଂସ୍ଥାପକ-ସଭାପତି ତଥା 'ସକାଳ' ସମ୍ବାଦପତ୍ରର ସମ୍ପାଦକ ଡ. ଉମାକାନ୍ତ ମିଶ୍ର।

## ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ'ର ହିନ୍ଦୀ ଅନୁବାଦ ନୂଆଦିଲ୍ଲୀରେ ଲୋକାର୍ପିତ



ନୂଆଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେ.ଏନ୍.ୟୁ)ଠାରେ ଗତ ଡିସେମ୍ବର ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ 'ତାମିଲ ହେରିଟେଜ୍ ଓ ଭାରତୀୟ ଭାଷାଦିବସ' ସମାବେଶର ଚତୁର୍ଥ ଦିବସରେ ସେଠାକାର ଆଦିକବି ସାରଳାଦାସ ଚେଆରର ପ୍ରଫେସର ଡ. ଉଦୟନାଥ ସାହୁ ଓଡିଆ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ସାହୁଙ୍କ ସଂପାଦନାରେ ପ୍ରକାଶିତ ଏବଂ ଡ. ଚିତ୍ତରଂଜନ କରଙ୍କ ଦ୍ୱାରା ଅନୁବାଦିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟର ହିନ୍ଦୀ ଅନୁବାଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଡି ପଣ୍ଡିତ ଉନ୍ମୋଚନ କରିଥିଲେ।

ଆଲୋଚନାଚକ୍ରରେ ସଂସ୍କୃତ, ହିନ୍ଦୀ, କନ୍ନଡ଼ ଓ ଇଂରାଜୀ ଭାଷା ସମ୍ପର୍କରେ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ ଯଥାକ୍ରମେ ପ୍ରଫେସର ରଜନୀଶ କୁମାର ମିଶ୍ର, ପ୍ରଫେସର ଓମ୍ ପ୍ରକାଶ ସିଂ, ପ୍ରଫେସର ବିଶ୍ୱନାଥ ଓ ପ୍ରଫେସର ଧନଞ୍ଜୟ ସିଂ। ଏହି ସଭାରେ ସାହିତ୍ୟ ଏକାଡେମୀର ସଚିବ ଡ଼. କେ ଶ୍ରୀନିବାସ ରାଓ, ଆସାମ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ଡ. ନନୀ ଗୋପାଳ ମହନ୍ତ, ଆସାମର ଶିକ୍ଷା ସଚିବ, ଜେ.ଏନ୍.ୟୁର ଅଧ୍ୟାପକ, ଅଧ୍ୟାପିକା ବୃନ୍ଦ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତି ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ମଜହର ଅସିଫ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଶେଷ ପୃଷ୍ଠା



# ବୈଡାଳବ୍ରତିକ *

ଅଜ୍ଞେଭ୍ୟୋ ଗ୍ରନ୍ଥିନଃ ଶ୍ରେଷ୍ଠଃ ଗ୍ରନ୍ଥିଭ୍ୟୋ ଧରୀଣ ବରାଃ ।
ଧରୀଭ୍ୟୋ ଜ୍ଞାନୀନଃ ଶ୍ରେଷ୍ଠଃ ଜ୍ଞାନୀଭ୍ୟୋ ବ୍ୟବସାୟୀନଃ ॥

ମନୁସ୍ମୃତି ପଢ଼ିଲା ବେଳେ ପାଇଲି ଏଇ ଅମୃତୋପମ ପଦ ଦୁଇଟି, ଯାହାର ମର୍ମ ହେଲା :

'ଯେଉଁ ସୁଧୀଜନ ଗ୍ରନ୍ଥଟିଏ ପଢ଼େ, ସେ ଗ୍ରନ୍ଥ ନପଢ଼ିବା ବ୍ୟକ୍ତିଠାରୁ ଶ୍ରେଷ୍ଠ । ଯେ ଗ୍ରନ୍ଥଟିକୁ କଣ୍ଠସ୍ଥ କରିଥାଏ, ସେ ଗ୍ରନ୍ଥ ପଢ଼ିବା ବ୍ୟକ୍ତିଠାରୁ ଶ୍ରେଷ୍ଠ । ଯେ ଗ୍ରନ୍ଥରେ ବର୍ଣ୍ଣିତ ଜ୍ଞାନର ଅବବୋଧ କରିଥାଏ, ସେ ଗ୍ରନ୍ଥ କଣ୍ଠସ୍ଥ କରିଥିବା ବ୍ୟକ୍ତିଠାରୁ ଶ୍ରେଷ୍ଠ । ସର୍ବୋପରି, ଯେ ଗ୍ରନ୍ଥରେ ବର୍ଣ୍ଣିତ ଜ୍ଞାନାନୁସାରେ ଆଚରଣ କରିଥାଏ; ସେ ଗ୍ରନ୍ଥ ଅବବୋଧ କରିଥିବା ବ୍ୟକ୍ତିଠାରୁ ଶ୍ରେଷ୍ଠ ।'

ଏଣୁ ତ ପଦେ ଲେଖିଥିଲି; ଉଧାର ଆଣି ବଖାଣିବା ଦର୍ଶନ, ଘୋଷା ହୋଇ ଘେନାଇବା ସାହିତ୍ୟ, ଅସମ୍ପୂର୍ଣ୍ଣ ପରୀକ୍ଷଣ ହୋଇ ରହିଥିବା ବିଜ୍ଞାନର ବିବୃତ; ହୁଏତ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଅର୍ଥ - ସମ୍ମାନ-ପୁରସ୍କାରର ଏକ ଅନ୍ତର୍ଦ୍ଵାର ହୋଇପାରେ; ଅପିତୁ, ସମାଜର ଉଚ୍ଛ୍ରୟ - ଅଭ୍ୟୁଥାନ - ସମୃଦ୍ଧି ନିମନ୍ତେ ଏହା ଅର୍ଦ୍ଧଅରା । ବୁଝନ୍ତୁ ଏବେ ଏଇ ଅଭିଳାପ ।

ସାହିତ୍ୟରେ ଶବ୍ଦର ସନ୍ଧାନ ନୁହଁ ବରଂଚ ଶବ୍ଦରେ ସାହିତ୍ୟର ଉଦ୍ଭେଦ ଦୂରଦର୍ଶିତାର ପରିଚାୟକ । ବିନ୍ଦୁଏ ଜଳରେ ମହୋଦଧିକୁ ଦେଖିବାରେ ହିଁ ଅଛି ବିଶାଳତାର ଅଧିଗମ । କ୍ଷୁଦ୍ରାତିକ୍ଷୁଦ୍ର ବୀଜରେ ମହାଦ୍ରୁମ ପାଇବାର ଭେଦ ହିଁ ଅମୃତମୟ ଦର୍ଶନଶାସ୍ତ୍ରର ଜୟଯାତ୍ରାର ପ୍ରାରମ୍ଭ । ଏଣୁ ଦଶଧାଡ଼ି ପଢ଼ି ଦେଇ, ଧାଡ଼ିଏ ବୁଝି, ପଦିଏ ଗାରେଇଦେବାରେ ସେହି ତୃପ୍ତି କାହିଁ ! ଧାଡ଼ି ଧାଡ଼ି କରି ଦଶଧାଡ଼ି ପଢ଼ାଯାଉ, ବୁଝାଯାଉ ଆଉ ତାକୁ ମନବୋଧରେ ରଖି ଆପଣାର ସର୍ଜନାର ଦୁଆରେ ପାଦ ରଖାଯାଉ । ହୃଦ୍‌ବୋଧର ବଡ଼ଦାଣ୍ଡରେ ଶବ୍ଦ ନନ୍ଦିଘୋଷକୁ ଟାଣି ନିଆଯାଉ ସାହିତ୍ୟ ରଜ୍ଜୁରେ; ତେବେ ଯାଇ ପାଠକୀୟ ଶ୍ରୀମନ୍ଦିରରେ ବିରାଜିବ ଶ୍ରୀସାହିତ୍ୟ । ସଞ୍ଚିତ ଅବା ଶ୍ରମୋପାର୍ଜିତ ଅର୍ଥଶ୍ରାଦ୍ଧ କରି, ଆପଣା ଓ ନିରୀହ ପାଠକର ସମୟ ଅପଚୟ କରି, ବହିଟିଏ ଛାପି ନିଜକୁ ଲେଖକ ବୋଲି ବାହାସ୍ଫୋଟ କରିବା ବୈଡାଳବ୍ରତିକର* ପରିଚାୟକ ।

ସାହିତ୍ୟ ପ୍ରତିଯୋଗିତା, ଲାଇକ୍ - କମେଣ୍ଟର ଦ୍ୱାହି, ସଞ୍ଚାର ମାଧ୍ୟମରେ ସର୍ବାଧିକ ପାଠକଙ୍କ ନିକଟରେ ପହଞ୍ଚିବାର ମୃଗତୃଷ୍ଣା, ପ୍ରଭୃତି କେତେକଣରେ ଲେଖକଟିଏ ଆଜି ସଂଶୟ ଓ ସମ୍ମୋହନରେ ଦ୍ୱାରଦେଶରେ ଠିଆ ହୋଇଛି । ତା'ର ଏଇ ଅପାରଗତାରେ ପାଠକ ପ୍ରଜାତି ଧିରେଧିରେ ଲୋପ ପାଇ ଯାଉଛି । ନୀରବ ଦର୍ଶକଟିଏ ପାଲଟି ଯାଉଛି ସିଏ; ଚିତ୍ର ଚରିତ୍ରର ଦୁନିଆଁରେ । ସାହିତ୍ୟମଞ୍ଚ, ମେଳା, ହାଟରେ ଅଣନିଃଶ୍ୱାସୀ ହୋଇ ଫେରୁଛି ସିଏ ଅଣଦେଖା ହୋଇ ଅଣବନ୍ଧୁପଣରେ । ପ୍ରସ୍ତରଗାତ୍ର, ତାଳପତ୍ର, ତାମ୍ରପତ୍ର ଓ କାଗଜଛାତିରୁ ଆଣ୍ଡ୍ରଏଡ଼ ଯାଏଁ ଲମ୍ବି ଆସିଥିବା ଲେଖାଲେଖି ସାଧନ ସତ୍ତ୍ୱେ ସେ ଆଜି ଭ୍ରମବ୍ରହ୍ମ ଓ ବ୍ରହ୍ମଭ୍ରମରେ ତା ମନଛୁଆଁ ଶବ୍ଦସମୂହକୁ ଖୋଜୁଛି । ଦ୍ରୋହାଟ, ବିରାଡ଼ିବୈଷ୍ଣବ, ମୃଗଲୁବ୍ଧକ ଅବା ଛଦ୍ମତାପସ ଲେଖକଙ୍କ ଭିଡ଼ରେ ସେ ଖୋଜୁଛି ଏକାଦଶ ଅବତାରୀ ସେଇ ଲେଖକକୁ ଯିଏ ରେବକୁ ନିଆଁ ଚୂଲୀର ଉଲୁଗୁଣା ଦେବ, ନିଜକୁ ନର୍କରେ ପକାଇ ଜଗତକୁ ଉଦ୍ଧାର କରିବ, ଜଗତେ କେବଳ ଜନଙ୍କୁ ହସାଇବ ଆଉ ଭାବସମୁଦ୍ରର ବିସ୍ତୀର୍ଣ୍ଣ ବାଲୁକାରାଶିରେ ରଥଟିଏ କରି ସାଆନ୍ତଙ୍କୁ ସେଥିରେ ବିଜେ କରାଇବ ।

ଶବ୍ଦସଂସାରର ସମସ୍ତ ସୁଧୀଙ୍କର ଏବେ ଜାଗ୍ରତ ହେବାର ବେଳ । ପାଠକର ମନ-ପ୍ରାଣ-ଆତ୍ମାକୁ ଛୁଇଁଲା ଭଳି ଲେଖିବାର ପଣ ନେଇ ଆଗେଇ ଆସନ୍ତୁ । ଚିତ୍ରବିଚିତ୍ର, ବର୍ଣ୍ଣବିବର୍ଣ୍ଣ, ଚକମକିଆ ସଞ୍ଚାର ଦୁନିଆରୁ ଫେରିବାର ବେଳ ଇଏ ।

-ପ୍ରଭୂ

* **ବୈଡାଳବ୍ରତିକ** : ବିରାଡ଼ିବୈଷ୍ଣବ ବା ଛଦ୍ମତାପସ

RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited
tour and travels

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...

Personalise Exp.
World Class Exp.
Save Money
Safety and Security
Save Time
One Stop Shoping
Peace of Mind
Travel Documents
Customer Supporting
Expert Advice





## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Jugaad Corner

A bit of Jugaad & lots of Love






Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers





# GOWBELL OLYMPIADS




**GIMO**
Gowbell International Mathematics Olympiad

**GISO**
Gowbell International Science Olympiad

**GIEO**
Gowbell International English Olympiad

**GICO**
Gowbell International Cyber Olympiad

**GIKO**
Gowbell International Knowledge Olympiad

**GIDO**
Gowbell International Drawing Olympiad

www.gowbell.org admin@gowbell.org


Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy